# ଧରିତ୍ରୀ
DHARITRI

୪୯

ସମ୍ବଲପୁର, ବୁଧବାର, ନଭେମ୍ବର ୩୦/୨୦୨୨ (୧୮ ପୃଷ୍ଠା) | Sambalpur, Wednesday, November 30/2022 | Page 18 | ₹ 7.00 | ★★

୧୮ଶ ଭାଗ ୩୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 342 | ମୂଲ୍ୟ ₹୭/-



# କେନ୍ଦ୍ରମନ୍ତ୍ରୀଙ୍କ ୨୦୧୮ର ପ୍ରତିଶ୍ରୁତି ପାଲଟିଲା ପ୍ରତାରଣା

Tweet

Dharmendra Pradhan
@dpradhanbjp

The #ModiGovt had sanctioned a railway project from Bargarh Road to Nuapada Road via Padampur. 4.5 crore Odias are asking several questions about the lacklustre performance of the #BJD Govt in it's 19 year of misrule in Odisha.



2:19 PM · Dec 15, 2018 · Twitter for Android

## କୁଆଡ଼େ ହଜିଗଲା ପଦ୍ମପୁର ରେଳଲାଇନ୍ ?

- ୨୦୧୮ରେ ପଦ୍ମପୁରବାସୀଙ୍କୁ ରେଳଲାଇନ୍‌ର ସ୍ୱପ୍ନ ଦେଖାଇଥିଲେ କେନ୍ଦ୍ରମନ୍ତ୍ରୀ ।
- ଏଇ ଦେଖନ୍ତୁ, କେନ୍ଦ୍ରର ମଞ୍ଜୁରୀ ମିଳିଗଲା ବୋଲି ଟୁଇଟ୍ କରି ବାହାବା ନେଇଥିଲେ ।
- କିନ୍ତୁ ବାସ୍ତବତା ହେଲା, ପ୍ରକଳ୍ପକୁ ରେଳମନ୍ତ୍ରୀଙ୍କ ମଞ୍ଜୁରୀ ଏ ପର୍ଯ୍ୟନ୍ତ ମିଳିନାହିଁ ।
- ଆମ ମୁଖ୍ୟମନ୍ତ୍ରୀ ମାଗଣାରେ ଜାଗା ଓ ୩୦୦ କୋଟି ଦେବାକୁ ପ୍ରସ୍ତାବ ଦେଇଥିଲେ ।
- ତଥାପି ରେଳଲାଇନ୍ ପାଇଁ କାର୍ଯ୍ୟ ଆରମ୍ଭ ନକରି ହାତ ଟେକି ଦେଇଥିଲା ରେଳ ମନ୍ତ୍ରଣାଳୟ ।
- ଏବେ ଉପନିର୍ବାଚନ ଆସିବାରୁ ହାରିବା ଭୟରେ ମଞ୍ଜୁରୀ ନଦେଇ ପୁଣି ପଦ୍ମପୁରବାସୀଙ୍କୁ ଭୁଆଁ ବୁଲାଉଛନ୍ତି ।
- ବିଜେପିର ଏ ପ୍ରତାରଣା ଓ ପ୍ରହସନର ଉଚିତ୍ ଜବାବ ଦେବେ ପଦ୍ମପୁରବାସୀ ।

## ‘ଶଙ୍ଖ’ ଚିହ୍ନରେ ଭୋଟ ଦେଇ ବିଜୁ ଜନତା ଦଳକୁ ଆଶୀର୍ବାଦ କରନ୍ତୁ ।

ବିଜୁ ଜନତା ଦଳ

ବିଜୁ ଜନତା ଦଳ

Published by Dr. Sasmit Patra, General Secretary, Biju Janata Dal, Odisha.




www.setgoi.ac.in

# SHRI RAMKRISHNA INSTITUTE OF MEDICAL SCIENCES & SANAKA HOSPITALS

MALANDIGHI, DURGAPUR

A UNIT OF SANAKA EDUCATIONAL TRUST

APPROVED BY NATIONAL MEDICAL COMMISSION (FORMERLY MEDICAL COUNCIL OF INDIA) & AFFILIATED TO WBUHS

# MBBS

NO CAPITATION / NO BANK GUARANTEE

APPROVED FOR 150 INTAKE FOR ACADEMIC YEAR 2022-23

## Admission Session 2022-23

SANAKA HOSPITALS
MALANDIGHI DURGAPUR | SHRI RAMKRISHNA INSTITUTE OF MEDICAL SCIENCES | A UNIT OF SANAKA EDUCATIONAL TRUST

- 700 BEDDED IN CAMPUS SUPER SPECIALITY HOSPITAL
- 100 BEDDED INTENSIVE CRITICAL CARE UNIT
- STATE OF ART INFRASTRUCTURE & LATEST EQUIPMENTS
- 14 YEARS — MORE THAN A DECADE OF EXCELLENCE IN EDUCATION
- 51 ACRES LUSH GREEN COLLEGE CAMPUS

SH IS BEING UPGRADED TO 1000 BEDED HOSPITAL WITH DEDICATED CANCER HOSPITAL & RESEARCH CENTRE



INTRODUCING FOR THE 1ST TIME IN EASTERN INDIA -DIGITAL 160 SLICE PET-CT - FOR RADIOTHERAPY CANCER TREATMENT*



INTRODUCING FOR THE 1ST TIME IN REST OF BENGAL - VARIAN HALCYON 3.0 LINEAR ACCELERATOR FOR RADIOTHERAPY CANCER TREATMENT*

| FACILITIES AT SANAKA HOSPITALS | AVAILABILITY |
|---|---|
| Radiology including MRI (GE - 1.5 TESLA DIGITAL), CT Scan -(TOSHIBA - 64 Slice), USG (GE Vivid IQ), Echo cardiography(GE Vivid IQ ), Digital X-Ray | ✓ |
| Interventional Cardiology with CATH - LAB (GE - Flat Panel),TMT, Holter | ✓ |
| ICU with Cardiac Monitors, High end Ventilators, EMG, NCV, BERA | ✓ |
| NICU & PICU with Neonatal Ventilator & Bubble CPAP | ✓ |
| Nephrology with Dialysis Machine (B.Braun & Fresenius) | ✓ |
| Urology with Cystoscope, Urethral sound, Ureteric balloon catheter, Laser | ✓ |
| Neuro & Spine Surgery with Microscope (Carl Zeiss) & Neuro Drill (Medtronics) | ✓ |
| Orthopaedics including Joint replacement & Arthroscopy | ✓ |
| Pulmonology including Bronchoscopy | ✓ |
| Gastroenterology with GI Endoscope, Colonoscope, ERCP | ✓ |
| General Medicine & Tropical Medicine with infectious disease | ✓ |
| General & Minimally Invasive Surgeries with C- Arm & Modular OTs - laminar flow | ✓ |
| Automated Central Laboratory & Blood Bank (Whole Blood & Component) | ✓ |
| COVID ward with automatic RT-PCR (Robotic) lab | ✓ |
| Oncology / Cancer research centre | To be commissioned* |

THE SKILL TO HEAL
THE SPIRIT TO CARE

## SANAKA HOSPITAL HIGHLIGHTS IN THE LAST 7 YEARS

| | |
|---|---|
| 10,00,000+ | SATISFIED OPD PATIENTS |
| 52,000+ | SATISFIED INDOOR PATIENTS TREATED SUCCESSFULLY |
| 25,000+ | SUCCESSFUL SURGERIES |
| 3500+ | SUCCESSFUL EYE SURGERIES |

### COVID-19 HIGHLIGHTS

RT-PCR LAB

| | |
|---|---|
| 100% QUALITY CONTROL CONCORDANCE — ICMR APPROVED, NABL ACCREDITED, MENTORED BY AIIMS BHUBANESWAR | 2,00,000+ COVID 19 RT-PCR TESTS CONDUCTED |

GOVT. REQUISITIONED COVID HOSPITAL

| | |
|---|---|
| 5000+ COVID 19 PATIENTS SUCCESSFULLY TREATED | 96.8% HIGHEST RECOVERY RATE |

## SANAKA HOSPITALS IS EMPANELLED WITH

COAL INDIA • ESI • SwasthyaSathi • West Bengal Health Scheme • Eastern Railway • Bridge & Roof (I) Co. Ltd. • DSP ex-employee • All leading Corporate TPAs.

OUR OTHER COURSES: BSC & GNM NURSING | PARAMEDICAL | B. TECH | B. ARCH | B. PHARM | DIPLOMA

APPROVED BY — AFFILIATED TO

01.12.2022 | MEET US AT HOTEL PAL HEIGHTS, JAYADEV BIHAR, BHUBANESWAR BETWEEN 9 AM TO 6 PM

ADMISSION HELPLINE | FOR MBBS 7676 75 0000 | OTHER COURSES 8444 03 0010

Campus: VILL.+P.O.: Malandighi, P.S.: Kanksa, Durgapur-713212, West Bengal | E-mail: sanakaeducationaltrust@gmail.com | SUNDAY OPEN | SanakaEducationalTrust | setgoi | srims.durgapur

49 ଧରିତ୍ରୀ DHARITRI ୪୯
ସମ୍ବଲପୁର, ବୁଧବାର, ନଭେମ୍ବର ୩୦/୨୦୨୨
Sambalpur, Wednesday, November 30/2022

DSPL-312

ODISHA NEW OPPORTUNITIES



*Odisha's 3rd flagship Investors' Summit*

MAKE IN ODISHA CONCLAVE'22
BHUBANESWAR | 30 NOV-04 DEC | 2022

*Come & explore the vast investment opportunities in Odisha.*

Inauguration by
**Shri Naveen Patnaik**
Hon'ble Chief Minister, Odisha

5:30 PM | 30th Nov. 2022
Janta Maidan, Bhubaneswar

Anamorphic Display
Exhibition
Drone & Laser Show
Cultural Program

COME, JOIN THE JUGGERNAUT

**Gate 1** Entry for Invitee & General Public | **Gate 2** Entry for Special Invitee | **Gate 3** Entry for Media
**Public Timing** 1st-3rd Dec. 2022, 4PM-8PM | 4th Dec. 2022, 11AM-8PM

Industry Partner FICCI | Investment Promotion Advisor pwc

Country Partners: Germany, Japan, Norway




Live Streaming on Youtube
https://youtu.be/sYAsXeNuLMs

SCAN ME

Scan to See Live

OIPR-14005/13/0031/2223

# ଧରିତ୍ରୀ
DHARITRI

49 ୫୯

ସମ୍ବଲପୁର, ବୁଧବାର, ନଭେମ୍ବର ୩୦/୨୦୨୨ | Sambalpur, Wednesday, November 30/2022 | ପୃଷ୍ଠା-୧




**'ଚନ୍ଦ୍ରମୁଖୀ ୨'ରେ କଙ୍ଗନା**

ତାମିଲ ମେଗା ଫିଲ୍ମ 'ଚନ୍ଦ୍ରମୁଖୀ ୨'ରେ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ବତ ମୁଖ୍ୟ ଭୂମିକାରେ ଅଭିନୟ କରିବେ।

୦୫

୧୪

**ଗାକ୍‌ପୋଙ୍କ କୃତିତ୍ୱ**

ନେଦରଲାଣ୍ଡର ଚତୁର୍ଥ ଖେଳାଳିଭାବେ କୋଡି ଗାକ୍‌ପୋ କ୍ରମାଗତ ୩ଟି ବିଶ୍ୱକପ ମ୍ୟାଚରେ ଗୋଲ ଦେବାର କୃତିତ୍ୱ ଅର୍ଜନ କରିଛନ୍ତି।



# ଶିକ୍ଷକ ଆନ୍ଦୋଳନ: ଅଡୁଆରେ ସରକାର

## ବିରୋଧୀଙ୍କ ହୋହଲ୍ଲାରେ ବିଧାନସଭା ଅଚଳ

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ଶିକ୍ଷକ ଆନ୍ଦୋଳନ ସରକାରଙ୍କ ଅଡୁଆ ବଢ଼ାଇ ଦେଇଛି। ଦାବି ପୂରଣ ନେଇ ସଚିବ ଓ ମୁଖ୍ୟ ଶାସନ ସଚିବ ସ୍ତରରେ ଆଲୋଚନା ଜାରି ରହିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ପଦ୍ମପୁର ଉପନିର୍ବାଚନ ପାଖେଇ ଆସୁଥିବାବେଳେ ଶିକ୍ଷକଙ୍କ ଆନ୍ଦୋଳନ ସରକାରଙ୍କୁ ହରଡ଼ଘଣାରେ ପକାଇଛି। ଗତ ୩ ଦିନ ହେବ ପ୍ରାଥମିକ ଶିକ୍ଷକମାନେ ଦାବି ପୂରଣ ନେଇ ଗାନ୍ଧୀ ମାର୍ଗକୁ ଅଚଳ କରି ରଖିଛନ୍ତି। ରାତିଦିନ ଧାରଣାରେ ବସି ରହିଛନ୍ତି। ଦାବି ପୂରଣ ନ ହେବାଯାଏ ଆନ୍ଦୋଳନରୁ ନ ଓହରିବାକୁ ଧମକ ଦେଇଛନ୍ତି। ଏଭଳିସ୍ଥଳେ ଶିକ୍ଷକଙ୍କ ପ୍ରସଙ୍ଗକୁ ନେଇ ବିଧାନସଭା ଅଚଳ ହୋଇଛି। ସରକାରଙ୍କୁ ଘେରିବାକୁ ବିରୋଧୀ ଭାଜପା ଏବଂ କଂଗ୍ରେସ ସଦସ୍ୟମାନେ ଶିକ୍ଷକଙ୍କୁ ଅସ୍ତ୍ର କରିଛନ୍ତି। ବିରୋଧୀଙ୍କ ହୋହଲ୍ଲାରେ ବିଧାନସଭା ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ ଆଲୋଚନା ଉଡ଼ିଯାଇଛି। ଶିକ୍ଷକଙ୍କ ସମସ୍ୟା ସମ୍ପର୍କରେ ସରକାରଙ୍କ ଆଲୋଚନା ବିଷୟରେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ପଣ୍ଡା ଗୃହରେ ବିବୃତି ଦେଇଥିଲେ। ଏହା ସତ୍ତ୍ୱେ ବିରୋଧୀ ଶାନ୍ତ ପଡ଼ିନାହାନ୍ତି। ବିରୋଧୀଙ୍କ ହଇଚଗୋଳ ଯୋଗୁ ବିଧାନସଭା ବାରମ୍ବାର ମୁଲତବୀ ହୋଇଛି।

ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହେବାମାତ୍ରେ ଶିକ୍ଷକଙ୍କ ସମସ୍ୟାକୁ ନେଇ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଇଚଗୋଳ କରିଥିଲେ। ପ୍ରଶ୍ନୋତ୍ତର ବାତିଲ କରି ଶିକ୍ଷକଙ୍କ ସମସ୍ୟା ଉପରେ ସରକାର କି ପଦକ୍ଷେପ ନେଇଛନ୍ତି ତୁରନ୍ତ ଗୃହକୁ ଜଣାନ୍ତୁ ଦାବି କରି ହୋ ହଲ୍ଲା କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଅନୁରୋଧ କରିଥିଲେ ମଧ୍ୟ ବିରୋଧୀ ସଦସ୍ୟ ମାନି ନ ଥିଲେ। ଫଳରେ ବାଚସ୍ପତି ଗୃହକୁ ପୂର୍ବାହ୍ନ ୧୦ଟା ୩୩ ମିନିଟରୁ ୧୧ଟା ୩୦ ମିନିଟଯାଏ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ପୁଣି ହଇଚଗୋଳ ଆରମ୍ଭ ହୋଇ ଯାଇଥିଲା। ବାଚସ୍ପତି ଅଚଳାବସ୍ଥାକୁ ଦୂର କରିବାକୁ ସର୍ବଦଳୀୟ ବୈଠକ ☞ପୃଷ୍ଠା-୯

## ସରକାର-ଶିକ୍ଷକ ସଂଘ ଆଲୋଚନା ବିଫଳ



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆନ୍ଦୋଳନ ଚଳାଇଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ।

### ୫୫ ହଜାର ସ୍କୁଲରେ ପାଠପଢ଼ା ବ୍ୟାହତ

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

୩ ପ୍ରମୁଖ ଦଫା ଦାବି ନେଇ ରାଜଧାନୀରେ ପ୍ରାଥମିକ ଶିକ୍ଷକମାନେ ଚଳାଇଥିବା ଆନ୍ଦୋଳନ ମଙ୍ଗଳବାର ତୃତୀୟ ଦିନରେ ପହଞ୍ଚିଛି। ତୃତୀୟ ଦିନରେ ସରକାରଙ୍କ ସହିତ ଶିକ୍ଷକ ସଂଘର ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଆଲୋଚନା ବିଫଳ ହୋଇଥିବାରୁ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଅନ୍ୟପଟେ ଏହି ଆନ୍ଦୋଳନ ଯୋଗୁ ରାଜ୍ୟରେ ଥିବା ୫୫ ହଜାର ପ୍ରାଥମିକ ସ୍କୁଲରେ ପାଠପଢ଼ା ବାଧାପ୍ରାପ୍ତ ହୋଇଛି।

ସୂଚନାନୁସାରେ, ମଙ୍ଗଳବାର ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଏକ ୧୬ଜଣିଆ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ଠିକା ନିଯୁକ୍ତି ସମ୍ପୂର୍ଣ୍ଣ ପ୍ରତ୍ୟାହାର, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଏବଂ ପୂର୍ବରୁ ଥିବା ପେନ୍‌ସନ ବ୍ୟବସ୍ଥା ପ୍ରଚଳନ ଆଦି ବ୍ୟବସ୍ଥା ନେଇ ପ୍ରାଥମିକ ଶିକ୍ଷକ ସଂଘ ଦାବି କରିଆସୁଛି। ୨୦୧୭ରେ ଉକ୍ତ ଦାବିଗୁଡ଼ିକ ପୂରଣ ନେଇ ଗଣଶିକ୍ଷା ମନ୍ତ୍ରୀ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏ ପଦକ୍ଷେପ ନିଆଯାଇନାହିଁ ବୋଲି ପ୍ରତିନିଧିଦଳ ଆଲୋଚନାରେ ଉପସ୍ଥାପନ କରିଥିଲେ। ତେବେ ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ପୂର୍ବରୁ ଜାଣି ନ ଥିବା କହିବା ସହ ସୋମବାର ବିଭାଗୀୟ ସଚିବଙ୍କ ପାଖରୁ ଜାଣିବାକୁ ପାଇଥିବା କହିଥିଲେ, ଯାହା ଶିକ୍ଷକ ସଂଘକୁ ଆଶ୍ଚର୍ଯ୍ୟ କରିଛି। ସଂଘର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ କହିଛନ୍ତି, ମୁଖ୍ୟ ଶାସନ ସଚିବ ହୋଇ ଯଦି ଏ ସମ୍ପର୍କରେ କିଛି ଜାଣି ନ ଥିବା କହୁଛନ୍ତି, ତେବେ ତାହା ଲଜ୍ଜାର ବିଷୟ। ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

ଜୁରି ସଦସ୍ୟ କଲା କିଏ









**୧୦ ବର୍ଷର ବାଳିକାଙ୍କୁ ବଳାତ୍କାର ପରେ ହତ୍ୟାକଲେ ନାବାଳକ**

ପୃଷ୍ଠା-୬



ଓଲଟି ପଡ଼ିଥିବା ଗ୍ୟାସ୍ ଟ୍ୟାଙ୍କର ଉପରକୁ ଅଗ୍ନିଶମ କର୍ମଚାରୀମାନେ ପାଣି ପକାଉଛନ୍ତି।

## ଗ୍ୟାସ୍ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ, ଗାଡ଼ି ଚଳାଚଳ ବନ୍ଦ

**ପଟ୍ଟାଙ୍ଗି,୨୯।୧୧(ଡି.ଏନ.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ରାଜୁଗଡ଼ା-ତେଲରାଇ ଗ୍ରାମ ମଝି ଜାତୀୟ ରାଜପଥରେ ମଙ୍ଗଳବାର ଏକ ଏଲ୍‌ପିଜି ଗ୍ୟାସ ଟ୍ୟାଙ୍କର ଓଲଟି ପଡ଼ିଛି। ସେଥିରୁ ଗ୍ୟାସ ଲିକ୍ କରୁଥିବାରୁ ଉକ୍ତ ରାସ୍ତାରେ ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ କୌଣସି ଗାଡି ଚଳାଚଳ ନ କରିବାକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଉକ୍ତ ଟ୍ୟାଙ୍କର (ସିଜି୦୭ବିଏଲ୍-୧୬୮୪)ଟି ବିଶାଖାପାଟଣାରୁ ଛତିଶଗଡ଼ର ରାୟପୁରକୁ ଯାଉଥିଲା। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ଏବଂ ପୋଲିସ ପହଞ୍ଚି ଉକ୍ତ ରାସ୍ତାରେ ଗାଡିମୋଟର ଚଳାଚଳକୁ ବନ୍ଦ କରି ଦେଇଥିଲେ। ଯେକୌଣସି ଅଘଟଣ ରୋକିବା ପାଇଁ ଅଗ୍ନିଶମ ବିଭାଗ ଅଧିକାରୀ ଚିତ୍ତରଞ୍ଜନ ସେଠୀଙ୍କ ତତ୍ତ୍ୱାବଧାନରେ ଦମକଳ ବାହିନୀ ସେଠାରେ ସଜାଗ ରହିଛି। ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ଉପରକୁ ପାଣି ମାରି ଲିକ୍ ହେଉଥିବା ଗ୍ୟାସକୁ ନିୟନ୍ତ୍ରଣରେ ରଖିବାକୁ ଉଦ୍ୟମ ଜାରି ରହିଛି। କୋରାପୁଟ ଜିଲାପାଳ ଅବଦାଲ ଏମ୍. ଅଖତର ଗାଡ଼ି ଚଳାଚଳ ବନ୍ଦ ଥିବା ସମ୍ପର୍କରେ ଟୁଇଟ୍ ଯୋଗେ ଲୋକଙ୍କୁ ଅବଗତ କରାଇଛନ୍ତି। ମାତ୍ର ଯେଉଁ ଯାତ୍ରୀମାନେ ଆନ୍ଧ୍ର ଅଭିମୁଖେ ଯିବାକୁ ଚାହିଁବେ, ସେମାନେ ପଟ୍ଟାଙ୍ଗି ପୂର୍ବରୁ ଥିବା ପୁକାଲି ଛକଠାରୁ ଡାହାଣକୁ ଯାଇଥିବା ରାସ୍ତାରେ ଯାଇ ପୁକାଲି ସାପ୍ତାହିକ ହାଟରୁ ବାମପଟେ ଅନ୍ୟ ଏକ ରାସ୍ତାରେ ଚନ୍ଦକା ରାଲେଗଡା ଦେଇ ଆନ୍ଧ୍ର ଅଭିମୁଖେ ଯାଇପାରିବେ ବୋଲି ଅବଗତ କରାଇଛନ୍ତି। ଏ ସମ୍ପର୍କରେ ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ କଟାଙ୍କୁ ପଚାରିବାରୁ ସେ କହିଲେ, ରେଲେଗଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମରେ ନିଆଁ ଲଗାଇବାକୁ ପୋଲିସ ଆସି ମନା କରିଛି। ଫଳରେ ବର୍ତ୍ତମାନ ଲୋକେ ରୋଷେଇବାସ କରିପାରି ନାହାନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ କୌଣସି ଖାଦ୍ୟ ବ୍ୟବସ୍ଥା କରାଯାଇନାହିଁ।

## ମିଶନ ଶକ୍ତି ଗୋଷ୍ଠୀକୁ ବିନା ସୁଧରେ ୫ ଲକ୍ଷ ଟଙ୍କାର ଋଣ

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ରାଜ୍ୟର ମିଶନ ଶକ୍ତି ଗୋଷ୍ଠୀକୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏହି ଘୋଷଣା କରିଛନ୍ତି। ୨୦୨୨ ଏପ୍ରିଲ ପହିଲାରୁ ପିଛିଲା ଭାବେ ଏହି ନୂତନ ଋଣ ବ୍ୟବସ୍ଥା ଲାଗୁ ହେବ। ପୂର୍ବରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ଦିଆଯାଉଥିଲା। ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ରୂପେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ମିଶନ ଶକ୍ତି ମା'ମାନେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିବେ। ଅଧିକ ଟଙ୍କାର ଋଣ ନେଇ ବଡ଼ ବଡ଼ ବ୍ୟବସାୟ କରିପାରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ରୂପାନ୍ତର କ୍ଷେତ୍ରରେ ମା'ମାନେ ହେଉଛନ୍ତି ଏକ ଅଭିନ୍ନ ଅଙ୍ଗ। ସରକାରଙ୍କ ଏହି ନିଷ୍ପତ୍ତି ସେମାନଙ୍କୁ ସଶକ୍ତ କରିବା ସହ ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଆଗାମୀ ୫ ବର୍ଷ ମଧ୍ୟରେ ମିଶନ ଶକ୍ତି ☞ପୃଷ୍ଠା-୯

## ଆଜିଠୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ




ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ସମ୍ପର୍କରେ ସୂଚନା ଦେଉଛନ୍ତି ସୂଚନା ଓ ଲୋକ ସମ୍ପର୍କ ବିଭାଗର ସଚିବ ସଞ୍ଜୟ ସିଂ, ଶକ୍ତି ଓ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ ଏବଂ ଶିଳ୍ପ ସଚିବ ହେମନ୍ତ ଶର୍ମା।

- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିବେ ଉଦ୍‌ଘାଟନ
- ୧୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରର ଶିଳ୍ପପତି ଯୋଗଦେବେ
- ୧୧,୬୦୦ରୁ ଅଧିକ ସଂସ୍ଥା ପଞ୍ଜୀକରଣ କରିଛନ୍ତି

**ଭୁବନେଶ୍ୱର,୨୯।୧୧**

'ମେକ୍ ଇନ୍ ଓଡ଼ିଶା'(ଏମ୍‌ଆଇଓ) କନ୍‌କ୍ଲେଭ-୨୦୨୨ ବୁଧବାରଠାରୁ ଆରମ୍ଭ ହେବ। ୫ଦିନ ବ୍ୟାପି ହେବାକୁ ଥିବା ଏହି କନ୍‌କ୍ଲେଭକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପରାହ୍ନ ସାଢ଼େ ୫ଟାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। ଏହି କନ୍‌କ୍ଲେଭ ଆସନ୍ତା ୪ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଏଥିରେ ୧୦ରୁ ଅଧିକ ରାଷ୍ଟ୍ରର ଶିଳ୍ପପତି ଏବଂ ବିଭିନ୍ନ କମ୍ପାନୀର ୧୨୪ଜଣ ବକ୍ତା ଯୋଗ ଦେବେ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି ବୋଲି ମଙ୍ଗଳବାର ସ୍ଥାନୀୟ ଜୟଦେବ ବିହାର ନିକଟସ୍ଥ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶିଳ୍ପମନ୍ତ୍ରୀ ପ୍ରତାପ ଦେବ ସୂଚନା ଦେଇଛନ୍ତି। ୨୦୧୬ ଏବଂ ୨୦୧୮ରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ସଫଳ ଆୟୋଜନ ପରେ ୨୦୨୨ରେ ହେବାକୁ ଥିବା ୩ୟ ସଂସ୍କରଣର ବ୍ୟାପକ ସଫଳତା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରିଛନ୍ତି। ମନ୍ତ୍ରୀ ପ୍ରତାପ ଦେବ ଏମ୍‌ଆଇଓ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇ କହିଛନ୍ତି ଯେ କନ୍‌କ୍ଲେଭରେ ଭାଗନେବା ପାଇଁ ଏ ପର୍ଯ୍ୟନ୍ତ ୧୧,୬୦୦ରୁ ଅଧିକ ସଂସ୍ଥା ପଞ୍ଜୀକରଣ କରିଛନ୍ତି। ଏପରିକି ରାଜ୍ୟର ବିକାଶ ପାଇଁ ସରକାର ଏକ ବୃହତ୍ ତଥା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ☞ପୃଷ୍ଠା-୯

## କଶ୍ମୀର ଫାଇଲ୍ସ 'ପ୍ରଚାରଧର୍ମୀ, ଅଶ୍ଳୀଳ'

### ଆଇଏଫ୍‌ଏଫ୍‌ଆଇ ଜୁରି ସଦସ୍ୟମାନଙ୍କ ଭାବନା ବ୍ୟକ୍ତକଲେ ଅଧ୍ୟକ୍ଷ ନଦାଭ ଲାପିଡ୍

**ପଣଜୀ/ନୂଆଦିଲ୍ଲୀ,୨୯।୧୧**

ଭାରତର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍‌ଏଫ୍‌ଆଇ)ର ଅନ୍ତର୍ଜାତୀୟ ପ୍ରତିଯୋଗିତା ବର୍ଗରେ ସାମିଲ ହୋଇଥିବା ୧୫ ଚଳଚ୍ଚିତ୍ର ମଧ୍ୟରୁ ବିବାଦୀୟ 'ଦି କଶ୍ମୀର ଫାଇଲ୍ସ'କୁ ଏକ ପ୍ରଚାରଧର୍ମୀ, ଅଶ୍ଳୀଳ ସିନେମା ବୋଲି ବିବେଚିତ କରାଯାଇଛି। ୫ ଜଣିଆ ଜୁରି ଏହି ଚଳଚ୍ଚିତ୍ରକୁ ଦେଖିବା ପରେ ବିବ୍ରତ ହୋଇପଡ଼ିଥିଲେ। ସେମାନଙ୍କ ଭାବନାକୁ ବ୍ୟକ୍ତ କରିଛନ୍ତି ମୁଖ୍ୟ ଜୁରି ତଥା ଇସ୍ରାଏଲୀ ପ୍ରଯୋଜକ ନଦାଭ ଲାପିଡ୍। ଲାପିଡ୍‌ଙ୍କ ମତରେ ଏହି ଫିଲ୍ମ ଏଭଳି ଏକ ପ୍ରତିଷ୍ଠିତ ଫିଲ୍ମ ମହୋତ୍ସବର କଳାତ୍ମକ ବର୍ଗରେ ସାମିଲ ହେବା ପାଇଁ ଉପଯୁକ୍ତ ନୁହେଁ। ଲାପିଡ୍‌ଙ୍କ ଏହି ମନ୍ତବ୍ୟକୁ ନେଇ ଝଡ଼ ସୃଷ୍ଟି ହୋଇଛି।




ନଦାଭ ଲାପିଡ୍

ସର୍ବୋତ୍ତମ ସିନେମାଗୁଡ଼ିକୁ ଏକ ପ୍ଲାଟ୍‌ଫର୍ମ ଯୋଗାଇ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଡାଇରେକ୍ଟୋରେଟ୍ ଅଫ୍ ଫିଲ୍ମ ଫେଷ୍ଟିଭାଲ୍ସ ଇନ୍ ଏସିଆ ପକ୍ଷରୁ ପ୍ରତିବର୍ଷ ଭାରତର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍‌ଏଫ୍‌ଆଇ) ଆୟୋଜିତ ହୋଇଥାଏ। ନଭେମ୍ବର ୨୦ରେ ଗୋଆ ରାଜଧାନୀ ପଣଜୀରେ ୫୩ତମ ଚଳଚ୍ଚିତ୍ର ମହୋତ୍ସବକୁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଉଦ୍‌ଘାଟନ କରିଥିଲେ। ଏହା ଗତ ୨୮ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଆଇଏଫ୍‌ଏଫ୍‌ଆଇ ଅନ୍ତର୍ଜାତୀୟ ପ୍ରତିଯୋଗିତାର ବିଚାରକ ମଣ୍ଡଳୀରେ ଇସ୍ରାଏଲୀ ପ୍ରଯୋଜକ ☞ପୃଷ୍ଠା-୯




“ ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ। -ଶ୍ରୀମା



# ଜୁରି ସଦସ୍ୟ କଲା କିଏ

ନିକଟରେ ଗୋଆଠାରେ ଶେଷ ହୋଇଥିବା ଭାରତର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍ଏଫ୍ଆଇ)ରେ 'ଦି କଶ୍ମୀର ଫାଇଲ୍ସ' ପ୍ରଦର୍ଶିତ ହେବା ପରେ ଏହା ଆହୁରି ବିବାଦ ଭିତରକୁ ଚାଲିଯାଇଛି। ବିଚାରକମଣ୍ଡଳୀ ମୁଖ୍ୟ ଇସ୍ରାଏଲର ଚଳଚ୍ଚିତ୍ର ନିର୍ଦ୍ଦେଶକ ନାଦାଭ ଲାପିଡ୍ 'ଦି କଶ୍ମୀର ଫାଇଲ୍ସ'କୁ ଏକ ପ୍ରଚାରଧର୍ମୀ ଓ ଅଶ୍ଳୀଳ ସିନେମା ବୋଲି ଅଭିହିତ କରିଛନ୍ତି। ଲାପିଡ୍ କହିଥିଲେ, ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଆସିଥିବା ୧୫ ଫିଲ୍ମ ମଧ୍ୟରୁ ୧୪ଟିରେ ଚଳଚ୍ଚିତ୍ର ସମ୍ବନ୍ଧୀୟ ଗୁଣାବଳୀ ଥିବା ଲକ୍ଷ୍ୟ କରାଯାଇଥିଲା। କିନ୍ତୁ ୧୫ତମ ଫିଲ୍ମ 'ଦି କଶ୍ମୀର ଫାଇଲ୍ସ' ଦେଖିବା ପରେ 'ଆମେ ସମସ୍ତେ' ବ୍ୟତିବ୍ୟସ୍ତ ହୋଇପଡ଼ିଥିଲୁ ଓ ତାହା ଆମକୁ ଝଟକା ଦେଇଥିଲା। ସେ ଆହୁରି ପ୍ରଶ୍ନ କରିଥିଲେ ଯେ ଏଭଳି ଏକ ଅଶ୍ଳୀଳ ଓ ଅନୁପଯୁକ୍ତ ଚଳଚ୍ଚିତ୍ର କିପରି ଓ କାହିଁକି ଅନ୍ତର୍ଜାତୀୟ ବର୍ଗରେ ପ୍ରଦର୍ଶିତ ହେଲା। ଲାପିଡ୍ ଜଣେ ଅନ୍ତର୍ଜାତୀୟ ସ୍ତରର ସିନେମା ନିର୍ଦ୍ଦେଶକ। ସେ ଅନେକ ସିନେମାର ନିର୍ଦ୍ଦେଶନା ଦେଇଛନ୍ତି। ତାଙ୍କର ସିନେମା 'ସିନୋନିମ୍' ୬୯ତମ ବର୍ଲିନ୍ ଫିଲ୍ମ ମହୋତ୍ସବରେ ଗୋଲ୍ଡେନ୍ ବେୟର ଆୱାର୍ଡ ପାଇଥିଲା। ଏଥିସହିତ ତାଙ୍କର ଅନ୍ୟ ଏକ ସିନେମା 'ପୋଲିସମ୍ୟାନ୍' ଲୋକୋର୍ଣ୍ଣୋ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ-୨୦୧୯ରେ ବିଶେଷ ପୁରସ୍କାର ପାଇଥିଲା। ଗତବର୍ଷ କାନ୍ ଫିଲ୍ମ ଫେଷ୍ଟିଭାଲରେ ତାଙ୍କ ସିନେମା 'ଆହେଡ୍ସ ନି' ଅନ୍ୟତମ ପୁରସ୍କାର 'ପାଲମଦର' ହାସଲ କରିଥିଲା। ଏହାବ୍ୟତୀତ ଲାପିଡ୍ ବିଭିନ୍ନ ଅନ୍ତର୍ଜାତୀୟ ସିନେମା ମହୋତ୍ସବରେ ଜୁରି ସଦସ୍ୟ ରହିଆସିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁଦୀପ୍ତୋ ସେନ୍ଙ୍କ ସମେତ ଆମେରିକୀୟ ଫିଲ୍ମ ପ୍ରଯୋଜକ ଜିଙ୍କୋ ଗୋଟୋ, ସ୍ପେନୀୟ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାତା ଜାଭିଅର୍ ଏଞ୍ଜୁଲୋ ବାର୍ଟୁରେନ୍ ଏବଂ ଫରାସୀ ଚଳଚ୍ଚିତ୍ର ସମ୍ପାଦକ ପାସ୍କାଲ ଶାଭେନ୍ସ ବିଚାରକମଣ୍ଡଳୀର ସଦସ୍ୟ ଥିଲେ। ଏଠାରେ ଆହୁରି ମଧ୍ୟ କୁହାଯାଇପାରେ ଯେ ନିକଟରେ ଶେଷ ହୋଇଥିବା ଗୋଆ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବ ପାଇଁ ଯେତେଜଣ ଜୁରି ସଦସ୍ୟ ହୋଇଛନ୍ତି ସେମାନେ ସମସ୍ତେ ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିଲେ। ଏହି ସଦସ୍ୟଙ୍କୁ ବାଛିବା ପଛରେ ଏକ ମହତ୍ ଉଦ୍ଦେଶ୍ୟ ରହିଛି। ଏହିଭଳି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ବିଶେଷଜ୍ଞମାନଙ୍କୁ ସମ୍ପୃକ୍ତ କରାଇଲେ ସେହି କାର୍ଯ୍ୟକ୍ରମର ଗରିମା ବୃଦ୍ଧି ପାଇଥାଏ। ଉଦାହରଣସ୍ୱରୂପ, ଭାରତ ଓ ପାକିସ୍ତାନ ମଧ୍ୟରେ ଯଦି ଦକ୍ଷିଣ ଆଫ୍ରିକାରେ କ୍ରିକେଟ ଖେଳ ହୁଏ ତେବେ ଅମ୍ପାୟାର ସବୁବେଳେ ଅନ୍ୟ ଏକ ଦେଶର ରହିଥାନ୍ତି। ଏହାଦ୍ୱାରା ନିରପେକ୍ଷତା ବଜାୟ ରହେ। ଏହି ଚିନ୍ତାକୁ ବୁଝିପାରିଲେ ଜଣାପଡ଼େ ଯେ ଲାପିଡ୍ ଓ ତାଙ୍କ ସହିତ ଗୋଆ ଫିଲ୍ମ ମହୋତ୍ସବରେ ଜୁରି ସଦସ୍ୟଙ୍କ ପ୍ରତିଭା ଓ ଯୋଗ୍ୟତାକୁ ନିରୀକ୍ଷଣ କରି ଭାରତ ସରକାର ସେମାନଙ୍କୁ ବାଛିଥିଲେ।

ବିବେକ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶିତ 'କଶ୍ମୀର ଫାଇଲ୍ସ' ୧୧ ମାର୍ଚ୍ଚ ୨୦୨୨ରେ ମୁକ୍ତିଲାଭ କରିବା ପରେ ଭାରତରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେଥିରେ ଗତ ଶତାବ୍ଦୀର ୯୦ ଦଶକରେ କଶ୍ମୀରରେ ପଣ୍ଡିତମାନେ ଭୋଗିଥିବା ଦୁର୍ଦ୍ଦଶା, ହତ୍ୟା ଓ ସଂଗ୍ରାମର କାହାଣୀ ବର୍ଣ୍ଣନା କରାଯାଇଛି। ସେହି ଦୃଷ୍ଟିରୁ ଏହାକୁ ସବୁ ଭାରତୀୟ ଦେଖିବା ଉଚିତ ବୋଲି ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ସରକାରଙ୍କ ବହୁ ମନ୍ତ୍ରୀ ସେତେବେଳେ ଦେଶବାସୀଙ୍କୁ ନିବେଦନ କରିଥିଲେ। ଏପରି କି ଅନେକ ରାଜ୍ୟ ସରକାର ଏହାକୁ ଦେଶାତ୍ମବୋଧକ ଚିନ୍ତା ଉଦ୍ରେକକାରୀ ଚଳଚ୍ଚିତ୍ର ଆଖ୍ୟା ଦେଇ ଟିକସ ଛାଡ଼ କରିଦେଇଥିଲେ। ଏଥିସହିତ ପାର୍ଲାମେଣ୍ଟ ସମେତ ଅନେକ ଜାଗାରେ ତାହାର ମାଗଣା ପ୍ରଦର୍ଶନର ବ୍ୟବସ୍ଥା କରାଯାଇଥିଲା। ଏବେ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବରେ ଏହା ସମାଲୋଚିତ ହେବା ପରେ ଆଜି ମୁମ୍ବାଇ ସିନେମା ଜଗତର ଯେଉଁ କେତେଜଣ ବ୍ୟକ୍ତିବିଶେଷ ଗଣମାଧ୍ୟମକୁ ଆସି ଲାପିଡ୍ଙ୍କୁ ଆକ୍ରମଣ କରୁଛନ୍ତି ସେମାନେ ଜଜ୍ ଏବଂ ଜୁରିର ତଫାତ୍ ବୁଝିବା ସହିତ କେନ୍ଦ୍ର ସରକାରଙ୍କ ଏହି ଘଟଣା ଘଟାଇବାରେ ଭୂମିକାକୁ ହୃଦୟଙ୍ଗମ କରିବା ଦରକାର। ଆଜିର ଭାରତ ସରକାରଙ୍କ ପ୍ରତିଟି ପଦକ୍ଷେପ ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି। କୌଣସି ଘଟଣା ଘଟୁନାହିଁ ଯେଉଁଥିରେ ଶାସକ ଦଳର ଉଦ୍ଦେଶ୍ୟ ରହୁନାହିଁ। ଦି କଶ୍ମୀର ଫାଇଲ୍ସକୁ ବହୁଳ ପ୍ରସାରିତ କରିବା ପାଇଁ ଏବେକାର ସମୟ ଉପଯୋଗୀ ଥିଲା ବୋଲି ଭାବିହେବ। ଅଳ୍ପ କିଛିଦିନ ପରେ ଗୁଜରାଟ ବିଧାନସଭା ଲାଗି ଭୋଟ ହେବ। ତାହା ପୂର୍ବରୁ ଯଦି ଏହି ଅନ୍ତର୍ଜାତୀୟ ଜୁରି ଦି କଶ୍ମୀର ଫାଇଲ୍ସ ସମେତ ୧୫ଟି ସିନେମାକୁ ପ୍ରଶଂସା କରିଦେଇ ଥାଆନ୍ତେ ତେବେ ଅତ୍ୟନ୍ତ ପୁରାତନ ହିନ୍ଦୁ ଧର୍ମ ପାଇଁ ଅନେକ ସାହାଯ୍ୟ ହୋଇଥା'ନ୍ତା। ଏଥିସହିତ ପେଗାସସ୍ ଭଳି ଅନେକ ଦାମୀ ଯାନ୍ତ୍ରିକ ଉପକରଣ ଇସ୍ରାଏଲ୍ଠାରୁ କିଣାଯାଇଥିବାରୁ ସେହି ଦେଶର ସିନେମା ନିର୍ଦ୍ଦେଶକ ନାଦାଭ ଲାପିଡ୍ଙ୍କୁ ଜୁରିର ଅଧ୍ୟକ୍ଷ କରାଯାଇଥିବାର ଲାଭ ହାସଲ ହୋଇଥାଆନ୍ତା। ଏହା ଲଜ୍ଜା ନୁହେଁ, ଦୁଃଖର ବିଷୟ ଯେ ଅନ୍ତର୍ଜାତୀୟ ସିନେମା ନିର୍ଦ୍ଦେଶକମାନେ ଆମ ଦେଶର କୋଟୋଟିଆ ରାଜନୀତିକୁ ବୁଝିବାରେ ଅସଫଳ ହେବା ଯୋଗୁ ଦି କଶ୍ମୀର ଫାଇଲ୍ସକୁ ପ୍ରଶଂସା କରିବା ପରିବର୍ତ୍ତେ ସମାଲୋଚନା କରିଦେଇଗଲେ। ସେମାନଙ୍କ ମତ ବାସ୍ତବ ସିନେମା ପ୍ରସ୍ତୁତି ଓ ସତ୍ୟ ଉପରେ ଆଧାରିତ ହୋଇଥିବାରୁ ତାଙ୍କୁ ଖୁଣି ହେବ ନାହିଁ। କିନ୍ତୁ ସେମାନଙ୍କୁ ଭାରତରେ ଆସି ସରକାରୀ କାର୍ଯ୍ୟକ୍ରମରେ ଜୁରି ସଦସ୍ୟ ହେବାର ଅଧିକାର ଦେଲା କିଏ ? ସତ୍ୟ ଶୁଣିବାକୁ ଅରାଜି ବ୍ୟକ୍ତିମାନେ ଏବେ ଏହି ପ୍ରଶ୍ନର ଉତ୍ତର ଖୋଜିବା ଦରକାର।

# ଛଳନାର ମୁଖା



ହରେକୃଷ୍ଣ ପଣ୍ଡା

ବିଶ୍ୱର ଘଡ଼ିସନ୍ଧି ସମୟରେ ପ୍ରଭାବଶାଳୀ ଜି-୨୦ ରାଷ୍ଟ୍ର ସମୂହ କୌଣସି ନିଷ୍ପତ୍ତିମୂଳକ ଦ୍ରୁତ ପଦକ୍ଷେପ ନେଇପାରୁ ନାହାନ୍ତି। ଏହାର କାରଣ ହେଉଛି ରୁଷିଆ, ଆମେରିକା, ଚାଇନା ଆଦି ସଦସ୍ୟ ରାଷ୍ଟ୍ରମାନଙ୍କର ଦୋମୁହାଁ ନୀତି। ସମଗ୍ର ବିଶ୍ୱକୁ ବିପଦ ମୁଖକୁ ଠେଲି ଦେଇଥିବା ଚାଇନାର ବିସ୍ତାରବାଦ ନୀତି ଓ ଜୈବିକ ଅସ୍ତ୍ର ସଂରକ୍ଷଣ କାର୍ଯ୍ୟଧାରା ଉପରେ ଆମେରିକା, ଅଷ୍ଟ୍ରେଲିଆ, ୟୁରୋପ ଆଦି ଯେଉଁ ଗର୍ଜନ କରିଥିଲେ ତାହା କ୍ରମଶଃ ଫସରଫାଟି ଗଲା। ଏଥି ପୂର୍ବରୁ ଆତଙ୍କବାଦର ବିଲୋପ ପାଇଁ ଜି-୨୦ ରାଷ୍ଟ୍ର ଯେଉଁ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ ତାହାର ଫଳ କିଛି ହେଲା ନାହିଁ। ଏବେ ବି ସେହି ଆତଙ୍କବାଦ ରହିଛି। ଆଫଗାନରେ ତାଲିବାନ ଶାସନକୁ ବାଟ ନ ଛାଡ଼ିବା ପାଇଁ ଯେଉଁସବୁ ରାଷ୍ଟ୍ର ବିରୋଧର ସ୍ୱର ଉଠାଇଥିଲେ ତାହା କ୍ରମଶଃ ନୀରବି ଗଲା। ଲୋକସଂଖ୍ୟା ଦୃଷ୍ଟିରୁ ଜି୨୦ ଦେଶଗୁଡ଼ିକ ବିଶ୍ୱ ଜନସଂଖ୍ୟାର ଦୁଇ ତୃତୀୟାଂଶ। ଜିଡିପି ୯୦ ପ୍ରତିଶତ ଓ ବାଣିଜ୍ୟିକ ଅଂଶ ୮୦ ପ୍ରତିଶତ। ଏହି ଦେଶଗୁଡ଼ିକ ମଧ୍ୟରେ ପରସ୍ପର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳେ। ଏମାନେ ସମଗ୍ର ବିଶ୍ୱର କଲ୍ୟାଣ, ଶାନ୍ତି ରକ୍ଷା ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏକଜୁଟ ହୋଇଥିଲେ ହେଁ କେହି ନିଜର ସ୍ୱାର୍ଥକୁ ବଳି ଦେବାକୁ ଚାହାନ୍ତି ନାହିଁ। ବିଶ୍ୱର ପ୍ରତିପତ୍ତିଶାଳୀ ରାଷ୍ଟ୍ର ବୋଲାଇବା ପାଇଁ ଆମେରିକା, ରୁଷ୍, ଚାଇନା ମଧ୍ୟରେ ଶୀତଳଯୁଦ୍ଧ ବହୁଦିନରୁ ଚାଲିଛି। ଏମାନେ ମିତ୍ର ରାଷ୍ଟ୍ରଗୁଡ଼ିକୁ ନେଇ ମଧ୍ୟ ଗୋଷ୍ଠୀ ଗଠନ କରିଛନ୍ତି; ଯାହା ବିଶ୍ୱରେ ପରମାଣୁ ନିରସ୍ତ୍ରୀକରଣ, ଶାନ୍ତି, ଆର୍ଥିକ ପ୍ରଗତିରେ ପ୍ରତିବନ୍ଧକ ସାଜିଛି। ଏମାନଙ୍କ ମଧ୍ୟରେ ଏକତା, ନିରନ୍ତର ଆଲୋଚନା ଓ ସହମତି ପ୍ରକାଶ ପାଇପାରୁ ନାହିଁ। ଏଯାବତ୍ ଯେତେଗୁଡ଼ିଏ ସମସ୍ୟା ପାଇଁ ବୈଠକ ବସିଛି ଏବଂ ଯେଉଁ ନିଷ୍ପତ୍ତି ମାନ ଗ୍ରହଣ କରାଯାଇଛି ତାହା ବାସ୍ତବ ରୂପେ କାର୍ଯ୍ୟକାରୀ ହୋଇ ନ ଥିବା କୁହାଯାଇପାରେ।

ବାସ୍ତବରେ ଦେଖିବାକୁ ଗଲେ ଜି-୨୦ ରାଷ୍ଟ୍ରୀୟ ସଂଗଠନ ବିଶ୍ୱର ସର୍ବବୃହତ୍ ଶକ୍ତିଶାଳୀ ସଂଗଠନ। ଏମାନଙ୍କ ମଧ୍ୟରେ ଏକତା ଓ ଆନ୍ତରିକତା ଥିଲେ ବିଶ୍ୱ ଯାବତୀୟ ସଙ୍କଟରୁ ମୁକ୍ତ ହୋଇ ସାରିଥାଆନ୍ତା। ୨୦୨୧ରେ ସ୍କଟଲାଣ୍ଡଠାରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ବିଶ୍ୱ ତାପମାତ୍ରା ହ୍ରାସ କରିବାକୁ ନିଆଯାଇଥିବା ନିଷ୍ପତ୍ତିକୁ ଭାରତ ସମେତ କେତେକ ରାଷ୍ଟ୍ର କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରୁଥିବା ବେଳେ ଚାଇନା ତା'ର ଲକ୍ଷ୍ୟ ୨୦୬୦ ପର୍ଯ୍ୟନ୍ତ ବଢ଼ାଇ ଦେଇଛି। ରୁଷ୍ ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିନାହିଁ। ବିଶ୍ୱର ପ୍ରମୁଖ ଅର୍ଥନୈତିକ ସମୃଦ୍ଧ ରାଷ୍ଟ୍ରଗୁଡ଼ିକର ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନ ପାଇଁ ଯେଉଁ ନିଷ୍ପତ୍ତି ନିଆଯାଇଥିଲା ଓ ତାହା ଗ୍ଲାସଗୋରେ ଜାତିସଂଘ ଜଳବାୟୁ ସମ୍ମିଳନୀରେ ଆଲୋଚନା କରାଯାଇଥିଲେ ହେଁ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ରାଷ୍ଟ୍ରଗୁଡ଼ିକ ସମୟ ଗଡ଼ାଇ ଚାଲିଛନ୍ତି। ଅନ୍ୟପକ୍ଷରେ ବିଶ୍ୱରେ ଅର୍ଥନୈତିକ ସଙ୍କଟ, ଖାଦ୍ୟ ସମସ୍ୟା, ବାଣିଜ୍ୟିକ ଯୁଦ୍ଧ, ଡଲାରର ମୂଲ୍ୟବୃଦ୍ଧି ଭଳି ସମସ୍ୟା ଦୂର କରିବାରେ ଏହି ସଂଗଠନର କିଛି ଭୂମିକା ନ ଥିବା ଭଳି ମନେହୁଏ। ଜି-୨୦ ସମ୍ମିଳନୀର ଆଭିମୁଖ୍ୟକୁ ସଫଳ କରିବାରେ ଆମେରିକା-ଚାଇନା ମଧ୍ୟରେ ଲାଗିଥିବା ବାଣିଜ୍ୟିକ ଯୁଦ୍ଧ ବାଧା ସୃଷ୍ଟି କରୁଥିବା ବେଳେ ଏବେ ରୁଷ୍-ୟୁକ୍ରେନ ଯୁଦ୍ଧ ବିଶ୍ୱକୁ ସଙ୍କଟ ମଧ୍ୟକୁ ଠେଲି ଦେଇଛି। ବିଶ୍ୱ ନେତୃବୃନ୍ଦ ସମ୍ମିଳିତ ଭାବେ ଏହି ଯୁଦ୍ଧକୁ ଚାହିଁଥିଲେ ବନ୍ଦ କରିପାରନ୍ତେ। କିନ୍ତୁ ଏହା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଇଣ୍ଡୋନେସିଆର ବାଲିଦ୍ୱୀପଠାରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀ ପରମାଣୁ ଯୁଦ୍ଧକୁ ଏଡ଼ାଇବା ପାଇଁ ଅନୁଷ୍ଠିତ ହୋଇଥିଲା। ବାଲି ଘୋଷଣାନାମାରେ ରୁଷିଆ-ୟୁକ୍ରେନ ଯୁଦ୍ଧକୁ ନେଇ ସହମତି ପ୍ରକାଶ ନ ପାଇବା ଦୁଃଖର ବିଷୟ। ଧ୍ୱଂସାତ୍ମକ କାର୍ଯ୍ୟର ବିଲୋପ ପାଇଁ ବିଶ୍ୱ ନେତୃବୃନ୍ଦ ଦୃଢ଼ ପଦକ୍ଷେପ ନେବା ପରିବର୍ତ୍ତେ କୁଣ୍ଠିତ ହୋଇ ନିଷ୍ଠୁରତାର ପରିଚୟ ସୃଷ୍ଟି କରିଛନ୍ତି। ତେବେ ଯୁଦ୍ଧ ବେଳେ ବନ୍ଦୀ ଥିବା ସାଧାରଣ ନାଗରିକମାନଙ୍କୁ ସୁରକ୍ଷା ଦେବା ସହିତ ଅନ୍ତର୍ଜାତୀୟ ଆଇନକୁ ମାନିବା ଲାଗି ଘୋଷଣାନାମାରେ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ଏହାର କାର୍ଯ୍ୟକାରୀତା ସନ୍ଦେହାତ୍ମକ। ଆଣବିକ ଅସ୍ତ୍ର ବ୍ୟବହାର କିମ୍ବା ଏଭଳି ଧମକକୁ ସମସ୍ତ ସଦସ୍ୟ ରାଷ୍ଟ୍ର ଗୁରୁତ୍ୱ ଦେବା ସହିତ ଶାନ୍ତିପୂର୍ଣ୍ଣ ଉପାୟରେ ଯୁଦ୍ଧର ଅବସାନ ଘଟାଇବାକୁ ଆହ୍ୱାନ ଦେଇଛନ୍ତି। କିନ୍ତୁ ରୁଷ୍ ଏହାକୁ ଗ୍ରହଣ କଲେ ତ? ଏ ସମ୍ପର୍କରେ କୌଣସି ସଂକଳ୍ପ ନିଆଯାଇ ନ ଥିବାବେଳେ ବିବାଦୀୟ ବିତର୍କ ଏମାନଙ୍କ ଛଳନାର ମୁଖା ଖୋଲି ଦେଇଛି। ଇଣ୍ଡୋନେସିଆ ରାଷ୍ଟ୍ରପତି ସାମ୍ବାଦିକ ସମ୍ମିଳନୀରେ ଏଭଳି ବିବାଦକୁ ସ୍ୱୀକାର କରିଛନ୍ତି।



ଗତ ସେପ୍ଟେମ୍ବର ମାସରେ ସାଂଘାଇ ସହ ଯୋଗ ସମ୍ମିଳନୀରେ ଭାରତ ପକ୍ଷରୁ ପୁଟିନଙ୍କୁ ଯାହା କୁହାଯାଇଥିଲା ତା'ର ପ୍ରତିଫଳନ ଏହି ସମ୍ମିଳନୀରେ ପ୍ରତିଫଳିତ ହୋଇଛି ସତ, କିନ୍ତୁ ଏ ସମ୍ପର୍କରେ ଭିନ୍ନ ମତ ପ୍ରକାଶ ପାଇଥିଲା। ଅଧିକାଂଶ ସଦସ୍ୟ ରାଷ୍ଟ୍ର ୟୁକ୍ରେନ ଯୁଦ୍ଧକୁ ଦୃଢ଼ ନିନ୍ଦା କରିଥିଲେ। ତେବେ ଯେଉଁ ସଦସ୍ୟ ରାଷ୍ଟ୍ର ଏସମ୍ପର୍କରେ ସହମତ ନ ହୋଇଛନ୍ତି ସେମାନଙ୍କ ଆଭିମୁଖ୍ୟ ନିନ୍ଦନୀୟ ବୋଲି ବିଶ୍ୱବାସୀ ଜାଣିଲେ। ଜାତିସଂଘ ସୁରକ୍ଷା ପରିଷଦରେ ଜାତୀୟ ସ୍ଥିତି ଉପରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଯାହା କହିଥିଲେ ତାହା ଜି-୨୦ରେ କେବଳ ଦୋହରା ଯାଇଥିଲା। ଅଧିକାଂଶ ସଦସ୍ୟ ରାଷ୍ଟ୍ର ୟୁକ୍ରେନ ଯୁଦ୍ଧକୁ ଦୃଢ଼ ନିନ୍ଦା କରିଥିଲେ। କିନ୍ତୁ ଆଉ କେତେକ ରାଷ୍ଟ୍ର ଏହା ଉପରେ ଭିନ୍ନ ମତ ରଖିବା ଫଳରେ ବିଶ୍ୱ ପାଇଁ ବିପଦ ସୃଷ୍ଟି କରାଯିବା କୁହାଯାଇପାରେ। ଦସ୍ତାବିଜରେ ଖୁବ୍ କମ ଲେଖା ହୋଇଥିବା ବେଳେ ସମ୍ମିଳନୀର ଆଭିମୁଖ୍ୟ କ'ଣ ତାହା ପ୍ରକାଶ ପାଇପାରି ନାହିଁ। କୋଭିଡ୍ ମହାମାରୀ ପରେ ଅର୍ଥନୀତି ଉପରେ ଏହା ବିଶ୍ୱଯୁଦ୍ଧ ଭଳି ଅନୁଭୂତ ହୁଏ। ଜି-୨୦ ସମିଟିରେ ରୁଷ୍ର ରାଷ୍ଟ୍ରପତି ଯୋଗ ନ ଦେବା ତାତ୍ପର୍ଯ୍ୟପୂର୍ଣ୍ଣ।

ଯାହା ହେଉ ୟୁରୋପୀୟ ପାର୍ଲାମେଣ୍ଟରେ ବିଳମ୍ବ ହେଉ ପଛେ ରୁଷିଆକୁ ଆତଙ୍କବାଦର ପୃଷ୍ଠପୋଷକ ବୋଲି ଘୋଷଣା କରାଯାଇଛି। ୟୁକ୍ରେନରେ ସମସ୍ତ ମାନବାଧିକାର ଆଇନ ଗୁଡ଼ିକୁ ରୁଷ୍ ଉଲ୍ଲଂଘନ କରି ସାରିଲାଣି। ଆମେରିକା ସମେତ ଅନ୍ୟ ରାଷ୍ଟ୍ରମାନେ ମଧ୍ୟ ଏହିଭଳି ପଦକ୍ଷେପ ନେଇପାରି ଥାଆନ୍ତେ। ଏଯାବତ୍ ନେଇ ନାହାନ୍ତି କାହିଁକି? ଅବଶ୍ୟ କୁହାଯାଇପାରେ ଆଜି ରୁଷ୍ ୟୁକ୍ରେନ ଉପରେ ଯେଉଁ ଧ୍ୱଂସାଭିମୁଖୀ ପଦକ୍ଷେପ ନେଇଛି ସେଥିପାଇଁ ୟୁରୋପୀୟ ସଂଘ ଦାୟୀ। ୟୁକ୍ରେନ ରୁଷ୍ରୁ ଅଲଗା ହେବା ପରେ ୟୁରୋପୀୟ ସଂଘ ୟୁକ୍ରେନ ପ୍ରତି ତା'ର କର୍ତ୍ତବ୍ୟ କରିଥିଲେ ଆଜି ରୁଷ୍ ଏଭଳି ଆକ୍ରମଣାତ୍ମକ ପଦକ୍ଷେପ ନେଇ ପାରି ନ ଥାନ୍ତା। ଏବେ ସେହି ଛଳନାର ମୁଖା ପିନ୍ଧି ୟୁରୋପୀୟ ସଂଘ, ଆମେରିକା ଓ ବ୍ରିଟେନ ରୁଷିଆ ଉପରେ କଠୋର କଟକଣା ଜାରି କରି ସାରିଛନ୍ତି ବୋଲି କହୁଛନ୍ତି। ସେମାନେ ଯଦି କଠୋର କଟକଣା କରି ଥାଆନ୍ତେ ତେବେ ରୁଷ୍ ଆଜି ୟୁକ୍ରେନର ପରମାଣୁ କେନ୍ଦ୍ର ଉପରେ ରକେଟ ମାଡ଼ କରି ନ ଥାଆନ୍ତା। ଆମେରିକା କଂଗ୍ରେସର ଉଭୟ ଗୃହ ରୁଷିଆକୁ ଆତଙ୍କବାଦୀ ରାଷ୍ଟ୍ର ତାଲିକାରେ ରଖିବା ପାଇଁ ପରରାଷ୍ଟ୍ର ସଚିବ ଆଣ୍ଟୋନୀ ବ୍ଲିଙ୍କେନଙ୍କୁ ଅନୁରୋଧ କରିଥିଲେ ହେଁ ସେ ମନା କରି ଦେଇଥିଲେ। ଆତଙ୍କବାଦକୁ ଭାରତ ବ୍ୟତୀତ କୌଣସି ରାଷ୍ଟ୍ର ରୋକ୍ଠୋକ୍ ଜବାବ ଦେଇପାରୁ ନାହାନ୍ତି। କାରଣ ୟୁ ର ୪ ସଦସ୍ୟ ଲିଥୁଆନିଆ, ଲାଟ୍ଭିଆ, ଏଷ୍ଟୋନିଆ ଏବଂ ପୋଲାଣ୍ଡ ରୁଷିଆକୁ ଆତଙ୍କବାଦୀଙ୍କ ପୃଷ୍ଠପୋଷକ ରାଷ୍ଟ୍ର ବୋଲି ଘୋଷଣା କରିଛନ୍ତି। ଏ ଛଳନାର ମୁଖା କେତେଦିନ?

**ସୟଦପୁର, ଯାଜପୁର**

# ଚାରଣଭୂମି ଓ ଚାରା ସଙ୍କଟ



ଈପ୍ସିତା ମହାନ୍ତି

ନିକଟରେ ପଶୁଖାଦ୍ୟ (ଚାରା) ଅଭାବ ଏବଂ ଲାମ୍ପି ନାମକ ଚର୍ମରୋଗ ଦ୍ୱାରା ଦେଶର ପ୍ରାୟ ୧୫ଟି ରାଜ୍ୟର ୨୦ଲକ୍ଷରୁ ଊର୍ଦ୍ଧ୍ୱ ପ୍ରାଣୀ ପ୍ରଭାବିତ ହୋଇଥିଲେ। ଏହି ରୋଗରେ ଲକ୍ଷାଧିକ ଗୋରୁଙ୍କ ଜୀବନ ଯାଇଛି। ଏହି ଦୁଇ କାରଣରୁ ବିଭିନ୍ନ ରାଜ୍ୟର ପଶୁପାଳକ ତଥା ଗୋପାଳକମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବିଭିନ୍ନ କାରଣରୁ ଦେଶରେ ଆଜି ଜ୍ୱାର, ସୋୟାବିନ ଏବଂ ବାଜରା ପରି ସବୁଜ ପଶୁଖାଦ୍ୟର ଅଭାବ ଦେଖାଦେଇଛି।

ଚଳିତ ବର୍ଷ ପଶୁଖାଦ୍ୟ ଜନିତ ଶସ୍ୟ ଉତ୍ପାଦନ ହ୍ରାସ ପାଇଛି। ରାଜସ୍ଥାନରେ ବାଜରା ଫସଲ କ୍ଷତିଗ୍ରସ୍ତ ହୋଇଛି। ସମ୍ପ୍ରତି ଦେଶରେ ଯନ୍ତ୍ର ଦ୍ୱାରା ଧାନ, ଗହମ ଆଦି ଫସଲ ଅମଳ ହେଉଥିବାରୁ ପୂର୍ବଭଳି ଆବଶ୍ୟକ ପରିମାଣର ନଡ଼ା କିମ୍ବା ଛଣ ମିଳୁନାହିଁ। କୃଷିକ୍ଷେତ୍ରରେ ଫସଲର ଯେଉଁ ଅବଶିଷ୍ଟାଂଶ ରହୁଛି କୃଷକମାନେ ତାହାକୁ ଜାଳି ଦେଉଛନ୍ତି। ସେଥିପାଇଁ ବାୟୁ ପ୍ରଦୂଷଣ ବଢୁଛି। ପୂର୍ବରୁ ଦୁଇଶହ ଟଙ୍କାରେ ଯେତିକି ନଡ଼ା ମିଳୁଥିଲା ବର୍ତ୍ତମାନ ସେତିକି ନଡ଼ା ପାଇଁ ୭ଶହ ରୁ ୮ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ପଶୁଖାଦ୍ୟର ମୂଲ୍ୟ ବୃଦ୍ଧି ହେତୁ ଦୁଗ୍ଧ ତଥା ଦୁଗ୍ଧଜାତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ପାଉଛି। ରାଜସ୍ଥାନ, ଗୁଜରାଟ, ହରିୟାଣା ଏବଂ ପଞ୍ଜାବରେ ଅଧିକ ଗୋଜାତୀୟ ପଶୁ ରହିଥିଲେ ବି ସେଠାରେ ପଶୁଖାଦ୍ୟର ଉପଲବ୍ଧତା ଆଶାଜନକ ନୁହେଁ।

ଭାରତୀୟ ଚାରଣଭୂମି ଓ ଚାରା ଅନୁସନ୍ଧାନ ସଂସ୍ଥାନ (ଇଣ୍ଡିଆନ ଗ୍ରାସ୍ଲ୍ୟାଣ୍ଡ ଏବଂ ଫୋଡର ରିସର୍ଚ୍ଚ ଇନ୍ଷ୍ଟିଚ୍ୟୁଟ୍), ଝାନ୍ସୀର ନିର୍ଦ୍ଦେଶକ ଅମରେଶ ଚନ୍ଦ୍ରଙ୍କ ମତରେ ଦେଶରେ ସବୁଜ ଚାରା ୧୨ରୁ ୧୫ ପ୍ରତିଶତ ଏବଂ ଶୁଖିଲା ଚାରାର ଉପଲବ୍ଧତା ୨୫ରୁ ୨୬ ପ୍ରତିଶତ ହ୍ରାସ ଘଟିଛି। ଚାଷଜମି ସଙ୍କୁଚିତ ହୋଇ ଚାଲିଥିବାରୁ ପର୍ଯ୍ୟାପ୍ତ ଚାରା ଲଗାଇବା ପାଇଁ ଚାଷୀଙ୍କ ପାଖରେ ଜମିର ଅଭାବ ରହିଛି। ପ୍ରକୃତରେ ଏଥିପାଇଁ ୧୫ ପ୍ରତିଶତ ଚାଷଜମିର ଆବଶ୍ୟକତା ଥିବାବେଳେ ବର୍ତ୍ତମାନ କେବଳ ୪ ପ୍ରତିଶତ ଜମିରେ ଚାରା ଚାଷ ହେଉଛି। ପୂର୍ବରୁ ଗୋଜାତୀୟ ପଶୁ ଗୋଚର ବା ପତିତ ଜମି, ପୋଖରୀ, ନଦୀ ଆଦି ଜଳାଶୟ କୂଳସ୍ଥ ଚାରଣଭୂମିରେ ଚରୁଥିଲେ। ବର୍ତ୍ତମାନ ଅନେକ ଜଳାଶୟ ନିଶ୍ଚିହ୍ନ ହୋଇସାରିଲାଣି। ଯାହା ରହିଛି ତାହା ନିକଟସ୍ଥ ଚାରଣଭୂମି ଆଜି ଅଦୃଶ୍ୟ ପ୍ରାୟ। ନଦୀକୂଳରେ ବିସ୍ତୀର୍ଣ୍ଣ ଚାରଣଭୂମି ଆଉ ଦେଖିବାକୁ ମିଳୁନାହିଁ। ଅନେକ ରାଜ୍ୟରେ ଗୋରୁ ଚରାଇବା କାର୍ଯ୍ୟ ପ୍ରାୟ ଲୁପ୍ତ ହୋଇଗଲାଣି। ଚକବନ୍ଦୀ ବା ଭୂବନ୍ଦୋବସ୍ତ (ସେଟେଲମେଣ୍ଟ) ସମୟରେ ଗ୍ରାମଗୁଡ଼ିକରେ ଚାରଣଭୂମି ନିର୍ମାଣ କରାଯାଇ ପାରିଥାନ୍ତା, କିନ୍ତୁ ତାହା ହୋଇପାରି ନାହିଁ।

୨ ବର୍ଷ ପୂର୍ବେ ପଶୁଖାଦ୍ୟର ସମ୍ଭାବ୍ୟ ସଙ୍କଟକୁ ଅନୁମାନକରି ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ପ୍ରାୟ ୧ଶହ କୃଷକ ଉତ୍ପାଦକ ସଂଗଠନ ଗଠନ ସହ ପଞ୍ଜୀକରଣ ପାଇଁ ପ୍ରସ୍ତୁତି ଚଳାଇଥିଲା। ୨୦୧୯-୨୦ ବଜେଟରେ ୧୦ ହଜାର କୃଷକ ଉତ୍ପାଦକ ସଙ୍ଗଠନ ଗଠନ ପାଇଁ ପ୍ରସ୍ତାବ ଦିଆଗଲା। ସଂସଦର ଉଭୟ ସଦନରେ ବହୁବାର ଆଲୋଚନା ସତ୍ତ୍ୱେ ଏ ଦିଗରେ କୌଣସି କାର୍ଯ୍ୟ ହୋଇନାହିଁ। ଆଶଙ୍କା



ରହିଛି ୨୦୨୫ ସୁଦ୍ଧା ୩୮ ପ୍ରତିଶତ ସବୁଜ ଏବଂ ୪୦ ପ୍ରତିଶତ ଶୁଖିଲା ପଶୁଖାଦ୍ୟ ହ୍ରାସ ପାଇବ। ଦାନା ମିଶ୍ରିତ ଚାରାର ମାତ୍ରା ମଧ୍ୟ ୩୮ ପ୍ରତିଶତ ହ୍ରାସ ଘଟିବ। ଏହି ସ୍ଥିତି ପଶୁପାଳକଙ୍କ ସହ ପଶୁଧନ ପାଇଁ ସମସ୍ୟା ସୃଷ୍ଟି କରିବ। କେତେକ ରାଜ୍ୟର ଭୁଲ୍ ନୀତି ଯୋଗୁ ପଶୁପାଳନ ବାଧାପ୍ରାପ୍ତ। ଲୋକେ ଦୁଗ୍ଧ ପାଇଁ ମାଈ ବାଛୁରୀର ଯତ୍ନ ଯଦିଓ ନେଉଛନ୍ତି କିନ୍ତୁ ଅଣ୍ଡିରା ବାଛୁରୀକୁ ବଳଦ କରିବା ପାଇଁ ଖୁଆଇ ପିଆଇ ପାଳିବାକୁ ଅଯଥା ସମ୍ବଳ ଓ ସମୟର ଅପଚୟ ବୋଲି ଭାବିନେଲେଣି। ଏଥିଯୋଗୁ ଗୋଟିଏ ପଟେ ଶହଶହ ଅଣ୍ଡିରା ବାଛୁରୀ ଷଣ୍ଢ ହୋଇ ବୁଲୁଛନ୍ତି, ଅନ୍ୟପଟେ ଗୋଖାଦ୍ୟ ବା ଚାରା ଉତ୍ପାଦନ ପାଇଁ କୃଷକମାନଙ୍କର ଆଗ୍ରହ କମିଛି। ବୁଲା ପଶୁଙ୍କ ଉପରେ କୌଣସି ଠୋସ୍ ନୀତିନିୟମ ବା କଟକଣା ନ ଥିବାରୁ ଚାଷୀଙ୍କ ଯନ୍ତ୍ରଣା ଆଜି ଦ୍ୱିଗୁଣିତ ହୋଇଛି।

ଜାନୁୟାରୀ ୨୦୨୦ରେ ପ୍ରକାଶିତ ବିଂଶତମ ପ୍ରାଣୀଗଣନା ଅନୁଯାୟୀ ଭାରତରେ ୫୦ଲକ୍ଷରୁ ଊର୍ଦ୍ଧ୍ୱ ବୁଲାଗୋରୁ ରହିଛନ୍ତି। ଗୋଜାତୀୟ ପଶୁ ବିକ୍ରି ଏବଂ ସେମାନଙ୍କ ପରିବହନ ଉପରେ ନିଷେଧାଦେଶ ହେତୁ ଅନୁପଯୋଗୀ ପଶୁମାନଙ୍କୁ କୃଷକମାନେ ବାହାରେ ଖୋଲାମେଲାରେ ଛାଡ଼ି ଦେଉଛନ୍ତି। ଏମାନେ କୃଷିକ୍ଷେତ୍ରରେ ପଶି ଚରିବୁଲି ଫସଲ ନଷ୍ଟ କରୁଛନ୍ତି। ଏମାନଙ୍କୁ କୃଷକମାନେ ବସତି ଅଞ୍ଚଳରୁ ଘଉଡ଼ାଇବା ଆରମ୍ଭ କରିଛନ୍ତି। ଏଥିପାଇଁ ଏମାନେ ଏବେ ରାଜପଥ ମୁହାଁ ହୋଇଛନ୍ତି। ଯାହା ଉଭୟ ପଶୁ ଏବଂ ମଣିଷଙ୍କ ପାଇଁ ବିପଦ ସୃଷ୍ଟି କରିଛି। ସଡ଼କ ଦୁର୍ଘଟଣା ବୃଦ୍ଧି ଘଟିବାର ଏହା ଏକ ପ୍ରମୁଖ କାରଣ। ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଏହାର ସମାଧାନ କରିପାରିବେ। ଗୋଟିଏ କିମ୍ବା ଏକାଧିକ ଗ୍ରାମପଞ୍ଚାୟତ ପାଇଁ କାଞ୍ଜିଆହୁଦା ବଦଳରେ ଗୋଶାଳା ପ୍ରତିଷ୍ଠା କରି ସେଠାରେ ବୁଲା ଗୋରୁଙ୍କ ଉପଯୁକ୍ତ ରକ୍ଷଣାବେକ୍ଷଣ କରିହେବ। ବୁଲାଗୋରୁଙ୍କ ମାଲିକମାନଙ୍କୁ ଅର୍ଥଦଣ୍ଡ (ଜରିମାନା) କରାଗଲେ ରାଜକୋଷକୁ ଅର୍ଥ ଆସିବ ଏବଂ ସେମାନେ ସଜାଗ ରହିବେ। ଦାବିଦାରନଥିବା ଗାଈକୁ ଭୂମିହୀନ ଗରିବ କୃଷକଙ୍କ ମଧ୍ୟରେ ବଣ୍ଟନ ସହ ପ୍ରୋତ୍ସାହନ ରାଶି ପ୍ରଦାନ କଲେ ସେମାନେ ଆତ୍ମନିର୍ଭର ହୋଇପାରିବେ।

ପଶୁଧନ ହ୍ରାସ ହେତୁ ଆଜି ଚମଡ଼ା ଶିଳ୍ପ ବିପଦ ମୁଖରେ। ହାଡ଼ରୁ ପ୍ରସ୍ତୁତ ସାରର ଅଭାବ ବୃଦ୍ଧି ପାଇଛି। ଗୋବରର ଅଭାବ ହେତୁ ପର୍ଯ୍ୟାପ୍ତ ସ୍ୱଦେଶୀ ଜୈବିକ ଖତ ଉପଲବ୍ଧ ହୋଇପାରୁନାହିଁ। ଏହା ଚାଷୀଙ୍କ ସାମ୍ନାରେ ଅନ୍ୟ ଏକ ସମସ୍ୟା ସୃଷ୍ଟି କରିଛି। ଗୋବରଖତ ବିନା କ୍ଷେତଗୁଡିକ ବନ୍ଧ୍ୟା ହେବାରେ ଲାଗିଛି। ଗୋବର ବିନା କମ୍ପୋଷ୍ଟ ତିଆରି ଅସମ୍ଭବ। ଆଗକୁ କେବଳ ରାସାୟନିକ ସାରର ଶକ୍ତି ଉପରେ ନିର୍ଭରକରି ଚାଷ କରିବା ଉଭୟ ପରିବେଶ ଓ ଚାଷୀମାନଙ୍କ ପାଇଁ ଲାଭଦାୟକ ହେବନାହିଁ।

ପ୍ରାଣୀଧନକୁ ବଞ୍ଚାଇ ରଖିବା ପାଇଁ ପ୍ରଥମେ ସେମାନଙ୍କର କିଣାବିକାକୁ ନିୟନ୍ତ୍ରଣ ମୁକ୍ତ କରିବାକୁ ପଡ଼ିବ। ସେମାନଙ୍କ ପାଇଁ ଚାରଣଭୂମିର ବ୍ୟବସ୍ଥା କରିବାକୁ ହେବ। ଏହାଦ୍ୱାରା କେବଳ ପଶୁଖାଦ୍ୟ ନୁହେଁ ମନୁଷ୍ୟଙ୍କ ଖାଦ୍ୟ ସମସ୍ୟାରେ ମଧ୍ୟ ଅନେକାଂଶରେ ସୁଧାର ଆସିବ। ଦୁନିଆ ଅନାହାରର ଯେଉଁ ଜଟିଳ ସମସ୍ୟାରେ ଛନ୍ଦିହେବାକୁ ଯାଉଛି ସେଥିରୁ ମଧ୍ୟ ମୁକ୍ତି ମିଳିବ।

**ବୈପାରିଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**

## ଏଇ ଭାରତରେ

ଉତ୍ତରଭାରତରେ ଗହମ ଓ ଧାନ ଖୁଣ୍ଟା ପୋଡ଼ି ଯୋଗୁ ବାୟୁ ପ୍ରଦୂଷଣ ହେଉଛି ଓ ସ୍ୱାସ୍ଥ୍ୟକୁ ଅତ୍ୟଧିକ ପ୍ରଭାବିତ କରୁଛି। ଏହାକୁ ରୋକିବା ଲାଗି ସରକାରଙ୍କ ପ୍ରୟାସରେ ଆଖିଦୃଶିଆ ସଫଳତା ମିଳିପାରୁ ନ ଥିବାବେଳେ ଖୁଣ୍ଟାରୁ ଇଟା ତିଆରି କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି ତରୁଣ ଜାମି। ବିଶାଖାପଟନମ୍ ନିବାସୀ ତରୁଣ ପେସାରେ ଜଣେ ସିଭିଲ ଇଞ୍ଜିନିୟର। ସେ ୨୦୧୭ରେ ଗ୍ରୀନ୍ ଜାମ୍ କମ୍ପାନୀ ପ୍ରତିଷ୍ଠା କରି ସେଠାରେ ଏହି ଇଟା ଉତ୍ପାଦନ କରୁଛନ୍ତି। ଫଳରେ ବାୟୁମଣ୍ଡଳରୁ କାର୍ବନ ନିର୍ଗମନ କମ୍ କରାଯାଇପାରୁଛି। ଏଗ୍ରିକଲ୍ଚର ୱେଷ୍ଟ (କୃଷି ବର୍ଜ୍ୟ) ଏବଂ କିଛି ଶିଳ୍ପରୁ ବାହାରୁଥିବା ଅବଶେଷାଂଶକୁ ମିଶାଇ ଏହି କମ୍ପାନୀ ଆଗ୍ରୋକ୍ରିଟ୍ ସୃଷ୍ଟି କରୁଛି। ଏହା କଂକ୍ରିଟର ବିକଳ୍ପ ହୋଇପାରିଛି। ଏହାକୁ ବ୍ୟବହାର କଲେ ନିର୍ମାଣ ମୂଲ୍ୟ ଅଧା କମିଯାଉଛି। ତରୁଣଙ୍କ ଦ୍ୱାରା ପ୍ରସ୍ତୁତ ଇଟା ପାରମ୍ପରିକ ଇଟାଠାରୁ ୩୦% ହାଲୁକା ହେଉଛି। ପରିବେଶ ଯାହା କ୍ଷତି ହୋଇଛି ତାହାକୁ ଭରଣା କରି ପରିସଂସ୍ଥାର ପୁନର୍ଗଠନ କରିବା ହିଁ ମାନବ ପାଇଁ କଲ୍ୟାଣକର ହେବ ବୋଲି କହନ୍ତି ତରୁଣ। ପରିବେଶ ଉପରେ ଆମ ଜୀବନଶୈଳୀର କ'ଣ ପ୍ରଭାବ ରହିଛି ସେ ସମ୍ପର୍କରେ ଚିନ୍ତା କରି ଏଭଳି କିଛି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ସେ ଆଗାମୀ ପିଢିଙ୍କୁ ଆହ୍ୱାନ ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ନଭେମ୍ବର ୧୯୯୭

- ସୁପ୍ରିମ୍କୋର୍ଟକୁ ସେନା ସହାୟତା ଦେବା ପାଇଁ ପାକିସ୍ତାନ ରାଷ୍ଟ୍ରପତି ଫାରୁକ ଅହମ୍ମଦ ଖାଁ ଲେଘାରୀ ଦେଇଥିବା ଆଦେଶକୁ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍ଙ୍କ ପ୍ରତ୍ୟାଖ୍ୟାନ।
- ଗୋଖାଦ୍ୟ ଦୁର୍ନୀତିର ଏକ ଷଡ଼ଯନ୍ତ୍ର ଦିଗକୁ ନେଇ ହୋଇଥିବା ମାମଲାରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ଜାମିନ ପ୍ରଦାନ।
- ଚଳଚ୍ଚିତ୍ରର ଶୁଟିଂ ସମୟରେ ଏକ ଚଳନ୍ତା ରେଳଗାଡ଼ିକୁ ଅଟକାଇବା ଘଟଣାରେ ଅଭିନେତା ଶତିଶ ଶାହଙ୍କ ବିରୁଦ୍ଧରେ ଗିରଫ ପରୱାନା ଜାରି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | 9 | | 1 |
| 2 | | | | | 8 | | | 4 |
| 6 | | 4 | | | | | | |
| | | | | | 4 | | 1 | |
| | | 9 | 5 | | | | | 2 |
| | | | 2 | | | 3 | 4 | |
| 3 | 4 | | | | 9 | 7 | 5 | |
| 9 | 1 | 6 | | | | | | |
| | 7 | | 8 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 3 | 4 | 6 | 1 | 8 | 7 | 9 |
| 1 | 7 | 6 | 9 | 8 | 5 | 4 | 3 | 2 |
| 8 | 9 | 4 | 2 | 3 | 7 | 5 | 1 | 6 |
| 6 | 1 | 2 | 3 | 7 | 8 | 9 | 5 | 4 |
| 5 | 8 | 7 | 6 | 4 | 9 | 3 | 2 | 1 |
| 3 | 4 | 9 | 1 | 5 | 2 | 6 | 8 | 7 |
| 7 | 2 | 5 | 8 | 9 | 4 | 1 | 6 | 3 |
| 9 | 6 | 1 | 5 | 2 | 3 | 7 | 4 | 8 |
| 4 | 3 | 8 | 7 | 1 | 6 | 2 | 9 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପାଠ୍ୟକ୍ରମରେ ପହଁରା ଶିକ୍ଷା ରହୁ

ମହାଶୟ,

ମାନବ ସଭ୍ୟତା ନିଜର ଆବଶ୍ୟକତା ପାଇଁ ପିଢ଼ି ପରେ ପିଢ଼ି ପହଁରାଶିକ୍ଷାକୁ ଆପଣେଇ ନେଉଥିଲା। ଯୁଗ ବଦଳିବା ସଙ୍ଗେ ସଙ୍ଗେ ଆଧୁନିକ ସଭ୍ୟତାର ଛାଟ ଆସିଯିବା ପରେ ପରେ ସଭିଙ୍କ ପାଇଁ ଆଉ ପହଁରାଶିକ୍ଷା ଆବଶ୍ୟକ ପଡୁନାହିଁ। ଏହା ଯଦିଓ ସତ, ହେଲେ ବିପଦ ବେଳେ ବୁଦ୍ଧି ଗୁଡୁମ ହୋଇଯାଉଛି। ପ୍ରତିବର୍ଷ ନଦୀ, ସମୁଦ୍ର ଓ ଜଳଶ୍ରୋତମାନଙ୍କରେ ଅନେକ ଲୋକ ଜୀବନ ହାରୁଛନ୍ତି। ଅନେକ ପର୍ଯ୍ୟଟକ ମୃତ୍ୟୁବରଣ କରୁଛନ୍ତି। ସେଲ୍ଫି ନବାବାଲା ବି ବାଦ୍ ପଡୁନାହାନ୍ତି। ପହଁରା ବିଷୟରେ କିଛି କୌଶଳ ଜାଣିଥିବା ଲୋକ ହିଁ ବିପଦ ବେଳେ ଜୀବନ ରକ୍ଷା କରିପାରୁଛନ୍ତି। ଏଭଳି ପରିସ୍ଥିତିରେ ବିଦ୍ୟାଳୟ ପାଠ୍ୟକ୍ରମରେ ପହଁରା ଶିକ୍ଷାକୁ ଏକ ବିଷୟବସ୍ତୁ ଭାବେ ସାମିଲ କରାଗଲେ ଭଲ ହୁଅନ୍ତା। ସମ୍ପ୍ରତି ରାଜ୍ୟ ଆପଦ ମିତ୍ର ତାଲିମ ବିପର୍ଯ୍ୟୟ ପରିଚାଳନାର ଏକ ତାରବାଡ଼ ସଦୃଶ। ହେଲେ ଦିନକୁ ଦିନ ପହଁରା ଶିଖିଥିବା ଲୋକ ସରି ସରି ଆସିବା ଚିନ୍ତାଜନକ ବିଷୟ।

**ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦୁଃଖ ତା'ର ତାରାରାଜି
ଲଭି ମହା ଦୁଃଖ
ମଳିନ ତୁଷାରେ ପରା
ଆବରିଛି ମୁଖ।

-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଓଡ଼ିଶା ଜିଲା ଯୋଜନା କମିଟି (ସଂଶୋଧନ) ବିଲ୍-୨୦୨୨ ବିଧାନସଭାରେ ଗୃହୀତ

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ମଙ୍ଗଳବାର ଓଡ଼ିଶା ଜିଲା ଯୋଜନା କମିଟି (ସଂଶୋଧନ) ବିଲ୍-୨୦୨୨ ବିଧାନସଭାର ଅନୁମୋଦନ ଲାଭ କରିଛି। ସଂଶୋଧିତ ବିଲ୍‌ରେ ଜିଲା ଯୋଜନା କମିଟିର ସଦସ୍ୟମାନଙ୍କୁ ଶୃଙ୍ଖଳିତ ଓ ଦାୟିତ୍ୱବାନ୍ କରିବା ଉଦ୍ଦେଶ୍ୟରେ ମୂଳ ଅଧିନିୟମର ଧାରା-୫ରେ ଥିବା ସଦସ୍ୟମାନଙ୍କ ଅପସାରଣ ବ୍ୟବସ୍ଥା ନିମିତ୍ତ ଉଦ୍ଦିଷ୍ଟ ୩ ଖଣ୍ଡ ସହିତ ଆଉ ଏକ ଖଣ୍ଡକୁ ଅନ୍ତର୍ଭୁକ୍ତ କରାଯାଇଛି। ଜିଲାସ୍ତରରେ, ପଞ୍ଚାୟତ ଓ ପୌର ପାଳିକାଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଯୋଜନାଗୁଡ଼ିକର ଏକତ୍ରୀକରଣ ଓ ଜିଲା ପାଇଁ ଉନ୍ନୟନ ଯୋଜନା ପ୍ରସ୍ତୁତ କରିବା ସକାଶେ ଜିଲାସ୍ତରରେ ଜିଲା ଯୋଜନା କମିଟି କରିବା ଲାଗି ସମ୍ବିଧାନର ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ବିଧାନମଣ୍ଡଳ ଓଡ଼ିଶା ଜିଲା ଯୋଜନା କମିଟି ରୁଲ-୧୯୯୮ ପ୍ରଣୟନ କରିଥିଲେ। ଉକ୍ତ ନିୟମର ଧାରା-୩ ଅନୁଯାୟୀ ପ୍ରତ୍ୟେକ ଜିଲାରେ ଗୋଟିଏ ଜିଲା ଯୋଜନା କମିଟି ଗଠନ ହେବାର ବ୍ୟବସ୍ଥା ରହିଛି। ଏହି ନିୟମର ଉପଧାରା-୩ ଅନୁଯାୟୀ ସର୍ବନିମ୍ନ ୮୦ ପ୍ରତିଶତ ସଭ୍ୟ ଜିଲା ପରିଷଦର ସଭ୍ୟ ଏବଂ ଜିଲାର ମ୍ୟୁନିସିପାଲିଟିଗୁଡ଼ିକରୁ ନିର୍ବାଚିତ ହେବାର ବ୍ୟବସ୍ଥା ରହିଛି। ସଭ୍ୟମାନେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଜନସଂଖ୍ୟା ଅନୁପାତରେ ନିର୍ବାଚିତ ହେବେ। ୨୦୧୮ ଓଡ଼ିଶା ଅଧିନିୟମ ୧୫ ଏବଂ ଓଡ଼ିଶା ଅଧିନିୟମ ୧୬ ଦ୍ୱାରା ସଂଶୋଧିତ ଯଥାକ୍ରମେ ପୌର ପରିଷଦ ନିୟମ ୧୯୫୦ ଏବଂ ଓଡ଼ିଶା ମହାନଗର ନିୟମ ୨୦୦୩ ଅନୁଯାୟୀ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷମାନେ କାଉନ୍‌ସିଲର ଏବଂ କର୍ପୋରେଟରମାନଙ୍କ ମଧ୍ୟରୁ ନିର୍ବାଚିତ ହେବା ପରିବର୍ତ୍ତେ ସିଧାସଳଖ ନିର୍ବାଚିତ ହେଉଛନ୍ତି। ମ୍ୟୁନିସିପାଲିଟିର ଅଧ୍ୟକ୍ଷ ଏବଂ ମହାନଗର ନିଗମର ମେୟରଙ୍କୁ ଜିଲା ଯୋଜନା କମିଟିର ସଭ୍ୟ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ପ୍ରସ୍ତାବ ରହିଛି।

## ୧ରୁ ପୂର୍ବାହ୍ନ ୯ରୁ ସନ୍ଧ୍ୟା ୫ ଯାଏ କ୍ୟାପିଟାଲ ହସ୍ପିଟାଲ ଓପିଡି ଖୋଲା

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ): ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ କ୍ୟାପିଟାଲ ହସ୍ପିଟାଲ ବହିର୍ବିଭାଗ (ଓପିଡି) ସମୟ ପରିବର୍ତ୍ତନ ହୋଇଛି। ଡିସେମ୍ବର ୧ରୁ ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କ୍ୟାପିଟାଲ ହସ୍ପିଟାଲର ଓପିଡି ଖୋଲା ରହିବ। ତେବେ ଅପରାହ୍ନ ୧ଟାରୁ ୨ଟା ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ପାଇଁ ବନ୍ଦ ରହିବ। ଏଥିଲାଗି ପଞ୍ଜୀକରଣ କାଉଣ୍ଟର ସକାଳ ୮ଟା ୩୦ରୁ ଅପରାହ୍ନ ୧୨ଟା ୩୦ ଏବଂ ଅପରାହ୍ନ ୧ଟା ୩୦ରୁ ୪ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଖୋଲା ରହିବ। ଏହି ସୁବିଧା ସପ୍ତାହର ସବୁଦିନ ଉପଲବ୍ଧ ହେବ ବୋଲି କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି।

# ମାତୃ ମୃତ୍ୟୁହାର ହ୍ରାସରେ ଓଡ଼ିଶା ଦ୍ୱିତୀୟ

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

ମାତୃ ମୃତ୍ୟୁହାର ହ୍ରାସରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ଏସ୍ଆର୍ଏସ୍ ଏମ୍ଏମ୍ଆର୍ ବୁଲେଟିନ୍ ତଥ୍ୟରୁ ଏହି ସୂଚନା ମିଳିଛି। ୨୦୧୫-୧୭ରେ ଓଡ଼ିଶାରେ ପ୍ରତି ଲକ୍ଷରେ ମାତୃ ମୃତ୍ୟୁହାର ୧୬୮ ପଏଣ୍ଟ ଥିବାବେଳେ ୨୦୧୮-୨୦ରେ ୧୧୯ ହୋଇଛି। ଗତ ୩ ବର୍ଷରେ ଓଡ଼ିଶାରେ ମାତୃ ମୃତ୍ୟୁହାର ୪୯ ପଏଣ୍ଟ ହ୍ରାସ ପାଇଛି। ଜାତୀୟ ହ୍ରାସ ହାର ୨୫ ପଏଣ୍ଟ ଥିବାବେଳେ ଓଡ଼ିଶାରେ ହ୍ରାସ ହାର ୪୯ ପଏଣ୍ଟ ରହିଛି। ଦେଶରେ ୨୦୧୫-୧୭ରେ ମାତୃ ମୃତ୍ୟୁହାର ୧୨୨ ପଏଣ୍ଟ ଥିବାବେଳେ ୨୦୧୮-୨୦ରେ ୯୭ ପଏଣ୍ଟ ରହିଛି। ଏ ନେଇ ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଏସ୍ଆର୍ଏସ୍ ଏମ୍ଏମ୍ଆର୍ ବୁଲେଟିନ୍ ରିପୋର୍ଟ ଅନୁସାରେ, ମାତୃ ମୃତ୍ୟୁହାରରେ ୭୩ ପଏଣ୍ଟ ହ୍ରାସ ସହ ରାଜସ୍ଥାନ ପ୍ରଥମ ସ୍ଥାନରେ ଥିବାବେଳେ ୪୯ ପଏଣ୍ଟ ହ୍ରାସ ସହ ଦ୍ୱିତୀୟରେ ଓଡ଼ିଶା ଏବଂ ଉତ୍ତରପ୍ରଦେଶ ରହିଛନ୍ତି। ସେହିପରି ୪୭ ପଏଣ୍ଟ ହ୍ରାସ ସହ ବିହାର ତୃତୀୟ ସ୍ଥାନ ପାଇଛି। ଓଡ଼ିଶାର ସ୍ୱାସ୍ଥ୍ୟକର୍ମୀଙ୍କ ଉତ୍ସର୍ଗୀକୃତ ସେବା ମନୋଭାବକୁ ସ୍ୱାସ୍ଥ୍ୟ ବିଭାଗ ପ୍ରଶଂସା କରିଛି। ରାଜ୍ୟରେ ସବୁ ସ୍ତରରେ ଗୁଣବତ୍ତା ଚିକିତ୍ସା ସେବା ଯୋଗାଇଦେବାର ଉଦ୍ୟମ ଏହି ସଫଳତା ଦେଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ମହୁମାଛି ଆକ୍ରମଣରେ ବାଳକ ମୃତ

**ବଲାଙ୍ଗୀର ଅଫିସ, ୨୯।୧୧**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ରଜାମରା ଗ୍ରାମର ଗୌରୀଶଙ୍କର ରଣା(୧୩)ନାମକ ଜଣେ ବାଳକଙ୍କର ମହୁମାଛି ଆକ୍ରମଣରେ ମୃତ୍ୟୁ ଘଟିଛି। ସୋମବାର ଅପରାହ୍ଣରେ ଗୌରୀଶଙ୍କର ଅନ୍ୟ ଦୁଇଜଣ ସାଙ୍ଗଙ୍କ ସହ ତାଙ୍କ କ୍ଷେତ ପାଖକୁ ଯାଇଥିଲେ। ସେଠାରେ ଥିବା ଏକ ମହୁଲ ଗଛରେ ଥିବା ମହୁଫେଣା ଉପରକୁ ଢେଲା ମାରିଥିଲେ। ମହୁଫେଣାରେ ଢେଲା ବାଜିବା ପରେ ମହୁମାଛିମାନେ ସମ୍ପୃକ୍ତ ପିଲାମାନଙ୍କୁ ଆକ୍ରମଣ କରିଥିଲେ। ମହୁମାଛି ଆକ୍ରମଣରେ ଗୌରୀଶଙ୍କର ଗୁରୁତର ହୋଇପଡି ସେହି କ୍ଷେତରେ ପଡିରହିଥିଲେ। ତାଙ୍କର ଅନ୍ୟ ଦୁଇ ସାଙ୍ଗ ଅଳ୍ପ ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପରିବାର ଲୋକେ ଗୌରୀଶଙ୍କରଙ୍କୁ ସେଠାରୁ ଉଦ୍ଧାର କରି ପ୍ରଥମେ କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାକୁ ଆଣିଥିଲେ। ଅବସ୍ଥା ଉଦ୍‌ବେଗଜନକ ହେବାରୁ ଡାକ୍ତର ଗୌରୀଶଙ୍କରଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ସ୍ଥାନାନ୍ତର କରିଥିଲେ। ବଲାଙ୍ଗୀରରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୌରୀଶଙ୍କରଙ୍କ ମୃତ୍ୟୁରେ ତାଙ୍କ ମାତାପିତା, ପରିବାର ଲୋକେ ଭାଙ୍ଗି ପଡିଛନ୍ତି।


































ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୩୦ ନଭେମ୍ବର, ୨୦୨୨

**ଦୁର୍ଘଟଣା ଆହତଙ୍କୁ ଡାକ୍ତରଖାନା ନେଲେ ଯବାନ**

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲଠାରେ ଅବସ୍ଥାପିତ ସିଆରପିଏଫ ୧୮୯ ବ୍ୟାଟାଲିଆନ ଯବାନମାନେ ରାସ୍ତାରେ ଡ୍ୟୁଟି କରୁଥିବା ବେଳେ ଯୋଗୀମୁଣ୍ଡା-ପାଟଣାଗଡ ରାସ୍ତାର ବାଲିପଟା ନିକଟରେ ଗୁରୁତର ଅବସ୍ଥାରେ ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ। ସଡକ ଦୁର୍ଘଟଣାରେ ଆହତ ହୋଇଥିବା ଉକ୍ତ ବ୍ୟକ୍ତିଙ୍କୁ ପାଟଣାଗଡ ଡାକ୍ତରଖାନା ନେଇଥିଲେ। ଯବାନଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।



## ସଂକ୍ଷେପରେ

### ଆଗଲପୁର ବ୍ଲକ: ଧାନ ବିକିବେ ୭୬୫୭ ଚାଷୀ

**ଲୋଇସିଂହା,୨୯।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକର ୧୩ ପାକ୍ସ ଓ ଗୋଟିଏ ଏସ୍‌ଏଚ୍‌ଜି ଚଳିତ ବର୍ଷ ଖରିଫ ଧାନ କିଣିବେ। ଏଥିପାଇଁ ବ୍ଲକର ୭୬୫୭ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି। ଆଗଲପୁର ପାକ୍ସରେ ୭୧୫ଚାଷୀ, ବଡଟିକାରେ ୪୦୨, ବକଟିରେ ୩୧୭, ବେନ୍ଦ୍ରାରେ ୩୩୦, ଭରସୁଜାରେ ୬୭୫, ବୁଦୁଲାରେ ୧୦୬୯, ବୁରୋଭାଡିରେ ୨୯୪, ଡୁଡୁକାରେ ୫୧୯, ମୁରସୁଣ୍ଡିରେ ୫୨୨, ନଅଗାଁ ୭୫୪, ପଟୁଆପାଲିରେ ୭୦୮, ରୋତରେ ୮୨୩ ଓ ସାଲେଭଟା ପାକ୍ସରେ ୨୭୮ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଲୁହୁରାମୁଣ୍ଡାର ମା’ ଗୌରୀ ଏସ୍‌ଏଚ୍‌ଜି ଧାନ କିଣିବ। ଏଠାରେ ଧାନବିକ୍ରି ସକାଶେ ୨୫୧ଚାଷୀ ପଞ୍ଜୀକୃତ ହୋଇଛନ୍ତି।

### ଲୋଇସିଂହା ପଞ୍ଚାୟତରେ ଗ୍ରାମ ସଭା

**ଲୋଇସିଂହା,୨୯।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଦର ପଞ୍ଚାୟତ ପରିସରରେ ମଙ୍ଗଳବାର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନବକିଶୋର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପିଇଓ ପ୍ରେମାନନ୍ଦ ମହାଲିଙ୍ଗ, ଯୋଗାଣ ସହାୟକ ମାଧବ ଭୋଇ, ପଞ୍ଚାୟତ ପ୍ରତିନିଧି ଓ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଜବକାର୍ଡଧାରୀ ଶ୍ରମିକ ଓ ଜନସାଧାରଣ ଉପସ୍ଥିତ ଥିଲେ। ପଞ୍ଚାୟତ ପକ୍ଷରୁ ହୋଇଥିବା କେତେକ ଏମ୍‌ଜିଏନ୍‌ଆଇଆରଜିଏସ୍ କାମ ଓ ବିଭିନ୍ନ ସମସ୍ୟ ଉପରେ ଆଲୋଚନା କରାଯାଇଥିଲା। ପଞ୍ଚାୟତ ଅଧୀନ ରାଜସ୍ୱ ଗ୍ରାମ ସୁଜିଆରେ ଖାଲିଥିବା ଗୋଟିଏ ଗାଁ ସାଥୀ ପଦବୀ ପାଇଁ ପଲ୍ଲୀ ସଭାରେ ଗୋଟିଏ କଥା କହୁଥିବାବେଳେ ଗ୍ରାମସଭାରେ ମତ ପରିବର୍ତ୍ତନ କରିଥିଲେ ପିଇଓ ମହାଲିଙ୍ଗ। ଏହାକୁ ନେଇ ସଭାରେ ପଞ୍ଚାୟତ ପ୍ରତିନିଧି, ଅଧିକାରୀ ଓ ସୁଜିଆ ଗ୍ରାମବାସୀଙ୍କ ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା।

### ଆଠ ଦିନରେ ପହଞ୍ଚିଲା ଅଙ୍ଗନୱାଡି କର୍ମୀଙ୍କ ଧାରଣା

**ଦେଓଗାଁ,୨୯।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକର ଅଙ୍ଗନୱାଡି କର୍ମୀମାନେ ଗତ ୮ଦିନ ହେଲା ଧାରଣାରେ ବସିଛନ୍ତି। ଫଳରେ ସମସ୍ତ କେନ୍ଦ୍ରମାନଙ୍କରେ ପ୍ରିକ୍ଲାସ ବ୍ୟାହତ ହୋଇଛି। ଅଙ୍ଗନୱାଡି କର୍ମୀ ବ୍ଲକ ସଭାନେତ୍ରୀ ଲୋଭାବତୀ ପଧାନଙ୍କ ନେତୃତ୍ୱରେ କେନ୍ଦ୍ରମାନଙ୍କର କର୍ମୀ ଓ ସହାୟିକା ଧାରଣା ଦେଇଛନ୍ତି। ୨୦୧୮ମସିହାରୁ ବିଭାଗ ବହିଷ୍କାର କରିଥିବା ୬ଜଣ କର୍ମୀଙ୍କୁ ପୁନଃ ନିଯୁକ୍ତି, କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଅବା ୧୮ହଜାର ଦରମା ପ୍ରଦାନ, କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ ୫ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ ନିଯୁକ୍ତି ପ୍ରଦାନ ଆଦି ଦାବି ରହିଛି। ଦାବିଗୁଡିକ ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ଷ୍ଟ୍ରିଟଲାଇଟ ଲଗାଇବା ଦାବି କଲେ ଗ୍ରାମବାସୀ

**ଦେଓଗାଁ,୨୯।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ ମଧୁପୁରରେ ଷ୍ଟ୍ରିଟଲାଇଟ ଲଗାଇବା ପାଇଁ ଗ୍ରାମବାସୀ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ମାସେତଳେ ଡିଆରଡିଏ ପକ୍ଷରୁ ପ୍ରତି ପଞ୍ଚାୟତମାନଙ୍କର ଲାଇଟ ଆବଶ୍ୟକ ଥିବା ଗାଁରେ ୧୦ଟି ଲେଖାଏ ଷ୍ଟ୍ରିଟଲାଇଟ ଲଗାଇବା ପାଇଁ ନିର୍ଦ୍ଦେଶନାମା ହୋଇଥିଲା। ଏହିକ୍ରମରେ ଅର୍ଜୁନପୁର ପଞ୍ଚାୟତ ପାଇଁ ମଞ୍ଜୁର ହୋଇଥିବା ସମସ୍ତ ୧୦ଟି ଲାଇଟ ଧରୁଆପଡାରେ ଲଗାଯାଇଥିଲା। ହେଲେ ମଧୁପୁରରେ ଲାଇଟ ଲଗାଯାଇନାହିଁ। ଏଦିଗରେ ତୁରନ୍ତ ପଦକ୍ଷେପ ନେବାପାଇଁ ମଧୁପୁରର ୱାର୍ଡସଭ୍ୟ ଅନୁସୂୟା ମହାନନ୍ଦ, ଗୋପାଳ ପୋଢ଼, କୂଳମଣି ନାଗ, ଟଙ୍କଧର ସୁନା, ସାଗର ମାହାକୁର, ଆନନ୍ଦ ଖେଡି, ନକୁଳ ନାଗ ତଥା ଗ୍ରାମବାସୀ ଲିଖିତଭାବେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କୁ ପଚାରିବାରୁ ସେମାନେ ଅନେକ ଗାଁରେ ଏକତରଫା ଭାବେ ଲାଇଟ ଲଗାଇ ଦେଇଛନ୍ତି। ଏ ଦିଗରେ ପଦକ୍ଷେପ ନେବି ବୋଲି କହିଥିଲେ।

# ୨୦ ବର୍ଷ ପରେ ଚାଷୀଙ୍କ ସ୍ୱପ୍ନ ହେଲା ସାକାର

**ଭବାନୀପାଟଣା,୨୯।୧୧(ସ୍ୱ.ପ୍ର.)**

- ସିକଲିଯୋରର ହେଲା ପୁନରୁଦ୍ଧାର
- ଜଳମଗ୍ନ ଜମିରେ ଉଠିଲା ସୁନାର ଫସଲ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଙ୍ଗୁଡିସର ପଞ୍ଚାୟତରେ ଥିବା ସିକଲିଯୋର ଦୀର୍ଘ ୨୦ ବର୍ଷଧରି ପରିତ୍ୟକ୍ତ ଅବସ୍ଥାରେ ପୋତି ହୋଇ ରହିଥିଲା। ବର୍ଷା ସମୟରେ ଏହି ଯୋର ଚାଷୀଙ୍କ ପାଇଁ ଦାଉ ସାଧୁଥିଲା। ବର୍ଷା ପାଣି ସିକଲିଯୋରରେ ବଢିଗଲା। ପରେ କୂଳଲଘିଁ ସ୍ଥାନୀୟ ଚିଙ୍ଗୁଡିସର, ପରିଆ ଗାଁ, ମୁର୍ଲାପଦର, ପାଣିଗାଁ ଆଦି ୪ଟି ଗ୍ରାମର ପ୍ରାୟ ୪ ଶହ ଏକର ଚାଷ ଜମି ଜଳମଗ୍ନ ହେଉଥିଲା। ଯଦ୍ୱାରା ସେଠାକାର ଧାନ ଫସଲ ନଷ୍ଟ ହେଉଥିବାବେଳେ ଏପରି ସମସ୍ୟା ପାଇଁ ସେଠାକାର ଅନେକ ଚାଷୀ ବର୍ଷା ସମୟର ଖରିଫ ଚାଷ କାମରୁ କାମରୁ ନିବୃତ୍ତ ରହୁଥିଲେ। ଗତ ଏପ୍ରିଲରେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଚିଙ୍ଗୁଡିସର ପଞ୍ଚାୟତ ପରଦର୍ଶନ କରିବାକୁ ଯାଇଥିବା ସମୟରେ


ଜଳମଗ୍ନ ଜମିରେ ଏବେ ସୁନାର ଫସଲ ଉଠିଛି।

ଏହି ସମସ୍ୟା ବିଷୟରେ ସ୍ଥାନୀୟ ଚାଷୀଙ୍କଠାରୁ ଅବଗତ ହୋଇଥିଲେ। ଏହି ସମୟରେ ସେ ଚାଷୀଙ୍କୁ ସିକଲିଯୋରର ପୁନରୁଦ୍ଧାର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ବିଧାୟକ ପାଣ୍ଠିରୁ ସେ ୨ ଲକ୍ଷ ଟଙ୍କା ଅନୁଦାନ ଦେଇ ସିକଲିଯୋରର ପୁନରୁଦ୍ଧାର କାମ ଆରମ୍ଭ କରିଥିଲେ। ଫଳରେ ଚଳିତ ବର୍ଷା ଋତୁରେ ସିକଲିଯୋରରେ ଠିକ ଭାବେ ପାଣି ଯାଇ ଆଉ କୂଳ ଲଘିଁ ନ ଥିଲା। ଏହାଯୋଗୁ ସ୍ଥାନୀୟ ଚାଷୀଙ୍କ ଧାନ ଫସଲ ଏବେ ଖେତରେ ଲହଡା ମାରୁଥିବା ଦେଖିବାକୁ ମିଳିଛି। ଦୀର୍ଘ ୨୦ ବର୍ଷ ପରେ ଚାଷୀଙ୍କ ସ୍ୱପ୍ନ ସାକାର ହୋଇଥିବାରୁ ସ୍ଥାନୀୟ ଚାଷୀମାନେ ବିଧାୟକ ମିଶ୍ରଙ୍କୁ ସାଧୁବାଦ ଜଣାଇଛନ୍ତି। ସେହିପରି ସିକଲିଯୋରର ପୁନରୁଦ୍ଧାରରେ ସକ୍ରିୟ ସହଯୋଗ କରିଥିବା ଚିଙ୍ଗୁଡିସର ସରପଞ୍ଚ ଲୋପାମୁଦ୍ରା ବାଗ, ବିଜେଡି ଯୁବ ବ୍ଲକ ସଭାପତି ହିମାଂଶୁ ପୂଝାରୀ, ସାମାଜିକ କର୍ମୀ ଅରବିନ୍ଦ ବାଗଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି।

# ୯ ଦିନ ହେଲା ଭୋକିଲା ଶିଶୁ, ଗର୍ଭବତୀ ମା’


ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମୀ ଧାରଣାରେ ବସିଛନ୍ତି।

**ଟିଟିଲାଗଡ଼, ୨୯।୧୧(ଡି.ଏନ.ଏ)**

ନିଜ ହକ ଦାବିରେ ଗତ ୯ ଦିନ ଧରି ଟିଟିଲାଗଡ ବ୍ଲକର ଅଙ୍ଗନବାଡି କର୍ମୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏନେଇ ବ୍ଲକ ଅଞ୍ଚଳର ୨୧୭ଟି ଅଙ୍ଗନବାଡି କେନ୍ଦ୍ରରେ ତାଲା ପଡିଛି। କର୍ମୀମାନେ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଧାରଣାରେ ସାମିଲ ସଂଘର ଜିଲା ସମ୍ପାଦିକା ବିନୋଦିନୀ ପୁଟେଲ, ବ୍ଲକ ସଭାପତି ଆରାଧନା ମିଶ୍ର, ସମ୍ପାଦିକା ଲଚ୍ଛମନୀ ବାଗ ଅଭିଯୋଗ କରିଛନ୍ତି ଯେ, ବର୍ଷକ ୧୨ ମାସ ଧରି ଅଙ୍ଗନବାଡି କେନ୍ଦ୍ର ଖୋଲା ରହୁଛି। ସରକାରୀ ସ୍କୁଲରେ ନିୟମିତ ଦରମା ପାଉଥିବା ଶିକ୍ଷକଙ୍କ ଗ୍ରୀଷ୍ମକାଳିନ ଛୁଟି ରହିଛି। ହେଲେ ଟିଟିଲାଗଡ ବ୍ଲକର ଅଙ୍ଗନବାଡି କର୍ମୀଙ୍କୁ କିଛି ରିହାତି ନାହିଁ। ୬ ଟଙ୍କା ୬୭ ପଇସାରେ ଶିଶୁଙ୍କୁ ଜଳଖିଆ, ଅଣ୍ଡା ତରକାରି ସହ ମଧ୍ୟାହ୍ନ ଭୋଜନ ଦେବାକୁ ସରକାର ଯୋଜନା କରିଛନ୍ତି। ହେଲେ ଗୋଟିଏ ଅଣ୍ଡାର ଦର ବଜାରରେ ୬ ଟଙ୍କା ରହିଥିବା ବେଳେ ଶିଶୁଙ୍କୁ ସରକାର ଦେଉଥିବା ରାଶିରେ ପୃଷ୍ଟିକର ଭୋଜନ, ଜଳଖିଆ ଦେବା ସମ୍ଭବପର କି ବୋଲି ପ୍ରଶ୍ନ କରିଛନ୍ତି। ସେହିପରି ସରକାରଙ୍କ ଧାର୍ଯ୍ୟ ୯ ଟଙ୍କାରେ ଗର୍ଭବତୀଙ୍କୁ ପୃଷ୍ଟିକର ଖାଦ୍ୟ କିଭଳି ଦିଆଯାଇପାରିବ। ଏଥିପାଇଁ ଗାଁ ଲୋକଙ୍କଠାରୁ ଗାଳିମନ୍ଦ ଶୁଣିବାକୁ ପଡୁଛି। ୨୦୧୮ରେ ଆନ୍ଦୋଳନ ସମୟରେ ବହିଷ୍କୃତ କର୍ମୀଙ୍କୁ ପୁନଃ ନିଯୁକ୍ତି, ସରକାରୀ କର୍ମଚାରୀ ମାନ୍ୟତା ଆଦି ଦାବି କରାଯାଇଛି।

# ବନ୍ଧୁଙ୍କ ସ୍ତ୍ରୀ, ପିଲାଛୁଆ ଧରି ବନ୍ଧୁ ଫେରାର

**ବଲାଙ୍ଗୀର ଅଫିସ, ୨୯।୧୧**

**ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ସ୍ୱାମୀଙ୍କ ବିରୋଧରେ ମାମଲା ରୁଜୁ**

ବଲାଙ୍ଗୀର ସହରରେ ଏକ ପଳାୟନ ମାମଲା ଚର୍ଚ୍ଚାର ବିଷୟ ହୋଇଛି। ଜଣେ ବନ୍ଧୁଙ୍କ ସ୍ତ୍ରୀ ଓ ପିଲାଛୁଆ ଧରି ଅନ୍ୟଜଣେ ବନ୍ଧୁ ପଳାୟନ କରିବା ନେଇ ଟାଉନ୍ ଥାନାରେ ଅଭିଯୋଗ ହେବା ଘଟଣା ଏବେ ଆଲୋଚନାର ବିଷୟ ହୋଇଛି। ବଲାଙ୍ଗୀର ସହର ଖଦାଲପଡା ନିବାସୀ ବ୍ୟବସାୟୀ ବିକାଶ ଜୈନଙ୍କ ନାଁରେ ତାଙ୍କ ସ୍ତ୍ରୀ ଗୁରୁତର ଅଭିଯୋଗ କରିଛନ୍ତି। ନିଜ ସ୍ତ୍ରୀ, ପିଲାଛୁଆଙ୍କୁ ଛାଡି ଦେଇ ନିଜ ବନ୍ଧୁଙ୍କ ସ୍ତ୍ରୀ ଓ ପିଲାଛୁଆ ଧରି ସ୍ୱାମୀ ବିକାଶ କୁଆଡେ ଫେରାର ମାରିଥିବା ସେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଟାଉନ୍ ପୋଲିସ ଏକ ମାମଲା (୬୩୫/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବିକାଶଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସ୍ୱାମୀ ନିଜର ଜଣେ ବନ୍ଧୁଙ୍କ ସ୍ତ୍ରୀ ସହ ଅନୈତିକ ସମ୍ପର୍କ ରଖିଥିଲେ। ପ୍ରାୟ ୩/୪ ମାସ ପୂର୍ବେ ହଠାତ୍ ବନ୍ଧୁଙ୍କ ସ୍ତ୍ରୀ ଓ ତାଙ୍କର ପୁଅଝିଅଙ୍କୁ ଧରି କୁଆଡେ ଚାଲିଯାଇଥିଲେ। କିଛିଦିନ ପରେ ଘରକୁ ଫେରି ସ୍ତ୍ରୀଙ୍କୁ କୁଆଡେ କ୍ଷମା ମାଗିଥିଲେ। ତେବେ ଏହି ଘଟଣା ପରେ ସ୍ୱାମୀ କୁଆଡେ ତାଙ୍କୁ ଶାରୀରିକ ଏବଂ ମାନସିକ ଯନ୍ତ୍ରଣା ଦେଇଥିଲେ। ଅନେକ ସମୟରେ ମାରପିଟ୍ କରୁଥିଲେ। ଗତ ୨୩ ତାରିଖରେ ପୁଣି ଥରେ ତାଙ୍କ ସ୍ୱାମୀ ନିଜ ବନ୍ଧୁଙ୍କ ସ୍ତ୍ରୀ ଓ ଦୁଇ ପୁଅଝିଅଙ୍କୁ ଧରି କୁଆଡେ ପଳାଇ ଯାଇଥିବା ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ଘରୁ ଗଲାବେଳେ ୧୦ ଲକ୍ଷ ଟଙ୍କା ସହ ସ୍ତ୍ରୀଙ୍କ ସୁନାଗହଣା ସବୁ ନେଇ ଯାଇଥିବା ଅଭିଯୋଗ କରିଛନ୍ତି। ଟାଉନ୍ ଥାନାରେ ଏନେଇ ମାମଲା ରୁଜୁ କରିବା ପରେ ପୋଲିସ ଦଫା ୨୯୪, ୪୯୮ ଏ, ୪୯୪, ୩୨୩, ୫୦୬ ଏବଂ ୩୪ରେ ଏକ ମାମଲା (୬୩୫/୨୨)ରୁଜୁ ହୋଇଛି। ବିବାହର ୧୪ ବର୍ଷ ପରେ ନିଜ ସ୍ତ୍ରୀ, ପୁଅ ଓ ଝିଅକୁ ଛାଡି ବନ୍ଧୁଙ୍କ ସ୍ତ୍ରୀ, ପୁଅଝିଅ ଧରି ପଳାୟନ କରିବା ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ସଦର ଏସ୍‌ଡିପିଓ ତୋଫାନ ବାଗଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅଭିଯୁକ୍ତଙ୍କ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି ବୋଲି କହିଛନ୍ତି।

### ଧଣ୍ଡାମାଲ ପାକ୍ସ ଡିଇଓ ଚାକିରିରୁ ବହିଷ୍କୃତ

**ଦେଓଗାଁ,୨୯।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଧଣ୍ଡାମାଲ ପାକ୍ସର ଡିଇଓ ରାକେଶ ମିଶ୍ରଙ୍କୁ ଚାକିରୀରୁ ବହିଷ୍କାର କରାଯାଇଛି। ବନ୍ଧପଡା ପେକ୍ସରେ ଅର୍ଥ ଅନିୟମିତତା ଦର୍ଶାଇ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିବା ବଲାଙ୍ଗୀର ସମବାୟ ଉପନିବନ୍ଧକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ୨୦୨୦-୨୧ ଆର୍ଥିକ ବର୍ଷର ଖରିଫ ଋତୁରେ ଡିଇଓ ମିଶ୍ର ଧଣ୍ଡାମାଲ ଅଞ୍ଚଳର ଜମିଗୁଡିକୁ ବନ୍ଧପଡା ପାକ୍ସ ଅଧିନରେ ବେଆଇନ ଭାବେ ଫସଲ ବୀମା କରିଥିଲେ। ଏହା ବିଭାଗୀୟସ୍ତରରେ ଜଣାପଡିବା ପରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ କରୁଥିବା ଅଧିକାରୀମାନେ ଏହାର ସତ୍ୟତା ପାଇବା ପରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି ବୋଲି ଏଆରସିଏସ ପ୍ରଭାକର ନାଏକ ସୂଚନା ଦେଇଛନ୍ତି। ଡିଇଓ ମିଶ୍ର ଧଣ୍ଡାମାଲ ପାକ୍ସରେ କାର୍ଯ୍ୟରତ ସମୟରେ ଅନିୟମିତତା ଅଭିଯୋଗ ଆସିବାରୁ ତାଙ୍କୁ ସେଠାରୁ ହଟାଇ ବନ୍ଧପଡା ପାକ୍ସ ଦାୟୀତ୍ୱ ଦିଆଯାଇଥିଲା। ଏଆରସିଏସ ପ୍ରଭାକର ନାଏକଙ୍କୁ ପଚାରିବାରୁ ସମ୍ପୃକ୍ତ ଡିଇଓଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି। ବୋର୍ଡରୁ ବହିଷ୍କାର କରି ତାଙ୍କ ନାଁରେ ଏତଲା ଦେବାପାଇଁ ପାକ୍ସ ସଭାପତିଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି ବୋଲି କହିଥିଲେ।

### ବାଇକ୍ ଧକ୍କାରେ ପାଚିକା ଗୁରୁତର

**କୋକସରା,୨୯।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଅଲ ଓଡିଶା ଅଙ୍ଗନୱାଡ଼ି କର୍ମୀ ଓ ପାଚିକା ସହାୟିକାଙ୍କ ଆନ୍ଦୋଳନ ଜାରି ରହିଛି। ମଙ୍ଗଳବାର ଆନ୍ଦୋଳନରେ ଯୋଗଦେବାକୁ କୋକସରା ବ୍ଲକ ବଡ଼ପୋଡ଼ା ଅଙ୍ଗନୱାଡ଼ି କେନ୍ଦ୍ର ୨ର ପାଚିକା ପଦ୍ମା ଦେଈ (୫୫) ବସରୁ ଓହ୍ଲାଇ ରାସ୍ତା ପାର ହେଉଥିବା ବେଳେ ଏକ ବାଇକ ଧକ୍କା ଦେବାରୁ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ସାଥି ପାଚିକା ଓ ଅଙ୍ଗନୱାଡ଼ି କର୍ମୀମାନେ ତାଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ବ୍ଲକସ୍ତରୀୟ ରକ୍ତହୀନତା ଉପରେ କାର୍ଯ୍ୟକ୍ରମ

**ଖଡ଼ିଆଳ,୨୯।୧୧(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ନେହେନା ସେବାଶ୍ରମ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ରକ୍ତହିନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ମଙ୍ଗଳବାର ପ୍ରଥମ ଦିନରେ ନେହେନା ଆଶ୍ରମ ବିଦ୍ୟାଳୟର ୧୭୦ ଛାତ୍ରୀଙ୍କ ରକ୍ତ ପରୀକ୍ଷା କରାଯାଇଥିଲା। ବର୍ତ୍ତମାନ ଦେଶରେ ୬୦%ମହିଳାଙ୍କୁ ରକ୍ତ ହୀନତାର ସମସ୍ୟା ଦେଖାଦେଉଛି। ଫଳରେ ସେମାନେ ଭବିଷ୍ୟତରେ ରକ୍ତହିନତାର ଶିକାର ନ ହେବେ ସେ ନେଇ ସରକାର ପଦକ୍ଷେପ ନେଇଛନ୍ତି। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା କିଶୋରୀଙ୍କୁ ସ୍ୱତନ୍ତ୍ର ଭାବେ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନଙ୍କୁ ଆବଶ୍ୟକ ଔଷଧ ବଣ୍ଟନ ସହ ଡାକ୍ତର ପରାମର୍ଶ ଦେଇଥିଲେ। ଯେପରିକି ଆଗାମୀ ଦିନରେ ରକ୍ତ ହୀନତାର ଶିକାର ନ ହେବେ। କିଶୋରୀମାନେ ଅନେକ ସମସ୍ୟାକୁ କିପରି ନିଜ ଦୈନନ୍ଦିନ ଜୀବନରେ ସମାଧାନ କରିପାରିବେ ସେନେଇ ପରାମର୍ଶ ଦେଇଥିଲେ ଡ଼ ଆଦିତ୍ୟ ନାରାୟଣ ଯୋଶୀ। ଏହି ଶିବିରରେ ନୂଆପଡା ଏଡିଏମଓ ଗୋପାଳ ଚନ୍ଦ୍ର ମଲ୍ଲିକ, ଡ଼ ନିଶିଗନ୍ଧା ହୋତା, ବିପିଏମ ସରିତା ବାରିକ, ସିଏଚଓ ଭେଙ୍କେଟସ ଯାଦବ, ଏଏନଏମ ସୁନନ୍ଦା ସାଇମଣ୍ଡ, ବିଡିଏମ ନିଳମଣି ମେହେର, ନେହେନା ସ୍ୱାସ୍ଥ୍ୟ କର୍ମୀ ଅମିତ ସିଂଦେଓ ପ୍ରମୁଖ ଯୋଗଦେଇଥିଲେ। ନେହେନା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡା ଓ ସହକାରୀ ଶିକ୍ଷକ ମନୋଜ ହୋତାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଭାରତ ବନ୍ଦ ସମର୍ଥନରେ ଏନ୍‌ଏଚ୍ ଅବରୋଧ

**ଖଡ଼ିଆଳ,୨୯।୧୧(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ରାଷ୍ଟ୍ରୀୟ ପଛୁଆ ବର୍ଗ ଓବିସି ମୌଚ୍ଛା ପକ୍ଷରୁ ୮ ଦଫା ଦାବି ନେଇ ଭାରତ ବନ୍ଦକୁ ସମର୍ଥନ ଜଣାଇ ଖଡ଼ିଆଳ ଥାନା ଛକଠାରେ ଏକ ଘଣ୍ଟା ଜାତୀୟ ରାଜପଥ ଅବରୋଧ କରାଯାଇଛି। ପଛୁଆ ବର୍ଗ ସଙ୍ଗଠନ ନୂଆପଡା ଜିଲା ୩୫୩ ନମ୍ବର ଜାତୀୟ ରାଜପଥ ଏକ ଘଣ୍ଟା ବନ୍ଦ କରିଥିଲେ। ଫଳରେ ଜାତୀୟ ରାଜପଥରେ ଭାରି ଯାନ ଚଳାଚଳରେ ବ୍ୟାହତ ହୋଇଥିଲା। ଖଡ଼ିଆଳ ପୋଲିସ ଆନ୍ଦୋଳନସ୍ଥଳରୁ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲା। ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସାଭାବିକ ହୋଇଛି। ରାଷ୍ଟ୍ରୀୟ ପଛୁଆ ବର୍ଗ ଓବିସି ମୌଚ୍ଛା ନୂଆପଡା ଜିଲା ସଭାପତି ନିଧି ନାଏକ ନେତୃତ୍ୱ ନେଇଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର


କେନ୍ଦ୍ରମନ୍ତ୍ରୀଙ୍କ ସହ କଳାହାଣ୍ଡି ଏମପି।

**ନୂଆପଡ଼ା ଅଫିସ,୨୯।୧୧**

ବରଗଡ ଜିଲା ପଦ୍ମପୁର ଉପନିର୍ବାଚନ ପ୍ରଚାର ପାଇଁ କେନ୍ଦ୍ର ତଥା ରାଜ୍ୟର ହେବିୱେଟ ମନ୍ତ୍ରୀମାନେ ଫ୍ଲାଇଟ ଯୋଗେ ରାୟପୁର ଆସି, ସେଠାରୁ ଗାଡ଼ିରେ ନୂଆପଡା ଜିଲା ଦେଇ ପଦ୍ମପୁର ଉପନିର୍ବାଚନ ପ୍ରଚାର କାର୍ଯ୍ୟରେ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜିଲା ଭାଜପା କାର୍ଯ୍ୟାଳୟଠାରେ ଭବ୍ୟ ସ୍ୱାଗତ କରି ଜିଲା ଓକିଲ ସଂଘ ଓ ଅଭିଭାବକମାନେ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟର ବିକାଶ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ୨୦୧୦ରୁ ନୂଆପଡାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପିତ ହୋଇ ଚାଲିଛି। ହେଲେ ୧୨ବର୍ଷ ବିତିଯାଇଥିଲେ ମଧ୍ୟ ନିଜସ୍ୱ ଶ୍ରେଣୀ ଗୃହ ନାହିଁ। ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ଶ୍ରେଣୀ ଗୃହରେ ପାଠପଢା ଚାଲିଛି। କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପାଇଁ ସିଲଦାଠାରେ ୯ ଏକର ଜମି ଚିହ୍ନଟ ହୋଇସାରିଥିଲେ ମଧ୍ୟ କୌଣସି କାର୍ଯ୍ୟକାରୀ ନ ହେବାରୁ ଶୀଘ୍ର ଆରମ୍ଭ କରିବା ପାଇଁ ଓକିଲ ଅଶୋକ କ୍ଷିତିଶ ବୋଧନକର, ପ୍ରକାଶ ସ୍ୱାଇଁ, ରାଜେନ୍ଦ୍ର ଆଡବଙ୍ଗ, ପୁରୁଷୋତମ ସୋନି, ଶ୍ୟାମଲାଲ ସିଂ, ଅମିତାଭ ବୋଷ ଓ ଅଭିଭାବକମାନେ ଦାବି କରିଛନ୍ତି। ଏହି ସମୟରେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା, ସୁଶାନ୍ତ ପତି, ସୋନିଆ ଜୈନ, ଅଭିନନ୍ଦନ ପଣ୍ଡା, ସରିତା ସିଂ ଠାକୁର, ଫୁଲେଶ୍ୱରୀ ଭୋଇ, ବିଜୟ ଚନ୍ଦ୍ରପାର, ଭୁନେଶ୍ୱରୀ ଦଣ୍ଡସେନା, ଜେମା ମଞ୍ଜୁରୀ ପାଣ୍ଡେ, ସାବିତ୍ରୀ ସାହୁ, ରାକେଶ ଜୈନ, ଅର୍ଜୁନ ଜଗତ ପ୍ରମୁଖ ଉପସ୍ଥିତ ଥିଲେ।

## ବସ୍ ଦୁର୍ଘଟଣାରେ ଜୁନାଗଡ଼ ଯୁବକଙ୍କ ମୃତ୍ୟୁ

**ଭବାନୀପାଟଣା,୨୯।୧୧(ସ୍ୱ.ପ୍ର.)**



ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଇଟାମାଟି ନିକଟରେ ମଙ୍ଗଳବାର ପ୍ରତ୍ୟୁଷରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ହୋଇଥିଲା। ଏଥିରେ କଳାହାଣ୍ଡି ଜିଲା ଜୟପାଟଣା ଥାନା ମୁଖୀଗୁଡାରୁ ଭୁବନେଶ୍ୱରକୁ ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍ ରାସ୍ତା କଡରେ ଥିବା ଟ୍ରକକୁ ପଛପଟୁ ପିଟିବାରୁ ଜଣଙ୍କର ମୃତ୍ୟୁ ହୋଇଥିଲା। ମୃତକ ହେଲେ କଳାହାଣ୍ଡି ଜିଲା ଜୁନାଗଡ ସହର ହିଞ୍ଜିଲିବାହାଲି ପଡାର ଅମର ଚଣ୍ଡି (୪୫) ବୋଲି ଜଣାପଡିଛି। ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରକୁ କୌଣସି କାମରେ ସେ ଯାଉଥିବାବେଳେ ବାଟରେ ଏହ ଅଘଟଣ ଘଟିଥିଲା। ଅମରଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡିଛନ୍ତି।

# ଯୁବକଙ୍କୁ ହତ୍ୟା ଘଟଣା: ୨ ଅଟକ, ତଦନ୍ତ ଜାରି

**କୋକସରା,୨୯।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ମହୁଲମୁଣ୍ଡା ଗାଁର ଦୟାନିଧି ଦୁଣ୍ଡକିଆ (୫୨)ଙ୍କୁ ହତ୍ୟା ଘଟଣାରେ ପରେ ପୋଲିସ ତଦନ୍ତ ଜାରି କରିଛି। ମଙ୍ଗଳବାର ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ସାହାଯ୍ୟରେ ପୋଲିସ ତଦନ୍ତ କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ହତ୍ୟା ଅଭିଯୋଗରେ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଥାନାଧିକାରୀ ପ୍ରସନ୍ନ କୁମାର ବେହେରା ସୂଚନା ଦେଇଛନ୍ତି। ସୂଚନା ଯେ, ସୋମବାର ସନ୍ଧ୍ୟାରେ ମହୁଲମୁଣ୍ଡା ଗ୍ରାମ ନିକଟ ଏକ ଧାନ ଖଳାରେ ଦୟାନିଧିଙ୍କୁ ପଥରରେ ଛେଚି ହତ୍ୟା କରିଥିଲେ। ଏ ନେଇ ମୃତକଙ୍କ ସ୍ତ୍ରୀ ସାଧନୀ ଦୁଣ୍ଡକିଆ ଜମିବାଡ଼ି ବିବାଦକୁ ନେଇ ବଡ଼ ବାପାଙ୍କ ପୁଅ ଓ କକା ପୁଅ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଜାରି ରଖିଛନ୍ତି। ସାଇଣ୍ଟିଫିକ ଟିମ ରିପୋର୍ଟ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା ଘଟଣାର ସମସ୍ତ ତଥ୍ୟ ସାମ୍ନାକୁ ଆସିବା ନେଇ ପୋଲିସ ସୂଚନା ଦେଇଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୨୯୬/୨୨) ରୁଜୁ ହୋଇଛି।


ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମର ତଦନ୍ତ।

# ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ୫ଦଫା ଦାବିପତ୍ର

**ଜୁନାଗଡ଼/ଲାଞ୍ଜିଗଡ଼, ୨୯।୧୧(ଡି.ଏନ.ଏ.)**

ଓଡିଶା ସ୍ୱାସ୍ଥ୍ୟ ବିଭାଗରେ କର୍ଯ୍ୟରତ ବହୁମୁଖି ସ୍ୱାସ୍ଥ୍ୟ କର୍ମୀ ଓ ପରିଦର୍ଶକମାନେ କ୍ରମାଗତ ଭାବେ ସରକାରୀ କ୍ଷେତ୍ରରେ ଅବହେଳିତ ହେଉଥିବା ଅଭିଯୋଗ କରିଛନ୍ତି। ସରକାର ଏମାନଙ୍କ ଦାବିଗୁଡିକ ପୂରଣ କରିବା ପରିବର୍ତ୍ତେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସଂଘ ଅଭିଯୋଗ କରିଛି। ଫଳରେ ସ୍ୱାସ୍ଥ୍ୟକର୍ମୀ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଧମକ ଦେଇଛି। ଏ ନେଇ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ସାସ୍ଥ୍ୟ ପରିଦର୍ଶିକାମାନେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧୀକ୍ଷକଙ୍କ ଜରିଆରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ୫ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ପାଇଁ ଆସନ୍ତା ୭ ତାରିଖରୁ ସପ୍ତାହ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ


ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି।

କରାଯିବ। ସପ୍ତାହକ ମଧ୍ୟରେ ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟକାଳ ପାଇଁ ୧୪ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିଗୁଡ଼ିକ ମଧ୍ୟରେ ଠିକା ବ୍ୟବସ୍ଥା ଉଚ୍ଛେଦ ସହ ୨୦୧୩ର ଜିଏଓପିଜି ବିଜ୍ଞପ୍ତି ରଦ୍ଦ କରି ଠିକା କର୍ମଚାରୀଙ୍କ ନିଯୁକ୍ତି ସମୟକୁ ହିସାବ କରି ତଦନୁଯାୟୀ ଇନକ୍ରିମେଣ୍ଟ ପ୍ରଦାନ, ପୋଷାକ ବାବଦକୁ ୫୦୦୦ ଟଙ୍କା ଭତ୍ତା ପ୍ରଦାନ, ଚାକିରିକାଳ ମଧ୍ୟରେ ଅତି କମରେ ୪ଟି ପଦୋନ୍ନତି ଏବଂ ଗ୍ରେଡ ପେ ୪୨୦୦-୪୬୦୦-୪୮୦୦ରୁ ଆରମ୍ଭ କରିବା ଆଦି ଉଲ୍ଲେଖ ରହିଛି। ୨୦୨୧ ଜାନୁୟାରୀରେ ସଂଘ ଅସହଯୋଗ ଡାକରା ଦେବା ସହ କରୋନା ଟିକା ନେବାକୁ ମନା କରିଦେଇଥିଲା। କିନ୍ତୁ ଜନସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଦାବି ପୂରଣ ଦିଗରେ ସକାରାତ୍ମକ ପଦକ୍ଷେପ ନେବା ପ୍ରତିଶ୍ରୁତି ଦେବା ପରେ ସାସ୍ଥ୍ୟ କର୍ମଚାରୀମାନେ କରୋନା ଟିକା ଗ୍ରହଣ କରିଥିଲେ। ଇତିମଧ୍ୟରେ ୨ ବର୍ଷ ବିତିଯାଇଥିଲେ ବି ବିଭାଗ କୌଣସି ପଦକ୍ଷେପ ନିଆଯାଇନି ବୋଲି ସଂଘ ଅଭିଯୋଗ କରିଛି। ସେହିପରି ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକମାନେ ୫ ଦଫା ଦାବି ନେଇ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ନିହାର ରଞ୍ଜନ ସାହୁଙ୍କ ଜରିଆରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘ ପକ୍ଷରୁ ସଭାପତି କାଳିଆ ସାହୁ, ସମ୍ପାଦିକା ସଂଯୁକ୍ତା ସାହୁ, କୋଷାଧ୍ୟକ୍ଷ ମନୋଜ ପ୍ରହରାଜଙ୍କ ସମେତ ପ୍ରଭାସିନୀ ସାହୁ, ପୁଷ୍ପଲତା ଦେଈ, ସୁଷମା ଦାସ, ଅଞ୍ଜଳୀ ସାହୁ, ବାଙ୍କ ଦୁର୍ଗା, ବଷ୍ଟି ବେହେରା, ଭୀଷ୍ମ ମଙ୍ଗରାଜ, ସାରନ୍ତୀ ଟପୋ, ଭବାନୀ ମାଝି, ବାସନ୍ତୀ ମାଝି, ଲିଲି ମହାପାତ୍ର ଏବଂ ଅନ୍ୟମାନେ ସାମିଲ ଥିଲେ।

## ଅବକାରୀ ଚଢ଼ାଉ, ଜଣେ ଗିରଫ

ପଦ୍ମପୁର (ଡି.ଏନ.ଏ.): ପଦ୍ମପୁର ଉପନିର୍ବାଚନକୁ ଆଖି ଆଗରେ ରଖି ଅବକାରୀ ଅଧୀକ୍ଷକ ସୁବର୍ଣ୍ଣ ନାଏକଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗାଇସିଲେଟ ବ୍ଲକ ତାଲପାଲି ଗ୍ରାମରେ ଚଢ଼ାଉ କରିଥିଲା। ଚଢାଉ ବେଳେ ୧୫୦ ବୋତଲ କଫ୍ ସିରଫ, ୫୯୦ ନାଇଟ୍ରୋସେନ ବଟିକା ଓ ଇଞ୍ଜେକ୍ସନ ସହିତ ନଗଦ ୩ଲକ୍ଷ ୧୦ ହଜାର ଜବତ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ମନୋଜ ବାଜପେୟୀଙ୍କୁ ଗିରଫ କରାଯାଇଛି।

## ସଂକ୍ଷେପରେ

### ଛେଡଗାଁରେ ବିଜେଡି ପ୍ରାର୍ଥିନୀଙ୍କ ପ୍ରଚାର

ପାଇକମାଲ,୨୯।୧୧(ଡି.ଏନ.ଏ.): ପାଇକମାଲ ବ୍ଲକ ଛେଡଗାଁ ଭୁବନେଶ୍ୱରପୁର ଗ୍ରାମପଞ୍ଚାୟତରେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ମଙ୍ଗଳବାର ମାରାଥନ ନିର୍ବାଚନ ପ୍ରଚାର କରିଛନ୍ତି। ସେ ପାଇକମାଲ ବ୍ଲକ ଛେଡଗାଁ ପଞ୍ଚାୟତ ବ୍ରାହ୍ମଣଡିହି, ପରସଖଣ୍ଡିରେ ପ୍ରଚାର କରିଥିଲେ। ସେହିପରି ଛେଡଗାଁରେ ପାଲଲହଡା ବିଧାୟକ ମୁକେଶ ପାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ରୀତା ସାହୁ, ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଅଲକା ମହାନ୍ତି, ନିର୍ମାଣ ଶ୍ରମିକ ନିଗମ ଅଧକ୍ଷା ଶ୍ରୀମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବିଜେଡି ପ୍ରାର୍ଥିନୀଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ। ସରପଞ୍ଚ ବନୀତା ମହାନନ୍ଦ, ସମିତି ସଭ୍ୟା ଦେମତୀ ସର୍ଜଲ, ପଞ୍ଚାୟତ ସଭାପତି ଗିରିଧାରୀ ସର୍ଜଲ, ପଞ୍ଚାୟତ ଯୁବ ବିଜେଡ଼ି ସଭାପତି ରାଜୁ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଭୁବନେଶ୍ୱରପୁର, ମାଣ୍ଡିଆଡ଼ିପା ଓ କେଛୋଦାଦର ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜେଡି ନେତାମାନେ ରୋଡ୍ ଶୋ ଓ ସଭାମାନ କରି ଭୋଟ୍‌ଭିକ୍ଷା କରିଥିଲେ।

### ଶାନ୍ତିଶୃଙ୍ଖଳା, ନିରପେକ୍ଷ ନିର୍ବାଚନକୁ ଗୁରୁତ୍ୱ

**ମୁଖ୍ୟ ନିର୍ବାଚନ କମିଶନରଙ୍କ ସମୀକ୍ଷା ବୈଠକ**

ପଦ୍ମପୁର,୨୯।୧୧(ଡି.ଏନ.ଏ.): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ମଙ୍ଗଳବାର ପଦ୍ମପୁର ଗସ୍ତ କରି ପଦ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ପୋଲିଂ ଅଧିକାରୀଙ୍କ ନିଯୁକ୍ତି ଓ ପ୍ରଶିକ୍ଷଣ, ମଡେଲ ବୁଥ୍, ପିଙ୍କ ବୁଥ୍, ଦିବ୍ୟାଙ୍ଗ ଓ ବୟସ୍କଙ୍କ ପାଇଁ ପୋଷ୍ଟାଲ ବାଲଟ, ଫ୍ଲାଇଂ ସ୍କ୍ୱାଡ୍, ଯାନବାହନ ଯାଞ୍ଚ, ଅବକାରୀ ଚଢାଉ, ପୋଷ୍ଟର ହୋର୍ଡିଂ ଉଚ୍ଛେଦ, ଭୋଟ ଗଣତି କେନ୍ଦ୍ର, ନିର୍ବାଚନ ଉପକରଣ ସଂଗ୍ରହ, ସେକ୍ଟର ଅଧିକାରୀଙ୍କ ନିଯୁକ୍ତି ଓ ପ୍ରଶିକ୍ଷଣ, ସମ୍ବେଦନଶୀଳ ବୁଥଗୁଡିକରେ ସ୍ୱତନ୍ତ୍ର ବ୍ୟବସ୍ଥା ସହିତ କିପରି ଅବାଧ ଓ ନିରପେକ୍ଷ ଭୋଟ ଗ୍ରହଣ ହେବ ସେ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ଲୋହାନୀ ଗୁରୁତ୍ୱାରୋପ କରିଥିଲେ। ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ ସାହୁ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଡି.ଏମ୍. ରାମପ୍ରସାଦ ଗୁପ୍ତା, ଜିଲାପାଳ ମୋନିଷା ବାନାର୍ଜୀ, ଆରକ୍ଷୀ ଅଧୀକ୍ଷକ ପରମାର ସ୍ମିତ ପୁରୁଷୋତ୍ତମ ଦାସ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପୋ, ଡିଆରଡିଏ ପିଡି କୃତିବାସ ରାଉତ, ଉନ୍ନୟନ ପ୍ରକଳ୍ପ ଅଧିକାରୀ ଆଦିତ୍ୟ ଗୋଏଲ, ପଦ୍ମପୁର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ତ୍ରିଲୋଚନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପୁରୁଷ ବନ୍ଧ୍ୟାକରଣ ସଚେତନତା ରଥ ଶୁଭାରମ୍ଭ

ବରପାଲି,୨୯।୧୧(ଡି.ଏନ.ଏ.): ପୁରୁଷ ବନ୍ଧ୍ୟାକରଣ ପକ୍ଷ ଅବସରରେ ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବରପାଲି ସରକାରୀ ଡାକ୍ତରଖାନା ପରିସରରୁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ବରପାଲି ଡାକ୍ତରଖାନାର ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ନିମାଇଁ ଚରଣ ସାହୁ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କୁବେର ଚନ୍ଦ୍ର ଯୋଶୀ, ଦୀପକ ପ୍ରଧାନ, ତପନ ବିହାରୀ ପଟ୍ଟନାୟକ, ଜିତେନ୍ଦ୍ରିୟ ତ୍ରିପାଠୀ, ଶେଖର ଚନ୍ଦ୍ର ସାହୁ, ଶୀତିକଣ୍ଠ ବେଜ, ସୁବ୍ରତ ମେହେରଙ୍କ ସମେତ ବହୁ ଆଶା କର୍ମୀ ଓ ଏଏନ୍‌ଏମ୍ କର୍ମୀ ଉପସ୍ଥିତ ଥିଲେ।

# ସର୍ବନିମ୍ନ ମଜୁରି, ଶ୍ରମିକ ମାନ୍ୟତା ଦାବି

**ସୁବର୍ଣ୍ଣପୁରରେ ପାଚିକା, ସହାୟିକାଙ୍କ ରାଲି**

ସୋନପୁର,୨୯।୧୧(ନି.ପ୍ର.)

ଶ୍ରମିକ ସଂଗଠନ ସିଟୁ ଅନୁବନ୍ଧିତ ଓଡିଶା ମିଡ ଡେ ମିଲ ୱାର୍କରର୍ସ ୟୁନିଅନ ପକ୍ଷରୁ ମଙ୍ଗଳବାର ସୁବର୍ଣ୍ଣପୁର ସହରରେ ରାଲି ଅନୁଷ୍ଠିତ ହୋଇଯାଇଛି। ଜିଲାର ୬ଟି ବ୍ଲକରୁ ଆସିଥିବା ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକାମାନେ ୫ଦଫା ଦାବି ନେଇ ସହର ପରିକ୍ରମା କରିବା ପରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ କରିଥିଲେ। ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକାଙ୍କୁ ମାସିକ ମାତ୍ର ୧୪୦୦ଟଙ୍କା ବଦଳରେ ସର୍ବନିମ୍ନ ମଜୁରି ଓ ଶ୍ରମିକର ମାନ୍ୟତା, ୨୦୦୯ ମସିହାଠାରୁ ୨୮ମାସର ବକେୟା ପ୍ରାପ୍ୟ ପ୍ରଦାନ, ବର୍ଷକୁ ୨ ଖଣ୍ଡ ୟୁନିଫର୍ମ ଶାଢୀ, ଅବସର



ପାଚିକା ଓ ସହାୟିକା ମାନେ ରାଲିରେ ସହର ପରିକ୍ରମା କରୁଛନ୍ତି ।

ବୟସ ସୀମା ୬୨ବର୍ଷକୁ ବୃଦ୍ଧି କରିବା ଓ ପାଚିକା ନିଯୁକ୍ତି ପାଇଁ ମନଇଛା ଛଟେଇ ବନ୍ଦ କରିବା ପାଇଁ ସଂଘ ପକ୍ଷରୁ ଦାବି କରା ଯାଇଥିଲା। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ପ୍ରଦାନ କରା ଯାଇଥିଲା। ଦାବି ପୂରଣ ନ ହେଲେ ଆସନ୍ତା ଡିସେମ୍ବର ୨୫ରୁ ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସୁବର୍ଣ୍ଣପୁର ସିଟୁ କମିଟି ସଭାପତି ବିକାଶ ପ୍ରଧାନ, ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘର ଜିଲା ସଭାନେତ୍ରୀ ପୁଷ୍ପାଞ୍ଜଳି ଦାଶ, ଉପସଭାନେତ୍ରୀ ରଞ୍ଜିତା ପୁରୋହିତ, ମୁଟୁରୁ ମହାକୁର ଓ ଦେବରାଜ ମହାକୁର ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

# ୨୫ଙ୍କୁ ସ୍ୱଳ୍ପକାଳୀନ ତାଲିମ, ୭୬୬ଙ୍କୁ ନିଯୁକ୍ତି

ସୋନପୁର,୨୯।୧୧(ନି.ପ୍ର.)

**ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ନିଯୁକ୍ତି ମେଳା**

ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ସୁବର୍ଣ୍ଣପୁର ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସୋନପୁର ନୂତନ ଟାଉନ ହଲ ପରିସରରେ ଜିଲାସ୍ତରୀୟ ନିଯୁକ୍ତି ମେଳା ମଙ୍ଗଳବାର ଆୟୋଜିତ ହୋଇଯାଇଛି। କରୋନା ମହାମାରୀ ଯୋଗୁଁ ଦୁଇବର୍ଷ ଧରି ନିଯୁକ୍ତି ମେଳା ଆୟୋଜନ ସରକାର ବନ୍ଦ କରିଥିଲେ। ନିଯୁକ୍ତି ମେଳାରେ ଚାକିରି ସନ୍ଧାନରେ ଥିବା ଜିଲାର ୨୫ ଯୁବତୀ ଯୁବକଙ୍କୁ ସ୍ୱଳ୍ପକାଳୀନ ତାଲିମ ପରେ ନିଯୁକ୍ତି ପ୍ରଦାନ ଓ ୭୬୬ ଜଣଙ୍କୁ କେତେକ ସଂସ୍ଥାରେ ସିଧାସଳଖ ନିଯୁକ୍ତିର ବ୍ୟବସ୍ଥା ପାଇଁ କଲଲେଟର ପଠାଯିବ ବୋଲି ଜଣାପଡିଛି। ରାଜ୍ୟ ଓ ରାଜ୍ୟ ବାହାରର ୧୯ଟି ବେସରକାରୀ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ମେଳାରେ ସାମିଲ ହୋଇଥିଲେ। ମାତ୍ର କୌଣସି ସରକାରୀ ସଂସ୍ଥା ଏଠାକୁ ଆସି ନ ଥିଲେ। ମେଳାରେ ଅଂଶଗ୍ରହଣ ପାଇଁ ୧୮ ରୁ ୩୫ ବର୍ଷ ମଧ୍ୟରେ ୫ ପାସଠାରୁ ସ୍ନାତକ ତଥା ଆଇଟିଆଇ ପାସ କରିଥିବା ଓ ପାଠ୍ୟକ୍ରମ ଅଧାରୁ ଛାଡିଥିବା ୮୭୬ ଯୁବତୀ ଯୁବକ ନିଜର ନାମ ପଞ୍ଜିକରଣ କରାଇଥିଲେ। ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଆଗ୍ରହୀ ବେକାର ଯୁବତୀ ଯୁବକଙ୍କୁ ମେଳା ପାଇଁ ପ୍ରବେଶ ପତ୍ର ମିଳିଥିଲା। ଜିଲା ନିୟୋଜନ ଅଧିକାରିଣୀ ସଞ୍ଜୁ କୁମାରୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ମେଳାକୁ ଉଦ୍‌ଘାଟନ କରିଥିଲେ। ନିଯୁକ୍ତି ଅଫର ପାଇଥିବା ଯୁବତୀ ଯୁବକମାନେ ଏହାକୁ ଏକ ସୁଯୋଗ ଭାବି କର୍ମକ୍ଷେତ୍ରରେ ଯୋଗଦେବାକୁ ଶ୍ରୀମତୀ ମିଞ୍ଜ ପରାମର୍ଶ ଦେଇଥିଲେ। ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାପତି ପଣ୍ଡା ସଭାକୁ ସଂଯୋଜନା କରିଥିଲେ। ଜିଲାର ୬ଟି ବ୍ଲକରୁ ଯୁବତୀ ଯୁବକ କର୍ମ ନିଯୁକ୍ତି ପାଇଁ ଆଗ୍ରହର ସହ ନିଜର ଶିକ୍ଷାଗତ, ଜାତିଗତ ଓ ବାସିନ୍ଦା ପ୍ରମାଣପତ୍ର ସହ ମେଳାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲା ନିୟୋଜନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଅମଳ ହେଲାଣି, ମଣ୍ଡି ଖୋଲ

ଅମରପାଲି,୨୯।୧୧(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଜିଲାପାଳ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲାରେ ଧାନକିଣା ଏବଂ ଧାନ କିଣାରେ ସ୍ୱଚ୍ଛତା ନେଇ ଜିଲାପାଳ ଓ ଚାଷୀ ପ୍ରତିନିଧିଙ୍କ ମଧ୍ୟରେ ମଙ୍ଗଳବାର ଆଲୋଚନା ହୋଇଛି। ମଣ୍ଡିରେ ଧାନକ୍ରୟ ପାଇଁ ଡିଏଲପିସି ବୈଠକରେ ନଭେମ୍ବର ୩୦ତାରିଖ ଧାର୍ଯ୍ୟ ହୋଇଥିଲା । ମାତ୍ର ଜିଲା ପ୍ରଶାସନ ଡିସେମ୍ବର ୧୨ରେ ଧାନ କିଣା ହେବ ବୋଲି ନିଷ୍ପତ୍ତି ନେଇଥିବାରୁ ଚାଷୀ ପ୍ରତିନିଧି ବିରୋଧ କରିଥିଲେ। ଚାଷୀଙ୍କ ଅଭିଯୋଗ ଅନୁସାରେ ଜିଲାରେ ଚାଷୀଙ୍କ ଧାନର ପ୍ରାୟ ୫୦ରୁ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ପରିମାଣର ଧାନ ଅମଳ ହୋଇସାରିଛି। ତେଣୁ ଶୀଘ୍ର ମଣ୍ଡି ଖୋଲି ଧାନ କିଣାଯାଉ ବୋଲି ଚାଷୀମାନେ ଦାବି କରିଥିଲେ। ଜିଲାପାଳ ଆବୋଲି ସୁନୀଲ ନରୱାଣେ ଓ ଉପଜିଲାପାଳ ଅଶୋକ କୁମାର ଭୋଇ ଚାଷୀଙ୍କ ସହ ଆଲୋଚନା କରି


ଜିଲାପାଳ ଓ ଚାଷୀ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ଚାଲିଛି।

**ଜିଲାପାଳଙ୍କ ସହ ଆଲୋଚନା ବେଳେ କହିଲେ ଚାଷୀ ପ୍ରତିନିଧି**

ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ । ଚାଷୀ ଧାନ କିଣାରେ କଟନି ଛଟନିକୁ ନେଇ ଅଭିଯୋଗକୁ ଜିଲାପାଳ ଧାନକିଣା ପାଇଁ ମଣ୍ଡି ମାନଙ୍କରେ ଏକ କମିଟି ଗଠନ ହୋଇଛି ବୋଲି କହିଥିଲେ। କମିଟି ମାଧ୍ୟମରେ ଅଭିଯୋଗ କଲେ ମିଲରଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଚାଷୀନେତା ଆଶ୍ରୟ ମହାନନ୍ଦ ଧାନକିଣା ପାଇଁ ମଣ୍ଡି ମାନଙ୍କରେ ଥିବା କମିଟି ସଦସ୍ୟ ନାମ ଓ ଫୋନ ନମ୍ବର ସାର୍ବଜନୀନ କରିବା ପାଇଁ ଦାବି କରିଥିଲେ। ଆଲୋଚନାରେ ଏଆରସିଏସ ଗଜେନ୍ଦ୍ର କୁମାର ପଣ୍ଡା, ଏସିଏସଓ ଲଳିତ ମୋହନ ପଟ୍ଟନାୟକ, ଯୋଗାଣ ନିରୀକ୍ଷକ ପିଙ୍କୁ ଭୋଇ, ରାଜସ୍ୱ ଅଧିକାରୀ ଅଜିତ କୁମାର ମିର୍ଦ୍ଧା, ଚାଷୀନେତା ବୈକୁଣ୍ଠ ଶତପଥୀ, ପଦ୍ମଲୋଚନ ମିଶ୍ର, ଧରଣୀଧର ପାଢୀ, ନେତ୍ରାନନ୍ଦ ପଧାନ ପ୍ରମୁଖ ସାମିଲ ଥିଲେ।

# ମାନସ ମର୍ମଜ୍ଞ ପଙ୍କଜ ସାହୁଙ୍କ ପରଲୋକ

ତରଭା, ୨୯।୧୧(ଡି.ଏନ.ଏ.)

ବେଦ, ଗୀତା, ଉପନିଷଦ, ତୁଳସୀ ରାମାୟଣ, ମେହେର ସାହିତ୍ୟ ଓ ଭୀମ ଭୋଇଙ୍କ ଜଣାଣ ଉପରେ ଗଭୀର ଜ୍ଞାନ ଯୋଗୁଁ ପଶ୍ଚିମ ଓଡ଼ିଶାରେ ସୁଖ୍ୟାତି ଅର୍ଜନ କରିଥିବା ମାନସ ମର୍ମଜ୍ଞ ପଙ୍କଜ ସାହୁ (୬୯) ଆଉ ନାହାନ୍ତି। ସୋମବାର ବଲାଙ୍ଗୀର ଭୀମ ଭୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ବୃନ୍ଦାବତୀ, ପୁଅ ଗୌରୀଶଙ୍କର, ଉମାଶଙ୍କର, ଝିଅ ଅର୍ଚ୍ଚନା, ଜ୍ୱାଇଁ ମନୋଜଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କର ମର ଶରୀର ତରଭା ତେଲିପଡାସ୍ଥିତ ବାସଭବନକୁ ଅଣାଯିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ଛାତ୍ର ଜୀବନରୁ ସଂସ୍କୃତ ଭାଷା ଉପରେ ଗଭୀର ଜ୍ଞାନ ରଖିଥିବା ପଙ୍କଜ ଶ୍ରୀମଦ ଭାଗବତଗୀତା ଓ ତୁଳସୀ ରାମାୟଣର ଜଣେ ଶ୍ରେଷ୍ଠ ପ୍ରବଚକ ଥିଲେ। ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଚନ ଦେଇ ସେ ସୁଖ୍ୟାତି ଅର୍ଜନ କରିଥିଲେ। ୨୦୧୨ରେ ବିଦ୍ୟାଳୟ ନିରୀକ୍ଷକ ପଦରୁ ସେ ଅବସର ଗ୍ରହଣ କରିଥିଲେ। ଜୀବନ କାଳରେ


ପଙ୍କଜ ସାହୁ।

ଅନେକ ସାହିତ୍ୟ ଅନୁଷ୍ଠାନରୁ ମେହେର ସାହିତ୍ୟ ଓ ଭୀମଭୋଇଙ୍କ ଜଣାଣ ଉପରେ ବକ୍ତବ୍ୟ ପ୍ରଦାନ କରି ସମ୍ମାନିତ ହୋଇଥିଲେ। ୨୦୧୩ରେ ଜଗନ୍ନାଥ ମହାମ୍ବିୟ ପ୍ରଚାରକଭାବେ ଜଗନ୍ନାଥ ମନ୍ଦିର ପ୍ରଶାସନ ତରଫରୁ ସମ୍ମାନୀତ ହୋଇଥିଲେ।୧୯୮୮ରେ ଗୋପବନ୍ଧୁ କ୍ଲବ ମରାଲୋଏ ତରଫରୁ ତାଙ୍କୁ ମାନସ ମର୍ମଜ୍ଞ ଉପାଧି ପ୍ରଦାନ କରାଯାଇଥିଲା। ପଙ୍କଜଙ୍କ ବିୟୋଗରେ ଶିଶୁ ସାହିତ୍ୟିକ ଡ଼ଃ ରମେଶ ପତ୍ରୀ, ନାଗରିକ କମିଟି ସଭାପତି ହରିବନ୍ଧୁ ପାଣିଗ୍ରାହୀ,ବରିଷ୍ଠ ନାଗରିକ କମିଟି ସଭାପତି ଦେବେନ୍ଦ୍ର ବିଜୟ ସାହୁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ୨୭ କୁଣ୍ଡୀୟ ହନୁମାନ ଚାଲିଶା ଯଜ୍ଞ

ସୋହେଲା,୨୯।୧୧(ଡି.ଏନ.ଏ.)

ସୋହେଲା ଦୁର୍ଗାମନ୍ଦିର ପରିସରରେ ମଙ୍ଗଳବାର ଏକ ୨୭ କୁଣ୍ଡୀୟ ହନୁମାନ ଚାଲିଶା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସାର୍ବଜନୀନ ହନୁମାନ ଚାଲିଶା ଯଜ୍ଞ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦୮ଯୋଡି କର୍ତ୍ତା ଯଜମାନ ହୋଇଥିଲେ। ପଣ୍ଡିତ କୈଳାଶ ପଣ୍ଡା, ଡୋଲାମଣି ଦେବତା, ସରୋଜ ଦେବତା, ରବି ନାରାୟଣ ଦେବତା, ଗୋପାଳ ଦାସ, ଗୋପାଳ ମିଶ୍ର, ସୁମନ୍ତ ପାଣିଗ୍ରାହୀ ପ୍ରମୁଖ ପୂଜକ ଦାୟିତ୍ୱ ତୁଲାଇଥିଲେ। ଯଜ୍ଞ କମିଟି ସଭାପତି ବଳବୀର ସିଂ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବଜରଙ୍ଗ ଦଳର ପଶ୍ଚିମ ପ୍ରାନ୍ତ ସଂଯୋଜକ ସୁଧୀର ବହିଦାର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଦୁର୍ଗା ପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରମୋଦ ଦେବତା, ବିପିନ ବିହାରୀ ପଧାନ, ସୁବ୍ରତ ସିଂ, ଭକ୍ତ ଠାକୁର, ଶତ୍ରୁଘ୍ନ ଭଞ୍ଜ, ଆଲୋକ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକୋ


କର୍ତ୍ତଙ୍ଗ ସଶାମୁରା ଛକରେ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ବିନିକା, ୨୯।୧୧( ଡି. ଏନ. ଏ.)

**ଗ୍ରାମ୍ୟ ଜଙ୍ଗଲ, ଗୋଚର ଜମି ଜବରଦଖଲ**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କର୍ତ୍ତଙ୍ଗ ଗ୍ରାମ୍ୟ ଜଙ୍ଗଲ ଓ ଗୋଚର ଜମିରେ କେତେକ ବ୍ୟକ୍ତି ଜବରଦଖଲ କରି ଧାନ ଚାଷ କରୁଛନ୍ତି। ସେଲେଡି ରାଜସ୍ୱ ଅଧିକାରୀ ଓ ସ୍ଥାନୀୟ ଫରେଷ୍ଟର ଏଡା ଜାଣି ମଧ୍ୟ ନୀରବଦ୍ରଷ୍ଟା ସାଜିଛନ୍ତି। ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହାର ପ୍ରତିବାଦ କରି ମଙ୍ଗଳବାର ଗ୍ରାମର ଶତାଧିକ ଲୋକେ ବିନିକା-ସୋନପୁର ରାଜପଥର କର୍ତ୍ତଙ୍ଗ ସଶାମୁରା ଛକରେ ଅବରୋଧ କରିଥିଲେ। ସକାଳ ୭ଟାରୁ ଚାଲିଥିବା ରାସ୍ତାରୋକୋ ଆନ୍ଦୋଳନ ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡିମୋଟର ଅଟକି ରହିଛି। ଏସ୍‌ଡିପିଓ ପୁଷ୍ପାଞ୍ଜଳି ମିଞ୍ଜ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ତହସିଲଦାର ଘଟଣାସ୍ଥଳକୁ ଆସି ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଖବର ଲେଖା ହେବା ଯାଏ(ରାତ୍ର ୭ଟା) କୌଣସି ସମାଧାନ ସୂତ୍ର ବାହାରି ପାରିନାହିଁ।

# କଳାପଥର କଲେଜରେ ରେଡକ୍ରସ୍ ଇଣ୍ଡକ୍ସନ କ୍ଲାସ

ଅମରପାଲି,୨୯।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥରସ୍ଥିତ ସତ୍ୟବାଦୀ ଜୁନିୟର୍ କଲେଜରେ ଯୁଥ ରେଡକ୍ରସର ଇଣ୍ଡକ୍ସନ କ୍ଲାସ ଅନୁଷ୍ଠିତ ହେଇଯାଇଛି। କଲେଜ ଅଧକ୍ଷ ଶ୍ରୀକାନ୍ତ ପଧାନ ଏଥିରେ ସଭାପତିତ୍ୱ କରି କୌଣସି ବ୍ୟକ୍ତିର ସର୍ବନିମ୍ନ ଆବଶ୍ୟକତା ପୂରଣ କରିପାରିବା ଏକ ସେବା ବୋଲି କହିଥିଲେ। ପ୍ରୋଗ୍ରାମ କୋଅର୍ଡିନେଟର୍ କିଶୋର କୁମାର ସାହୁ ରେଡକ୍ରସର ତିନୋଟି ମନ୍ତ୍ର ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତ୍ୱର ପରିଭାଷା ସମ୍ପର୍କରେ କହିଥିଲେ। ଜିଲା ସଂଯୋଜକ ତଥା ସୋନପୁର କଲେଜର ପ୍ରାଣୀ ବିଜ୍ଞାନ ଅଧାପକ ଉମାକାନ୍ତ ନାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଡକ୍ରସର ଉତ୍ପତ୍ତିଠାରୁ ଆରମ୍ଭ କରି ଲକ୍ଷ୍ୟ ଓ କାର୍ଯ୍ୟପନ୍ଥା ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଫାଷ୍ଟଏଡ ଟ୍ରେନର୍ ଉଦ୍ଧବ ପ୍ରଧାନ ଫାଷ୍ଟ ଏଡର ଆବଶ୍ୟକତା ବିଷୟରେ ଶିକ୍ଷାର୍ଥୀମାନଙ୍କୁ ଅବଗତ କରାଇଥିଲେ । ଅଧ୍ୟାପିକା ଦେବଯାନୀ ମେଶୁଆ ସଭା ସଂଯୋଜନା, ପ୍ରତିମା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଆମ ପୋଲିସ ସମିତି ବୈଠକ

ତରଭା, ୨୯।୧୧ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧିନ କମସରା ଫାଣ୍ଡିରେ ମଙ୍ଗଳବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତରଭା ଥାନା ଆଇଆଇସି ସୁବ୍ରତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସଆଇ ଯଯାତି କେଶରୀ ସାହୁ, ଫାଣ୍ଡି ଅଧିକାରୀ ଗଜାନନ ବେହେରା, ସରଗଜ ସରପଞ୍ଚ ନର୍ମଦା ମିଶ୍ର, ଚାରଭଟ୍ଟା ସରପଞ୍ଚ ତ୍ରିନାଥ ଦୀପ, ସମିତି ସଭ୍ୟ ଘନଶ୍ୟାମ ଡାଙ୍ଗ, ବାଲିଖମାର ସରପଞ୍ଚ ସୁଦାମ ଦୀପ, ମରାଡୁଗୁଛା ସରପଞ୍ଚ ମନମୋହନ ସାହୁ, ଦୁବୁଲା ସରପଞ୍ଚ ଆର୍ତ୍ତତ୍ରାଣ ବଗର୍ତ୍ତୀ, ସିଂହାରୀ ସରପଞ୍ଚ ପୀତବାସ ଘିବେଲା, ବ୍ରାହ୍ମଣୀ ସରପଞ୍ଚ କୁଶଳେଶ୍ୱର ପାଣ୍ଡେ, ସମିତି ସଭ୍ୟ ରାମ ସାହୁ ପ୍ରମୁଖ ଉପସ୍ଥଇତ ଥିଲେ। ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡାକଡି କରାଯିବ ବୋଲି ଆଇଆଇସି କହିଥିଲେ। ଆସନ୍ତା ଡିସେମ୍ବର ୧୮ ତାରିଖ କମସରାରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରି ୩୦୦ରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ଟ୍ରାଫିକ ସମସ୍ୟା ଦୂର କରିବାକୁ ଗୁରୁତ୍ୱ

**ଆମ ପୋଲିସ ସମିତି ବୈଠକ**

ଡୁଙ୍ଗୁରିପାଲି, ୨୯।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନାରେ ଆମ ପୋଲିସ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସତ୍ୟନାରାୟଣ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏସଆଇ ଟଙ୍କଧର ଛତ୍ରିଆ, ଏସଆଇ ଲକ୍ଷ୍ମୀଧର ପାତ୍ର, ଏଏସଆଇ କୃଷ୍ଣଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ। ଡୁଙ୍ଗୁରିପାଲି ସହରରେ ଦେଖା ଯାଉଥିବା ଟ୍ରାଫିକ ସମସ୍ୟାକୁ ଦୂର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହିତ ପାଟ୍ରୋଲିଂକୁ କଡା କରିବା, ରାସ୍ତା ଉପରୁ ପାର୍କିଂ ଦୂର କରିବା, ଅଭିଯୋଗ ନେଇ ଥାନାକୁ ଆସୁଥିବା ଜନସାଧାରଣଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ବୈଠକରେ



ଆମ ପୋଲିସ ସମିତି ବୈଠକରେ ମଞ୍ଚାସୀନ ଅତିଥି ।

ଆଲୋଚନା କରାଯାଇଥିଲା। ରାସ୍ତାରେ ଦ୍ରୁତଗତିରେ ବାଇକ ଓ ଅନ୍ୟାନ୍ୟ ଯାନ ଚଳାଚଳ ଉପରେ କଟକଣା ଲଗାଇବାକୁ ବୈଠକରେ ଉପସ୍ଥିତ ସମିତି ସଦସ୍ୟମାନେ ଦାବି କରିଥିଲେ। ତେବେ ପୋଲିସ ଓ ଜନସାଧାରଣଙ୍କ ସମନ୍ୱୟ ମଧ୍ୟରେ ଏହିସବୁ ଲକ୍ଷ୍ୟକୁ ହାସଲ କରାଯାଇ ପାରିବ ବୋଲି ବୈଠକରେ ମତପ୍ରକଶ ପାଇଥିଲା। ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ସିସି କ୍ୟାମେରା ଲଗାଗଲେ ଚୋରି, ଡକାୟତି ଘଟଣା ଉପରେ ଲାଗାମ ଲାଗିବ ବୋଲି ଉପସ୍ଥିତ ସମିତି ସଦସ୍ୟମାନେ କହିଥିଲେ। ହବା ସହ ଜନସାଧାରଣ ଉପକୃତ ହୋଇପାରିବେ ତାହା ଆଲୋଚନା କରାଯାଇଥିଲା। ସହଲା ସରପଞ୍ଚ ପଟୁଆରୀ ପଧାନ ଓ ହେମନ୍ତ ଥନାପତି ସହଲା ଛକ ନିକଟ କେନାଲରେ ଆବର୍ଜନା ପକା ଯାଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ବୈଠକରେ ଏଏସଆଇ ଏକାମ୍ର ନାହକ, ଏଏସଆଇ ମୋହନ ବରିହା, ବରିଷ୍ଠ ସାମ୍ବାଦିକ ପବିତ୍ର ମୋହନ ପାଣ୍ଡିଆ, ବିଭୁଦତ୍ତ ବିଶ୍ୱାଳ ଓ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଆମ ପୋଲିସ ସମିତି ସଦସ୍ୟ ଉପସ୍ଥିତ ଥିଲେ।

# ଚିକିତ୍ସାରେ ଅର୍ଥାଭାବ, ବିଛଣାରେ ରୋଗାକ୍ରାନ୍ତ

ଅମରପାଲି,୨୯।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ଅନ୍ତର୍ଗତ ଟିଙ୍ଗିରାନାଲି ଗ୍ରାମରେ ପଞ୍ଚାନନ ଛତ୍ରିଆ(୫୫)। ଏବେ ସେ ଅଜଣା ରୋଗରେ ଆକ୍ରାନ୍ତ। ଗତ ଦେଢ ମାସ ହେଲା ତାଙ୍କର ଉଭୟ ଗୋଡ କାମ କରୁ ନ ଥିବାରୁ ଚାଲି ବୁଲି ପାରୁନାହାନ୍ତି। ସବୁବେଳେ ବିଛଣାରେ ପଡି ରହିଛନ୍ତି। ଅର୍ଥାଭାବ ଯୋଗୁଁ ତାଙ୍କର ଚିକିତ୍ସା ହୋଇ ନ ପାରି ଘରେ ପଡି ରହିଛନ୍ତି।

ତିନି ମାସ ତଳେ ଦେହ ହାତ ଦରଜ ହେବାରୁ ପଞ୍ଚାନନ ବୀରମହାରାଜପୁର ଡାକ୍ତରଖାନା ଯାଇଥିଲେ। ଆବଶ୍ୟକ ପରୀକ୍ଷା ନିରୀକ୍ଷା ପରେ ସେ ମଧୁମେହ ରୋଗରେ ପୀଡିତ ଥିବା ଡାକ୍ତର କହିଥିଲେ। ଔଷଧ ନେଇ ଘରକୁ ଫେରିବା ପରେ ରୋଗ କମିବା ପରିବର୍ତ୍ତେ


ବିଛଣାରେ ରୋଗାକ୍ରାନ୍ତ ପଞ୍ଚାନନ ଛତ୍ରିଆ।

- ଚେରମୂଳି ଔଷଧ ସାହାରା
- ମୂଲ ଲାଗି ପରିବାର ଚଳାଉଛନ୍ତି ରୋଗାକ୍ରାନ୍ତଙ୍କ ସ୍ତ୍ରୀ
- ବିଜୁ ସ୍ୱାସ୍ଥ୍ୟ କାର୍ଡ ଥିଲେ ବାହାରକୁ ନେଇ କରି ପାରୁ ନାହାନ୍ତି ଚିକିତ୍ସା
- ଡାକ୍ତରଖାନା ଆଣି ଚିକିତ୍ସା କରାଯିବ:ଏସ୍‌ଡିଏମ୍‌ଓ

ତାଙ୍କର ଦେହ ଜଳାପୋଡା ହେଲା। ପରେ ସେ ବୌଦ୍ଧ ଡାକ୍ତରଖାନା ଯାଇ ଚିକିତ୍ସିତ ହୋଇଥିଲେ। ହେଲେ କୌଣସି ସୁଫଳ ମିଳିଲା ନାହିଁ। କିଛି ଦିନ ପରେ ତାଙ୍କର ଉଭୟ ଗୋଡ କାମ କଲାନାହିଁ। ଅର୍ଥାଭାବରୁ ସେ ଆଉ କୌଣସି ଡାକ୍ତରଖାନା ଯାଇ ପାରିନାହାନ୍ତି, ବିଛଣାର ପଡି ରହିଛନ୍ତି। ତାଙ୍କ ସ୍ତ୍ରୀ ତାଙ୍କୁ ବୋହି କରି ନେବା ଆଣିବା କରୁଛନ୍ତି। ନାମମାତ୍ର ଚାଷୀ ପଞ୍ଚାନନ କିଛି ଜମି ଚାଷ କରିଥିଲେ। ଏବେ ଧାନ କିପରି ଅମଳ କରିବେ ସେହି ଚିନ୍ତାରେ ପଡିଛନ୍ତି। ୩ଝିଅଙ୍କୁ ବିବାହ କରାଇ ସାରିଛନ୍ତି ପଞ୍ଚାନନ। ଏବେ ଅନ୍ୟ ୨ଝିଅ ଓ ଜଣେ ପୁଅ ଘରେ ଅଛନ୍ତି। ପୁଅ ରାଜାରାମଙ୍କୁ ୧୫ବର୍ଷ ହେଉଥିବା ବେଳେ ଝିଅ ସସ୍ମିତା(୧୪) ଓ ଅମ୍ରିତା(୩) ଅଛନ୍ତି। ପଞ୍ଚାନନଙ୍କ ବିପିଏଲ କାର୍ଡ ଅଛି। ରାଶନ ବାବଦକୁ ମିଳୁଥିବା ୨୦କେଜି ଚାଉଳରେ ଏବେ ପରିବାର ଚାଲୁଛି। ପଞ୍ଚାନନଙ୍କ ସ୍ତ୍ରୀ ପାର୍ବତୀ ମୂଲ ଲାଗି ପରିବାର ଚଳାଉଛନ୍ତି। ତାଙ୍କ ପାଖରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଥିଲେ ମଧ୍ୟ ତାହା କାମରେ ଲାଗୁନାହିଁ। ଏବେ ତାଙ୍କୁ ଡାକ୍ତରଖାନାକୁ ନେବା ପାଇଁ ମଧ୍ୟ ଅର୍ଥର ଅଭାବ ରହିଛି। ଅର୍ଥାଭାବରୁ ସେ ଔଷଧ କିଣି ନ ପାରି ଏବେ ସେ ଚେରମୂଳି ଔଷଧ ବ୍ୟବହାର କରୁଛନ୍ତି। ତାଙ୍କୁ ଯଦି ତୁରନ୍ତ ଚିକିତ୍ସା କରାଯିବ ସେ ଭଲ ହୋଇଯିବେ ବୋଲି ପଞ୍ଚାନନ ପ୍ରକାଶ କରିଛନ୍ତି। ଏ ନେଇ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସା ଅଧିକାରୀ ରବୀନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ତାଙ୍କୁ ତୁରନ୍ତ ବୀରମହାରାଜପୁର ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସା କରାଯିବ ବୋଲି ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୩୦ ନଭେମ୍ବର, ୨୦୨୨

**ମାନସିକ ରୋଗୀ ଚିକିତ୍ସା ପରାମର୍ଶ ଶିବିର**

ବ୍ରଜରାଜନଗର (ଡି.ଏନ.ଏ.): ବ୍ରଜରାଜନଗର ଖଲିଆକାନି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମାନସିକ ରୋଗୀ ଚିକିତ୍ସା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଜୟପ୍ରକାଶ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜିଲା ସ୍ୱାସ୍ଥ୍ୟ ସମିତି ଅଧିକାରୀ ଡା. ରଞ୍ଜନ କୁମାର ପଟେଲ, କମ୍ୟୁନିଟି କୋଅର୍ଡିନେଟର ଆଶୁତୋଷ ସ୍ୱାଇଁ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଚନ୍ଦ୍ରଭାନୁ ପଟେଲ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋଟ ୪୮ ଜଣ ମାନସିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା।



## ସଂକ୍ଷେପରେ

### ଆଇନସେବା ପ୍ରାଧିକରଣ ପକ୍ଷରୁ ସମ୍ବିଧାନ ସପ୍ତାହ

ଝାରସୁଗୁଡ଼ା ଅଫିସ,୨୯।୧୧: ଜିଲା ଆଇନସେବା ପ୍ରାଧିକରଣ ସମ୍ବିଧାନ ସପ୍ତାହ ପାଳନ ଅବସରରେ ମଙ୍ଗଳବାର ସ୍ଥାନୀୟ ଭିଏସ୍‌ଏସ୍ ଉଚ୍ଚ ବିଦ୍ୟାଳୟ ବେହେରାମାଲଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ୍ ତଥା ଆଇନସେବା ପ୍ରାଧୀକରଣ ଅଧକ୍ଷ ଦିଗାମ୍ବର ପୃଷ୍ଟିଙ୍କ ଆଦେଶ କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନସେବା ପ୍ରାଧିକରଣ ସଚିବ ନେହା ଦାସ ଯୋଗଦେଇ ଏହି ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ସମ୍ବିଧାନରେ ଥିବା ବିଭିନ୍ନ ମୌଳିକ ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମ୍ବିଧାନ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ବାଲ୍ୟବିବାହ ନିରାକରଣ ବିଜୟିନୀ ଅଭିଯାନ

ଝାରସୁଗୁଡ଼ା ଅଫିସ,୨୯।୧୧: ଝାରସୁଗୁଡା ଜିଲାରେ ବାଲ୍ୟବିବାହ ନିବାରଣ ଦିଗରେ ସଚେତନତା ପାଇଁ ବିଜୟିନୀ ଅଭିଯାନ ଅନୁଷ୍ଠିତ ହେଉଛି। ଏହି ଅବସରରେ ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ପୁନର୍ବାସ ଓ ଥଇଥାନ ପ୍ରବନ୍ଧକ ନିର୍ଦ୍ଦେଶକ ଆଲୋମଣୀ ସେଠୀ ଉପସ୍ଥିତ ଅଧିକାରୀଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ଡିଏସ୍‌ଡବ୍ଲ୍ୟୁଓ ମେହେରୁନିଶା ବେଗମ, ସିଡବ୍ଲ୍ୟୁସି ଅଧକ୍ଷା ଆନନ୍ଦିନୀ ପାଢ଼ୀ, ଡିସିପିଓ ସୁନନ୍ଦ ମହାରଣା, ବାଲ୍ୟ ବିବାହ ଜିଲା ସଂଯୋଜିକା ରଞ୍ଜିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ହକି ଷ୍ଟାଡିୟମ ମରାମତି ଦାବି

ସମ୍ବଲପୁର,୨୯।୧୧(ବ୍ୟୁରୋ): ଯୁଯୁମୁରା ହାଇସ୍କୁଲ ପଡ଼ିଆରେ ନିର୍ମାଣାଧୀନ ହକି ଷ୍ଟାଡିୟମର ମରାମତି ଦାବି କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଗ୍ୟାଲେରୀରେ ଫାଟ ସୃଷ୍ଟି ହୋଇଥିବାବେଳେ ନିମ୍ନମାନର କାମ ଯୋଗୁ କଂକ୍ରିଟ ଉଠିଯାଇଛି। ଉଦ୍‌ଘାଟନ ପୂର୍ବରୁ ଏହାର ମରାମତି କରିବାକୁ ଦାବି ହୋଇଛି। ଯୁଯୁମୁରା ଅଭିଯୋଗ ଶୁଣାଣିରେ ଯୋଗ ଦେବା ପରେ ଏଡିଏମ୍ ଉମାକାନ୍ତ ରାଜ ହକି ଷ୍ଟାଡିୟମ ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କରିଥିଲେ। ଯୁଯୁମୁରା ହକି ଏକାଡ଼େମୀ ଓ ହକି ପଡିଆକୁ ଶହୀଦ ମଧୁ ଗଡତିଆଙ୍କ ନାମରେ ନାମିତ କରିବାକୁ ମଧୁ ଗଡତିଆ ସ୍ମୃତି କମିଟି ପକ୍ଷରୁ ଦାବି କରାଯାଇଥିଲା। ଏଡିଏମ୍ ରାଜ ଯଥାଶୀଘ୍ର ମରାମତି କରାଯିବ ବୋଲି ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମୁଣ୍ଡେର ସାଧୁପଦାରୁ ଚୋରା ମଦ ପିଇ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଇଥିବା ଜଣେ ବ୍ୟକ୍ତି ଅଭିଯୋଗ କରିଥିଲେ। ଏହାକୁ ନେଇ ଯୁଯୁମୁରା ଅଞ୍ଚଳରେ ଚାଲିଥିବା ସମସ୍ତ ଚୋରା ମଦ କାରବାର ବନ୍ଦ କରିବାକୁ ଯୁଯୁମୁରା ପୋଲିସକୁ ଏଡିଏମ୍ ନିର୍ଦ୍ଦେଶ ଦେଇଥିଲେ। ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଆକାଉଣ୍ଟ ଅଫିସର ତଥା ଭାରପ୍ରାପ୍ତ ବିଡ଼ିଓ ସିପ୍ରିଆନ ସାଙ୍ଗା, ତହସିଲଦାର ଅଭିଷେକ ସାହୁ, ଜିଲା ପରିଷଦ ଉପସଭାପତି ମାଧବ ମିର୍ଦ୍ଧା, ବ୍ଲକ ଅଧକ୍ଷା ମମତା ନାଏକ, ବ୍ଲକ ଉପାଧକ୍ଷା ମନ୍ଦାକିନୀ ବିଶ୍ୱାଳ, ଜିଲା ପରିଷଦ ଜୋନ୍ ୧ ସଭ୍ୟା କବିତା ସାହୁଙ୍କ ସମେତ ଜିଲା ଓ ବ୍ଲକ ସ୍ତରର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# କଂସ ବଧ: ପଡ଼ିଆବାହାଲ ଧନୁଯାତ୍ରା ଶେଷ

ପଡ଼ିଆବାହାଲ,୨୯।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ପଡ଼ିଆବାହାଲ ହାଟ ପଡିଆଠାରେ ଗତ ୨୩ ତାରିଖରୁ ଆରମ୍ଭ ହୋଇଥିବା ଧନୁଯାତ୍ରା ମଙ୍ଗଳବାର ଶେଷ ହୋଇଛି। ଯାତ୍ରାର ଅନ୍ତିମ ପର୍ବ କଂସ ବଧ ମଞ୍ଚସ୍ଥ ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କଂସ ମହାରାଜ ସହର ପରିକ୍ରମା କରି ମଞ୍ଚକୁ ଯାଇଥିଲେ। କୃଷ୍ଣ, ବଳରାମଙ୍କୁ ମଧ ମଞ୍ଚକୁ ପାଛୋଟି ନିଆଯାଇଥିଲା। କଂସ ବଧ କାର୍ଯ୍ୟକ୍ରମ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଜମିଥିଲା। ଏଥିସହ ମିନାବଜାର ସ୍ୱତନ୍ତ୍ର ଆକର୍ଷଣ ରହିଥିଲା।


ଧନୁଯାତ୍ରାରେ କଂସ ଦରବାର ।

ପଡ଼ିଆବାହାଲ ବୁଢୀମାଉଲି ଯୁବକସଂଘ ପକ୍ଷରୁ ଧନୁଯାତ୍ରା ଆୟୋଜନ ହୋଇଥିଲା। ବସୁଦେବ ବିବାହରୁ ଆରମ୍ଭ ହୋଇ, କୃଷ୍ଣ ଜନ୍ମ, କଂସର ସାମ୍ରାଜ୍ୟ, ବସୁଦେବଙ୍କ ସମସ୍ତ ପୁତ୍ର ହତ୍ୟା, ବିଜୁଳିକନ୍ୟାଙ୍କ ଶୂନ୍ୟ ବାଣୀ, ଗୋପପୁରର ବାଳୁତ ଶିଶୁ ହତ୍ୟା, ପୁତନା ବଧ, ଅଷ୍ଟମଲ୍ଲ ନିଧନ, ଧନୁଯାତ୍ରା ପାଇଁ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ, ଗୋପୀଙ୍କ ଦହିବିକା ପ୍ରଭୃତି କାର୍ଯ୍ୟକ୍ରମ ପରିବେଷଧିତ ହୋଇଥିଲା। ପଡ଼ିଆବାହାଲ ଗ୍ରାମ ଗୋପପୁରୀ ଓ ପଡ଼ିଆବାହାଲ ହାଟପଡିଆକୁ ମଥୁରା ନଗରୀ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡା. ରାଜାରାମ ଷଡ଼ଙ୍ଗୀ ସଂଯୋଜନା କରିଥିଲା ବେଳେ ସମ୍ପାଦକ ସଞ୍ଜୀବ ଭୋଇ, ସଭାପତି ପ୍ରମୋଦ ମଗର, ପରୀକ୍ଷିତ ନାୟକ, ଦୁର୍ଗେଶ ସାହୁ, ବିପିନ ପଧାନ, ରୁପେଶ ପାତ୍ର, ମୁନୁ ଭୁଏ, ମୁନା ମହାନନ୍ଦ, ମନୋଜ ସୁବୁଦ୍ଧି, ବରୁଣ ସାହୁ, ଶୁକ ମେହେର, ଶଙ୍କର ନାୟକ, ମୁନା ମେହେର ପରିଚାଳନା କରିଥିଲେ।

# ତୃତୀୟ ସେଣ୍ଟ ଯୋଶେଫ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ


ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳିମାନେ ।

ସମ୍ବଲପୁର,୨୯।୧୧(ବ୍ୟୁରୋ)

ତୃତୀୟ ସେଣ୍ଟ ଯୋଶେଫ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ସାକ୍ଷୀପଡ଼ା ଚର୍ଚ୍ଚ ପ୍ରାଙ୍ଗଣରେ ଉଦ୍‌ଯାପିତ ହୋଇଯାଇଛି। ମହିଳାପୁରୁଷ, ଯୁବକ ଓ ଶିଶୁ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ବାଳକ ବର୍ଗରେ ବିନି ଖେସ ଓ ସୁନିଲ ଲାକ୍ରା ଚାମ୍ପିୟନ ଏବଂ ରୋହନ ଡୁଙ୍ଗଡୁଙ୍ଗ ଓ ଥୋମାସ କୁଲୁ ରନର୍ସ ଅପ୍ ହୋଇଛନ୍ତି। ବାଳିକା ବର୍ଗରେ ବିମଳା ତିର୍କୀ ଓ ଜ୍ୟୋତି ଚାମ୍ପିୟନ, ସିନିୟର ବର୍ଗରେ ଫାଦର ଏଡମନ ତିରୁ ଓ ଫାଦର ପ୍ରକାଶ ଗିରୋ ଚାମ୍ପିୟନ ହୋଇଥିବା ବେଳେ ଫାଦର ପି ଏକ୍କା ଓ ଫାଦର ପ୍ରକାଶ ବାର୍ଲା ରନର୍ସ ଅପ୍ ହୋଇଛନ୍ତି। ଶିଶୁ ବର୍ଗରେ ପ୍ରେମ ଓ ନିର୍ମଳା ଲାକ୍ରା ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି। ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଫ୍ରାନସିସ ତିର୍କୀ ମୁଖ୍ୟଅତିଥି ଓ ସେଣ୍ଟ ଜୋନ ସ୍କୁଲ ଅଧକ୍ଷ ଫାଦର ଅନିଲ କୁଜୁର, ସମ୍ବଲପୁର ନେହେରୁ ଯୁବକେନ୍ଦ୍ର ଯୁବ ଅଧିକାରୀ ମାରିଆନୁସ ବିଲୁଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଂଘର ଉପସଭାପତି ପୁନିତ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

# ମାନ ପରୀକ୍ଷା ହେଲା, ମାନିଲେନି ମିଲର୍ସ

ସମ୍ବଲପୁର,୨୯।୧୧(ବ୍ୟୁରୋ)

ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ମିଲର୍ସଙ୍କ ଦ୍ୱାରା ପରିଚାଳନା ହେଉଥିବା ଅଭିଯୋଗ ହେଉଥିଲା। ମଙ୍ଗଳବାର ମାନେଶ୍ୱର ମାର୍କେଟ ୟାର୍ଡରେ ଘଟିଥିବା ଘଟଣାରୁ ଏହା ପ୍ରମାଣିତ ହୋଇଛି। ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମାର୍କେଟରେ ଉପସ୍ଥିତ ଯୋଗାଣ ବିଭାଗ, ସମବାୟ ସମିତି ନିବନ୍ଧକଙ୍କ କାର୍ଯ୍ୟାଳୟ, ଆର୍‌ଏମ୍‌ସି ଅଧିକାରୀ, ମାନେଶ୍ୱର ସମବାୟ ସମିତି କର୍ମଚାରୀ ଓ ଚାଷୀଙ୍କ ମଧ୍ୟରେ ଟଣାଓଟରା ଲାଗିରହିଥିଲା। ମାର୍କେଟରେ ଚାଷୀଙ୍କ ଧାନର ମାନ ପରୀକ୍ଷା କରାଯାଇଥିଲା। ହେଲେ ମିଲର୍ସମାନେ ଏହାକୁ ମାନି ନ ଥିଲେ। ମିଲରେ ମାନ ପରୀକ୍ଷା କରି ଚାଷୀଙ୍କ ସହ ଆଲୋଚନା କରି ଧାନ ଅନ୍‌ଲୋଡ କରିବାକୁ ମତ ଦେଇଥିଲେ। ଶେଷରେ ଆସିଥିବା ସମସ୍ତ ଧାନ ମିଲଗୁଡ଼ିକୁ ଚାଲିଯାଇଥିଲା। ଜିଲା ପ୍ରଶାସନର ଅପାରଗତା ଓ ଧାନ ସଂଗ୍ରହରେ ଅବ୍ୟବସ୍ଥା ଯୋଗୁ ମିଲର୍ସମାନେ ସମସ୍ତ ମଣ୍ଡି ଓ ମାର୍କେଟକୁ ନିଜ ନିୟନ୍ତ୍ରଣରେ ପରିଚାଳନା କରୁଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ଚାଷୀମାନେ ଅଭିଯୋଗ କରି ମାର୍କେଟରେ ଧାନର ମାନ ପରୀକ୍ଷା କରିବାକୁ ଦାବି କରିଥିଲେ। ସୋମବାରଠାରୁ ମାନେଶ୍ୱର ସମେତ ଧମା, ଠେମରା ଆଦି ମାର୍କେଟରେ କଟ୍‌ନୀଛଟ୍‌ନୀକୁ ନେଇ ଅସନ୍ତୋଷ ଲାଗିରହିଛି। ଏହାର ସମାଧାନ ପାଇଁ ସମସ୍ତ ଦିଗରୁ ପ୍ରୟାସ ଜାରି ରହିଛି। ହେଲେ ଚାଷୀମାନେ ଯେଉଁଚାଷୀର ଧାନର ମାନ ଖରାପ ଥିବ କଟ୍‌ନୀଛଟ୍‌ନୀ କରାଯାଉ ବୋଲି ଦାବି କରିଆସୁଛନ୍ତି। ମିଲର୍ସ ମଧ ନିଜ ଜିଦରେ ଅଟଳ ରହୁଛନ୍ତି। ଏହାର ସ୍ଥାୟୀ ସମାଧାନର ବାଟ ପ୍ରଶାସନ ବାହାର କରିପାରୁ ନାହିଁ। ଧାନ ସଂଗ୍ରହ ଆରମ୍ଭରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଆଗାମୀ ଦିନରେ ସ୍ଥିତି ଆହୁରି ସଙ୍ଗିନ ହେବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି।

## ଶିଶୁ ଯତ୍ନ ଉପରେ ଆଲୋଚନାଚକ୍ର

ଝାରସୁଗୁଡ଼ା ଅଫିସ,୨୯।୧୧

ଜିଲା ସ୍ତରରେ ଶିଶୁ ଯତ୍ନ ନେଇ ଏକ ଆଲୋଚନାଚକ୍ର ମଙ୍ଗଳବାର ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ ଅଧକ୍ଷତା କରିଥିଲେ। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ୩୦ରୁ ଅଧିକ ବେସରକାରୀ ଅନୁଷ୍ଠାନ ତଥା ନାଗରିକ ସମାଜର କର୍ମକର୍ତ୍ତା ଉପସ୍ଥିତ ରହି ଶିଶୁମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରଗତି ପାଇଁ ସହଯୋଗର ହାତ ବଢ଼ାଇବା ସହ ନିଜ ମତାମତ ଦେଇଥିଲେ। ସୂଚନାଯୋଗ୍ୟ, ଜିଲାରେ ୪ ଶିଶୁ ଯତ୍ନ ଅନୁଷ୍ଠାନ ଥିବାବେଳେ ସେଠାରେ ୬୦ରୁ ଊର୍ଦ୍ଧ୍ୱ ପିତୃମାତୃହୀନ ଶିଶୁ, ଏକକ ଅଭିଭାବକ ଶିଶୁ ଓ ଅନ୍ୟାନ୍ୟ ଯତ୍ନ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ରହିଛନ୍ତି। ଏଭଳି ଶିଶୁଙ୍କ ଯତ୍ନ ସକାଶେ ସରକାରଙ୍କ ପକ୍ଷରୁ ମିଳୁଥିବା ଅନୁଦାନ ସହ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରବନ୍ଧକ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଶିଶୁ କଲ୍ୟାଣ କମିଟି ଅଧକ୍ଷା ଆନନ୍ଦିନୀ ପାଢ଼ୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ମେହେରୁନିଶା ବେଗମ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ପ୍ରମୁଖ ଯୋଗଦେଇଥିଲେ।

# ଓଡ଼ିଆ ଭାଷା, ସଂସ୍କୃତି ସୁରକ୍ଷା ପରିଷଦ ବୈଠକ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

ଝାରସୁଗୁଡ଼ା ଅଫିସ,୨୯।୧୧

ଜିଲାପାଳ ତଥା ଓଡ଼ିଆ ଭାଷା ଓ ସଂସ୍କୃତି ସୁରକ୍ଷା ପରିଷଦ ସଭାପତି ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଷା ଓ ସଂସ୍କୃତି ସୁରକ୍ଷା ସକାଶେ ଜୟନ୍ତୀ ପାଳନ, ସାହିତ୍ୟ ସମ୍ମିଳନୀ, କବି ବିନୋଦ ନାୟକଙ୍କ ସାହିତ୍ୟ ସୃଷ୍ଟିକୁ ନେଇ ଗ୍ରନ୍ଥାବଳୀ ପ୍ରକାଶନ ଓ ପୁସ୍ତକ ମେଳା ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା। ପୁସ୍ତକ ମେଳା ଆୟୋଜନ ପାଇଁ ଭାଷା ଓ ସଂସ୍କୃତି ସୁରକ୍ଷା ପରିଷଦ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ଛତିଶଗଡ଼ ଓ ଓଡ଼ିଶାର ଓଡ଼ିଆ ଲେଖକ, କବି ତଥା ସାରସ୍ୱତ ସାଧକମାନଙ୍କୁ ନେଇ ଏକ ସମ୍ମିଳନୀ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ଜିଲା ମହୋତ୍ସବ ଦୁଲଦୁଲି ୨୦୨୩ ଜାନୁୟାରୀ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ ଏହା ପୂର୍ବରୁ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ପୁସ୍ତକ ମେଳା ଆୟୋଜନ ପାଇଁ ସ୍ଥିର କରାଯାଇଛି। ବୈଠକରେ ପରିଷଦର କାର୍ଯ୍ୟ ନିର୍ବାହୀ କମିଟି ସଦସ୍ୟାସଦସ୍ୟ ଯୋଗ ଦେଇଥିଲେ।

# ଶ୍ରୀରାମସୀତାଙ୍କ ବିବାହ ମହୋତ୍ସବ

ସମ୍ବଲପୁର,୨୯।୧୧(ବ୍ୟୁରୋ)

ପରମ୍ପରା ଓ ରୀତିନୀତି ଅନୁସାରେ ପ୍ରଭୁ ଶ୍ରୀରାମ ଚନ୍ଦ୍ର ଓ ମାତା ସୀତାଙ୍କ ଲୋକାଚାରରେ ବିବାହ ସମ୍ପନ୍ନ ହୋଇଛି। ହନୁମାନ ମନ୍ଦିର ପରିଚାଳନା କମିଟି ଓ ମହିଳା ସତ୍‌ସଙ୍ଗ ସମିତି ମିଳିତ ଆୟୋଜନରେ ସମ୍ବଲପୁର ବୁଢ଼ୀହିଲସ୍ଥିତ ହନୁମାନ ମନ୍ଦିର ପରିସରରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଭୁ ରାମଚନ୍ଦ୍ର ଭବ୍ୟ ବରଯାତ୍ରୀରେ ବାହାରି ବିବାହ ମଣ୍ଡପ ମୁଖ୍ୟ ଦ୍ୱାରରେ ପହଞ୍ଚିଥିଲେ। କନ୍ୟାପକ୍ଷରୁ ବରଙ୍କୁ ସ୍ୱାଗତ ଜଣାଇ ବିବାହ ମଣ୍ଡପରେ ଉପବିଷ୍ଟ କରାଇଥିଲେ। ପଣ୍ଡିତ ବ୍ୟାସଦେବ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ସୁରେନ୍ଦ୍ର ତ୍ରିପାଠୀ ରାମାୟଣ କଥା ଉପସ୍ଥାପନ କରିଥିଲେ। କନ୍ୟାମାତା ପ୍ରମିଳା ସାହୁ ଓ କନ୍ୟାପିତା ଗୋପାଳ ସାହୁ କନ୍ୟାଦାନ କରିଥିଲେ।


ଶ୍ରୀରାମଚନ୍ଦ୍ର ଓ ମାତା ସୀତାଙ୍କ ବିବାହ ଉତ୍ସବ ।

ସେହିପରି ଏସ୍ ରଶ୍ମିତା ଓ ଏସ୍ ସଞ୍ଜୀବ କୁମାର ବରମାତା ପିତା ଦାୟିତ୍ୱ ନିର୍ବାହ କରିଥିଲେ। ହନୁମାନ ମନ୍ଦିର ପରିଚାଳନା କମିଟି ସଭାପତି ଦୁର୍ଗାମାଧବ ମିଶ୍ର, ସାଧାରଣ ସମ୍ପାଦକ ରାଜୀବ କୁମାର ଶତପଥି, ସଭ୍ୟ ସଞ୍ଜୀବ ପାଢ଼ୀ, ଉମାକାନ୍ତ ସାହୁ, ସୁରେନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଦେବଦମ୍ପତି ସୁସଜ୍ଜିତ ବିମାନରେ ଉପବିଷ୍ଟ ହୋଇ ନଗର ପରିକ୍ରମା କରିଥିଲେ।

## ବାଉରିଗୋଡ଼ାରେ କୁରାଳ ଯଜ୍ଞ ସମ୍ପନ୍ନ

କୁଚିଣ୍ଡା,୨୯।୧୧(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ବାଉରିଗୋଡାଠାରେ କୁରାଳ ଯଜ୍ଞ ସୋମବାର ସମାପନ ହୋଇଛି। କୁମ୍ଭାର ସମାଜ ପକ୍ଷରୁ ଆୟୋଜିତ ଯଜ୍ଞରେ ମୁରଲୀଧର ରଣା ଓ ସ୍ତ୍ରୀ ଚିକେଶ୍ୱରୀ ରଣା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ଅଲେଖ ପତି ପୂଜାକାର୍ଯ୍ୟ କରିଥିଲେ। ସାଲୋହି କୁମ୍ଭାର ସମାଜ ଗାଦିର ସଦସ୍ୟ ଗଙ୍ଗାଧର ରଣା, ବିନୟ ରଣା, କିଶୋର ଚନ୍ଦ୍ର ରଣା, ହରେକୃଷ୍ଣ ରଣା, ବେଣୁଧର ରଣା, ଦିବ୍ୟ ଶଙ୍କର ରଣା ପ୍ରମୁଖ ସହଯୋଗ କରିଥିଲେ। ପରେ ରାତ୍ରିରେ ପାଲା ସତ୍‌ସଙ୍ଗ ସହ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା।

# ଲଇକେରାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଝାରସୁଗୁଡ଼ା ଅଫିସ,୨୯।୧୧

ଲଇକେରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଶିବିରରେ ଜିଲାପାଳ ମୋଟ ୩୪ଗୋଟି ଅଭିଯୋଗର ଶୁଣାଣି କରିଥିଲେ। ଏଥିମଧ୍ୟରୁ ୬ଟି ସାମୂହିକ ଓ ୨୮ଟି ବ୍ୟକ୍ତିଗତ ରହିଥିଲା। ରେଙ୍ଗାଲବେଡ଼ାରେ ଜଳନିଧି ଯୋଜନାରେ ବିଦ୍ୟୁତ୍ ମିଟର ସଂଯୋଗ, ମୟୂରଡିମାରେ ଖରିଫ ଧାନ କ୍ରୟ, ମୁଦ୍ରାଜୋରରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରାଯିବା, ଖଇରଡିହିରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଆଦି ସାମୂହିକ ଅଭିଯୋଗର ଶୁଣାଣି କରାଯାଇଥିଲା। ସେହିପରି ମଧୁବାବୁ ପେନ୍‌ସନ୍, ପଞ୍ଚାୟତ କମ୍ପ୍ଲେକ୍ସରେ ଦୋକାନଗୃହ ବଣ୍ଟନ, ଜମି ବିବାଦ, ବସ୍ତି ପ୍ଲଟ ଖାରଜ, କେନ୍ଦୁଡିହି ପଞ୍ଚାୟତରେ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ, ଜମି ସୀମା ଚିହ୍ନଟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ଯୋଗାଣ ଆଦି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି ହୋଇଥିଲା। ଅଭିଯୋଗ ଗୁଡ଼ିକର ଶୁଣାଣି କରି ବିଭାଗୀୟ ଅଧିକାରୀ ଏ ଦିଗରେ ଯଥା ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ସମାଧାନ ହୋଇ ନ ଥିବା ଅଭିଯୋଗଗୁଡିକ ସମ୍ପର୍କରେ ଯଥାଶୀଘ୍ର ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଏସ୍‌ପି ରାହୁଲ ଜୈନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି, ଉପ ଜିଲାପାଳ ଦୟାମୟ ପାଢୀ, ବିଡିଓ ଅଲେଖ ଘୁଟାଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସୂର୍ଯ୍ୟ ମନ୍ଦିର ପାଇଁ ନିର୍ମାଣ କମିଟି ଗଠନ

ଝାରସୁଗୁଡ଼ା ଅଫିସ/ବେଲପାହାଡ,୨୯।୧୧

ବେଲପାହାଡ ବିହାରୀ ସମାଜ ପକ୍ଷରୁ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ସୂର୍ଯ୍ୟ ମନ୍ଦିର ସମ୍ପୂର୍ଣ୍ଣ କରିବାପାଇଁ ଏକ କମିଟି ଗଠିତ ହୋଇଛି। ୨୦୨୦ରୁ ସ୍ଥାନୀୟ ମାଳିପଡା ବଡକଟା ପାର୍ଶ୍ୱରେ ମନ୍ଦିର ଅସମ୍ପୂର୍ଣ୍ଣ ଥିବା ବେଳେ ପ୍ରତିବର୍ଷ ଛଟ ପୂଜା ଅସ୍ଥାୟୀ ମଣ୍ଡପରେ ମାଟି ପ୍ରତିମା ନିର୍ମାଣ କରି ପାଳନ କରାଯାଉଛି। ସୂର୍ଯ୍ୟ ମନ୍ଦିର ନିର୍ମାଣ ସକାଶେ ବବନ ସିଂଙ୍କ ଅଧକ୍ଷତାରେ ବିହାରୀ ସମ୍ପ୍ରଦାୟର ବୈଠକ ବସି କମିଟି ଗଠନ କରାଯାଇଛି। ବୈଠକରେ ୨୦୨୪ ମସିହା ମଧ୍ୟରେ ସୂର୍ଯ୍ୟ ମନ୍ଦିର ସମ୍ପୂର୍ଣ୍ଣ କରିବା ପାଇଁ ସଦସ୍ୟ ସଙ୍କଳ୍ପ ନେଇଛନ୍ତି। କମିଟିରେ ବବନ ସିଂ ସଭାପତି, ମନିଷ ସିଂ ଉପସଭାପତି, ରାଜେଶ ଶର୍ମା ସାଧାରଣ ସମ୍ପାଦକ, ଧନଞ୍ଜୟ ସିଂ କୋଷାଧକ୍ଷ ଓ ପ୍ରେମ ପ୍ରକାଶ ସିଂହ ଆର୍ଥିକ ପରାମର୍ଶଦାତା ରହିଛନ୍ତି।

# ଆନ୍ଦୋଳନରେ ଶିକ୍ଷକ: ୧୦୮ ସ୍କୁଲରେ ପାଠପଢ଼ା ଠପ୍

ନାକଟିଦେଉଳ,୨୯।୧୧(ଡି.ଏନ.ଏ.)

ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଏନ୍‌ପିଏସ୍ ବା ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ଶିକ୍ଷକମାନେ ୩ଦଫା ଦାବି ନେଇ ରବିବାରଠାରୁ ଭୁବନେଶ୍ୱରରେ ଆନ୍ଦୋଳନ ଚଳାଇଛନ୍ତି। ଏଥିରେ ନାକଟିଦେଉଳ ସଂଘର ୨୧୫ଜଣ ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହୋଇଥିବାରୁ ୨ଦିନ ହେଲା ୧୦୮ ବିଦ୍ୟାଳୟରେ ପାଠପଢା ଠପ ହୋଇପଡ଼ିଛି। ପ୍ରାଥମିକ, ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କେତେକ ସ୍ଥାନରେ ଜଣେ ମାତ୍ର ଅନ୍ୟବର୍ଗର ଶିକ୍ଷକ ଉପସ୍ଥିତ ରହି ପାଠ ପଢାଉଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ରଙ୍କୁ ପଚାରିବାରୁ ଶିକ୍ଷୟିତ୍ରୀଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ବ୍ଲକର ୨୦ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଦେଇଥିଲା। ସୋମବାରଠାରୁ ଜଣେ ଲେଖାଏ ଶିକ୍ଷକ ଡ଼େପୁଟେସନରେ ଦିଆଯାଇ ପାଠପଢା ଚାଲୁରହିଛି ବୋଲି ପ୍ରକାଶ କରିଥିଲେ। ବ୍ଲକ ସଂଘ ସମ୍ପାଦକ ମହେଶ୍ୱର ପ୍ରଧାନ, କୋଷାଧକ୍ଷ ରଞ୍ଜନରଶ୍ମି ପ୍ରଧାନ, ଜିଲା ସଭାପତି ପ୍ରମୋଦ କୁମାର ପ୍ରଧାନ, କ୍ଲଷ୍ଟର ଲିଡ଼ର ଲୋକନାଥ ସାମଲ, ହିମାଂଶୁ ଶେଖର ପ୍ରଧାନ, ରଜନୀକାନ୍ତ ଆଚାର୍ଯ୍ୟ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବ୍ରଜରାଜନଗର,୨୯।୧୧(ଡି.ଏନ.ଏ.)

ବ୍ରଜରାଜନଗର ସନଯୋବଠାରେ ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମଙ୍ଗଳବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ଅଶୋକ ଉପାଧ୍ୟାୟ ଓ ଗିରିଧାରୀ ଦାସ ପୂଜାକାର୍ଯ୍ୟ କରିଥିଲେ। ମୁଖ୍ୟ କର୍ତ୍ତା ଭାବେ ଝସକେତନ ପ୍ରଧାନ ସହଧର୍ମିଣୀ ଇନ୍ଦିରା ପ୍ରଧାନ ଉପସ୍ଥିତ ଥିଲେ। ଅନ୍ୟ କର୍ତ୍ତା ସୁରଥ ସାହୁ ସହଧର୍ମିଣୀ କଳ୍ପନା ସାହୁ, ନିମାଇଁ ଚରଣ ପ୍ରଧାନ ସହଧର୍ମିଣୀ ସୀମା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମର ଅଚ୍ୟୁତାନନ୍ଦ ପ୍ରଧାନ, ସୁବାସ ପ୍ରଧାନ, ତାପସ ପ୍ରଧାନ, ଚୈତନ୍ୟ ଦୀପ, ବନମାଳୀ ଥେଥୁଆର, ରୂପେନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ

## ଡିସେମ୍ବର ୭ରୁ କଲାବ୍ୟାଜ୍ ପିନ୍ଧିବେ


ସିଡିଏମ୍‌ଓ ଅଫିସ ସମ୍ମୁଖରେ ସ୍ୱାସ୍ଥ୍ୟକର୍ମୀଙ୍କ ବିକ୍ଷୋଭ।।

ସମ୍ବଲପୁର,୨୯।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଅଫିସ ସମ୍ମୁଖରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ପରିଦର୍ଶକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସିଡିଏମ୍‌ଓ ଡା. ପଙ୍କଜ ପଟେଲଙ୍କୁ ପାଞ୍ଚ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଦର୍ଶାଯାଇଛି, କୋଭିଡ୍ ସମୟରେ ସ୍ୱାସ୍ଥ୍ୟକର୍ମୀମାନେ ନିଜ ଜୀବନକୁ ବାଜି ଲଗାଇ କାମ କରିଥିଲେ। ୨୦୧୩ ମସିହାରୁ ସରକାର ପ୍ରକାଶ କରିଥିବା ବିଜ୍ଞପ୍ତି ଏପର୍ଯ୍ୟନ୍ତ ଲାଗୁ କଲେ ନାହିଁ। ବର୍ଷ ବର୍ଷ ଧରି ଆଲୋଚନା ଓ ଆନ୍ଦୋଳନ ପରେ ମଧ ସମାଧାନ ହୋଇପାରିଲା ନାହିଁ। ତେଣୁ ଡିସେମ୍ବର ୭ ତାରିଖଠାରୁ କଲାବ୍ୟାଜ୍ ପିନ୍ଧି କାର୍ଯ୍ୟରେ ଯୋଗଦେବେ। ସୁଫଳ ନ ମିଳିଲେ ପୁଣି ୧୪ଡିସେମ୍ବରରୁ କାର୍ଯ୍ୟ କରିବେ, ହେଲେ କୌଣସି ରିପୋର୍ଟ ପ୍ରଦାନ କରିବେ ନାହିଁ। ପୁଣି ୨୧ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟବନ୍ଦ କରିବେ ବୋଲି ଉଲ୍ଲେଖ କରିଛନ୍ତି। ଏହାସହ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେଲେ ସରକାର ଦାୟୀ ରହିବେ ବୋଲି କହିଛନ୍ତି। ୨୦୧୩ ବିଜ୍ଞପ୍ତି ଅନୁସାରେ ଦରମା ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଝାରସୁଗୁଡ଼ା ଅଫିସ,୨୯।୧୧

ରାଜ୍ୟ ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ଆହ୍ୱାନକ୍ରମେ ଜିଲାରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀମାନେ ୮ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଡିପିଓଙ୍କୁ ପ୍ରଦାନ କରିଛନ୍ତି। ଲଖନପୁର, ଝାରସୁଗୁଡା, ଲଇକେରା, କୋଲାବିରା ଓ କିର୍ମିରା ବ୍ଲକ୍‌ର ବହୁ ଅଙ୍ଗନୱାଡି କର୍ମୀ ସାମିଲ ହୋଇ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରମୁଖ ଦାବି ମଧ୍ୟରେ ୨୦୧୮ ଆନ୍ଦୋଳନ ଯୋଗୁ ବହିଷ୍କୃତ ହୋଇଥିବା ୬ ଅଙ୍ଗନୱାଡି କର୍ମୀଙ୍କୁ ପୁନଃନିଯୁକ୍ତି, ସରକାରୀ କର୍ମଚାରୀ ମାନ୍ୟତା, ସେ ପର୍ଯ୍ୟନ୍ତ କର୍ମୀମାନଙ୍କୁ ମାସିକ ୧୮ହଜାର ଓ ସହାୟିକାଙ୍କୁ ୯ହଜାର ଟଙ୍କା ପ୍ରଦାନ, ଅଙ୍ଗନଓାଡି କର୍ମୀ, ମିନି ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ଅବସର କାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କା ସହିତ ମାସିକ ପେନସନ ରାଶି ୫ହଜାର ଟଙ୍କା ପ୍ରଦାନ ଅନ୍ୟତମ। ଲଖନପୁର ବ୍ଲକ୍ ଅଙ୍ଗନୱାଡି କର୍ମଚାରୀ ସଂଘ ସଭାପତି ପ୍ରଭାସିନୀ ନାୟକ, ଉପସଭାପତି ବିଷ୍ଣୁପ୍ରିୟା ପଟେଲ, ସମ୍ପାଦିକା ଯାଜ୍ଞସେନୀ ମହାପାତ୍ର, ଦେଶାନ୍ତରୀ ପଶାୟତ, କୋଷାଧକ୍ଷ କୌଶଲ୍ୟା କଣ୍ଡା, ଦୀପାଞ୍ଜଳି ସାହୁ ଏଥିରେ ସାମିଲ ଥିଲେ।


ସିଡିପିଓ ଅଫିସ୍ ସମ୍ମୁଖରେ ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ।



# ‘ଚନ୍ଦ୍ରମୁଖୀ ୨’ରେ କଙ୍ଗନା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ ଆଉ ଏକ ହାଇବଜେଟ୍ ଫିଲ୍ମରେ କାମ କରିବାକୁ ଯାଉଛନ୍ତି। ନିକଟରେ ସୁପରଷ୍ଟାର ରଜନୀକାନ୍ତଙ୍କ ଅଭିନୀତ ହରର୍, କମେଡି ଫିଲ୍ମ ‘ଚନ୍ଦ୍ରମୁଖୀ’ର ସିକ୍ୱେଲ୍ ‘ଚନ୍ଦ୍ରମୁଖୀ ୨’ର ନିର୍ମାଣ ନେଇ ଘୋଷଣା କରାଯାଇଛି। ଏଥିରେ ମୁଖ୍ୟ ଭୂମିକାରେ କଙ୍ଗନା ଅଭିନୟ କରିବେ,ଯେଉଁଥିରେ ମୁଖ୍ୟ ନାୟକ ଚରିତ୍ରରେ ରାଘବ ଲରେନ୍ସ ଦେଖାଯିବେ। ଫିଲ୍ମର ନିର୍ଦ୍ଦେଶନା ଭାର ପି. ବାସୁ ସମ୍ଭାଳିବାକୁ ଥିବାବେଳେ ତାମିଲ ହାସ୍ୟ ଅଭିନେତା ଭାଡିଭେଲୁ ମଧ୍ୟ ଏଥିରେ ପ୍ରମୁଖ ଭୂମିକାରେ ଅଭିନୟ କରିବେ। ମଙ୍ଗଳବାର ଇନ୍ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି କଙ୍ଗନା ଏହି ସୂଚନା ଦେଇଛନ୍ତି। ଆଉଥରେ ଏକ ମେଗା ତାମିଲ ଫିଲ୍ମରେ କାମ କରିବାର ସୁଯୋଗ। ବାସୁଜୀଙ୍କ ସହଆଉଥରେ କାମ କରିବା ନେଇ ଉତ୍ସାହିତ ଥିବା ପୋଷ୍ଟ ଜରିଆରେ ସେ କହିଛନ୍ତି। ୨୦୦୫ରେ ମୁକ୍ତିଲାଭ କରିଥିବା ଚନ୍ଦ୍ରମୁଖୀରେ ଜ୍ୟୋତିକା ଅଭିନୟ କରିଥିବାବେଳେ ସିକ୍ୱେଲ୍‌ରେ କିନ୍ତୁ କଙ୍ଗନା ଅଭିନୟ କରିବେ।

## ଖପୁରିଠୁ ବଡ଼ ମସ୍ତିଷ୍କ





**ୱାଶିଂଟନ୍:** ଇଂଲଣ୍ଡର ମର୍ସିସାଇଡ୍‌ରୁ ଏକ ବିରଳ ଘଟଣା ସାମ୍ନାକୁ ଆସିଛି। ନୋସ୍‌ଲି ଗ୍ରାମରେ ସାମନ୍ଥା ଏମ୍‌ସିଗିଙ୍କ ପୁଅ ଲେନୀଙ୍କ ମସ୍ତିଷ୍କ ଖପୁରିଠାରୁ ବଡ଼। ସ୍କୁଲରୁ ଫେରିବା ପରେ ୨ ବର୍ଷୀୟ ପୁଅ ଲେନୀ ଅଣ୍ଟା କାଟୁଥିବା କଥା କହିଥିଲେ। ଡାକ୍ତରଖାନାରେ ଏମ୍‌ଆର୍‌ଆଇ ପରୀକ୍ଷା ପରେ ଲେନୀଙ୍କ ଖପୁରି ତୁଳନାରେ ତାଙ୍କ ମସ୍ତିଷ୍କ ବଡ଼ ଜଣାପଡ଼ିଥିଲା। ମସ୍ତିଷ୍କରୁ ସ୍ପାଇନାଲ କର୍ଡକୁ ହରମୋନ ଯିବାରେ ଅସୁବିଧା ହେବା କାରଣରୁ ଏହି ବ୍ୟତିକ୍ରମ ଦେଖିବାକୁ ମିଳିଛି। ହର୍‌ମୋନ୍ ଠିକ୍ ଭାବେ ଶରୀରର ବିଭିନ୍ନ ଅଙ୍ଗକୁ ଯାଇପାରୁ ନ ଥିବା ଯୋଗୁ ଅଣ୍ଟା ବିନ୍ଧାଭଳି ଅସୁବିଧା ଦେଖାଯାଉଥିଲା। ସ୍ପାଇନାଲ କର୍ଡରୁ ଏକ ଛୋଟ ଅସ୍ଥିକୁ କାଢ଼ିଲେ ସେ ସୁସ୍ଥ ହେବେ ବୋଲି ଡାକ୍ତର କହିଛନ୍ତି।

# ହାଇଡ୍ରୋଜେନ୍‌ରେ ଚାଲିବ ବିମାନ

## ବିଶ୍ୱରେ ପ୍ରଥମ

**ଲଣ୍ଡନ:** ଗାଡି, ମୋଟରରେ ବ୍ୟବହୃତ ଇନ୍ଧନ ବାୟୁପ୍ରଦୂଷଣ ପାଇଁ ଦାୟୀ। ଇନ୍ଧନରୁ ବାହାରୁ ଥିବା ବିଷାକ୍ତ ଗ୍ୟାସ୍ କାରଣରୁ ଏୟାର ପଲ୍ୟୁଶନ୍‌ର ମାତ୍ରା କ୍ରମାଗତ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ପ୍ରଦୂଷଣ ପାଇଁ ଏୟାରକ୍ରାଫ୍ଟ ବା ବିମାନରେ ବ୍ୟବହାର ହେଉଥିବା ଇନ୍ଧନର ମଧ୍ୟ ସମାନ ସମ୍ପୃକ୍ତି ରହିଛି। ବ୍ରିଟେନ୍‌ର ଏୟାରଲାଇନ୍ସ ଇଜିଜେଟ୍ ଏବଂ ବିମାନ ଇଞ୍ଜିନ ନିର୍ମାଣକାରୀ କମ୍ପାନୀ ରୋଲ୍ସ-ରୋଏସି ମିଳିତ ଭାବେ ଏକ ଏୟାରକ୍ରାଫ୍ଟ ଇଞ୍ଜିନ୍‌ର ସଫଳ ପରୀକ୍ଷଣ କରିଛନ୍ତି। ଏହା ବିଶ୍ୱର ପ୍ରଥମ ଇଞ୍ଜିନ, ଯାହା ହାଇଡ୍ରୋଜେନ୍ ଦ୍ୱାରା ପରିଚାଳିତ।

କମ୍ପାନୀ ପକ୍ଷରୁ ତିଆରି କରାଯାଇଥିବା ଟର୍ବୋ ପ୍ରୋପ୍ ଫ୍ୟାନ୍ ଇଞ୍ଜିନର ପରୀକ୍ଷଣ ସ୍କଟ୍‌ଲାଣ୍ଡର ଓର୍କନୀ ଦ୍ୱୀପରେ ଚଳିତମାସରେ କରାଯାଇଛି। ଏ ପ୍ରକାର ଇଞ୍ଜିନ କ୍ଷୁଦ୍ର ବିମାନଗୁଡ଼ିକରେ ବ୍ୟବହାର କରାଯାଏ। ଏକ ଫୁଟ ସ୍କେଲ୍ ଗ୍ରାଉଣ୍ଡ ଟେଷ୍ଟ ପାଇଁ ରୋଲ୍ସ-ରୋଏସି ଏକକାଳୀନ ୧୫ଟି ଜେଟ୍ ଇଞ୍ଜିନ ନିର୍ମାଣ କରିବାର ଯୋଜନା ରଖିଛି। ବ୍ଲୁ ହାଇଡ୍ରୋଜେନ୍ (ଗଛରୁ ନିର୍ଗମନ ହେଉଥିବା ହାଇଡ୍ରୋଜେନ ଗ୍ୟାସ) ପରିଚାଳିତ ବିମାନ ଇଞ୍ଜିନ୍‌କୁ ବ୍ରିଟେନ୍‌ର ବ୍ୟାପାର ଓ ଶକ୍ତି ମନ୍ତ୍ରୀ ଗ୍ରାଣ୍ଟ ସାପ୍ସ ପ୍ରଶଂସା କରିଛନ୍ତି। ଇଞ୍ଜିନ ନିର୍ମାଣକାରୀ କମ୍ପାନୀ ଏବଂ ସରକାର ମିଳିତଭାବେ ଏ ଦିଗରେ କାର୍ଯ୍ୟ କରିବେ। ବାୟୁ ପ୍ରଦୂଷଣ ରୋକିବା ପାଇଁ ଏହା ଏକ ସ୍ୱାଗତଯୋଗ୍ୟ ପନ୍ଥା ବୋଲି ସେ କହିଛନ୍ତି।



# ୬ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

## ସସକାପଦର ଡବଲ ମର୍ଡର ମାମଲା

ବୌଦ୍ଧ,୨୯।୧୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ଦୌରାଜଜ୍ ବିକ୍ରମ କୁମାର ପ୍ରଧାନ ମଙ୍ଗଳବାର ଏକ ଡବଲ ମର୍ଡର ମାମଲାର ବିଚାର କରି ୬ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ଦଶ ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ, ବୌଦ୍ଧ ଜିଲା ମନମୁଣ୍ଡା ଥାନା ମହତପୁର ଗ୍ରାମର ହରିତ କର୍ଣ୍ଣ ଗତ ୨୦।୪।୧୫ ତାରିଖରେ ଏକ ବାଇକ୍‌ରେ କେଉଁଆଡେ ଯାଇଥିଲେ। ଏନେଇ ସେହିମାସ ୨୨ ତାରିଖରେ ହରିତ ନିଖୋଜ ଥିବା ନେଇ ତାଙ୍କ ଭାଇ ଅମିର କର୍ଣ୍ଣ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଗତ ୨୬।୪।୧୫ ତାରିଖରେ ଅମିର ଜାଣିବାକୁ ପାଇଥିଲେ ଯେ, ହରିତ ପାଇକବାହାଲ ଗ୍ରାମର ସୁରଥ ନାୟକଙ୍କ ସମେତ କେତେଜଣ ସାଙ୍ଗଙ୍କ ସହ ମିଶି ୪ଟି ବାଇକ୍‌ରେ ଅନ୍ୟ ଜଣେ ସାଙ୍ଗର ବାହାଘର ଭୋଜି ପାଇଁ ଛେଳି (ମେଲଛା) କିଣିବାକୁ ଲହୁରପଡା,ଛଲଣ୍ଡା ଆଦି ଗ୍ରାମକୁ ଯାଇଥିଲେ। ସେମାନେ ଛେଳି ଦର ଧାର୍ଯ୍ୟ କରି ରାତି ପ୍ରାୟ ୧୦ଟା ସମୟରେ ଘରକୁ ଫେରୁଥିଲେ। ସମସ୍ତେ ଫେରିବା ସମୟରେ ହରିତ ଓ ସୁରଥ ଗୋଟିଏ ବାଇକ୍‌ରେ ବସିଥିଲେ। ଏହି ସମୟରେ ସସକାପଦର ଗ୍ରାମ ମୁଣ୍ଡ ନାଳ ପାଖରେ ସସକାପଦର ଗ୍ରାମର ଚିତ୍ତରଞ୍ଜନ କହଁର, ଦଶରଥ କହଁର, ବିଘ୍ନେଶ୍ୱର କହଁର,ବିଜୁ କହଁର, ଲିବେଶ୍ୱର କହଁର,ବାରକୁତୁଲି ଗ୍ରାମର ଅକୁର କହଁର ପାଖ ଗାଁ ବାରକୁତୁଲି, ଚାଞ୍ଚେର,ଆଡସିଙ୍ଗ,ଡୁଡସିଙ୍ଗ ଆଦିର ଦଶ ବାର ଜଣ ଲୋକଙ୍କୁ ଡାକି ଠେଙ୍ଗା ଓ ବାଡିରେ ହରିତ ଓ ସୁରଥଙ୍କୁ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ହରିତ ଓ ସୁରଥଙ୍କର ମୃତ୍ୟୁ ଘଟିଥିଲା। ଭୟରେ ଉଭୟଙ୍କ ଅନ୍ୟ ଛଅ ଜଣ ସାଙ୍ଗ ବାଇକ୍ ଛାଡି ସେଠାରୁ ଦୌଡି ପଳାଇ ଯାଇଥିଲେ। ଅପରପକ୍ଷରେ ଆକ୍ରମଣକାରୀମାନେ ଦୁଇ ମୃତଦେହକୁ କାକଟପଙ୍ଗା ଜଙ୍ଗଲର ଜୁନାଡିହି ଠାରେ ପୋଡି ଦେଇଥିଲେ। ସାଙ୍ଗମାନେ ଛାଡି ପଳାଇଥିବା ବାଇକ୍‌ଗୁଡିକ ବାଘନଦୀର ପଦ୍ମଦୋରରେ ଫିଙ୍ଗି ଦେଇଥିଲେ। ଏହି ଘଟଣାରେ ପୋଲିସ ନଂ ୬୧/୧୫ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଚିତ୍ତରଞ୍ଜନ କହଁର ଓ ଅନ୍ୟ ଦୁଇ ନାବାଳକଙ୍କୁ ଆଣି ଜେରା କରିଥିଲା। ଜେରା ସମୟରେ ପୋଲିସ ସମସ୍ତ ଘଟଣା ଜାଣି ପାରି ମୃତଦେହ ପୋଡି ଦେଇଥିବା ସ୍ଥାନକୁ ଯାଇ ହାଡ ଓ ପାଉଁଶ ଜବତ କରିଥିଲା। ଏହାଛଡା ଅଗ୍ନିଶମ ବାହିନୀ ସାହାଯ୍ୟରେ ପାଣିରେ ପଡିଥିବା ବାଇକ୍‌ଗୁଡିକ ଉଦ୍ଧାର କରାଯାଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ଅଭିଯୁକ୍ତ ଚିତ୍ତରଞ୍ଜନ କହଁର, ଦଶରଥ କହଁର, ବିଘ୍ନେଶ୍ୱର କହଁର,ବିଜୁ କହଁର, ଲିବେଶ୍ୱର କହଁର,ବାରକୁତୁଲି ଗ୍ରାମର ଅକୁର କହଁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ୧୬ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତି କରି ଜିଲା ଦୌରାଜଜ୍ ଅଭିଯୁକ୍ତମାନଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ଆଦେଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସରକାରୀ ଓକିଲ ସବିତା କୁମାରୀ ପଣ୍ଡା ପରିଚାଳନା କରୁଥିଲେ।

WANTED
Girls for Packaging Unit.
Age 18 to 22 years. Near Main Road, Kedar Gouri Temple, Lewis Road, Bhubaneswar.
Contact:
8908107191
6370061224

Wanted
Mobile Technician,
3 to 5 years experience having chip level knowledge. Salary negotiable. Plot No- 269, Near Hotel Empire, Saheed Nagar, Bhubaneswar.
Mob.:7205691103, 9908191103

PEOPLES GROUP
Required : Front Office, Back Office, Technical, Non-Technical, IT / Data Entry Operator
Qualifications : Any
Plot No: 216/594, Paikanagar Bhubaneswar
Contact: 9861720890, 8280498679

# ବିବାହ କରି ଧୋକା: ସ୍ତ୍ରୀ ଥାନାର ଦ୍ୱାରସ୍ଥ

ରେଢାଖୋଲ,୨୯।୧୧(ଡି.ଏନ.ଏ.): ବିବାହ ପରେ ବି ସ୍ୱାମୀ ଧୋକା ଦେଇଥିବା ନେଇ ସ୍ତ୍ରୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏଭଳି ଘଟଣା ଚାରମାଳ ଥାନା ଚାରମାଳ ଗ୍ରାମରେ ଘଟିଛି। ସୂଚନା ଅନୁଯାୟୀ ଏହି ଗ୍ରାମର ସଞ୍ଜିତ ବେହେରା ଓ ପ୍ରିୟଙ୍କା ମୁଖି ପରସ୍ପରକୁ ଭଲପାଇ ୫ବର୍ଷ ତଳେ କୋର୍ଟରେ ବିବାହ କରିଥିଲେ। ଉଭୟ ପରିବାରର ସହମତିରେ ବିବାହ ସମ୍ପନ୍ନ ହୋଇଥିଲା। ତେବେ ବିବାହ ପରେ ଦୁହେଁ ନିଜ ନିଜ ଘରେ ରହିଥିଲେ ବି ସ୍ୱାମୀ-ସ୍ତ୍ରୀ ସମ୍ପର୍କ ରଖି ଚଳିଲେ। ସଞ୍ଜିତ ଘର ତିଆରି କରିବା ପରେ ଘରକୁ ନେବେ ବୋଲି ପ୍ରତିଶ୍ରୁତି ଦେଲେ। ହେଲେ ଦୀର୍ଘଦିନ ବିତିବା ପରେ ମଧ୍ୟ ସେ ତାଙ୍କ ପ୍ରତିଶ୍ରୁତି ରକ୍ଷା କଲେନାହିଁ। ଏପଟେ ଘରକୁ ନେବା ପାଇଁ ପ୍ରିୟଙ୍କା ଜିଦ କରିଥିଲେ ବି ସଞ୍ଜିତ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। ଓଲଟା ସେ ମାରପିଟ କରିବା ସହିତ ଧମକଚମକ ଦେଇଥିଲେ। ଶେଷରେ ଅନ୍ୟ ଉପାୟ ନ ପାଇ ପ୍ରିୟଙ୍କା ଚାରମାଳ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଥାନା କେସ୍ ନଂ୧୬୫ରେ ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୯୮(କ)/୩୨୩/୫୦୬ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ସଞ୍ଜିତ ବେହେରା ପୋଲିସ ଭୟରେ ଫେରାର ହୋଇଯାଇଥିବା ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି। ଘଟଣାଟି ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

EXPRESSION OF INTEREST No. PP-45
FOR EMPANELMENT OF EVENT MANAGEMENT AGENCY FOR 17th TOSHALI NATIONAL CRAFTS MELA

EOI in sealed covers are invited from reputed and experienced Event Management Agencies for management of Cultural Programme of 17th Toshali National Crafts Mela to be held from 10th to 28th January 2023 at Janata Maidan, Bhubaneswar. For detail of EOI document and terms & conditions etc., please visit the websites: www.sidacodisha.org.in, www.crafts.odisha.gov.in & www.odisha.gov.in/textiles. For further details contact: SIDAC, Handicrafts Complex, Gandamunda, Bhubaneswar, Ph: 0674-2350318.

The authority reserves the right to accept or reject any or all the tenders without asigning any reason thereof.

Sd/-
Member Secretary, SIDAC

State Institute for Development of Arts & Crafts
Handlooms, Textiles & Handicrafts Department, Government of Odisha
Handicrafts Complex, Gandamunda, P.O- Khandagiri, Bhubaneswar - 751030
Tel No.+91 (0) 674 2350318, 2350310, E-mail: sidacorissa@gmail.com, Web site: www.sidacodisha.org.in
SIDAC
OIPR-31036/11/0010/2223

The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-3921 OSIC GST No. 21AAACO2101M1Z1

TENDER CALL NOTICE

Tender Notice No.5145/RE/OSIC Dt.28.11.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 2 nos. of work i.e. 1.“**Supply and Installation of additional 250 KVA 11/0.4KV Sub-Station for providing 11 KV Power supply and enhancement of load from 120 KW/ 134 KVA to 338.4 KW/ 376 KVA to Eco-Retreat spot at Putsil, G.P.-Duhari, Koraput**” 2. (a.) Supply and installation of Semi Integrated solar street light under BDO, Tangi (b.) Supply and installation of semi integrated solar street light under BDO, Chilika. Tender details can be downloaded from the OSIC website www.osicltd.in .Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)
OIPR-14073/11/0124/2223

# ଧାନବିକ୍ରି ନେଇ ତହସିଲଦାରଙ୍କୁ ଦାବିପତ୍ର



ଚାଷୀମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଜାମଟିକ୍ରା,୨୯।୧୧(ଡି.ଏନ.ଏ.):** ଚଳିତ ଖରିଫଋତୁ ଧାନସଂଗ୍ରହ ସମୟରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉକ୍ତ ସମସ୍ୟାର ସମାଧାନ ନ ହେଲେ ଚାଷୀମାନେ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ଚାଷୀ ମଣ୍ଡିକୁ ଧାନ ଆଣିବା କ୍ଷଣି ଟୋକନ ବାହାର କରିବା, ଡିସେମ୍ବର ୩୦ ସୁଦ୍ଧା ସମସ୍ତ ଚାଷୀଙ୍କ ଧାନକିଣା ଶେଷ, ସାଟେଲାଇଟ ମାଧ୍ୟମରେ ଜମିର ସର୍ବେକ୍ଷଣ ବନ୍ଦ କରି ରାଜସ୍ୱ ଓ କୃଷି ବିଭାଗ ଦ୍ୱାରା ସର୍ବେକ୍ଷଣ କରିବା, ୪୮ ଘଣ୍ଟା ମଧ୍ୟରେ ଧାନବିକ୍ରି ପ୍ରାପ୍ୟ ଚାଷୀଙ୍କ ଆକାଉଣ୍ଟରେ ପୈଠ କରିବା ଆଦି ଦାବିନେଇ ମଙ୍ଗଳବାର ଓଡିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ବ୍ଲକ ଶାଖା ପକ୍ଷରୁ ଅତିରିକ୍ତ ତହସିଲଦାର ରଞ୍ଜନ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ସଙ୍ଗଠନ ସଭାପତି ବୀରେନ୍ଦ୍ର କର, ବୁଦ୍ଧଦେବ ନନ୍ଦ, ଭୁବନ ପଧାନ, ଦଶରଥ ଭୋଇ, ପାପା ରାଓ, ଅଶ୍ୱିନୀ ତ୍ରିପାଠୀ, ସୁବାଷ ବିଶ୍ୱାଳ, ହରେରାମ ପଧାନ, ସମୀର ପଧାନ, ଆକାଶ ପଧାନ ଏବଂ ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଖେମେସରା ମଣ୍ଡିରୁ ଧାନକିଣା ଆରମ୍ଭ

**ବରପାଲି,୨୯।୧୧(ଡି.ଏନ.ଏ.):** ବରପାଲି ବ୍ଲକ ଅନ୍ତର୍ଗତ ଖେମେସରା ମାର୍କେଟ ୟାର୍ଡରୁ ମଙ୍ଗଳବାରଠାରୁ ଧାନକିଣା ଆରମ୍ଭ ହୋଇଛି। ଏହି ଅବସରରେ ସରପଞ୍ଚ ରାଜୀବ ସାହୁ, ସମାଜସେବୀ ମଧୁ ପ୍ରଧାନ, ଗୋକୁଳ ପ୍ରଧାନ ପ୍ରମୁଖଙ୍କ ସମେତ ମଣ୍ଡିର କର୍ମଚାରୀ ଓ ଚାଷୀ ଉପସ୍ଥିତ ଥିଲେ। ଚଳିତବର୍ଷ ଧାନ ଫସଲ ଭଲ ହୋଇଥିବାରୁ ଚାଷୀ ବହୁ ପରିମାଣର ଧାନ ବିକ୍ରି ପାଇଁ ଆଣିବେ। କିନ୍ତୁ ସମସ୍ତ ଚାଷୀ ଯେମିତି ହଇରାଣ ନ ହୁଅନ୍ତି ଏବଂ ମିଲର୍ସ ଅଯଥାରେ କଟନିଛଟନି ନ କରନ୍ତି ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସରପଞ୍ଚ ସାହୁ ପ୍ରକାଶ କରିଥିଲେ।

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2022-T-151
କାର୍ଯ୍ୟର ନାମ : କାଣ୍ଟେଲ ରୋଡ୍ (KDLR) ଏବଂ ନୂଆପଡ଼ା ରୋଡ୍ (NPD) ଷ୍ଟେସନ ୟାର୍ଡ଼ ଠାରେ ଆଲୋକ ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 23,51,149.71, EMD (ଟଙ୍କାରେ): 47,000.00,
ଶେଷ ହେବା ଅବଧି : LOA ଜାରି ହେବାର 06 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.12.2022ରିଖ 1630 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-756/N/22-23

बैंक ऑफ महाराष्ट्र Bank of Maharashtra भारत सरकार का उद्यम एक परिवार एक बैंक
ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ସ୍କୋୟାର ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in
ସୁନା ନିଲାମ ବିଜ୍ଞପ୍ତି

ନିମ୍ନଲିଖିତ ବ୍ୟକ୍ତିମାନେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୧୫.୧୨.୨୦୨୨ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୧୬.୧୨.୨୦୨୨ରିଖ** ଅପରାହ୍ନ **୩.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା ପରିସରରେ** ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି।
ଦ୍ରଷ୍ଟବ୍ୟ: ଏହି ନୋଟିସ୍‌ଟି ଋଣଗ୍ରହୀତାଙ୍କୁ **୧୫ ଦିନିଆ** ଅନ୍ତିମ ସ୍ମରଣ ତଥା ନିଲାମ ନୋଟିସ୍ ଭାବେ ବିଚାର କରାଯିବ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ତା.୨୯.୧୧.୨୦୨୨ରିଖ ସୁଦ୍ଧା ବକେୟା ପରିମାଣ + ଭବିଷ୍ୟତ ସୁଧ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଭୁବନେଶ୍ୱର ଶାଖା, ଏନ୍ ବି ଟାୱାର, ପ୍ଲଟ୍ ନଂ.: ୨୨୬୦, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା- ୭୫୧୦୧୨, ଫୋନ୍ ନଂ.: ୬୩୭୦୭୦୪୮୫୦** | | |
| ୧ | **ଦିଲ୍ଲିପ ରାୟ ମହାପାତ୍ର,** ପ୍ଲଟ୍ ନଂ.: ଇବି- ୭୦୩, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଖୋର୍ଦ୍ଧା- ୭୫୧୦୧୮ | ଟ.୨,୧୬,୭୬୪.୦୦ | ୬୯.୦୦ |
| ୨ | **ଆନନ୍ଦ ନାୟକ,** ପ୍ଲଟ୍ ନଂ.: ୧୨୨୪, ଗଡ଼ସାହି, ନୟାପଲ୍ଲୀ, ଭୁବନେଶ୍ୱର- ୭୫୧୦୧୨ | ଟ.୨୩,୮୦୬.୦୦ | ୧୪.୫୦ |
| ୩ | **ଲକ୍ଷ୍ମୀପ୍ରିୟା ସାହୁ,** ସା: ପ୍ଲଟ୍ ନଂ.: ୧୨୮୫/୧୪୯୩, ଗଡ଼ସାହି, ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା- ୭୫୧୦୧୨ | ଟ.୪୩,୯୮୮.୯୭ | ୧୪.୫୦ |
| | **ରାଉରକେଲା ଶାଖା, ଉଦିତ୍ ନଗର, ମେନ୍ ରୋଡ଼୍, ମହାରାଜା ଟେଣ୍ଟ ହାଉସ୍ ଉପର, ରାଉରକେଲା - ୭୬୯୦୧୨, ଫୋନ୍ ନଂ.: ୬୩୭୦୭୦୪୮୫୨** | | |
| ୧ | **ରଶ୍ମୀରଞ୍ଜନ ଡ଼ଗରା,** ଏଲ୍-୧୩୪, ବାସନ୍ତୀ କଲୋନୀ, ରାଉରକେଲା- ୭୬୯୦୧୨ | ଟ.୧୩,୭୬୭.୦୦ | ୭.୫୧୦ |
| | **ବ୍ରହ୍ମପୁର ଶାଖା, ମନ୍‌ସୁନ ହାଉସ୍, ଧର୍ମ ନଗର, ଲୋହିଆ ମୋଟର୍ସ ନିକଟ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୦୦୦୨, ଫୋନ୍ ନଂ.: ୬୩୭୦୭୦୪୮୫୩** | | |
| ୧ | **କୁମାରୀ ସାଧନା ମହାରଣା,** ସ୍ୱାମୀ: ବିନାୟକ ମହାରଣା, ୱାର୍ଡ଼ ନଂ.: ୧୪, ନିଉ ପୋଲିସ୍ ଲାଇନ, ଛତ୍ରପୁର, ବ୍ରହ୍ମପୁର- ୭୬୧୦୨୦ | ଟ.୧,୪୯,୧୫୨.୬୦ | ୪୮.୭୨୦ |
| | **ସମ୍ବଲପୁର ଶାଖା, ଶିବଲୋକ କମ୍ପ୍ଲେକ୍ସ, ଗୈଟୀ ଟକିଜ୍ ରୋଡ୍, ଗୋଲବଜାର ନିକଟ, ସମ୍ବଲପୁର, ଓଡ଼ିଶା- ୭୬୮୦୦୧, ଫୋନ୍ ନଂ.: ୬୩୭୦୭୦୪୮୫୫** | | |
| ୧ | **ପି ପ୍ରଦୀପ ପାତ୍ର,** ସା: ଆଇସିଏଆଇ ବିଲ୍ଡିଙ୍ଗ୍, ଦେହୁରିପାଲୀ, ପୋ: ବୁଢ଼ାରାଜା ସଦର, ଜିଲ୍ଲା: ସମ୍ବଲପୁର- ୭୬୮୦୦୪ | ଟ.୨,୫୩,୩୭୧.୦୦ | ୮୭.୪୦୦ |
| ୨ | **ପି ପ୍ରଦୀପ ପାତ୍ର,** ସା: ଆଇସିଏଆଇ ବିଲ୍ଡିଙ୍ଗ୍, ଦେହୁରିପାଲୀ, ପୋ: ବୁଢ଼ାରାଜା ସଦର, ଜିଲ୍ଲା: ସମ୍ବଲପୁର- ୭୬୮୦୦୪ | ଟ.୨,୫୩,୩୭୧.୦୦ | ୮୪.୧୦୦ |
| ୩ | **ପି ପ୍ରଦୀପ ପାତ୍ର,** ସା: ଆଇସିଏଆଇ ବିଲ୍ଡିଙ୍ଗ୍, ଦେହୁରିପାଲୀ, ପୋ: ବୁଢ଼ାରାଜା ସଦର, ଜିଲ୍ଲା: ସମ୍ବଲପୁର- ୭୬୮୦୦୪ | ଟ.୨,୫୩,୩୭୧.୦୦ | ୭୯.୪୦୦ |
| ୪ | **ପି ପ୍ରଦୀପ ପାତ୍ର,** ସା: ଆଇସିଏଆଇ ବିଲ୍ଡିଙ୍ଗ୍, ଦେହୁରିପାଲୀ, ପୋ: ବୁଢ଼ାରାଜା ସଦର, ଜିଲ୍ଲା: ସମ୍ବଲପୁର- ୭୬୮୦୦୪ | ଟ.୨,୫୩,୩୭୧.୦୦ | ୮୪.୧୦୦ |
| ୫ | **ଅକ୍ରୁସ ରଞ୍ଜନ ପ୍ରଧାନ, ଆଇନଗତ ପ୍ରତିନିଧିମାନେ: ଶ୍ରୀ ମନବନ୍ଧୁ ଏବଂ ଶ୍ରୀମତୀ ଲବଙ୍ଗଲତା ପ୍ରଧାନ,** ଗୁରୁପାଲି, ଲପଙ୍ଗା, ସମ୍ବଲପୁର- ୭୬୮୨୧୨ | ଟ.୧,୧୪,୪୩୨.୦୦ | ୨୮.୫୦୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:
୧. ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ଏବଂ ନିଲାମ କ୍ରେତା ନିଜଦ୍ୱାରା ଅଳଙ୍କାର / ମୁଦ୍ରାଗୁଡ଼ିକର ଶୁଦ୍ଧତା କିମ୍ବା ଓଜନ ତନଖି କରି ନିଶ୍ଚିତ ହେବା ଆବଶ୍ୟକ ଏବଂ ଏବିଷୟରେ ନିଲାମ ପରେ କୌଣସି ଦାବୀକୁ ଗ୍ରହଣ କରାଯିବ ନାହିଁ।
୨. ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ।
୩. **ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪. ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫. ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି ୨୪ ଘଣ୍ଟା ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାର ଗୁଡିକ ପ୍ରଦାନ କରାଯିବ।
୬. ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ ୧୫ ଦିନ ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭. ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ।
୮. କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୩୦.୧୧.୨୦୨୨ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| ରାୟଗଡ଼ା ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ମିଲନ ଏଜେନ୍ସି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମିଲନ କୁମାର ସାହୁ,** ପିତା: ଶ୍ରୀ ତ୍ରିନାଥ ସାହୁ / **ଗ୍ୟାରେଣ୍ଟିଦାତା: ଶ୍ରୀ ତ୍ରିନାଥ ସାହୁ,** ପିତା: ଶ୍ରୀ ସୌରୀ ସାହୁ, ଉଭୟଙ୍କ ଠିକଣା- ଅଟୋ ନଗର, ଏଫ୍‌ସିଆଇ ଗୋଦାମ ନିକଟ, ରାୟଗଡ଼ା-୭୬୫୦୦୧ | ଟ.୨୯,୮୬,୩୧୩/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୯.୦୮.୨୦୨୨ / ୨୮.୧୧.୨୦୨୨ | ଘରବାରୀ ଜମି ଏବଂ ଗୃହ ଯାହାର ଗ୍ରାମ ଏବଂ ମୌଜା: ତୁମ୍ବିଗୁଡା, ଥାନା: ରାୟଗଡ଼ା, ଥାନା ନଂ: ୧୪୬, ତହସିଲ ଏବଂ ଜିଲ୍ଲା: ରାୟଗଡ଼ା, ପରିମିତ କ୍ଷେତ୍ର: ପୂର୍ବରୁ ପଶ୍ଚିମ- ୩୦ଫୁଟ ଏବଂ ଉତ୍ତରରୁ ଦକ୍ଷିଣ- ୬୦ଫୁଟ ଯାହା ୨୦୦ ବର୍ଗୟାର୍ଡ କିମ୍ବା ଏକର ୦.୦୪୧ ସେଣ୍ଟସ୍, ଖାତା ନଂ.: ୬୨/୨୩୭୨, ପ୍ଲଟ୍ ନଂ.: ୭/୩୬୫/୪୦୭/ |

୬୦୬/୨୪୫୯ ଏବଂ ଲେଆଉଟ ପ୍ଲଟ୍ ନଂ.: ୬୩, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିକ୍ରେତାଙ୍କ ଜମି, ପୂର୍ବ: ବିକ୍ରେତାଙ୍କ ଜମି, ଦକ୍ଷିଣ: ୩୩ ଫୁଟିଆ ରାସ୍ତା, ପଶ୍ଚିମ: ବିକ୍ରେତାଙ୍କ ଜମି

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୯.୧୧.୨୦୨୨ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

# ସିଙ୍ଗାପୁରରେ ସମଲିଙ୍ଗୀ ସମ୍ପର୍କ ବୈଧ



ସିଙ୍ଗାପୁରରେ ପୁରୁଷଙ୍କ ମଧ୍ୟରେ ଯୌନ ସମ୍ପର୍କକୁ ଅପରାଧୀକରଣ କରିଥିବା ଆଇନକୁ ମଙ୍ଗଳବାର ଦେଶର ପାର୍ଲାମେଣ୍ଟ ରଦ୍ଦ କରିଦେଇଛି। ରଦ୍ଦ ସପକ୍ଷରେ ୯୩ ସଦସ୍ୟ ଭୋଟ ଦେଇଥିବାବେଳେ ୩ ଜଣ ବିରୋଧ କରିଥିଲେ। ଏହି ଉପନିବେଶ ଶାସନ ସମୟର ଆଇନକୁ ଦୀର୍ଘଦିନ ଧରି ବିରୋଧ କରାଯାଉଥିଲା। ଏହି ଆଇନ ଏଲ୍‌ଜିବିଟିକ୍ୟୁ ସମ୍ପ୍ରଦାୟ ପ୍ରତି ପକ୍ଷପାତ ଏବଂ ଅପମାନଜନକ ବୋଲି ସମାଲୋଚନା କରାଯାଉଥିଲା। ଆଇନର ଧାରା ୩୭୭ଏ ଅନୁଯାୟୀ ଦୁଇ ଜଣ ପୁରୁଷ ଯୌନ ସମ୍ପର୍କରେ ଲିପ୍ତ ହେଲେ ସେମାନଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ବ୍ୟବସ୍ଥା ରହିଥିଲା। ଉକ୍ତ ଆଇନ ରଦ୍ଦ ହୋଇଥିବାରୁ ଏଲ୍‌ଜିବିଟିକ୍ୟୁ ସମ୍ପ୍ରଦାୟ ଖୁସିବ୍ୟକ୍ତ କରିଛି। ପୁରୁଷ ଓ ମହିଳାଙ୍କ ମଧ୍ୟରେ ପାରମ୍ପରିକ ବିବାହ ସଂଜ୍ଞାକୁ କାଏମ୍ ରଖିବା ଲାଗି ପାର୍ଲାମେଣ୍ଟ ସମ୍ବିଧାନରେ ସଂଶୋଧନ କରିଛି।



ଭାରତର ୧୦୦ ଜଣ ଶ୍ରେଷ୍ଠ ଧନୀଙ୍କ ସମ୍ପତ୍ତି ୨୦୨୨ରେ ୨୫ ବିଲିୟନ ଡଲାର ବୃଦ୍ଧି ପାଇଛି। ଫୋର୍ବସ୍ ୨୦୨୨ ତାଲିକା ଅନୁଯାୟୀ ଦେଶର ସର୍ବାଧିକ ଧନୀ ୧୦୦ ଜଣଙ୍କ ମୋଟ ସମ୍ପତ୍ତି ପରିମାଣ ୮୦୦ ବିଲିୟନ ଡଲାର ଅତିକ୍ରମ କରିଛି।

# ୧୦୦ ଶ୍ରେଷ୍ଠ ଧନୀଙ୍କ ସମ୍ପତ୍ତି ୨୫ ବିଲିୟନ ଡଲାର ବଢ଼ିଛି

ମହାମାରୀ ପରବର୍ତ୍ତୀ ମାନ୍ଦାବସ୍ଥାକୁ ଅତିକ୍ରମ କରି ଭାରତ ପଞ୍ଚମ ବୃହତ୍ ଅର୍ଥନୀତି ହୋଇଥିବାବେଳେ ୧୦ ଜଣ ଶ୍ରେଷ୍ଠ ଧନୀଙ୍କ ମୋଟ ସମ୍ପତ୍ତି ୩୮୫ ବିଲିୟନ ଡଲାରରେ ପହଞ୍ଚିଥିବା ଫୋର୍ବସ ରିପୋର୍ଟରୁ ଜଣାପଡ଼ିଛି। ୨୦୨୧ରେ ଶିଳ୍ପପତି ଗୌତମ ଆଦାନୀଙ୍କ ସମ୍ପତ୍ତି ୩ ଗୁଣ ହେବା ସହ ସେ ଦେଶର ସବୁଠୁ ଧନୀ ବ୍ୟକ୍ତିର ମାନ୍ୟତା ପାଇଛନ୍ତି। ୨୦୨୨ରେ ତାଙ୍କ ସମ୍ପତ୍ତି ପରିମାଣ ୧୫୦ ବିଲିୟନ ଡଲାରରେ ପହଞ୍ଚିଛି। ଏବେ ସେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଧନୀ ବ୍ୟକ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଭାରତର ଦ୍ୱିତୀୟ ଧନୀ। ତାଙ୍କ ମୋଟ ସମ୍ପତ୍ତି ପରିମାଣ ୮୮ ବିଲିୟନ ଡଲାର। ସୁପରମାର୍କେଟ ଚେନ୍ ଡିମାର୍ଟର ମାଲିକ ରାଧାକ୍ରିଷ୍ଣନ ଡମଲାନି ଧନୀ ତାଲିକାର ତୃତୀୟ ସ୍ଥାନରେ ଥିବାବେଳେ ତାଙ୍କ ପଛକୁ ରହିଛନ୍ତି ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସାଇରସ୍ ପୁନାୱାଲା। ଡମଲାନିଙ୍କ ସମ୍ପତ୍ତି ପରିମାଣ ୨୭.୬ ବିଲିୟନ ଡଲାର ହୋଇଥିବାବେଳେ ପୁନାୱାଲାଙ୍କ ସମ୍ପତ୍ତି ମୂଲ୍ୟ ୨୧.୫ ବିଲିୟନ ଡଲାର। ଦେଶର ସବୁଠୁ ଧନୀ ମହିଳା ଓପି ଜିନ୍ଦଲ ଗ୍ରୁପ୍ ଅଧ୍ୟକ୍ଷା ସାବିତ୍ରୀ ଜିନ୍ଦଲଙ୍କ ସମ୍ପତ୍ତି ପରିମାଣ ୧୬.୪ ବିଲିୟନ ଡଲାର। ଶ୍ରେଷ୍ଠ ଧନୀ ତାଲିକାରେ ନାଇକାର ସିଇଓ ଫାଲ୍‌ଗୁନୀ ନାୟାର ପ୍ରଥମ ଥର ସ୍ଥାନ ପାଇଛନ୍ତି।

## ସଂକ୍ଷେପରେ

### ଅଣବାସମତି ଚାଉଳ ରପ୍ତାନି ଉପରୁ କଟକଣା ହଟିଲା

**ନୂଆଦିଲ୍ଲୀ,୨୯।୧୧:** ଜୈବିକ ଅଣବାସମତି ଚାଉଳ ରପ୍ତାନି ଉପରେ କେନ୍ଦ୍ର ସରକାର ଲଗାଇଥିବା ନିଷେଧାଦେଶ ଉଠାଇନେବାକୁ ମଙ୍ଗଳବାର ନିଷ୍ପତ୍ତି ନେଇଛନ୍ତି। ଦେଶରେ ଚାଉଳ ଉପଲବ୍ଧତା ବଢ଼ାଇବା ପାଇଁ ସରକାର ଗତ ସେପ୍ଟେମ୍ବରରେ ଭଙ୍ଗା ଚାଉଳ ରପ୍ତାନି ବନ୍ଦ କରିଥିଲେ। ଖୁଚୁରା ବଜାରରେ ଚାଉଳ ଦାମ୍ ବଢ଼ିବା ପରେ ଯୋଗାଣ ବୃଦ୍ଧି ନିମନ୍ତେ ଅଣବାସମତୀ ଚାଉଳ ରପ୍ତାନି ଉପରେ ୨୦ ପ୍ରତିଶତ ଶୁଳ୍କ ଲଗାଯାଇଥିଲା। ଏଣିକି ସେପ୍ଟେମ୍ବର ପୂର୍ବବର୍ତ୍ତୀ ନିୟମ ଅନୁଯାୟୀ ଅଣବାସମତୀ ଚାଉଳ ଓ ଭଙ୍ଗା ଚାଉଳ ରପ୍ତାନି ହେବ ବୋଲି ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି।

### ୧,୫୦୦ ଅଫିସରଙ୍କୁ ହରେଇଲାଣି ରୁଷିଆ

**ମସ୍କୋ,୨୯।୧୧:** ରୁଷିଆ-ୟୁକ୍ରେନ୍ ଯୁଦ୍ଧ ୯ ମାସରୁ ଊର୍ଦ୍ଧ୍ୱ ଦିନ ଧରି ଚାଲିଛି। ଉଭୟ ଦେଶ ଏହାଦ୍ୱାରା ପ୍ରଭାବିତ ହୋଇଥିବାବେଳେ ଏହାର ନକାରାତ୍ମକ ପ୍ରଭାବ ସମଗ୍ର ବିଶ୍ୱରେ ପଡ଼ିଛି। ତେବେ ସୋସିଆଲ ମିଡିଆ ଜାଏଣ୍ଟ ଟୁଇଟର ଏବଂ ଅନ୍ୟ ସାମାଜିକ ଗଣମାଧ୍ୟମରୁ ସଂଗୃହୀତ ତଥ୍ୟ ଅନୁସାରେ ଫେବୃୟାରୀ ୨୪ରୁ ଆରମ୍ଭ ହୋଇଥିବା ଏହି ଅବିରତ ଯୁଦ୍ଧରେ ରୁଷିଆ ନିଜର ୧,୫୦୦ରୁ ଅଧିକ ସେନା ଅଫିସରଙ୍କୁ ହରାଇଛି। ଏଥିସହ ପାଖାପାଖି ୧୬୦ ସେନା ଜେନେରାଲ ପ୍ରାଣ ହରାଇଥିବାବେଳେ ବହୁ ସୈନିକ କ୍ଷତାକ୍ତ ମଧ୍ୟ ହୋଇଛନ୍ତି। ବିଭିନ୍ନ ଅଞ୍ଚଳକୁ ନିଜ ଅକ୍ତିଆର କରିବା ପାଇଁ ରୁଷୀୟ ସେନା ୟୁକ୍ରେନ୍ ମାଟିରେ ଲଢ଼େଇ ଜାରି ରଖିଛି। ଯୁଦ୍ଧରେ ପାଖାପାଖି ୧,୦୦,୦୦୦ ରୁଷୀୟ ଯବାନ ପ୍ରାଣ ହରାଇଥିବା ଆମେରିକୀୟ ମିଲିଟାରି ଜେନେରାଲ ମାର୍କ ମିଲି କହିଛନ୍ତି। ୟୁକ୍ରେନ୍‌ର ସମାନ ସଂଖ୍ୟକ ସୈନିକ ପ୍ରାଣ ହରାଇବା ସହ ଆହତ ହୋଇଥିବା ଖବର ପ୍ରକାଶ ପାଇଛି।

### ର୍‍ୟାଗିଂ କରି ବିଶ୍ୱବିଦ୍ୟାଳୟ ହଷ୍ଟେଲରୁ ୧୮ ଛାତ୍ର ବହିଷ୍କୃତ

**ଡିବ୍ରୁଗଡ଼,୨୯।୧୧:** ବରିଷ୍ଠ ଛାତ୍ରମାନଙ୍କ ର୍‍ୟାଗିଂ ଯୋଗୁ ରବିବାର ଡିବ୍ରୁଗଡ଼ ବିଶ୍ୱବିଦ୍ୟାଳୟର ପ୍ରଥମ ସେମିଷ୍ଟର ଛାତ୍ର ହଷ୍ଟେଲ୍ ବିଲ୍ଡିଂରୁ ଡେଇଁ ଗୁରୁତର ହୋଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ୧୮ ଜଣ ଛାତ୍ରଙ୍କୁ ୟୁନିଭର୍ସିଟି କର୍ତ୍ତୃପକ୍ଷ ହଷ୍ଟେଲରୁ ବହିଷ୍କାର କରିଛନ୍ତି। ଏହା ବ୍ୟତୀତ ପୋଲିସ ଗିରଫ କରିଥିବା ୩ ଅଭିଯୁକ୍ତ ଛାତ୍ରଙ୍କୁ ତଦନ୍ତ ଶେଷ ପର୍ଯ୍ୟନ୍ତ ନିଲମ୍ବନ କରାଯାଇଛି। ଏମ୍.କମ୍ ପ୍ରଥମ ସେମିଷ୍ଟର ଛାତ୍ର ଆନନ୍ଦ ଶର୍ମାଙ୍କୁ ସିନିୟର ଛାତ୍ରମାନେ ଗତ ୨୬ ତାରିଖ ଅପରାହ୍ନ ସାଢ଼େ ୪ଟାରୁ ତା ପରଦିନ ଭୋର ୫ଟା ପର୍ଯ୍ୟନ୍ତ ନିର୍ଯାତନା ଦେଇଥିଲେ। ନିର୍ଯାତନା ସହି ନ ପାରି ଛାତ୍ର ଜଣକ ପିଏନ୍‌ଜିବି ହଷ୍ଟେଲ୍ ବି ବ୍ଲକ୍ ଦ୍ୱିତୀୟ ମହଲାରୁ ଡେଇଁ ପଡ଼ିଥିଲେ।

# ବିତର୍କିତ 'କଶ୍ମୀର ଫାଇଲ୍ସ'



ଅଭିନେତ୍ରୀ ସ୍ତ୍ରୀ ପଲ୍ଲବୀ ଜୋଷୀଙ୍କ ସହ 'ଦି କଶ୍ମୀର ଫାଇଲ୍ସ' ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀ

**ପଣଜୀ/ନୂଆଦିଲ୍ଲୀ,୨୯।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ସମର୍ଥିତ ଚଳିତବର୍ଷର ବହୁଚର୍ଚ୍ଚିତ ହିନ୍ଦୀ ଫିଲ୍ମ 'ଦି କଶ୍ମୀର ଫାଇଲ୍ସ' ପୁଣିଥରେ ବିବାଦ ଘେରକୁ ଚାଲିଆସିଛି। ଭାରତର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍ଏଫ୍ଆଇ) ବିଚାରକ ମଣ୍ଡଳୀ ଅଧ୍ୟକ୍ଷ ନଦାଭ ଲାପିଡ୍ ସୋମବାର ଏହାକୁ ଏକ ଅଶ୍ଳୀଳ ସିନେମା ଭାବେ ଅଭିହିତ କରିବା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଗୋଆରେ ଗତ ୨୨ ତାରିଖରେ ଆଇଏଫ୍ଏଫ୍ଆଇର ଇଣ୍ଡିଆନ୍ ପାନୋରାମା ବର୍ଗରେ 'କଶ୍ମୀର ଫାଇଲ୍ସ' ପ୍ରଦର୍ଶିତ ହୋଇଥିଲା। ବିବେକ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ପ୍ରଯୋଜନାରେ ମାତ୍ର ୧୫ରୁ ୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। କିନ୍ତୁ ଏହାର ସମ୍ବେଦନଶୀଳ ତଥା ମର୍ମସ୍ପର୍ଶୀ ବିଷୟବସ୍ତୁକୁ ନେଇ ଦର୍ଶକଙ୍କ ମନରେ ଉତ୍ସୁକତା ଲାଗିରହିବାରୁ ଏହା ବିଶେଷ ଆଦୃତି ଲାଭ କରିଥିଲା। ପ୍ରଧାନମନ୍ତ୍ରୀଙ୍କ ସମର୍ଥନ କ୍ରମେ ୮ ଭାଜପା ଶାସିତ ରାଜ୍ୟରେ ଟ୍ୟାକ୍ସ ଫ୍ରି ହୋଇଥିବା 'କଶ୍ମୀର ଫାଇଲ୍ସ'ବକ୍ସ ଅଫିସ୍‌ରେ ୩୪୦.୯୨ କୋଟି ଟଙ୍କା କଲେକ୍ସନ କରିସାରିଛି। ଆଇଏଫ୍ଏଫ୍ଆଇରେ ଏହା ସମାଲୋଚିତ ହେବା ପରେ ୪୮ ବର୍ଷୀୟ ବିବେକ ଜୁରି ଅଧ୍ୟକ୍ଷ ଲାପିଡ୍‌ଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ଡାଇରେକ୍ଟର ବିବେକ ନିଜ ପ୍ରତିକ୍ରିୟାରେ କହିଛନ୍ତି, ମହାନ୍ ଇସ୍ରାଏଲୀ ଫିଲ୍ମ ମେକର ଲାପିଡ୍‌ଙ୍କ ସମେତ ବିଶ୍ୱର ବୁଦ୍ଧିଜୀବୀମାନେ ଏହି ଫିଲ୍ମର ଏପରି ଏକ ଇଭେଣ୍ଟ (ଫ୍ରେମ୍ କିମ୍ବା ଡାଇଲଗ୍) ଖୋଜି ବାହାର କରନ୍ତୁ, ଯାହା ସତ୍ୟ ହୋଇ ନ ଥିବ। 'କଶ୍ମୀର ଫାଇଲ୍ସ'ରେ ଗୋଟିଏ ବି ଅସତ୍ୟ ବାହାର କରିଦେଲେ ସେ ଫିଲ୍ମ ତିଆରି କରିବା ବନ୍ଦ କରିଦେବେ ବୋଲି ବିବେକ ଏକ ଭିଡିଓ ମେସେଜ୍‌ରେ କହିଛନ୍ତି। ବିବେକଙ୍କ ମତରେ ନିଜ ଫିଲ୍ମକୁ ଆତଙ୍କବାଦୀ ସଙ୍ଗଠନ ଓ ସହରୀ ନକ୍ସଲ ମଧ୍ୟ ପୂର୍ବରୁ ବିରୋଧ କରିଆସିଛନ୍ତି।

> ଅସତ୍ୟ ଉପରେ ସତ୍ୟର ବିଜୟ ହେବା।
> **-ଅନୁପମ ଖେର, ଅଭିନେତା**
>
> ଶେଷରେ ଘୃଣାକୁ ତିରସ୍କାର ହିଁ ମିଳିଥାଏ।
> **-ସୁପ୍ରିୟା ଶ୍ରୀନାଟେ, କଂଗ୍ରେସ ମୁଖପାତ୍ର**
>
> କଶ୍ମୀର ଫାଇଲ୍ସ ଉପରେ ବିତର୍କ ଭାରତ-ଇସ୍ରାଏଲ ସମ୍ପର୍କକୁ ଆହୁରି ମଜଭୁତ କରିବ।
> **-କୋବ୍‌ବି ଶୋଶାନି, ଭାରତରେ ଇସ୍ରାଏଲର କନ୍‌ସୁଲ ଜେନେରାଲ**
>
> ଲାପିଡ୍‌ଙ୍କ ମନ୍ତବ୍ୟ କଶ୍ମୀରୀ ହିନ୍ଦୁଙ୍କ ପାଇଁ ଏକ ଅପମାନ।
> **-ସଭିଓ ରୋଡ୍ରିଗୁଏସ୍, ଭାଜପାର ଗୋଆ ମୁଖପାତ୍ର**
>
> ଆଇଏଫ୍ଏଫ୍ଆଇ ମଞ୍ଚରେ ଲାପିଡ୍ ଯାହା କହିଛନ୍ତି, ତାହା ସମ୍ପୂର୍ଣ୍ଣ ଭାବେ ତାଙ୍କ ବ୍ୟକ୍ତିଗତ ମତ।
> **-ସୁଦୀପ୍ତୋ ସେନ, ଆଇଏଫ୍ଏଫ୍ଆଇ ଜୁରି ସଦସ୍ୟ**

## ନଦାଭ ଲାପିଡ୍ କିଏ

**'ଦି କଶ୍ମୀର ଫାଇଲ୍ସ'କୁ ନଦାଭ ଲାପିଡ୍ ସମାଲୋଚନା କରିବା ପରେ ତାଙ୍କ ସମ୍ପର୍କରେ ଗୁଗଲରେ ୟୁଜର୍ସ ତଥ୍ୟ ଖୋଜିବାରେ ଲାଗିଛନ୍ତି। ପ୍ୟାରିସ୍‌ରେ ରହୁଥିବା ଇସ୍ରାଏଲୀ ଫିଲ୍ମମେକର ଲାପିଡ୍ ପୂର୍ବରୁ ମଧ୍ୟ ଆଇଏଫ୍ଏଫ୍ଆଇ ଜୁରି ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଛନ୍ତି। କିନ୍ତୁ ଏପରି ବିବାଦ କେବେ ସୃଷ୍ଟି ହୋଇ ନ ଥିଲା।**



୧୯୭୫ରେ ଇସ୍ରାଏଲ୍‌ର ତେଲ-ଆଭିଭରେ ଜନ୍ମିତ ସ୍କ୍ରିନ୍ ରାଇଟର ତଥା ଫିଲ୍ମ ପ୍ରଯୋଜକ ନଦାଭ ଲାପିଡ୍ ତେଲ୍-ଆଭିଭ ୟୁନିଭର୍ସିଟିରେ ଦର୍ଶନଶାସ୍ତ୍ର ଏବଂ ପ୍ୟାରିସ୍‌ରେ ସାହିତ୍ୟ ଅଧ୍ୟୟନ କରିଥିଲେ। ସେ ୨୦୦୬ରେ ଜେରୁଜେଲମ୍‌ସ୍ଥିତ ସାମ୍ ସ୍ପିଏଜେଲ ଫିଲ୍ମ ସ୍କୁଲରେ ମଧ୍ୟ ପାଠ ପଢ଼ିଥିଲେ। ୪୭ ବର୍ଷୀୟ ଲାପିଡ୍ ଇସ୍ରାଏଲର ଅନେକ ଡକ୍ୟୁମେଣ୍ଟାରିରେ ସିନେମାଟୋଗ୍ରାଫର ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ତାଙ୍କ ପ୍ରଥମ ଫିଲ୍ମ 'ପୋଲିସମ୍ୟାନ୍'କୁ ୨୦୧୧ରେ ଲୋକାର୍ନୋ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ସ୍ୱତନ୍ତ୍ର ଜୁରି ପ୍ରାଇଜ ପ୍ରଦାନ କରାଯାଇଥିଲା। ଲାପିଡ୍ ୩ଟି କ୍ଷୁଦ୍ର ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଥିଲେ। ସେଗୁଡ଼ିକ ହେଲା 'ଏମିଲିଜ୍ ଗର୍ଲଫ୍ରେଣ୍ଡ୍', 'ରୋଡ୍' ଏବଂ 'ମହମୁଦ୍ ୱାର୍କ୍ସ ଇନ୍ ଦି ଇଣ୍ଡଷ୍ଟ୍ରି'। ୨୦୧୪ରେ ତାଙ୍କର ଫିଲ୍ମ 'ଦି କିଣ୍ଡରଗାର୍ଟେନ୍ ଟିଚର' ସେହିବର୍ଷର ଇଣ୍ଟରନ୍ୟାଶନାଲ କ୍ରିଟିକ୍ସ ୱିକ୍‌ରେ ପ୍ରଦର୍ଶିତ ହୋଇଥିଲା। ଏହି ଫିଲ୍ମକୁ ଇଂଲିଶ୍‌ରେ ରିମେକ୍ କରାଯାଇଥିଲା, ଯହିଁରେ ଜଣାଶୁଣା ଆମେରିକୀୟ ଅଭିନେତ୍ରୀ ମଗ୍‌ଗି ଜିଲ୍‌ଏନ୍‌ହଲ ଅଭିନୟ କରିଥିଲେ। ଏହି ଫିଲ୍ମ ଜଣେ ଶିକ୍ଷକ ଓ ତାଙ୍କର ବିସ୍ମୟ ଛାତ୍ରଙ୍କୁ ନେଇ ଗତିଶୀଳ ହୋଇଛି। ଲାପିଡ୍‌ଙ୍କ ଫିଲ୍ମ 'ସିନୋନିମ୍ସ' ୨୦୧୯ ବର୍ଲିନ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ଗୋଲ୍ଡେନ୍ ବିୟର ଆୱାର୍ଡ ହାସଲ କରିଥିଲା। ୨୦୨୧ରେ ଲାପିଡ୍‌ଙ୍କ 'ଏହେଡ୍ସ ନି' ଅନ୍ତର୍ଜାତୀୟ ସ୍ତରରେ ଆଦୃତି ଲାଭ କରିଥିଲା। କାନ୍ସରେ ଏହାକୁ ଜୁରି ପ୍ରାଇଜ ଦିଆଯାଇଥିଲା।

## କ୍ଷମା ମାଗିଲେ ଇସ୍ରାଏଲ ରାଷ୍ଟ୍ରଦୂତ

ନୂଆଦିଲ୍ଲୀରେ ଅବସ୍ଥାପିତ ଇସ୍ରାଏଲୀ ରାଷ୍ଟ୍ରଦୂତ ନାଓର ଗିଲୋନ୍ ମଙ୍ଗଳବାର ନଦାଭ ଲାପିଡ୍‌ଙ୍କ ମନ୍ତବ୍ୟକୁ ଖୋଲାଖୋଲି ବିରୋଧ କରିବା ସହ ତାଙ୍କ ପାଇଁ ଭାରତକୁ କ୍ଷମା ମାଗିଛନ୍ତି। ସେ ଟୁଇଟରରେ ନଦାଭଙ୍କ ଉଦ୍ଦେଶ୍ୟରେ ଏକ ଖୋଲାଚିଠି ଜାରି କରିଛନ୍ତି। ଭାରତୀୟ ଭଉଣୀ ଭାଇମାନେ ଯେପରି ବୁଝିପାରିବେ ସେଥିଲାଗି ସେ ହିବ୍ରୁରେ ନ ଲେଖି ଇଂଲିଶରେ ଏହାକୁ ପ୍ରକାଶ କରିଛନ୍ତି। ନଭାଦ କାହିଁକି ଲଜ୍ଜିତ ହେବା ଉଚିତ ତା'ର କାରଣ ସେ ଉକ୍ତ ଚିଠିରେ ଲେଖିଛନ୍ତି। ଭାରତୀୟ ସଂସ୍କୃତିରେ ଅତିଥି ହେଉଛନ୍ତି ଭଗବାନ ସଦୃଶ। ଆଇଏଫ୍ଏଫ୍ଆଇକୁ ଜୁରି ଅଧ୍ୟକ୍ଷ ଭାବେ ନିମନ୍ତ୍ରିତ ହୋଇ ଆସିବା ପରେ ନଦାଭଙ୍କୁ ମିଳିଥିବା ସମ୍ମାନ, ବିଶ୍ୱାସ ଓ ଆତିଥ୍ୟର ସେ ଅତି ନିକୃଷ୍ଟ ଭାବେ ଦୁରୁପଯୋଗ କରିଥିବା ରାଷ୍ଟ୍ରଦୂତ କହିଛନ୍ତି।

# ୧୦ ବର୍ଷର ବାଳିକାଙ୍କୁ ବଳାତ୍କାର ପରେ ହତ୍ୟାକଲେ ନାବାଳକ

**ବେମେତାରା,୨୯।୧୧**

ଛତିଶଗଡ଼ର ବେମେତାରା ଜିଲାରେ ଜଣେ ନାବାଳକ ପଡ଼ିଶା ଘରର ଜଣେ ୧୦ ବର୍ଷର ବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ୧୭ ବର୍ଷୀୟ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଅଟକ ରଖିଛି। ରାୟପୁରଠାରୁ ୯୦ କିଲୋମିଟର ଦୂର ବେମେତରାର ସିଟି କୋଟ୍‌ୱାଲି ଥାନା ଅନ୍ତର୍ଗତ ଏକ ଗାଁରେ ଶନିବାର ଏହି ଅପରାଧ ଘଟିଛି। ପୀଡ଼ିତା ରହସ୍ୟଜନକ ଭାବେ ଘର ବାହାରେ ଝୁଲୁଥିବା ଖବର ପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଝିଅଟିକୁ ବଳାତ୍କାର କରାଯିବା ପରେ ତଣ୍ଟିଚିପି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପଚରାଉଚରା ପରେ ପୋଲିସ ଅଭିଯୁକ୍ତଙ୍କୁ ଠାବ କରିଥିଲା। ନାବାଳକ ଜଣକ ମୋବାଇଲ୍ ଫୋନ୍‌ରେ ଅଶ୍ଳୀଳ ଫିଲ୍ମ ଦେଖିବା ପରେ ପୀଡ଼ିତାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲା ବୋଲି ପୋଲିସ ନିକଟରେ ସ୍ୱୀକାର କରିଛି। ଝିଅଟି ଅପରାଧ ସମ୍ପର୍କରେ ପରିବାରକୁ ଜଣାଇଦେବ ଭାବି ସେ ଏକ ଉତ୍ତରୀୟରେ ତାଙ୍କ ଗଳା ଚିପି ହତ୍ୟା କରି ମୃତଦେହକୁ ଝୁଲାଇ ଦେଇଥିଲେ ଏବଂ ଛାତ ଉପର ବାଟେ ଖସି ପଳାଇଥିଲେ। ଅଭିଯୁକ୍ତଙ୍କ ନାମରେ ଆଇପିସିର ଧାରା ୩୭୬, ୩୭୬ଏବି, ୩୦୨, ୨୦୧ ଏବଂ ୪୫୦ ସମେତ ପୋକ୍ସୋ ଆଇନରେ ମାମଲା ରୁଜୁ ହୋଇଛି। ସ୍ଥାନୀୟ କୋର୍ଟ ତାଙ୍କୁ ଦୁର୍ଗ ଜିଲାର ଜୁଭେନାଇଲ୍ ହୋମ୍‌କୁ ପଠାଇଦେଇଛନ୍ତି।



ବେଜିଂରେ କୋଭିଡ୍ କଟକଣା ପ୍ରତିବାଦରେ ସାଦା କାଗଜ ଧରିଛନ୍ତି ବିକ୍ଷୋଭକାରୀ।

# ଆନ୍ଦୋଳନ ପରେ ଚାଇନାର ସହରରେ ପୋଲିସ ଛାଉଣୀ

**ସାଂଘାଇ,୨୯।୧୧**

ଚାଇନାରେ ଜିରୋ-କୋଭିଡ୍ ନୀତିକୁ ବିରୋଧ କରି ବିଭିନ୍ନ ସହରରେ ଆନ୍ଦୋଳନ ଜାରି ରହିଥିବାବେଳେ ରାଜନୈତିକ ସ୍ୱାଧୀନତା ପ୍ରଦାନ ସହ ଲକ୍‌ଡାଉନ୍ କଟକଣା ହଟାଇବା ଦାବିରେ ଦେଶବ୍ୟାପୀ ର୍‍ୟାଲି ନିମନ୍ତେ ଆହ୍ୱାନ ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଶି ଜିନ୍‌ପିଙ୍ଗ୍ ସରକାର ବେଜିଂ, ସାଂଘାଇ ସମେତ ବିଭିନ୍ନ ସହରକୁ ପୋଲିସ ଓ ସୁରକ୍ଷା ବଳ ଛାଉଣିରେ ପରିଣତ କରିଛନ୍ତି। କୋଭିଡ୍ କଟକଣା ଓ ଲକ୍‌ଡାଉନ୍‌କୁ ନେଇ ଚାଇନାରେ ଉତ୍ତେଜନା ଦେଖାଦେଇଛି। ଉତ୍ୟକ୍ତ ଲୋକେ ରାଜନୈତିକ ପରିବର୍ତ୍ତନ ନିମନ୍ତେ ଆହ୍ୱାନ ଦେଇଛନ୍ତି। ଚାଇନାର କମ୍ୟୁନିଷ୍ଟ ଶାସକ ବହୁ ଦଶନ୍ଧି ମଧ୍ୟରେ କେବେ ଏଭଳି ବିରୋଧର ସମ୍ମୁଖୀନ ହୋଇ ନ ଥିଲେ। ଆନ୍ଦୋଳନକୁ ଜାତିସଂଘ, ଆମେରିକା ଓ ଅନ୍ୟ ରାଷ୍ଟ୍ର ସମର୍ଥନ ଜଣାଇବା ପରେ ଜିନ୍‌ପିଙ୍ଗ୍ ସରକାର ଲକ୍‌ଡାଉନ୍ ପ୍ରଭାବ କମ୍ କରିବାକୁ ପଦକ୍ଷେପ ନେବେ ବୋଲି ମଙ୍ଗଳବାର କହିଛନ୍ତି। ପରିବର୍ତ୍ତିତ ସ୍ଥିତି ସହ ଜିରୋ-କୋଭିଡ୍ ନୀତିକୁ ବଦଳାଇବାକୁ ଉଦ୍ୟମ ହେଉଛି। ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରଖି ଲକ୍‌ଡାଉନ୍ ଯେପରି ସାମାଜିକ-ଅର୍ଥନୈତିକ ବିକାଶ ଉପରେ ପ୍ରଭାବ ନ ପକାଇବ ସେଥିପାଇଁ ପଦକ୍ଷେପ ନିଆଯାଉଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ କହିଛନ୍ତି।

କଠୋର କୋଭିଡ୍ କଟକଣାକୁ ନେଇ ଦୀର୍ଘଦିନ ହେଲା ଜନ ଅସନ୍ତୋଷ ଲାଗି ରହିଥିଲା। ଗତ ସପ୍ତାହରେ ଉରୁମ୍‌କି ଅଗ୍ନିକାଣ୍ଡରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। କୋଭିଡ୍ କଟକଣା ଯୋଗୁ ନିଆଁଲିଭା ଓ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେବାରୁ ୧୦ ଜଣଙ୍କ ଜୀବନ ଗଲା ବୋଲି ଅଭିଯୋଗ କରି ଲୋକେ ରାସ୍ତାକୁ ଓହ୍ଲାଇଥିଲେ।

# କୁରୁକ୍ଷେତ୍ରରେ ଅନ୍ତର୍ଜାତୀୟ ଗୀତା ମହୋତ୍ସବ

## ଉଦ୍‌ଘାଟନ କଲେ ରାଷ୍ଟ୍ରପତି

**କୁରୁକ୍ଷେତ୍ର,୨୯।୧୧(ଆଇଏଏନ୍ଏସ୍)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ହରିୟାଣାର କୁରୁକ୍ଷେତ୍ରରେ ଅନ୍ତର୍ଜାତୀୟ ଗୀତା ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି। ପୁରୁଷୋତ୍ତମପୁର ବାଗ୍‌ରେ ଥିବା ଶ୍ରୀକୃଷ୍ଣଙ୍କ ରଥ ନିକଟରେ ରାଷ୍ଟ୍ରପତି ଯଜ୍ଞ କରିଥିଲେ। ଏହି କାର୍ଯ୍ୟକ୍ରମରେ ହରିୟାଣା ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ ଏବଂ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ଉପସ୍ଥିତ ଥିଲେ। ଏଥିସହିତ ରାଷ୍ଟ୍ରପତି ମୁର୍ମୁ ପୁରୁଷୋତ୍ତମ ବାଗ୍‌ରେ ନିର୍ମିତ ଗୀତା ଶିଳ୍ପ ଉଦ୍ୟାନକୁ ଉଦ୍‌ଘାଟନ କରିଛନ୍ତି।



କୁରୁକ୍ଷେତ୍ରରେ କୃଷ୍ଣ-ଅର୍ଜୁନ ବ୍ରୋଞ୍ଜ ରଥ ପ୍ରତିମୂର୍ତ୍ତି ଆଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ହରିୟାଣା ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ ଏବଂ ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟର।

# କାର୍ ସହ ଶର୍ମିଳାଙ୍କୁ ଟାଣିନେଲା କ୍ରେନ୍

## କେସିଆର୍‌ଙ୍କ ଘରକୁ ଯିବାବେଳେ ଗିରଫ

**ହାଇଦ୍ରାବାଦ,୨୯।୧୧**

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡୀଙ୍କ ଭଉଣୀ ତଥା ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟି (ୱାଇଏସ୍‌ଆର୍‌ଟିପି) ନେତ୍ରୀ ଶର୍ମିଳା ହାଇଦ୍ରାବାଦରେ ମଙ୍ଗଳବାର ପଦଯାତ୍ରାରେ ବାହାରିଥିବାବେଳେ ପୋଲିସ କ୍ରେନ୍ ସହାୟତାରେ ତାଙ୍କ କାର୍‌କୁ ରାସ୍ତାରୁ ଉଠାଇନେଇଛି। ଏହି ସମୟରେ ଶର୍ମିଳା କାର୍‌ରେ ବସିଥିଲେ। ଥାନାରେ ଶର୍ମିଳା କାର୍‌ରୁ ବାହାରିବାକୁ ମନା କରିଦେବାରୁ ଏସ୍‌ୟୁଭି ଡୋର୍ ଖୋଲିବା ପାଇଁ ପୋଲିସ ତାଲା ମରାମତି କରୁଥିବା ଜଣେ ଲୋକଙ୍କୁ ଡାକିଥିଲା। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ବାସଭବନ ଅଭିମୁଖେ ପଦଯାତ୍ରା ଉଦ୍ୟମ ଅଭିଯୋଗରେ ତାଙ୍କୁ ମଙ୍ଗଳବାର ଦ୍ୱିତୀୟ ଥର ପାଇଁ ଗିରଫ କରାଯାଇଛି।

ଝିଅଙ୍କୁ ଭେଟିବା ପାଇଁ ୱାଇଏସ୍ ବିଜୟଲକ୍ଷ୍ମୀ ହାଇଦ୍ରାବାଦ ଘରୁ ବାହାରିବାକୁ ଉଦ୍ୟମ କରୁଥିବାବେଳେ ତାଙ୍କୁ ଗୃହବନ୍ଦୀ କରାଯାଇଛି। ସୋମବାର ୱାରାଙ୍ଗଲ୍‌ରେ ଶର୍ମିଳାଙ୍କ ଗାଡ଼ି ଉପରେ ଶାସକ ଟିଆର୍‌ଏସ୍ ସମର୍ଥକମାନେ ଆକ୍ରମଣ କରିଥିଲେ। ଏହାକୁ ନେଇ ପଦଯାତ୍ରାରେ ଉତ୍ତେଜନା ଦେଖାଦେଇଥିଲା। ପରେ ପୋଲିସ ଶର୍ମିଳାଙ୍କ ସମେତ ପଦଯାତ୍ରାରେ ସାମିଲ ଥିବା ଦଳୀୟ ନେତା ଓ କର୍ମୀଙ୍କୁ ଗିରଫ କରିଥିଲା। ଟିଆର୍‌ଏସ୍ ସମର୍ଥକଙ୍କ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ଏକ କାର୍ ଚଳାଇ ମଙ୍ଗଳବାର ସକାଳେ ଶର୍ମିଳା ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ପ୍ରଗତି ଭବନ ଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ରାସ୍ତାରୁ ତାଙ୍କ ସହ କାର୍‌କୁ ଉଠାଇ ନେଇଥିଲା। କ୍ରେନ୍‌ରେ କାର୍‌କୁ ଟାଣିନିଆଯାଉଥିବାବେଳେ ପଛରେ ସମର୍ଥକ ଓ ଗଣମାଧ୍ୟମ ପ୍ରତିନିଧି ଦୌଡ଼ୁଥିବା ଦେଖାଯାଇଛି।

ଗତ ରବିବାର ନରସମପେଟ୍‌ଠାରେ ଏକ ଜନସଭାକୁ ଉଦ୍‌ବୋଧନ ଦେଇ ଶର୍ମିଳା ସ୍ଥାନୀୟ ଟିଆର୍‌ଏସ୍ ବିଧାୟକ ପେଡ୍ଡି ସୁଦର୍ଶନ ରେଡ୍ଡୀଙ୍କୁ ସମାଲୋଚନା କରିଥିଲେ। ତାଙ୍କ ମନ୍ତବ୍ୟ କେସିଆର୍‌ଙ୍କ ଦଳର କର୍ମୀମାନଙ୍କୁ କ୍ଷୁବ୍ଧ କରିଥିଲା ଓ ସୋମବାର ସେମାନେ ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟିର ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଆକ୍ରମଣକାରୀଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଶର୍ମିଳା ଓ ତାଙ୍କ ସହ ପଦଯାତ୍ରାରେ ସାମିଲ ହୋଇଥିବା ଦଳୀୟ ନେତା ଓ କର୍ମୀଙ୍କୁ ଗିରଫ କରିଥିଲା।



କାର୍‌ରେ ୱାଇଏସ୍‌ଆର୍‌ଟିପି ମୁଖ୍ୟ ଶର୍ମିଳା।

**ପୁରୁଷ ବନ୍ଧ୍ୟାକରଣ ସଚେତନତା ରଥ ଶୁଭାରମ୍ଭ**

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଲଡୁଗାଁ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁରୁଷ ବନ୍ଧ୍ୟାକରଣ ସଚେତନତା ରଥ ଶୁଭାରମ୍ଭ ହୋଇଛି। କୋକସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ତତ୍ତ୍ୱଦର୍ଶୀ ଦାସ ପତାକା ଦେଖାଇ ପୁରୁଷ ବନ୍ଧ୍ୟାକରଣ ସଚେତନତା ରଥ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା, ବିପିଏମ ମାନସ ନୟନ ସ୍ୱାଇଁ, ସୁପର ଭାଇଜର କେତନ ପାତ୍ର, ଆଶା କର୍ମୀ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଓ ଲଡୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଉପସ୍ଥିତ ରହିଥିଲେ।



## ସଂକ୍ଷେପରେ

### ଭବାନୀପାଟଣା-କଟକ ରୁଟ୍‌ରେ ପୁରୁଣା ହାଇଟେକ୍ ବସ୍ ଚଳାଚଳ

**ଯାତ୍ରୀଙ୍କ ଅସନ୍ତୋଷ**

**ମ.ରାମପୁର,୨୯।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ସଦର ମହକୁମା ଭବାନୀପାଟଣାଠାରୁ କଟକ ଯାଉଥିବା ଦୈନିକ ଓଏସଆରଟିସି ବସ୍ ଚଳାଚଳ କ୍ଷେତ୍ରରେ ଅବ୍ୟବସ୍ଥା ଦେଖାଦେଇଛି। ଭବାନୀପାଟଣାରୁ କଟକ ଭାୟା ମ.ରାମପୁର-ବାଲିଗୁଡା-ଭଞ୍ଜନଗର-ନୟାଗଡ-ଖୋର୍ଦ୍ଧା-ଭୁବନେଶ୍ୱର ଦେଇ କଟକ ରୁଟ୍‌ରେ ଗତ ୨୮।୧୧।୨୦୨୨ରିଖ ସୋମବାର ଓଡି୦୮ଏ୬୬୨୯ ପଞ୍ଜୀକୃତ ଏକ ପୁରୁଣା ବସ୍ ଦିଆଯାଇଛି। ଏହାକୁ ନେଇ ଯାତ୍ରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଗାଡିର ପରିଷ୍କାର ପରିଚ୍ଛନ୍ନତା, ଝରକାରେ ଫାଙ୍କ ଓ ବହୁବିଧ ସମସ୍ୟା ଯାତ୍ରୀଙ୍କୁ ଅସୁବିଧାରେ ପକାଉଛି। କଳାହାଣ୍ଡି ଜିଲା ପରିବହନ ଅଧିକାରୀ କାର୍ଯ୍ୟାଳୟ ନିୟନ୍ତ୍ରଣରେ ଭଲ ଓଏସଆରଟିସି ବସ୍ ଥିବା ସତ୍ତ୍ୱେ ମଧ ପୁରୁଣା ବସକୁ ଦିଆଯାଉଛି। ଭଲ ବସ୍‌ଗୁଡିକ ଅନ୍ୟତ୍ର ବେସରକାରୀ ଭଡା ସୂତ୍ରରେ ପ୍ରଦାନ କରାଯାଉଛି। ଫଳରେ ଉପଭୋକ୍ତାଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ରୁଟ୍‌ରେ ଓଡି୦୮ଆର୍ ୧୯୭୯, ଓଡି୦୮ଆର୍ ୧୯୫୨ (୨୦୨୧ରେ ପଞ୍ଜୀକୃତ-ଭାରତ ଷ୍ଟେଜଭିଆଇ) ଦିଆଯାଇଛି। ଏହାସତ୍ତ୍ୱେ ମଧ ୨୦୧୪ ବର୍ଷରେ ପଞ୍ଜୀକୃତ ଭାରତ ଷ୍ଟେଜ ୩ ଓଏସଆରଟିସି ବସ୍ ଦିଆଯାଇଛି। ଏହି ସମ୍ପର୍କରେ ଓଏସଆରଟିସି ଡିଟିଏମ୍ ପ୍ରଦୀପ୍ତ ଜେନାଙ୍କୁ ପଚାରିବାରୁ ଗାଡି ଅନ୍ୟତ୍ର ଭଡା ହେତୁ ପୁରୁଣା ଗାଡି ଦିଆଯାଇଥିଲା ବୋଲି କହିଛନ୍ତି। କିନ୍ତୁ ସବିଶେଷ ତଥ୍ୟ ପଚରାଯିବାରୁ ତାହା ଦେଇପାରିବେ ନାହିଁ ବୋଲି ସ୍ପଷ୍ଟ ଭାବେ କହିଛନ୍ତି।

### ଗଞ୍ଜେଇ ଜବତ, ମହିଳାଙ୍କ ସମେତ ୪ ଗିରଫ

**ନୂଆପଡ଼ା ଅଫିସ,୨୯।୧୧:** ନୂଆପଡା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ନୂଆପଡା ଓ ଖଡିଆଳ ଅବକାରୀ ବିଭାଗର ଦୁଇଟି ଦଳ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଜବତ କରି ଜଣେ ମହିଳା ସମେତ ୪ ଜଣଙ୍କୁ ଗିରଫ କରିଛି। ନୂଆପଡା ଅବକାରୀ ଥାନା ଅଧିକାରୀ ଗୁପ୍ତେଶ୍ୱର ପଟେଲଙ୍କ ନେତୃତ୍ୱରେ ଏକ ଦଳ କୁରୁମ୍ପୁରି ଘାଟିପଡାଠାରେ ପାଟ୍ରୋଲିଂ କରୁଥିଲେ। ଦୁଇ ଜଣ ଏକ ପ୍ଲାଷ୍ଟିକ ବସ୍ତା ରଖି ବସ ଅପେକ୍ଷା ରହିଥିବା ବେଳେ ସନ୍ଦେହ କରି ୨ଜଣଙ୍କୁ ପଚାରାଉଚରା କରି ତାଙ୍କ ଖାନତଲାସ କରିବାରୁ ୧୦ କିଲୋଗ୍ରାମ ଗଞ୍ଜେଇ ମିଳିଥିଲା। ୨ ଜଣଙ୍କୁ ଅଧିକ ପଚାରାଉଚରା କରିବାରୁ ଗଞ୍ଜେଇ ଧରି ମଧ୍ୟପ୍ରଦେଶ ରାଜ୍ୟକୁ ନେଉଥିବା ସ୍ୱୀକାର କରିଥିଲେ। ସେ ୨ଜଣ ହେଲେ ରାୟଗଡା ଜିଲା, ଚାନ୍ଦିଲି ଥାନା ବାପୁଜୀନାଗର ଗାଁର ସ୍ୱାମୀ ପ୍ରିୟରଞ୍ଜନ କରଭାନା (୨୯) ଓ ଅନ୍ୟ ଜଣେ ମହିଳା ବୋଲି ଜଣାପଡିଛି। ସେହିପରି ଖଡିଆଳ ଅବକାରୀ ଏସଆଇ ଡମ୍ବରୁଧର ହରିଜନଙ୍କ ନେତୃତ୍ୱରେ ବରଗାଁ ଛକଠାରେ ଗଞ୍ଜେଇ ଜବତ କରିବା ସହ ୨ଙ୍କୁ ଗିରଫ କରିଛନ୍ତି। ଜଣେ ରାୟଗଡା ଜିଲା ବାପୁଜୀନଗର ଗାଁର ପ୍ରେମ ରଞ୍ଜନ ଖରୁଆନ (୩୧) ଏବଂ ଅନ୍ୟ ଜଣେ ମଧ୍ୟପ୍ରଦେଶର ପର୍ଷୁର୍ଣ୍ଣୀ ଗାଁର ତୁଳସି ରାମ ଖୁରସଙ୍ଗି (୫୮)। ଉଭୟଙ୍କଠାରୁ ୧୦ କିଗ୍ରା ଲେଖାଏଁ ୨୦ କିଗ୍ରା ଗଞ୍ଜେଇ ଜବତ କରାଯାଇଛି। ଚଢାଉରେ ନୂଆପଡା ଅବକାରୀ ବିଭାଗରୁ ଇନିସପେକ୍ଟର ହିରାବାତି ଥାଟି, ଏସଆଇ ମଙ୍ଗଳା ଛତ୍ରିଆ, ସଞ୍ଜୀବ ବେହେରା, କ୍ଷେତ୍ରମଣି ବାଗ, ଗିରେନ୍ଦ୍ର କଟା ଓ ଖଡିଆଳ ଅବକାରୀ ବିଭାଗରୁ ଶିବ ଦୁରିଆ, ହିଙ୍ଗୁଲା ଦାସ, ଧନରାଜ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

### ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ରେଡକ୍ରସ ସଭା

**ଖଡ଼ିଆଳ,୨୯।୧୧(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂ ସାଶିତ ମହାବିଦ୍ୟାଳୟରେ ରେଡ୍‌କ୍ରସ ପକ୍ଷରୁ ଇଡକ୍ସନ ସଭା ମହାବିଦ୍ୟାଳୟ ଅଧକ୍ଷ ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅଧକ୍ଷ ମେଜର ଡ଼ା ରାମଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା ସଂଯୋଜକ ଅଶ୍ୱିନି ହୋତା, ଡିନ ଡ଼ ପଦ୍ମଲୋଚନ ବର୍ମା ମଞ୍ଚାସୀନ ଥିବାବେଳେ କଲେଜର ପରାମର୍ଶ ଦାତା ସଂଗୀତା ନେତାମ ପରିଚାଳନା କରିଥିଲେ। ଅତିଥିମାନେ ଯୁବ ରେଡ୍‌କ୍ରସର ଉପକରିତା ଉଦ୍ଦେଶ୍ୟ, ଲକ୍ଷ, ରକ୍ତଦାନ, ବୃକ୍ଷ ରୋପଣ, ସଂକ୍ରାମକ ରୋଗ, ପ୍ଲାଷ୍ଟିକ ପ୍ରଦୂଷଣ ଏପରି ଅନେକ ଜନହିତକାରି ଉଦ୍ଦେଶ୍ୟରେ ଅବଗତ କରାଇଥିଲେ। ଅଧାପିକା ନେତାମ ଧନ୍ୟବାଦ ଦେଇଥିଲେ।

# ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବିରେ ସାମୂହିକ ପର୍ବତାରୋହଣ

**ଡଙ୍ଗରଗଡ ଜଳପ୍ରପାତ**

**ଭବାନୀପାଟଣା,୨୯।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ କଲମ ପଞ୍ଚାୟତସ୍ଥିତ ବ୍ରାହ୍ମଣୀ ଜଙ୍ଗଲରେ ଥିବା ଡଙ୍ଗରଗଡ ଜଳ ପ୍ରପାତକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇଁ ଦାବି ହୋଇଛି। ଏହାକୁ ନେଇ ମଙ୍ଗଳବାର କଲମ ଗ୍ରାମବାସୀ ଓ ସ୍ଥାନୀୟ ଡଙ୍ଗରଗଡ ସୁରକ୍ଷା ପରିଷଦ ପକ୍ଷରୁ ଏକ ସାମୂହିକ ପର୍ବତାରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଅଞ୍ଚଳର ଆରାଧ୍ୟ ଦେବତା ବୁଢାରଜା ଓ ମା' ମାଣିକେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ପର୍ବତାରୋହଣ ଅନୁଷ୍ଠିତ ହୋଇଥିଲା। ଏହି ପର୍ବତାରୋହଣ କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ଲାପଡା ଫରେଷ୍ଟର ଓ ତାଙ୍କ ଟିମ, କର୍ଲାପଡା ଫାଣ୍ଡି ଅଧିକାରୀ ଅସିତ ପଣ୍ଡା ଓ ତାଙ୍କ ଟିମ୍, ଏସଏଚଜି


ସାମୂହିକ ପର୍ବତାରୋହଣ କାର୍ଯ୍ୟକ୍ରମ।

ମହିଳା, ଗାଁ କମିଟି ଓ ଡଙ୍ଗରଗଡ ସୁରକ୍ଷା ପରିଷଦ ମୁଖ୍ୟ ଉପଦେଷ୍ଟା ଓ କର୍ମକର୍ତ୍ତା ଏହାର ନେତୃତ୍ୱ ନେଇଥିଲେ। ପର୍ବତାରୋହଣ କାର୍ଯ୍ୟକ୍ରମ ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଡଙ୍ଗରଗଡ ସୁରକ୍ଷା ପରିଷଦ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡଙ୍ଗରଗଡ ସୁରକ୍ଷା ପରିଷଦ ମୁଖ୍ୟ ଉପଦେଷ୍ଟା ଡ. ଭବାନୀ ଶଙ୍କର ନିଆଲ, ମୁଖ୍ୟବକ୍ତା ଭାବେ ପରିଷଦ କାର୍ଯ୍ୟକାରୀ ସଭାପତି ଶଶିଦେବ ମାଝି, ଅତିଥି ଭାବେ ପରିଷଦ ଉପସଭାପତି ଚନ୍ଦ୍ରସେନ ବାଗ, ସହସମ୍ପାଦକ କୀର୍ତ୍ତନ ମାଝି, ଲିଙ୍ଗରାଜ ଆଜାଦଙ୍କ ସମେତ ସୁରେଶ ମହାନନ୍ଦ, ଚକ୍ରଧର ସେଠି, ଭବାନୀ ସାହୁ, ଧବଳେଶ୍ୱର ମହାପାତ୍ର, ଶାନ୍ତି ସ୍ୱରୂପ ପଣ୍ଡା, ପ୍ରଦୀପ ଦାସ, ସଚିନ ଜୈନ ପ୍ରମୁଖ ଯୋଗଦେଇଥିଲେ। ପ୍ରକାଶ ଯେ, ନଭେମ୍ବର ୧୫ ତାରିଖରେ ଡଙ୍ଗରଗଡ ଜଳପ୍ରପାତ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେବା ଦାବି ନେଇ ଡଙ୍ଗରଗଡ ସୁରକ୍ଷା ପରିଷଦ ପକ୍ଷରୁ କଳାହାଣ୍ଡି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ବୁର୍ଡା ପାକ୍ସରେ ଖରିଫ ଧାନକିଣାର ଶୁଭାରମ୍ଭ


ବୁର୍ଡାପାକ୍ସରେ ଧାନକିଣାର ଶୁଭାରମ୍ଭ ଅବସରରେ ପୂଜାର୍ଚ୍ଚନା କରାଯାଉଛି।

**ଲୋଇସିଂହା,୨୯।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପାକ୍ସରେ ମଙ୍ଗଳବାର ଖରିଫ ଧାନକିଣାର ଶୁଭାରମ୍ଭ କରାଯାଇଛି। ସମ୍ପାଦକ ଘନଶ୍ୟାମ ପୁଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୋର୍ଡ ସଭାପତି ବାଳଗୋପାଳ ସାହୁ , ସ୍ଥାନୀୟ ସରପଞ୍ଚ ଅତିଥି ଭାବେ ଯୋଗଦେଇ ଧାନକିଣାର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ ତଥା ବୋର୍ଡ ଡାଇରେକ୍ଟର ସହଦେବ ସା, ପ୍ରହଲ୍ଲାଦ ସାହୁ, ସମସ୍ତ ସଦସ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ। ପାକ୍ସ ଅଧୀନ ବୁର୍ଡା, ବାଞ୍ଜିପାଲି, ସିଆଲବାହାଲି, ଢୋଲମହୁଲ, ବୁଢୀପଦର, ଲୁହୁରାପାଲି, ପନେସରା, ଗୋପାଳପୁର, ଟେଭାଡୁଙ୍ଗରୀ ଓ ବାରଡୋଲ ଗ୍ରାମର ୨୪୭ ପଞ୍ଜୀକୃତ ଚାଷୀ ଧାନ ବିକ୍ରି କରି ପାରିବେ ବୋଲି ସମ୍ପାଦକ ପୁଟା ସୂଚନା ଦେଇଥିଲେ। ସେହିପରି ଯୋଗୀସର୍ଡା ପାକ୍ସର ବୋର୍ଡ ସଦସ୍ୟଙ୍କ ଉପସ୍ଥିତିରେ ସଭାପତି ତଥା ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା ଧାନକିଣା ବ୍ୟବସ୍ଥାର ଉଦ୍‌ଘାଟନ କରିଥିଲେ। ପାକ୍ସରେ ଧାନବିକ୍ରି ପାଇଁ ୮୬୫ ଚାଷୀ ପଞ୍ଜୀକୃତ ହୋଇଛନ୍ତି।

# ବିଦ୍ୟୁତ୍ ବିଲ ପୈଠ କଲା ପଞ୍ଚାୟତିରାଜ ବିଭାଗ

**ନୂଆପଡ଼ା ଅଫିସ,୨୯।୧୧**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ବସୁଧା ଯୋଜନାରେ ପାତଳ ବୋରୱାଲ କରି ଲୋହୋଣ୍ଡୋପାଲି, ଠୁଟିବର ଓ ଗୋନିଆପଡାକୁ ପାଇପ ଯୋଗେ ଜଳ ଯୋଗାଣ ହେଉଥିଲା। ପଞ୍ଚାୟତ ପକ୍ଷରୁ ବିଦ୍ୟୁତ୍ ବିଲ ପୈଠ ନ କରିବାରୁ ବିଭାଗ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବାରୁ ଜଳ ଯୋଗାଣ ବନ୍ଦ ରହିଥିଲା। ଫଳରେ ଉକ୍ତ ୩ଟି ଗାଁ କୟା ନଦୀକୂଳରେ ବାଲି ଚୁଆଁ କରି ପାଣି ବ୍ୟବହାର କରୁଥିବା ସମ୍ପର୍କିତ ଏକ ଖବର ଗତ ୧୮ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇବା ପରେ ବ୍ଲକ ପ୍ରଶାସନ ତତ୍ପର ଦେଖାଇ ବିଦ୍ୟୁତ୍ ବିଲ ପୈଠ କରିଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନା ମୁତାବକ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଠୁଟିବର ଦ୍ୱାରା ବସୁଧା ଯୋଜନାରେ ଗୋନିଆପଡାଠାରେ କୟା ନଦୀ କୂଳରେ ଏକ ପାତାଳ ବୋରୱେଲ କରି ୨୦୨୨ ଜାନୁୟାରୀଠାରୁ ଲୋହୋଣ୍ଡୋପାଲି, ଠୁଟିବର ଓ ଗୋନିଆପଡାକୁ ପାଇପ


ଜଳ ଯୋଗାଣ ହେଉଥିବା ପମ୍ପଘର।

ଯୋଗେ ଜଳ ଯୋଗାଣ ହେଉଥିଲା। ଲୋହୋଣ୍ଡୋପାଲିରେ ୩୦, ଠୁଟିବରରେ ୫୦ ଓ ଗୋନିଆପଡାରେ ୩୦ଟି ଫ୍ରି ପଏଣ୍ଟରେ ଜଳ ଯୋଗାଣ ହେଉଥିଲା। ଘର ସଂଯୋଗ ହେବା ପୂର୍ବରୁ ଜଳ ଯୋଗାଣ ବନ୍ଦ ହୋଇଗଲା। ଦୀର୍ଘ ୬ ମାସ ଜଳ ଯୋଗାଣ ପରେ ପଞ୍ଚାୟତ ବିଦ୍ୟୁତ୍ ବିଲ ପୈଠ ନ କରିବାରୁ ଗତ ଜୁଲାଇରେ ବିଦ୍ୟୁତ ସଂଯୋଗ କାଟି ଦେବାରୁ ଜଳ ଯୋଗାଣ ବନ୍ଦ ରହିଛି। ଜାନୁୟାରୀଠାରୁ ଅକ୍ଟୋବର ପର୍ଯ୍ୟନ୍ତ ବିଦ୍ୟୁତ ବିଲ ମୋଟ ୧,୯୫,୨୮୩ ଟଙ୍କା ରହିଥିଲା। ହେଲେ ଧରିତ୍ରୀରେ ଖବର ପ୍ରକାଶ ହେବା ପରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୩,୭୮,୯୯୨ ଟଙ୍କା ବିଦ୍ୟୁତ ବିଭାଗକୁ ପୈଠ କରିଥିବା କୋମନା ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ରଣା ସୂଚନା ଦେଇଛନ୍ତି। ବିଦ୍ୟୁତ ବିଲ ପୈଠ ହୋଇ ବିଦ୍ୟୁତ ସଂଯୋଗ ମଧ୍ୟ ହୋଇସାରିଛି। ହେଲେ ସେଥିରେ ବ୍ୟାବହାର କରାଯାଉଥିବା ଇଲେକ୍ଟ୍ରି ବୋର୍ଡର ସୁଇଜ ଖରାପ ହୋଇଥିବାରୁ ଜଳ ଯୋଗାଣ ହୋଇ ପାରୁନାହିଁ। ସବୁ କାର୍ଯ୍ୟ ମରାମତି ପରେ ଜଳ ଯୋଗାଣ ଆରମ୍ଭ ହେବ। ପୁଣି ସୂଚାରୁ ରୂପେ ୩ ଗାଁର ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବେ।

**ଧରିତ୍ରୀ ପ୍ରଭାବ**

### ପଶ୍ଚିମ ଓଡ଼ିଶା ଯୁବା ମଞ୍ଚର ନୂଆପଡ଼ା ଶାଖାର କାର୍ଯ୍ୟକାରିଣୀ

**ଖଡ଼ିଆଳ,୨୯।୧୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳଠାରେ ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ନୂଆପଡ଼ା ଶାଖାର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନିଲ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲାର ୫ଟି ବ୍ଲକରୁ ଯୁବା ମଞ୍ଚ ସଦସ୍ୟମାନେ ଯୋଗଦେଇ କୋଶଲ ଆନ୍ଦୋଳନ ସଫଳ କରିବ, ଜିଲାର ବିଭିନ୍ନ ସମସ୍ୟା, ସ୍ଥାନୀୟ ସମସ୍ୟା ଆଦି ଉପରେ ଆଲୋଚନା କରିଥିଲେ। ବୈଠକରେ ମାନସ କୁମାର ସାହୁ ଆବାହକ ଥିବାବେଳେ ବଲାଙ୍ଗୀର ବରଗଡ଼ରୁ ଯୁବମଞ୍ଚର ଅନେକ ସଦସ୍ୟ ଅଭିଷେକ ଦାସଙ୍କ ତତ୍ତ୍ୱାଧାନରେ ଯୋଗଦେଇ ଯୁବା ମଞ୍ଚର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ବୈଠକରେ କପିଳେନ୍ଦ୍ର ଭୋଇ, ରାଜା ବୈଠାରୁ, ହରେକୃଷ୍ଣ ଭୋଇ, ଯୁଗଳ କିଶୋର ମହାନନ୍ଦ, ଓମ ପ୍ରକାଶ ଅଗ୍ରୱାଲ, ଲକ୍ଷ୍ମୀକାନ୍ତ ହଂସ, ବିଜୟାନନ୍ଦ ମହାକୁର, ନବରାଜ ପଟେଲ, ଦୀନେଶ ପଟେଲ, ତୁଳସୀରାମ ପଟେଲ, ହେମନ୍ତ ସାହୁ, ଦେବାଶିଷ ନାଗ, ଜୟକାନ୍ତ ସାହୁ, ସମ୍ବିଦ ଦଣ୍ଡସେନା ତଥା ଶତାଧିକ ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ସଦସ୍ୟ ଯୋଗଦେଇଥିଲେ। ରାଜେଶ୍ୱର ଦର୍ଜୀ ଧନ୍ୟବାଦ ଦେଇଥିଲେ।

# ଋତୁକାଳୀନ ଆବାସିକ ବିଦ୍ୟାଳୟରେ କାମ କରି ମିଳିନି ପ୍ରାପ୍ୟ

**ଲାଠୋର, ୨୯।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ଗ୍ରାମରେ ୨୦୧୪-୧୫ ଏବଂ ୨୦୧୭-୧୮ ମସିହାରେ ଋତୁକାଳୀନ ଆବାସିକ ବିଦ୍ୟାଳୟରେ କାମ କରିଥିବା କେୟାର ଟେକର ଓ ପାଚିକାଙ୍କୁ ପ୍ରାପ୍ୟ ମିଳିନାହିଁ। କେୟାର ଟେକର କୁଳମଣି ମୁଦୁଲି, ସସ୍ମିତା ଭୋଇ, ପାଚିକା ଫୁଲମତି ଭୋଇ ଓ ଜାନକୀ ଭୋଇ ଏ ନେଇ ଅଭିଯୋଗ କରିଛନ୍ତି। ଦାଦନ ଖଟିବାକୁ ଯାଉଥିବା ଶ୍ରମିକଙ୍କ ପିଲାର ଶିକ୍ଷା ଓ ଖାଦ୍ୟପେୟର ବ୍ୟବସ୍ଥା ସେହି ଅଞ୍ଚଳର ବିଦ୍ୟାଳୟମାନଙ୍କରେ ଶିକ୍ଷା ବିଭାଗ ପକ୍ଷରୁ ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ରମାନ ଖୋଲା ଯାଇଥାଏ। କରୁଆଝର ବିଦ୍ୟାଳୟରେ ୨୦୧୪-୧୫ ମସିହାରେ ଋତୁକାଳୀନ ଆବାସିକ ପ୍ରଜତ୍ନ କେନ୍ଦ୍ର ଖୋଲା ଯାଇଥିଲା। ସେଠାରେ ୩୫ ଛାତ୍ରୀଛାତ୍ର ରହୁଥିଲେ। ସେଠାରେ କାମ କରିଥିବା ୨ କେୟାର ଟେକର ଏବଂ ଦୁଇ ପାଚିକାଙ୍କୁ ୩ମାସ ଲେଖାଏ ଦରମା ଏବଂ କିରାନା ଦୋକାନରୁ କିଣାଯାଇଥିବା ସାମଗ୍ରୀ ବାବଦକୁ ବକେୟା ଥିବା ୧ଲକ୍ଷ ୧୯ହଜାର ଟଙ୍କା ପ୍ରଦାନ କରାଯାଇନାହିଁ। ସେହିପରି ୨୦୧୭-୧୮ ମସିହାରେ ମଧ ସାମଗ୍ରୀ କିଣା ବାବଦକୁ ୧ଲକ୍ଷ ଟଙ୍କା ବକେୟା ପ୍ରଦାନ କରାଯାଇନାହିଁ। ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀଙ୍କ ପାଖକୁ ଦୌଡ଼ି ନୟାନ୍ତ ହୋଇଥିଲେ ମଧ କର୍ଣ୍ଣପାତ କରାଯାଉନାହିଁ। ଏ ନେଇ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କୁ ପଚାରିବାରୁ ସମସ୍ୟାଟି ପୁରୁଣା। ଏହାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ସିନାପାଲି ମୁଖ୍ୟାଳୟରେ ରହୁନାହାନ୍ତି ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ

**ସମିତି ସଂଘ ପକ୍ଷରୁ ଜିଲାପାଳଠାରେ ଅଭିଯୋଗ**

**ସିନାପାଲି,୨୯।୧୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ମୁଖ୍ୟାଳୟରେ ରାହୁନାହାନ୍ତି ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀ। ଯଦ୍ୱାର ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏ ନେଇ ସିନାପାଲି ବ୍ଲକ ସମିତି ସଂଘ ପକ୍ଷରୁ ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରାଯାଇଛି। ସୂଚନାଯୋଗ୍ୟ ଯେ, ସିନାପାଲି ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ଅନେକ କନିଷ୍ଠ ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀ ମୁଖ୍ୟାଳୟରେ ନ ରହି ପ୍ରାୟ ୩୦ରୁ ୪୦ କି.ମି. ଦୂରରୁ ପ୍ରତ୍ୟହ ଯିବାଆସିବା କରୁଛନ୍ତି। ସେମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କ୍ୱାର୍ଟର ଦିଆଯାଇଥିଲେ ବି ରହୁନାହାନ୍ତି। ଏ ନେଇ ପୂର୍ବରୁ ବାରମ୍ବାର ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ବି କୌଣସି ସୁଫଳ ମିଳି ନ ଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବ୍ଲକ କାର୍ଯ୍ୟାଳୟରେ ବର୍ତ୍ତମାନ ଏବିଡିଓ, ଜିପିଇଓ, ବିଏସଏସଓ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିଥିବା ବେଳେ ଆବଶ୍ୟକ ସଂଖ୍ୟକ ଯନ୍ତ୍ରୀ ତଥା ଅନ୍ୟାନ୍ୟ ଅଧିକାରୀ କର୍ମଚାରୀ ନାହାନ୍ତି। ପୁଣି ଅଳ୍ପ ସଂଖ୍ୟକ କର୍ମଚାରୀରେ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ଏକାଧିକ ଯନ୍ତ୍ରୀ ବ୍ଲକ ମୁଖ୍ୟାଳୟରେ ନ ରହିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ମଧ ରହୁନାହାନ୍ତି। ଫଳରେ ପଞ୍ଚାୟତସ୍ତରରେ ମଧ ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀ ଙ୍କୁ ବ୍ଲକ ମୁଖ୍ୟାଳୟରେ ରହିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ପକ୍ଷରୁ ସଭାପତି ମନୀଷ ପଟେଲ, ବ୍ଲକ ଅଧକ୍ଷା ମାଧୁରୀ ମାଝି, ଉପାଧକ୍ଷା ମିନା ଘିଭେଲା, ଜିଲା ପରିସଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ ପ୍ରମୁଖଙ୍କ ସମେତ ସମିତି ସଭ୍ୟସଭ୍ୟା ସାମିଲ ଥିଲେ।

# ଖପ୍ରାଖୋଲ ମହୋତ୍ସବ ପାଇଁ କଂସ ବରଣ


କଂସ ଭୂମିକାରେ ଅଭିନୟ ପାଇଁ ନିର୍ମଳ ମେହେରଙ୍କୁ ବରଣ କରାଯାଉଛି।

**ଖପ୍ରାଖୋଲ,୨୯।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ମହୋତ୍ସବ ଡିସେମ୍ବର ୧୫ରୁ ୨୧ତାରିଖ ଯାଏ ଚାଲିବ। ଏଥି ପାଇଁ ପ୍ରସ୍ତୁତି ଶେଷ ହୋଇଛି। ମହୋତ୍ସବର ମୁଖ୍ୟ ଆକର୍ଷଣ ହେବ କଂସ ଦରବାର। କଂସ ଭୂମିକାରେ ଅଭିନୟ ପାଇଁ ଚୟନ ହୋଇଥିବା ବରଗଡ଼ ଜିଲା ସୋହେଲା ବ୍ଲକ ବରପଦର ଗ୍ରାମର ନିର୍ମଳ ମେହେରଙ୍କୁ ମଙ୍ଗଳବାର ବରଣ କରାଯାଇଥିଲା। ମହୋତ୍ସବରେ କମେଡିଆନ ଯୋଗେଶ ଜୋଜୋ, ଅପେରା ସୂର୍ଯ୍ୟ ମହଲ, ମୀନା ବଜାର ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ଜଣାପଡିଛି। କଂସ ବରଣ ଅବସରରେ କମିଟି ସଦସ୍ୟ ରଞ୍ଜନ ସାହୁ, ସଭାପତି ବୁଲୁ ପଣ୍ଡା, ଉପସଭାପତି ଡୋଲାମଣି ଷାଣ୍ଡ, ଅରକ୍ଷିତ ସାହୁ, ଆଶିଷ ଭୋଇ, ସନ୍ତୋଷ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନବନିର୍ବାଚିତ ଜିଲା ପରିଷଦଙ୍କ ପାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**କଳାହାଣ୍ଡିର ୩୨ ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ଅଂଶଗ୍ରହଣ**

**ଭବାନୀପାଟଣା,୨୯।୧୧(ସ୍ୱ.ପ୍ର.)**

ଭୁବନେଶ୍ୱରସ୍ଥିତ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନଠାରେ ମଙ୍ଗଳବାରଠାରୁ ୨ ଦିନିଆ କଳାହାଣ୍ଡି ଓ ସୁନ୍ଦରଗଡ ଜିଲାରେ ଥିବା ସମସ୍ତ ଜୋନ୍‌ର ନବନିର୍ବାଚିତ ଜିଲା ପରିଷଦ ସଭ୍ୟାସଭ୍ୟଙ୍କୁ ନେଇ ପାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିରେ କଳାହାଣ୍ଡି ଜିଲାର ୩୬ଟି ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୩୨ ଜିଲା ପରିଷଦ ସଭ୍ୟାସଭ୍ୟ ଅଂଶ ଗ୍ରହଣ କରିଛନ୍ତି। କଳାହାଣ୍ଡି ଜିଲା ପରିଷଦ ଅଧକ୍ଷ ଅନୁପସ୍ଥିତ ଥିବାରୁ ତାଙ୍କ ବଦଳରେ ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର ଏହାର ନେତୃତ୍ୱ ନେଉଛନ୍ତି। ଏହି ତାଲିମ ଶିବିରରେ ଜିଲା ପରିଷଦଙ୍କ ପଞ୍ଚାୟତିରାଜ ବିଭାଗରେ ଭୂମିକା ଓ ଦାୟିତ୍ୱ ଉପରେ ତାଲିମ ଦିଆଯିବ ବୋଲି ଜଣାପଡିଛି। ବୁଧବାର ଏହି ତାଲିମ ଶିବିର ଉଦ୍‌ଯାପିତ ହେବ।


ପ୍ରଶିକ୍ଷଣ ନେଉଥିବା କଳାହାଣ୍ଡି ଜିଲାର ଜିଲା ପରିଷଦ ସଭ୍ୟାସଭ୍ୟ।

# ବେଦାନ୍ତକୁ କଞ୍ଚାମାଲ ଯୋଗାଇବା ଦାବି କଲେ ଅଞ୍ଚଳବାସୀ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

**ଲାଞ୍ଜିଗଡ଼,୨୯।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବେଦାନ୍ତକୁ ଖଣି ଓ କଞ୍ଚାମାଲ ଯୋଗାଇବା ଦାବିରେ ଲାଞ୍ଜିଗଡ଼ ଅଞ୍ଚଳବାସୀ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ବିଭୁତିଭୂଷଣ ଶତପଥୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବ୍ଲକର ଏକମାତ୍ର ବୃହତ ଶିଳ୍ପ ପ୍ରକଳ୍ପ ବେଦାନ୍ତ ଲିମିଟେଡ ୨୦୦୩ରୁ ଲାଞ୍ଜିଗଡ଼ଠାରେ ରିଫାଇନେରୀ ସ୍ଥାପନ ସହିତ ଆଲୁମିନା ଉତ୍ପାଦନ ଆରମ୍ଭ କରିଥିଲା। କିନ୍ତୁ ୨୦ ବର୍ଷ ପୁରିବାକୁ ବସିଥିବାବେଳେ କମ୍ପାନୀକୁ ନିୟମଗିରି ଖଣି ଓ କଞ୍ଚାମାଲ ମିଳିନାହିଁ। ଫଳରେ ବାହାରୁ କଞ୍ଚାମାଲ ଆଣି କମ୍ପାନୀ ଚଳାଇବା ଦିନକୁ ଦିନ ମୁସ୍କିଲ ହୋଇପଡୁଥିବାବେଳେ ଶେଷରେ କମ୍ପାନୀ ହାତ ଟେକିଦେବାକୁ ବସିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ଉପରେ ନିର୍ଭର କରୁଥିବା ଲାଞ୍ଜିଗଡ଼, ଜଗନ୍ନାଥପୁର, ବସନ୍ତପଡ଼ା, ବାତେଲିମା,



ଦାବିପତ୍ର ପ୍ରଦାନ କରାଯାଉଛି।

ଛତ୍ରପୁର, ଚମ୍ପାଦେଇପୁର ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିବା ସହିତ ନିଜର ଜୀବନ ଜୀବିକା ବିପନ୍ନ ହେବା ଆଶଙ୍କାରେ ୩ ହଜାରରୁ ଉର୍ଦ୍ଧ୍ୱ ଲୋକେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଲାଞ୍ଜିଗଡ଼ ହାଇସ୍କୁଲ ପଡ଼ିଆରୁ ୩ ହଜାରରୁ ଅଧିକ ଲୋକେ ଏକ ବିଶାଳ ଶୋଭାଯାତ୍ରାରେ ବିଶ୍ୱନାଥପୁର ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କମ୍ପାନୀକୁ ଓଡ଼ିଶା ଖଣି ନିଗମ ଜରିଆରେ ସ୍ଥାୟୀ ଖଣି କିମ୍ବା କଞ୍ଚାମାଲ ଯୋଗାଇଦେଲେ କମ୍ପାନୀ ପୂର୍ବ କାର୍ଯ୍ୟକ୍ଷମ ରହିବ ଏବଂ କମ୍ପାନୀ ଉପରେ ନିର୍ଭରଶୀଳ ହଜାର ହଜାର ଲୋକେ ଉପକୃତ ହେବେ ବୋଲି ସେମାନେ ଦର୍ଶାଇଛନ୍ତି। ଏଥିରେ ଲାଞ୍ଜିଗଡ଼ ଶ୍ରମିକ ସଂଘ, ଲାଞ୍ଜିଗଡ଼ ବଣିକ ସଂଘ, ଲାଞ୍ଜିଗଡ଼ ଡ୍ରାଇଭର ସଂଘ, ମୋଟର ଗାଡ଼ି ମାଲିକ ସଂଘ, ବିଭିନ୍ନ ରାଜନୈତିକ, ସାମାଜିକ ସଙ୍ଗଠନ ଲୋକେ ଆନ୍ଦୋଳନରେ ସାମିଲ ହୋଇଥିଲେ। ଲାଞ୍ଜିଗଡ଼ ଅଞ୍ଚଳ ବିକାଶ ପରିଷଦ ସଭାପତି ଶ୍ରୀଧର ପେସନିଆ, କାମରାଜ ଦଳବେହେରା, ଚନ୍ଦ୍ରଧ୍ୱଜ ପେସନିଆ, ଅଶୋକ ପଟ୍ଟନାୟକ, ସଞ୍ଜୀବ କୁମାର ନାୟକ, ରାଜେନ୍ଦ୍ର ପ୍ରତାପ ସିଂହଦେଓ, ଅଶୋକ ପଟ୍ଟନାୟକ, ସୁବାସ ଅଗ୍ରୱାଲ, ଶ୍ରୀବତ୍ସ ତାଣ୍ଡି, ଲକ୍ଷ୍ମୀଧର ସନ୍ତୋଷରାୟ, ସୁବାସ ମହାପାତ୍ର, ଫକୀର ବିଶି, ମନୋହର ହରପାଲଙ୍କ ସମେତ ୭ଟି ପଞ୍ଚାୟତରୁ ବହୁସଂଖ୍ୟାରେ ଲୋକେ ସାମିଲ ହୋଇଥିଲେ।

# ନିର୍ଣ୍ଣାୟକ ହେବ ଆଦିବାସୀ ଭୋଟ୍

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୨୯।୧୧

**ପଦ୍ମପୁର ଉପନିର୍ବାଚନ**

- ୨୭ ପ୍ରତିଶତରୁ ଅଧିକ ରହିଛନ୍ତି ଆଦିବାସୀ ଭୋଟର
- ଆଦିବାସୀ ବର୍ଗର କେନ୍ଦୁପତ୍ର ତୋଳାଳି ସର୍ବାଧିକ
- ପ୍ରଚାରରେ ଆଦିବାସୀ ନେତାଙ୍କୁ ସବୁଦଳର ଗୁରୁତ୍ୱ



ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନରେ ଆଞ୍ଚଳିକ ସମସ୍ୟା ମୁଖ୍ୟ ପ୍ରସଙ୍ଗ ପାଲଟିଛି। ତଥାପି ଜାତିଭିତ୍ତିକ ଭୋଟ୍ ଉପରେ ୩ ପ୍ରମୁଖ ଦଳ କଂଗ୍ରେସ, ଭାଜପା ଓ ବିଜେଡିର ନଜର ରହିଛି। ଏହି ଦୃଷ୍ଟିକୋଣରୁ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ଥିବା ଆଦିବାସୀ (ଅନୁସୂଚିତ ଜନଜାତି) ଭୋଟର ସବୁବେଳେ ନିର୍ଣ୍ଣାୟକ ଭୂମିକା ନେଉଥିବାରୁ ଏହି ବର୍ଗର ଭୋଟରଙ୍କ ପ୍ରତି ସବୁଦଳର ନଜର ରହିଛି। ଆଦିବାସୀ ବର୍ଗର ଭୋଟରଙ୍କୁ କିଭଳି ନିଜ ସପକ୍ଷକୁ ନେବେ, ସେଥିପାଇଁ ସବୁଦଳ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଛି। ପ୍ରଚାରରେ ମଧ୍ୟ ଏଭଳି ପ୍ରୟାସ ଦେଖିବାକୁ ମିଳିଛି ।

ପଦ୍ମପୁର ନିର୍ବାଚନ ମଣ୍ଡଳୀ ରାଜବୋଡ଼ାସମ୍ବର, ପାଇକମାଳ ଏବଂ ଝାରବନ୍ଧ ବ୍ଲକ ସମେତ ପଦ୍ମପୁର ଏନ୍ଏସିକୁ ନେଇ ଗଠିତ। ଏହି ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨ଲକ୍ଷ ୫୭ହଜାର ୪୭୪ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ୧ଲକ୍ଷ ୨୭ହଜାର ୯୬୫ ଜଣ ମହିଳା, ୧ଲକ୍ଷ ୨୯ହଜାର ୪୯୭ ଜଣ ପୁରୁଷ ଏବଂ ୧୨ଜଣ ଅନ୍ୟ ଶ୍ରେଣୀ (ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। କିନ୍ତୁ ଏମାନଙ୍କ ମଧ୍ୟରୁ ପ୍ରାୟ ୭୧ହଜାର ୩୬୫ ଭୋଟର ଆଦିବାସୀ ବର୍ଗର ଅଟନ୍ତି। ଯାହାକି ନିର୍ବାଚନ ମଣ୍ଡଳୀର ସମୁଦାୟ ଭୋଟରଙ୍କ ୨୭.୮୨ ପ୍ରତିଶତ ଅଟେ। ଏହି ନିର୍ବାଚନ ମଣ୍ଡଳୀର ଝାରବନ୍ଧ ବ୍ଲକ ଅନ୍ତର୍ଗତ ବିଲାସପୁର, ଡଭା, ଭଇଁଷାଦର୍ହା, କନ୍ଦାଡଙ୍ଗର, ଗୋଠୁଗୁଡ଼ା, ଲଉଡ଼ିଦର୍ହା, ପାଇକମାଳ ବ୍ଲକ ଅନ୍ତର୍ଗତ ଜାମସେଠ, ଝାରବନ୍ଧ, ବରଡୁଣ୍ଡା, ମାଣ୍ଡୋସିଲ, ଝିଟିକି, ଟେମରୀ, ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ଜମରତଲା, ବୁଡ଼େନ, ଦହିତା, ଖଲିଆପାଲି, କଂସର ଆଦି ଗ୍ରାମରେ ଆଦିବାସୀ ବର୍ଗର ଲୋକେ ଅଧିକ ରହିଛନ୍ତି। ଏମାନଙ୍କ ମଧ୍ୟରେ ହିଁ ସର୍ବାଧିକ କେନ୍ଦୁପତ୍ର ତୋଳାଳି ଅଛନ୍ତି। ଉକ୍ତ ନିର୍ବାଚନ ମଣ୍ଡଳୀରେ ସବୁବର୍ଗର ମତଦାନରୁ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେଉଥିବାବେଳେ ଏଠାରେ ଏହି ବର୍ଗର ଭୋଟର ହିଁ ନିର୍ଣ୍ଣାୟକ ଭୂମିକା ନେଉଥିବା ଆଲୋଚନା ହେଉଛି।

ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରମୁଖ ଦଳଗୁଡ଼ିକ ୪୦ଜଣ ଲେଖାଏଁ ଷ୍ଟାର ପ୍ରଚାରକ ରଖିଛନ୍ତି। ସବୁଦଳର ତାଲିକାରେ ଅନୁସୂଚିତ ଜନଜାତି (ଆଦିବାସୀ) ବର୍ଗର ଦଳୀୟ ନେତୃବୃନ୍ଦ ମଧ୍ୟ ରହିଛନ୍ତି। ବିଜେଡ଼ିର ଷ୍ଟାର ପ୍ରଚାରକ ତାଲିକାରେ ଏମ୍ପି ରମେଶ ଚନ୍ଦ୍ର ମାଝୀ, ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ଏମ୍ପି ପ୍ରଦୀପ ମାଝୀ, ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ରହିଛନ୍ତି । ଅନୁରୂପ ଭାବେ ଭାଜପାର ଷ୍ଟାର ପ୍ରଚାରକ ତାଲିକାରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଅର୍ଜୁନ ମୁଣ୍ଡା, ଗିରିଧର ଗମାଙ୍ଗ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଭଳି ଅନେକ ନେତା ରହିଥିବାବେଳେ କଂଗ୍ରେସ ମଧ୍ୟ ପଛରେ ପଡ଼ିନାହିଁ । କଂଗ୍ରେସରେ ଭୁଜବଳ ମାଝି, ସୁଶୀଳା ତିରିଆଙ୍କ ଭଳି ନେତା ପ୍ରଚାରରେ ସାମିଲ ହୋଇଛନ୍ତି । ଦଳର ଆଉ କିଛି ନେତାଙ୍କ ନାମ ଷ୍ଟାର ପ୍ରଚାରକ ତାଲିକାରେ ଥିଲେ ସୁଦ୍ଧା ସେମାନେ ଏପର୍ଯ୍ୟନ୍ତ ପଦ୍ମପୁର ପହଞ୍ଚି ନ ଥିବା ଜଣାପଡ଼ିଛି।

ତେବେ ବିଗତ ସାଧାରଣ ନିର୍ବାଚନଗୁଡ଼ିକୁ ଅନୁଧ୍ୟାନ କଲେ ଏହି ନିର୍ବାଚନ ମଣ୍ଡଳୀରେ ଆଦିବାସୀ ଭୋଟ୍‌କୁ ମଧ୍ୟ ଅଣଦେଖା କରିହେବନାହିଁ। ଏହି ନିର୍ବାଚନ ମଣ୍ଡଳୀରେ ଆଦିବାସୀ ଭୋଟ୍ ପୂର୍ବତନ ବିଧାୟକ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ଭୋଟ୍‌ବ୍ୟାଙ୍କ ବୋଲି ମଧ୍ୟ ଚର୍ଚ୍ଚା ହୋଇଥାଏ । ଆଦିବାସୀ ତଥା ବିଞ୍ଝାଲ ଜାତିର ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେବା ପରେ ପୂର୍ବତନ ବିଧାହକ ବରିହାଙ୍କ ଝିଅ ବର୍ଷାଙ୍କୁ ଦଳୀୟ ଟିକେଟ୍ ମିଳିବା ଏବଂ ବର୍ଷାଙ୍କ ସପକ୍ଷରେ ଭୋଟ୍ ଦେବାକୁ ଆଦିବାସୀଙ୍କ ଶପଥକୁ ମଧ୍ୟ ଦୃଷ୍ଟାନ୍ତ ଭାବେ ନିଆଯାଇପାରେ। ଅନ୍ୟପଟେ ଆଦିବାସୀ ଭୋଟ୍ ହାତେଇବାକୁ ଭାଜପା ମଧ୍ୟ ପୂରାଦମ୍‌ରେ ଲାଗିପଡିଛି। ଗତ ୨୦୧୪ ସାଧାରଣ ନିର୍ବାଚନରେ ଏହି ଆସନରୁ ପ୍ରଦୀପ ପୁରୋହିତ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡ଼ିର ବିଜୟ ରଞ୍ଜନ ସିଂ ବରିହାଙ୍କୁ ୪୫୧୩ ଭୋଟ୍ ବ୍ୟବଧାନରେ ହରାଇ ଆସନ ଦଖଲ କରିଥିଲେ। କିନ୍ତୁ ସେତେବେଳେ ଜଣାଶୁଣା ଆଦିବାସୀ ନେତା ଗୋବର୍ଦ୍ଧନ ଭୋଏ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ ଏବଂ ତାଙ୍କ ସପକ୍ଷରେ ୫୪୫୬ ଭୋଟ୍ ଯାଇଥିଲା। ପରବର୍ତ୍ତୀ ସମୟରେ ଭାଜପାରେ ସାମିଲ ହୋଇଥିବା ଭୋଏ ଏଥର ଆଉ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇ ନ ଥିଲେ ମଧ ପ୍ରଦୀପଙ୍କ ପାଇଁ ପ୍ରଚାର କରୁଛନ୍ତି। ଏହା ପ୍ରଦୀପଙ୍କ ପାଇଁ କେତେ ସହାୟକ ହେବ, ତାହା ସମୟ କହିବ । ଅନ୍ୟପଟେ ଏହି ନିର୍ବାଚନ ମଣ୍ଡଳୀର ଆଦିବାସୀ, ହରିଜନ ଭୋଟ୍ ଦଳର ପାରମ୍ପରିକ ଭୋଟ୍ ବୋଲି କଂଗ୍ରେସ ଦାବି କରିଆସିଛି। ଏହି କ୍ରମରେ ୨୦୦୯, ୨୦୧୪ ଏବଂ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ଆସନ ଦଖଲ କରି ନ ଥିଲେ ସୁଦ୍ଧା ଏଠାରୁ ଯଥାକ୍ରମେ ସନ୍ତୋଷଜନକ ୪୯,୮୪୭, ୩୧,୧୭୯ ଏବଂ ୩୨,୭୮୭ ଭୋଟ୍ ପାଇଛି। ଏଥର ଆଦିବାସୀ ଭୋଟ୍ କାହା ସପକ୍ଷରେ ବେଶୀ ଯିବ, ତାହା ଫଳାଫଳ ଘୋଷଣା ପରେ ଜଣାପଡ଼ିବ।

## କୃଷକ ସଙ୍ଗଠନର ସଚେତନତା ଶୋଭାଯାତ୍ରା



ବାଇକ ଶୋଭାଯାତ୍ରାରେ ସଙ୍ଗଠନ କର୍ମକର୍ତ୍ତା।

ପଦ୍ମପୁର,୨୮।୧୧(ଡି.ଏନ.ଏ.)

ବରଗଡ ଜିଲା ପଦ୍ମପୁର ରାଜବୋଡାସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ ଏକ ଜନସଚେତନତା ବାଇକ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହା ପଦ୍ମପୁରରୁ ବାହାରି ଜଗଦଲପୁର, ଡଭା, ଝାରବନ୍ଧ, ପାଇକମାଳରୁ ପୁଣଇ ପଦ୍ମପୁର ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରା ବେଳେ ଝାରବନ୍ଧ ବ୍ଲକର ଜଗଦଲପୁର ଓ ଡଭା, ପାଇକମାଳ ବ୍ଲକର ପାଇକମାଳଠାରେ ଜନତାଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ବାଇକ ରାଲିରେ ଆବାହକ ଅଶୋକ ସାହୁ, ରମେଶ ମହାପାତ୍ର, ପଞ୍ଚାନନ ସାହୁ, ରୋହିତ ପ୍ରଧାନ, ପ୍ରଭାତ ସାହୁ ଦହିତ ସାହୁଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ ଚାଷୀ ସାମିଲ ହୋଇଥିଲେ।

## ଆଲୁମିନି କାର୍ଯ୍ୟାଳୟ ଉଦ୍‌ଘାଟିତ



ମୁଖ୍ୟ ଅତିଥି ଆଲୁମିନି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି।

ଜାମଟିକ୍ରା,୨୯।୧୧(ଡି.ଏନ.ଏ)

ଅତାବିରା ବ୍ଲକ ଗୋଡଭଗା ସାରସ୍ୱତ ମହାବିଦ୍ୟାଳୟ ପରିସରରେ ସୋମବାର ଅପରାହ୍ନରେ ଆଲୁମିନି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଯୁକ୍ତ ତିନି ବିଭାଗର ଅଧ୍ୟକ୍ଷା ପ୍ରତୀମା ପାଲ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଫିତା କାଟି ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ଅଧ୍ୟାପିକା ବୈଜୟନ୍ତୀ ପଶାୟତ, ସିଲଭର ଜୁବିଲି ଆୟୋଜନ କମିଟି ସଭାପତି ପ୍ରସନ୍ନ ନାୟକ, ସମ୍ପାଦକ ଆଶିଷ ବାଙ୍କା, ପୁରାତନ ଛାତ୍ର ଚିତ୍ତରଞ୍ଜନ ସାହୁ, ତନ୍ମୟ ବିଶ୍ୱା,, ଏମ୍. ରାମବାବୁ, ହେମସାଗର ପାତ୍ର, ପୁରେନ ଗଡତିଆ, ଋଷଭ ଭୋଇ, କେଶବ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଁ ଭୋଟ୍ ଉପରେ ନଜର

ପ୍ରଦୀପ୍ତ କିଶୋର ଦାଶ
ପଦ୍ମପୁର,୨୯।୧୧(ଡି.ଏନ.ଏ.)

**ପଦ୍ମପୁର ଉପନିର୍ବାଚନ**

ପଦ୍ମପୁର ବିଧାନସଭା ଉପନିର୍ବାଚନ ପାଇଁ ମତଦାନକୁ ଆଉ ୬ ଦିନ ବାକି ରହିଲା। ପ୍ରମୁଖ ତିନି ଦଳ କଂଗ୍ରେସ, ଭାଜପା ଓ ବିଜେଡି ପକ୍ଷରୁ ହେଭିୱେଟ୍ ନେତାମାନେ ଆସି ପ୍ରଚାରରେ ସାମିଲ ହୋଇଛନ୍ତି। ସବୁ ଦଳ ଗ୍ରାମାଞ୍ଚଳ ଭୋଟ୍ ଉପରେ ନଜର ରଖୁଛନ୍ତି। ବିଶେଷ କରି ବିଜେଡି ନେତାମାନେ ଗାଁ ଗାଁରେ ଭୋଜିଭାତ ଆୟୋଜନ କରି ମହିଳା ସମାବେଶକୁ ଗୁରୁତ୍ୱ ଦେବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିଜ ସପକ୍ଷରେ ନେବାକୁ ଲାଗିପଡିଛନ୍ତି। ଭାଜପା ନେତାମାନେ ମଧ ଗାଁମାନଙ୍କରେ ଘର ଘର ବୁଲି ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ କରି ଯୁବ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା ଚଳାଇଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ତାର ପକେଟ ଭୋଟ୍ କେମିତି ସୁରକ୍ଷିତ ରହିବ ଏବଂ ଦଳ ସପକ୍ଷରେ ଅଧିକ ଭୋଟ୍ ଆସିବ ସେ ନେଇ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି।

ପଦ୍ମପୁର ନିର୍ବାଚନ ମଣ୍ଡଳୀ ରାଜବୋଡ଼ାସମ୍ବର, ପାଇକମାଳ ଏବଂ ଝାରବନ୍ଧ ବ୍ଲକ ସମେତ ପଦ୍ମପୁର ଏନ୍ଏସିକୁ ନେଇ ଗଠିତ। ପଦ୍ମପୁର ବ୍ଲକର ୨୨ଟି ପଞ୍ଚାୟତରେ ୧୪୨ ଗ୍ରାମ, ପାଇକମାଳ ବ୍ଲକର ୨୨ଟି ପଞ୍ଚାୟତରେ ୧୨୯ ଗ୍ରାମ ଓ ଝାରବନ୍ଧ ବ୍ଲକର ୧୪ଟି ପଞ୍ଚାୟତରେ ୮୧ ଗ୍ରାମ ରହିଛି। ବିଜେଡି ଦଳର ବିଧାୟକ, ଏମ୍ପି, ନିଗମ ଅଧ୍ୟକ୍ଷ/ଅଧ୍ୟକ୍ଷାମାନଙ୍କୁ ପଞ୍ଚାୟତ ଓ ଜୋନ୍ ଦାୟିତ୍ୱ ଦେଇଛି। ସେହିପରି ବ୍ଲକମାନଙ୍କରେ ମନ୍ତ୍ରୀ ଦାୟିତ୍ୱରେ ରହି ସେମାନଙ୍କ ରୁଟିନ ପ୍ରୋଗ୍ରାମ ତିଆରି କରୁଛନ୍ତି। ପଦ୍ମପୁର ବ୍ଲକ ପାଇଁ ମନ୍ତ୍ରୀ ନିରଞ୍ଜନ ପୂଝାରୀ, ପାଇକମାଳ ବ୍ଲକ ପାଇଁ ମନ୍ତ୍ରୀ ନବ ଦାସ ଓ ଝାରବନ୍ଧ ବ୍ଲକ ପାଇଁ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଦାୟିତ୍ୱରେ ରହିଛନ୍ତି। ସେହିପରି ଭାଜପା ପକ୍ଷରୁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ରାଜ୍ୟ ସଭାପତି ସମୀର ମହାନ୍ତି, ଏମ୍ପି ସୁରେଶ ପୂଜାରୀ, ଜୁଏଲ ଓରାମ, ସଙ୍ଗୀତା ସିଂଦେଓ, ପ୍ରତାପ ଷଡ଼ଙ୍ଗୀ, ବିଧାୟକ ମୁକେଶ ମହାଲିଙ୍ଗ, କୁସୁମ ଟେଟେ, ଅଭିନେତ୍ରୀ ପିଙ୍କି ପ୍ରଧାନଙ୍କ ସମେତ ଅନେକ ନେତା ଗାଁ ଗାଁ ବୁଲି ସଭାସମିତି କରୁଛନ୍ତି। ଅନ୍ୟପକ୍ଷେ କଂଗ୍ରେସର ଓଡିଶା ପ୍ରଭାରୀ ଏ. ଚେଲା କୁମାର ଦଳୀୟ ପ୍ରାର୍ଥୀଙ୍କ ପ୍ରଚାରରେ ସାମିଲ ହୋଇଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ, ଗଣେଶ୍ୱର ବେହେରା, ଜଗନ୍ନାଥ ପଟ୍ଟନାୟକ, ଜୟଦେବ ଜେନା ପ୍ରମୁଖ ଡେରା ପକାଇ ନିର୍ବାଚନ ପ୍ରଚାରରେ ଲାଗିପଡିଛନ୍ତି। ସେମାନଙ୍କ କର୍ମୀ ଯେମିତି ଅନ୍ୟ ଦଳକୁ ନ ଢଳିବେ ସେଥିପାଇଁ ନେତାମାନେ ବିଭିନ୍ନ ପଞ୍ଚାୟତରେ ଥିବା ଦଳୀୟ କାର୍ଯ୍ୟାଳୟରେ ଜଗି ବସୁଥିବା ଦେଖିବାକୁ ମିଳିଛି।

## ଗଞ୍ଜେଇ ଜବତ, ମହିଳାଙ୍କ ସମେତ ୪ ଗିରଫ

ନୂଆପଡ଼ା ଅଫିସ,୨୯।୧୧:

ନୂଆପଡା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ନୂଆପଡା ଓ ଖଡିଆଳ ଅବକାରୀ ବିଭାଗର ଦୁଇଟି ଦଳ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଜବତ କରି ଜଣେ ମହିଳା ସମେତ ୪ ଜଣଙ୍କୁ ଗିରଫ କରିଛି। ନୂଆପଡା ଅବକାରୀ ଥାନା ଅଧିକାରୀ ଗୁପ୍ତେଶ୍ୱର ପଟେଲଙ୍କ ନେତୃତ୍ୱରେ ଏକ ଦଳ କୁରୁମପୁରି ଘାଟିପଡାଠାରେ ପାଟ୍ରୋଲିଂ କରୁଥିଲେ। ଦୁଇ ଜଣ ଏକ ପ୍ଲାଷ୍ଟିକ ବସ୍ତା ରଖି ବସ ଅପେକ୍ଷା ରହିଥିବା ବେଳେ ସନ୍ଦେହ କରି ୨ଜଣଙ୍କୁ ପଚାରାଉଚରା କରି ତାଙ୍କ ଖାନତଲାସ କରିବାରୁ ୧୦ କିଲୋଗ୍ରାମ ଗଞ୍ଜେଇ ମିଳିଥିଲା।

## ଗୀତ ଗାଇ ପ୍ରଚାର କଲେ ପିଙ୍କି

ପଦ୍ମପୁର,୨୮।୧୧(ଡି.ଏନ.ଏ.)

ପଦ୍ମପୁର ବ୍ଲକ ଅନ୍ତର୍ଗତ ସର୍ଗିବାହାଲ ମଣ୍ଡଳର ସର୍ଗିବାହାଲ ପଞ୍ଚାୟତ, ବରିହାପାଲି ପଞ୍ଚାୟତ, ଟାଲ ପଞ୍ଚାୟତର ଢୋଲବନ୍ଧ, ପଥରି, ଦଙ୍ଗାଘାଟ, ପାଞ୍ଚଭାୟା ଭଳି ଅନେକ ଗ୍ରାମରେ ମଙ୍ଗଳବାର ନିର୍ବାଚନ ପ୍ରଚାର କରିଛନ୍ତି ଭାଜପା ରାଜ୍ୟ ପଦାଧିକାରୀଗଣ। ସେମାନେ ଗ୍ରାମମାନଙ୍କରେ ପଦଯାତ୍ରା, ସଭାସମିତି, ଘର ଘର ବୁଲି ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି। ପ୍ରଚାର ସମୟରେ ବକ୍ତାମାନେ ନରେନ୍ଦ୍ର ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସାଙ୍ଗକୁ ପଦ୍ମପୁର ପ୍ରତି ପ୍ରଦୀପ ପୁରୋହିତଙ୍କ ରହିଥିବା ଅବଦାନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଉଛନ୍ତି। ସିନେ ତାରକା ପିଙ୍କି ପ୍ରଧାନ ନିଜର ବକ୍ତବ୍ୟ ସହ ଗୀତ ଗାଇ, ନୃତ୍ୟ କରି ଭୋଟରଙ୍କୁ ଭାଜପା ପ୍ରତି ଆକର୍ଷିତ କରିବା ପରିଲକ୍ଷିତ ହୋଇଛି। ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇ, ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପଢ଼ି, ସମ୍ବଲପୁର ଭାଜପା ସାଧାରଣ ସମ୍ପାଦକ ଅନିଲ ବେହେରା, ସମ୍ବଲପୁର ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ମାନସ ରଞ୍ଜନ ବକ୍ସି ପ୍ରମୁଖ ସାମିଲ ହୋଇଥିଲେ।



ସର୍ଗିବାହାଲରେ ଭାଜପା ପକ୍ଷରୁ ପ୍ରଚାର କରାଯାଉଛି।

## ଋତୁକାଳୀନ ଆବାସିକ ବିଦ୍ୟାଳୟରେ କାମ କରି ମିଳିନି ପ୍ରାପ୍ୟ

ଲାଠୋର, ୨୯।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ଗ୍ରାମରେ ୨୦୧୪-୧୫ ଏବଂ ୨୦୧୭-୧୮ ମସିହାରେ ଋତୁକାଳୀନ ଆବାସିକ ବିଦ୍ୟାଳୟରେ କାମ କରିଥିବା କେୟାର ଟେକର ଓ ପାଚିକାଙ୍କୁ ପ୍ରାପ୍ୟ ମିଳିନାହିଁ। କେୟାର ଟେକର କୁଳମଣି ମୁଦୁଲି, ସସ୍ମିତା ଭୋଇ, ପାଚିକା ଫୁଲମତି ଭୋଇ ଓ ଜାନକୀ ଭୋଇ ଏ ନେଇ ଅଭିଯୋଗ କରିଛନ୍ତି। ଦାଦନ ଖଟିବାକୁ ଯାଉଥିବା ଶ୍ରମିକଙ୍କ ପିଲାର ଶିକ୍ଷା ଓ ଖାଦ୍ୟପେୟର ବ୍ୟବସ୍ଥା ସେହି ଅଞ୍ଚଳର ବିଦ୍ୟାଳୟମାନଙ୍କରେ ଶିକ୍ଷା ବିଭାଗ ପକ୍ଷରୁ ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ରମାନ ଖୋଲାଯାଇଥାଏ। କରୁଆଝର ବିଦ୍ୟାଳୟରେ ୨୦୧୪-୧୫ ମସିହାରେ ଋତୁକାଳୀନ ଆବାସିକ ପ୍ରଜତ୍ନ କେନ୍ଦ୍ର ଖୋଲାଯାଇଥିଲା। ସେଠାରେ ୩୫ ଛାତ୍ରୀଛାତ୍ର ରହୁଥିଲେ। ସେଠାରେ କାମ କରିଥିବା ୨ କେୟାର ଟେକର ଏବଂ ଦୁଇ ପାଚିକାଙ୍କୁ ୩ମାସ ଲେଖାଏ ଦରମା ଏବଂ କିରାନା ଦୋକାନରୁ କିଣାଯାଇଥିବା ସାମଗ୍ରୀ ବାବଦକୁ ବକେୟା ଥିବା ୧ଲକ୍ଷ ୧୯ହଜାର ଟଙ୍କା ପ୍ରଦାନ କରାଯାଇନାହିଁ। ସେହିପରି ୨୦୧୭-୧୮ ମସିହାରେ ମଧ ସାମଗ୍ରୀ କିଣା ବାବଦକୁ ୧ଲକ୍ଷ ଟଙ୍କା ବକେୟା ପ୍ରଦାନ କରାଯାଇନାହିଁ।

## ବିଦ୍ୟୁତ୍ ବିଲ ପୈଠ କଲା ପଞ୍ଚାୟତିରାଜ ବିଭାଗ

ନୂଆପଡ଼ା ଅଫିସ,୨୯।୧୧

**ଧରିତ୍ରୀ ପ୍ରଭାବ**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ବସୁଧା ଯୋଜନାରେ ପାତଳ ବୋରୱାଲ କରି ଲୋହୋଣ୍ଡୋପାଲି, ଠୁଟିବର ଓ ଗୋନିଆପଡାକୁ ପାଇପ ଯୋଗେ ଜଳ ଯୋଗାଣ ହେଉଥିଲା। ପଞ୍ଚାୟତ ପକ୍ଷରୁ ବିଦ୍ୟୁତ୍ ବିଲ ପୈଠ ନ କରିବାରୁ ବିଭାଗ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବାରୁ ଜଳ ଯୋଗାଣ ବନ୍ଦ ରହିଥିଲା। ଫଳରେ ଉକ୍ତ ୩ଟି ଗାଁ କୟା ନଦୀକୂଳରେ ବାଲି ଚୁଆଁ କରି ପାଣି ବ୍ୟବହାର କରୁଥିବା ସମ୍ପର୍କିତ ଏକ ଖବର ଗତ ୧୮ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇବା ପରେ ବ୍ଲକ ପ୍ରଶାସନ ତତ୍ପର ଦେଖାଇ ବିଦ୍ୟୁତ୍ ବିଲ ପୈଠ କରିଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନା ମୁତାବକ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଠୁଟିବର ଦ୍ୱାରା ବସୁଧା ଯୋଜନାରେ ଗୋନିଆପଡାଠାରେ କୟା ନଦୀ କୂଳରେ ଏକ ପାତାଳ



ଜଳ ଯୋଗାଣ ହେଉଥିବା ପମ୍ପଘର।

ବୋରୱେଲ କରି ୨୦୨୨ ଜାନୁୟାରୀଠାରୁ ଲୋହୋଣ୍ଡୋପାଲି, ଠୁଟିବେର ଓ ଗୋନିଆପଡାକୁ ପାଇପ ଯୋଗେ ଜଳ ଯୋଗାଣ ହେଉଥିଲା। ଲୋହୋଣ୍ଡୋପାଲିରେ ୩୦, ଠୁଟିବରରେ ୫୦ ଓ ଗୋନିଆପଡାରେ ୩୦ଟି ଫ୍ରି ପଏଣ୍ଟରେ ଜଳ ଯୋଗାଣ ହେଉଥିଲା। ଘର ସଂଯୋଗ ହେବା ପୂର୍ବରୁ ଜଳ ଯୋଗାଣ ବନ୍ଦ ହୋଇଗଲା। ଦୀର୍ଘ ୬ ମାସ ଜଳ ଯୋଗାଣ ପରେ ପଞ୍ଚାୟତ ବିଦ୍ୟୁତ୍ ବିଲ ପୈଠ ନ କରିବାରୁ ଗତ ଜୁଲାଇରେ ବିଦ୍ୟୁତ ସଂଯୋଗ କାଟି ଦେବାରୁ ଜଳ ଯୋଗାଣ ବନ୍ଦ ରହିଛି। ଜାନୁୟାରୀଠାରୁ ଅକ୍ଟୋବର ପର୍ଯ୍ୟନ୍ତ ବିଦ୍ୟୁତ ବିଲ ମୋଟ ୧,୯୫,୨୮୩ ଟଙ୍କା ରହିଥିଲା। ହେଲେ ଧରିତ୍ରୀରେ ଖବର ପ୍ରକାଶ ହେବା ପରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୩,୭୮,୯୯୨ ଟଙ୍କା ବିଦ୍ୟୁତ ବିଭାଗକୁ ପୈଠ କରିଥିବା କୋମନା ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ରଣା ସୂଚନା ଦେଇଛନ୍ତି।

## ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସଚେତନତା ଏକମାତ୍ର ମାଧ୍ୟମ

**ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ**

ବୌଦ୍ଧ,୨୯।୧୧(ସ୍ୱ.ପ୍ର.)

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ ଓ ଜିଲା ସ୍ୱାସ୍ଥ୍ୟ ସମିତିର ସହଯୋଗରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଜିଲା ଯୁବ ରେଡକ୍ରସର ସଂପାଦକ ଅଧ୍ୟାପକ ପ୍ରବିର କୁମାର ଦାସ ଯୋଗଦେଇ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସଚେତନତା ହିଁ ଏକମାତ୍ର ମାଧ୍ୟମ ବୋଲି କହିବା ସହ ଛାତ୍ରୀଛାତ୍ରଙ୍କୁ ଏ ବିଷୟରେ ଅଧିକ ଜ୍ଞାନ ଆହରଣ କରିବାକୁ ପରାମର୍ଶ ଦେଇଥିଲେ। ସାଧନ




ଏଡ୍‌ସ ସଚେତନା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

କର୍ମୀ ଭାବରେ ଆଇଟିସି କାଉନସିଲର ବନୋଜ ପ୍ରଧାନ ଯୋଗଦେଇ ଏଡ୍‌ସର କାରଣ ଓ ନିରାକରଣ ଏବଂ ଚିକିତ୍ସା ଉପରେ ଆଲୋଚନା କରିଥିଲେ। ଯୌନରୋଗ ପରାମର୍ଶଦାତା ଗୀତାଞ୍ଜଳି ସାହୁ ଓ ପ୍ରମୋଦ ମହାରଣା ଯୌନରୋଗ ଓ ଯକ୍ଷ୍ମା ରୋଗ ସହ କିପରି ଏଚଆଇଭି ସଂକ୍ରମଣ ସଂପର୍କ ରହିଛି ସେ ବିଷୟରେ ଆଲୋଚନା କରିଥିଲେ । ଏଡ୍‌ସ ବିଷୟରେ ସମ୍ପୂର୍ଣ୍ଣ ଗୋପନୀୟ ପରାମର୍ଶ ତଥା ଜ୍ଞାନ ଆହରଣ ପାଇଁ ରାଜ୍ୟ ଟୋଲ ଫ୍ରି ନମ୍ବର ୧୦୯୭କୁ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ଯୁବ ରେଡକ୍ରସର ମହିଳା ପରାମର୍ଶଦାତ୍ରୀ ସ୍ୱତା ସୁମନପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଅଙ୍ଗନୱାଡ଼ି କର୍ମୀଙ୍କ ଗଣଧାରଣା

**ଲେଫ୍ରିପଡା,୨୯।୧୧(ଡ଼ି.ଏନ.ଏ.):** ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କସ ଆସୋସିଏଶନ ପକ୍ଷରୁ ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଥିବା ବେଳେ ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକରେ ଗତ ୨୩ ତାରିଖଠାରୁ ଅଙ୍ଗନୱାଡି କର୍ମୀମାନେ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣାରେ ବସିଛନ୍ତି । ଆସୋସିଏଶନର ଆହ୍ୱାନକ୍ରମେ ମଙ୍ଗଳବାର ଏହି ବ୍ଲକର ବଡ଼ବଙ୍ଗା କ୍ଲଷ୍ଟରର ସମସ୍ତ ଅଙ୍ଗନବାଡି କର୍ମୀ ଗଣଧାରଣାରେ ବସି ରହିଥିଲେ । ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲୁ ରହିବ ବୋଲି ଅଙ୍ଗନୱାଡି କର୍ମୀମାନେ ଚେତାବନୀ ଦେଇଛନ୍ତି ।

### ଘରେ ପଶି ମାଡ଼ ମାରିବା ଅଭିଯୋଗ: ଯୁବକଙ୍କୁ କୋର୍ଟ ଚାଲାଣ

**କୁଆଁରମୁଣ୍ଡା,୨୯।୧୧(ଡି.ଏନ.ଏ.):** ପୂର୍ବଶତ୍ରୁତାକୁ କେନ୍ଦ୍ର କରି ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ସାନଦଲକି ଗ୍ରାମର ସଞ୍ଜୀବ ଏକ୍କାଙ୍କୁ ତାଙ୍କ ଘରେ ପଶି ସେହି ଗ୍ରାମର ଅମରଦୀପ ଏକ୍କା(୨୫) ନାମକ ଜଣେ ଯୁବକ ମାଡ ମାରିବା ସହ ଧମକ ଚମକ ଦେଇଥିଲେ । ଏନେଇ ସଞ୍ଜୀବ ସୋମବାର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ମଙ୍ଗଳବାର ଅଭିଯୁକ୍ତ ଅମରଦୀପଙ୍କୁ ଗିରଫ କରି େ କାର୍ଟ ଚାଲାଣ କରିଛି । ପୋଲିସ ୨୬୭/୨୨ ନଂରେ ଏକ ମାମଲା ରୁଜୁ ହୋଇଛି ।

### ଆସନ୍ତା ୧୫ ସୁଦ୍ଧା ନିଯୁକ୍ତି ନ କଲେ ଆନ୍ଦୋଳନ

**ହେମଗିର,୨୯।୧୧(ଡି.ଏନ.ଏ.):** ଓଡ଼ିଶା ଡ୍ରାଇଭର ମହାସଂଘ ହେମଗିର ଶାଖା ପକ୍ଷରୁ ସୋମବାର ଦିନ ବିଜିଆର କମ୍ପାନୀର ମୁଖ୍ୟ ପ୍ରବନ୍ଧକଙ୍କୁ ନିଯୁକ୍ତିକୁ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ଅଗଷ୍ଟ ମାସ ୬ତାରିଖ ଦିନ ସଂଘ ତରଫରୁ ଡ୍ରାଇଭରମାନଙ୍କୁ ନିଯୁକ୍ତି କରିବା ପାଇଁ ଦାବି କରାଯାଇଥିଲା । କିନ୍ତୁ କମ୍ପାନୀ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ବେଳେ ଆସନ୍ତା ମାସ୧୫ ତାରିଖ ସୁଦ୍ଧା ଦାବି ପୂରଣ କରାନଗଲେ ସଂଘ ତରଫରୁ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି । ଏନେଇ ସୁନ୍ଦରଗଡ ଜିଲାପାଳ,ଓଡିଏମ କାର୍ଯ୍ୟାଳୟ ଆଠମଲ୍ଲିକ,ସୁନ୍ଦରଗଡ ଏସପି,ସୁନ୍ଦରଗଡ ବିଧାୟିକା,ଓସିପିଏଲ ମନୋହରପୁରଙ୍କୁ ଦାବିର ନକଲ ପ୍ରଦାନ କରାଯାଇଛି । ଏହି ଅବସରରେ ଓଡିଶା ଡ୍ରାଇଭର ମହାସଂଘ ହେମଗିର ଶାଖାର ସଭାପତି ଗଙ୍ଗାଧର ସାହୁ,ସମ୍ପାଦକ ଦୀନଦୟାଲ ନିଶାଦ ଓ ପ୍ରକାଶ ଡିଲା,ପଦ୍ମଲୋଚନ ଦାସ,ଦିପକ ଓରାମ,ବଲ୍ଲବ ସା,ଡକ୍ଟର ମାଝିଙ୍କ ସମେତ ବହୁ ସଂଖ୍ୟାକ ଡ୍ରାଇଭର ଉପସ୍ଥିତ ଥିଲେ।

### ମହାବିଦ୍ୟାଳୟରେ ରେଡକ୍ରସ ସଭା

**ଖଡ଼ିଆଳ,୨୯।୧୧(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂ ସାଶିତ ମହାବିଦ୍ୟାଳୟରେ ରେଡକ୍ରସ ପକ୍ଷରୁ ଇଡକ୍ସନ ସଭା ମହାବିଦ୍ୟାଳୟ ଅଧକ୍ଷ ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅଧକ୍ଷ ମେଜର ଡ଼ା ରାମଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା ସଂଯୋଜକ ଅଶ୍ୱନି ହୋତା, ଡିନ ଡ଼ ପଦ୍ମଲୋଚନ ବର୍ମା ମଞ୍ଚାସୀନ ଥିଲେ।

# କ୍ରୀଡ଼ା ଉତ୍ସବ କ୍ରୀଡ଼ା ଦକ୍ଷତା ପ୍ରଦର୍ଶନର ଉପଯୁକ୍ତ ମାଧ୍ୟମ

**ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ**

ସୁନ୍ଦରଗଡ,୨୯।୧୧(ଡି.ଏନ୍.ଏ.)

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ମହାବିଦ୍ୟାଳୟର ଅମୃତଲାଲ ନାୟାର ଷ୍ଟାଡିୟମଠାରେ ୨ଦିନ ବ୍ୟାପି ଆୟୋଜିତ ଏହି ବାର୍ଷିକ କ୍ରୀଡା ଉତ୍ସବର ପ୍ରାରମ୍ଭରେ କ୍ରୀଡା ମଶାଲକୁ ଷ୍ଟାଡିୟମରେ ପ୍ରଦକ୍ଷିଣ କରାଯାଇଥିଲା । ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଏହାକୁ ସ୍ଥାପନ କରି କ୍ରୀଡା ଉତ୍ସବର ଆନୁଷ୍ଠାନିକ ଘୋଷଣା କରିଥିଲେ । ଏହି ଅବସରରେ ଏସିସି କ୍ୟାଡେଟ ଓ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ମାର୍ଚ୍ଚ ପାଷ୍ଟ କରାଯାଇଥିଲା । ଅଧ୍ୟକ୍ଷ ଡ. ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ କ୍ରୀଡା ଉତ୍ସବର ଉଦଘାଟନୀ ସମାରୋହରେ ଜିଲାପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟଅତିଥି ଭାବେ



ଉଦ୍‌ଘାଟନୀ ସମାରୋହରେ ଯୋଗ ଦେଇଥିବା ଅତିଥିମାନେ ।

ଯୋଗଦେଇ ବାର୍ଷିକ କ୍ରୀଡା ପ୍ରତିଯୋଗିତା ହିଁ ଛାତ୍ରୀ ଛାତ୍ରମାନଙ୍କ କ୍ରୀଡା ଦକ୍ଷତାକୁ ପ୍ରଦର୍ଶନ କରିବାର ଉପଯୁକ୍ତ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ସାଧାରଣ) ରବି ନାରାୟଣ ସାହୁ , ଅତିରିକ୍ତ ଜିଲାପାଳ (ରାଜସ୍ୱ)ଅଭିମନ୍ୟୁ ବେହେରା ଓ ପୂର୍ତ୍ତବିଭାଗ ନିର୍ବାହୀ ଅଧିକାରୀ ନାରାୟଣ ପଟେଲ ଯୋଗଦେଇ ଶିକ୍ଷା ସହିତ ଶାରୀରିକ ଶିକ୍ଷାର ଆବଶ୍ୟକତା ସଂପର୍କରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟର କ୍ରୀଡା ସଂସଦର ଉପସଭାପତି ନିକୁଞ୍ଜ ଚରଣ ସେଠୀ ଧନ୍ୟବାଦ ଦେଇଥିଲେ । କ୍ରୀଡା ଉତ୍ସବର ପ୍ରଥମ ଦିବସରେ ଦୌଡକୁଦ, ଲମ୍ଫଡିଆଁ, ଡିସକସ ଥ୍ରୋ ଆଦି ପ୍ରତିଯୋଗୀତା ହୋଇଥିଲା । ମହାବିଦ୍ୟାଳୟର ପ୍ରାଧାପିକା ଡ.କୁମୁଦିନୀ ରାଉତରାୟ, ଅଧାପକ ଡ. ଆଶୁତୋଷ ଝା, ପ୍ରଭାକର ସେଠୀ, ଆର୍ଯ୍ୟ ବିଭାସ କୁମାର, ରତ୍ନେଶ ରଞ୍ଜନ, ଅଧାପିକା ରୋଜ ମେରୀ ଲାକ୍ରା, ପ୍ରଦୀପ ବହିଦାର,ଅଜିତ ଦ୍ୱିବେଦୀ, ପିଇଟି ଶଶୀକାନ୍ତ ସେଠୀ,ରାଜେଶ ଓରାମଙ୍କ ତତ୍ତ୍ୱାବଧାନରେ ସମସ୍ତ ଅଧାପିକା,ଅଧାପକ, କର୍ମଚାରୀ, ଛାତ୍ର ଓ ସ୍ୱେଚ୍ଛାସେବୀମାନେ କ୍ରୀଡା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ସମ୍ବଲପୁରୀ କଳା ସଂସ୍କୃତି ଅନୁଷ୍ଠାନର ବାର୍ଷିକ ଉତ୍ସବ


ବାର୍ଷିକୋତ୍ସବରେ ଜଣେ କଳାକାରଙ୍କୁ ପୁରସ୍କୃତ କରାଯାଉଛି ।

ବଡ଼ଗାଁ,୨୯।୧୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା ଗ୍ରାମରେ ସୋମବାର ସମ୍ବଲପୁରୀ କଳା ସଂସ୍କୃତି ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କର୍ମକର୍ତ୍ତା ଓ ଅତିଥିମାନେ ସମଲେଇଙ୍କ ପୂଜାର୍ଚ୍ଚନା କଲାପରେ ସଙ୍ଗୀତା ଭିତ୍ରିଆ ସମଲେଇଙ୍କ ଭଜନ ପରିବେଷଣ କରିଥିଲେ। ବୌଦ୍ଧରୁ ଆସିଥିବା କୁନି କଳାକାର ସୁମିରନ ପାଢ଼ୀ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ସମ୍ବଲପୁରୀ କବିତା ପାଠ ହୋଇଥିଲା। ସମ୍ବଲପୁର ଠେମରାର କବି ପିଙ୍କୁ ରଣବିଡା, ସୁନ୍ଦରଗଡ ସୁନାଯୋରର ପ୍ରତାପ କୁମାର ଦାସ, କୁଆଁରମୁଣ୍ଡାର ପ୍ରଶାନ୍ତ ମେହେର କବିତା ପାଠ କରିଥଲେ। ଏହି କାର୍ଯ୍ୟକ୍ରମରେ ପାମରା ଗ୍ରାମର ସୁନ୍ଦରମଣି ରାଉତ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଲଳିନ ରଞ୍ଜନ ସାହୁ, ନାଏବ ସରପଞ୍ଚ ଲଳିତ ରାଉତ, ଛତ୍ରମଣି ରୋହିଦାସ ଯୋଗଦେଇ ପୁରସ୍କାର ବିତରଣ କରିଥଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଟୋନିସ ରୋହିଦାସ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସଂଯୋଜକ ଦୁଷ୍ମନ୍ତ ଭୋଇ ଧନ୍ୟବାଦ ଦେଇଥିଲେ ।

# ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି

ସୁନ୍ଦରଗଡ଼,୨୯।୧୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ପ୍ରଶାସନ ପକ୍ଷରୁ ଟାଙ୍ଗରପାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡା. ପରାଗ ହର୍ଷଦ ଗାଭାଲି ଏବଂ ଏସ୍‌ପି ସାଗରିକା ନାଥ ଉପସ୍ଥିତ ରହି ସାଧାରଣ ଲୋକଙ୍କ ପକ୍ଷରୁ ଆସିଥିବା ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଟାଙ୍ଗରପାଲି ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତର ଜନସାଧାରଣ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଜନଶୁଣାଣିରେ ମୋଟ ୨୫ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୫ଟିର ସମାଧାନ ଜନଶୁଣାଣି ଶିବିରରେ କରାଯାଇଥିଲା। ଅନ୍ୟ ଅଭିଯୋଗକୁ ବିଚାର କରି ତୁରନ୍ତ ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲୋକମାନେ ରାସ୍ତା ମରାମତି, ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ସ୍ୱାସ୍ଥ୍ୟଜନିତ ସମସ୍ୟା ଆଦି ପ୍ରସଙ୍ଗ


ଜନଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟମାନେ ।

ଉପରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାଛଡା ଚାଷ ଜମିକୁ ଜଳସେଚନ, ପାଇପ ମାଧ୍ୟମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଲାଗି ଦାବି କରିଥିଲେ। ପୂର୍ବରୁ କେତେକ ହିତାଧିକାରୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଚିକିତ୍ସା ସହାୟତା ରାଶି ଲାଗି ଆବେଦନ କରିଥିଲେ। ଏହି ଜନଶୁଣାଣି ଅବସରରେ ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆସିଥିବା ସହାୟତା ରାଶି ପ୍ରଦାନ କରାଯାଇଥିଲା। ସେହିପରି ଦୁଇ ଜଣଙ୍କୁ ରେଡକ୍ରସ ସୋସାଇଟିରୁ ସହାୟତା ଦିଆଯାଇଥିଲା। ଜନଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ସତ୍ୟବାନ ମହାଜନ, ସୁନ୍ଦରଗଡ ଡିଏଫଓ ପ୍ରଦୀପ ମିରାସେ, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷା ତପସିନୀ ମାଝି ଏବଂ ବିଡିଓ ଐଶ୍ୱର୍ଯ୍ୟା ଭୂୟାଁଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

# ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ତିନି ଅସହାୟ ଶିଶୁଙ୍କ ଥଇଥାନ

ସୁନ୍ଦରଗଡ,୨୯।୧୧(ଡି.ଏନ.ଏ.)

ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ତିନି ଜଣ ଅସହାୟ ଶିଶୁଙ୍କୁ ଶିଶୁ ଯତ୍ନ ଅନୁଷ୍ଠାନରେ ଥଇଥାନ କରାଯାଇଛି। ସୁନ୍ଦରଗଡସ୍ଥିତ ଆସ୍ଥା ଗୃହର ସଚିବ ତଥା ସାମାଜିକ କର୍ମୀ ସ୍ନେହଲତା ପଟେଲ ଆସ୍ଥାଗୃହର ଜଣେ ମାନସିକ ବିକୃତ ଅନ୍ତେବାସୀଙ୍କର ତିନି ଜଣ ଶିଶୁଙ୍କୁ ଥଇଥାନ କରିବା ନିମନ୍ତେ ଜିଲା ଆଇନ ପ୍ରାଧିକରଣର ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ମହିଳା ଜଣଙ୍କ ସ୍ୱାମୀ ଅଧିକାଂଶ ସମୟରେ ନିଶାସକ୍ତ ରହୁଥିବା ବେଳେ ରୋଜଗାର କିଛି ନାହିଁ । ଏଣୁ ମହିଳା ଜଣଙ୍କ ଆସ୍ଥା ଗୃହରେ ଚିକିତ୍ସା ପାଇଁ ଯିବା ପରେ ଏହି ତିନି ଜଣ ଶିଶୁ ଅଭାବ ଅନାଟନ ଭିତରେ ରହିଥିଲେ । ଏ ସମ୍ପର୍କରେ ଅବଗତ ହେବା ପରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଶୁଭଶ୍ରୀ ପ୍ରଧାନ ଶିଶୁ ମଙ୍ଗଳ ଅଧିକାରୀ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଶିଶୁମାନଙ୍କ ଥଇଥାନ ପାଇଁ ଗ୍ରାମର ନାଏବ ସରପଞ୍ଚ ସରୋଜିନୀ ପଟେଲ ମଧ୍ୟ ଲିଖିତ ଭାବେ ଜଣାଇଥିଲେ । ଏହି କ୍ରମରେ ଶିଶୁମାନଙ୍କୁ ସଚିବ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ଶିଶୁ ମଙ୍ଗଳ ଅଧିକାରୀ, ମାନବାଧିକାର ସୁରକ୍ଷା ସେଲର ଡି.ଏସ.ପି ଅମୃତା ନନ୍ଦିନୀ ମହାନ୍ତି ଏବଂ ସ୍ନେହଲତା ପଟେଲଙ୍କ ତତ୍ତ୍ୱାବଧାନରେ ରାଉରକେଲାସ୍ଥିତ ଏସ. ଓ. ଏସ. ଶିଶୁ ଆଶ୍ରୟ ସ୍ଥଳୀକୁ ହସ୍ତାନ୍ତର କରାଯାଇଛି ।

# ଭାଜପା ନେତାଙ୍କୁ ମାଡ଼ ମରାଯିବା ନେଇ ଥାନାରେ ଅଭିଯୋଗ

**ବଡ଼ଗାଁ ବ୍ଲକ**

ବଡ଼ଗାଁ,୨୯।୧୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମର ଜଣେ ଭାଜପା ନେତାଙ୍କୁ ପଦ୍ମପୁରରେ ନିଘୁକ ମାଡ଼ ମରାଯାଇଥିବା ନେଇ ମଙ୍ଗଳବାର ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ବଡଗାଁର ଭାଜପା କର୍ମକର୍ତ୍ତାମାନେ ଏହି ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ, ଆସନ୍ତା ୫ ତାରିଖ ଦିନ ବରଗଡ ଜିଲା ପଦ୍ମପୁରରେ ହେବାକୁ ଥିବା ଉପ ନିର୍ବାଚନରେ ପ୍ରଚାର ପାଇଁ ବଡ଼ଗାଁ କ ମଣ୍ଡଳର ରାଜ୍ୟ ଯୁବମୋର୍ଚ୍ଚା ନିମନ୍ତ୍ରିତ ସଦସ୍ୟ ଦିଲୀପ କୁମାର ସେନାପତି (ପିଙ୍କୁ) ପଦ୍ମପୁର ଅନ୍ତର୍ଗତ ଝାରବନ୍ଧ ଗ୍ରାମକୁ ଯାଇଥିଲେ। ଗତ ୨୮ ତାରିଖ ସନ୍ଧ୍ୟାରେ ସେ ରହୁଥିବା ସ୍ଥାନରୁ ଶାସକ ଦଳର ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିସାରି ଓ ତାଙ୍କର କେତେଜଣ ସମର୍ଥକ ଦୁଇଟି ଗାଡ଼ିରେ ଆସି ତାଙ୍କୁ ଉଠାଇ ନେଇ ମାଡ଼ ମାରିଥିଲେ। ମୁମୂର୍ଷ ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି ସେଠିକାର ମେଡିକାଲରେ ଚିକିତ୍ସା କରାଇଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ ରାଏପୁରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଚୋରି ଲୁହା ବୋଝେଇ ଭ୍ୟାନ ଜବତ : ୩ କୋର୍ଟ ଚାଲାଣ

ରାଜଗାଙ୍ଗପୁର,୨୯।୧୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ତଥା କାଂସବାହାଲ ଫାଣ୍ଡି ଅଧୀନ ଲାଇଙ୍ଗ ନିକଟରୁ ମଙ୍ଗଳବାର ପୋଲିସ ଲକ୍ଷାଧିକ ଟଙ୍କାର ଚୋରି ଲୁହା ବୋଝେଇ ଏକ ଭ୍ୟାନ ଜବତ କରିଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, କାଂସବାହାଲ ଫାଣ୍ଡି ଅଧିକାରୀ ଖଗପତି ବିଶ୍ୱାଳ ଓ ବିଜୟ କର ସକାଳ ସମୟରେ ଯାଉଥିବା ବେଳେ ସେହି ବାଟ ଦେଇ ଯାଉଥିବା ଏକ ବୋଲେରୋ ପିକ୍‌ଅପ ଭ୍ୟାନ (ନଂ ଓଡି-୧୪ଜେଡ୨୬୮୨)କୁ ଦେଖି ସନ୍ଦେହରେ ଅଟକାଇ କାଗଜପତ୍ର ମାଗିଥିଲେ । କିନ୍ତୁ ଗାଡି ଚାଳକ ତାହା ଦେଖାଇ ପାରି ନ ଥିଲେ । ଫଳରେ ଉକ୍ତ ଗାଡି ସହ ସେଥିରେ ଥିବା ଲକ୍ଷାଧିକ



ଜବତ ଭ୍ୟାନ ।

ଟଙ୍କାର ଚୋରି ଲୁହା ଜବତ କରି ଫାଣ୍ଡିକୁ ଆଣିଥିଲେ । ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ରାଜଗାଙ୍ଗପୁର ଅଞ୍ଚଳର ସୁଶିଲ ତିର୍କୀ, ଦୀପକ ନିଖଣ୍ଡିଆ,ସଞ୍ଜୀବ ଗଡତିଆଙ୍କୁ ଗିରଫ କରାଯାଇଛି । ଏହି ଚୋରି ଲୁହା ସାମଗ୍ରୀ ହାତୀବାଡି ଅଞ୍ଚଳରୁ ଆସୁଥିଲା ବୋଲି ଜଣାପଡିଛି ।

# କଳାୟତନରେ ସେରିଗ୍ରାଫି ସେମିନାର ଓ କର୍ମଶାଳା

ସୁନ୍ଦରଗଡ,୨୯।୧୧(ଡି.ଏନ.ଏ.)

ସ୍ଥାନୀୟ କଳାୟତନ କଲେଜ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟ ପକ୍ଷରୁ ସେରିଗ୍ରାଫି ସେମିନାର ଓ କର୍ମଶାଳା ସୋମବାରଠାରୁ ଆରମ୍ଭ ହୋଇଛି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମୁଦ୍ରଣ କଳା ବିଭାଗର ସହକାରୀ ପ୍ରଫେସର ମୋନାଲିସା ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କର୍ମଶାଳା ଉଦ୍‌ଘାଟିତ ହୋଇଛି। ମୁଦ୍ରଣ କଳା ବିଭାଗର ଯୁବ ଅଧ୍ୟାପକ ବୀରେନ୍ଦ୍ର ବି ସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅଧ୍ୟାପକ


ଉଦ୍‌ଘାଟନୀ ଉତ୍ସବରେ ଅତିଥି ।

ବିନୋଦ ରଥ,କେଦାର ନାୟକ, ନରେଶ ନାୟକ,କଲେଜର କର୍ମଚାରୀ ଓ ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ। ବୁଧବାର କର୍ମଶାଳା ଉଦ୍‌ଯାପିତ ହେବ ।

# ଗଞ୍ଜେଇ ଜବତ, ମହିଳାଙ୍କ ସମେତ ୪ ଗିରଫ

ନୂଆପଡ଼ା ଅଫିସ,୨୯।୧୧

ନୂଆପଡା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ନୂଆପଡା ଓ ଖଡିଆଳ ଅବକାରୀ ବିଭାଗର ଦୁଇଟି ଦଳ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଜବତ କରି ଜଣେ ମହିଳା ସମେତ ୪ ଜଣଙ୍କୁ ଗିରଫ କରିଛି।

# ଦେବଗଡ଼ ଆନ୍ତଃ ଜିଲା କ୍ଲବ ଟୁର୍ନାମେଣ୍ଟ ଆରମ୍ଭ

ଦେବଗଡ଼, ୨୯।୧୧(ଡି.ଏନ.ଏ.)

ଦେବଗଡ଼ ଜିଲା ଆନ୍ତଃ କ୍ଲବ (୧୬ ଓ ୧୯ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାରଠାରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଦେବଗଡ଼ ଜିଲା କ୍ରିକେଟ ସଂଘ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ଡିସେମ୍ବର ୪ ତାରିଖ ଯାଏ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଏଥିରେ ଜିଲାର ବାମଣ୍ଡା କ୍ରିକେଟ କ୍ଲବ, ଫ୍ରେଣ୍ଡସ କ୍ଲବ ବୁଢ଼ାପାଳ, ରାଇଜିଂ ଷ୍ଟାର କଲା ଏବଂ ଟାଉନ କ୍ଲବ ଦେବଗଡ଼ ଦଳ ଅଂଶଗ୍ରହଣ କରିଛନ୍ତି। ଆଜିର ମ୍ୟାଚ୍ ବାମଣ୍ଡା କ୍ରିକେଟ କ୍ଲବ ଦେବଗଡ଼ ବନାମ ରାଇଜିଂ ଷ୍ଟାର କଲା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଇଜିଂ ଷ୍ଟାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୮ଓଭରରୁ ୨୦.୧ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ ରନ କରିଥିଲା। ଦଳ ପକ୍ଷରୁ ଅଭିଷେକ ମହାନ୍ତି ସର୍ବାଧିକ ୫୯ ରନ କରିଥିବା ବେଳେ ବାମଣ୍ଡା ଦଳର ହିରତିକ ଦେହୁରୀ ୫ ଓ ଆଶିଷ ମଲିକ ୩ଟି ଉଇକେଟ ନେଇଥିଲେ। ଜବାବରେ ବାମଣ୍ଡା କ୍ରିକେଟ କ୍ଲବ ଦଳ ୧୧.୨ ଓଭରରେ କୌଣସି ଉଇକେଟ ନ ହରାଇ ଆବଶ୍ୟକ ରନ ସଂଗ୍ରହ କରି ୧୦ ଉଇକେଟରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଆଶିଷ ମଲିକ ୫୪ ରନ ଏବଂ ସୌମ୍ୟ ରଞ୍ଜନ ପାଣ୍ଡିଆ ୫୦ ରନ କରିଥିଲେ। ଦିଲୁ ଦସଭାୟା ଓ ସଞ୍ଜୟ ନାଏକ ଅମ୍ପାୟାର ଥିବାବେଳେ ସୌମ୍ୟ ନାଏକ ଓ ରିତିକ ଦେହୁରୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଦେବଗଡ଼ କ୍ରିକେଟ ସଂଘ ସମ୍ପାଦକ ସୁଜିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲା କ୍ରୀଡ଼ା ଅଧିକାରୀ କୈବଲ୍ୟ କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଉପ ସଭାପତି ନବୀନ ପାଣି, ଅଶୋକ ନନ୍ଦ, ପ୍ରଦୀପ ମହାପାତ୍ର, ପ୍ରଭାତ ପ୍ରଧାନ, ସନ୍ତୋଷ ଦେବତା, ସତ୍ୟନାରାୟଣ ପାଣି, ପ୍ରଶାନ୍ତ ଦେବତା, ବାବୁଲି ଭୁକ୍ତା, ବେଣୁଧର ଗଡ଼ନାଏକ, ଅଜିତ ମୋଦୀ, ଅଞ୍ଜନ ପ୍ରଧାନ, ଅଶୋକ ଆଚାର୍ଯ୍ୟ, ଭୋଳାନାଥ ଦାସ, ଜୟନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିବୃନ୍ଦ।

# ବିଭିନ୍ନ ଦାବି ନେଇ ଆନ୍ଦୋଳନ : ୪ ଘଣ୍ଟା ଧରି ଟୋଲ୍ ଆଦାୟ ବନ୍ଦ

ଲହୁଣୀପଡା,୨୯।୧୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଦର୍ଜୀଂ ପଞ୍ଚାୟତ ସାଲେଇପାଲି ଛକରେ ୧୪୩ନମ୍ବର ଜାତୀୟ ରାଜପଥର ଏକ ଟୋଲ୍‌ଗେଟ୍ ନିର୍ମାଣ କରାଯାଇଛି। ଉକ୍ତ ଟୋଲ୍‌ଗେଟ୍‌ରେ ମାହାସୁଲ ଆଦାୟକୁ କେନ୍ଦ୍ର କରି ଅସନ୍ତୋଷ ଲାଗି ରହିଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଦିନ ସ୍ଥାନୀୟ ଲୋକ ପ୍ରତିନିଧି, ବିଭିନ୍ନ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ମିଳିତ ଭାବେ ବିଭିନ୍ନ ଦାବି ନେଇ ଟୋଲ୍ ଗେଟ୍‌ଠାରେ ଆନ୍ଦୋଳନ କରିଥିଲେ। ଫଳରେ ପ୍ରାୟ ୪ ଘଣ୍ଟା ଧରି ଟୋଲ୍ ଆଦାୟ ବନ୍ଦ ହୋଇଯାଇଥିଲା। ପ୍ରକାଶ ଯେ, ୧୪୩ ନମ୍ବର ଜାତୀୟ ରାଜପଥର ବୀରମିତ୍ରପୁରଠାରୁ ବାରକୋଟ ପର୍ଯ୍ୟନ୍ତ ରାସ୍ତାକୁ ଚାରି ଥାକିଆ କରାଯିବା ପାଇଁ କାମ ଚାଲିଛି। ଅନେକ ସ୍ଥାନରେ ରାସ୍ତା କାର୍ଯ୍ୟ ଓ ପୋଲ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ଟୋଲ୍‌ଗେଟ୍‌ରେ ମାହାସୁଲ ଅଦାୟ କରିବାକୁ ବିଭିନ୍ନ ମହଲରୁ ବିରୋଧ କରାଯାଇଥିଲା। ମଙ୍ଗଳବାର ଦିନ ଦର୍ଜୀଂ


ଟୋଲ୍ ଗେଟ୍ ।

ଓ ରାଜାମୁଣ୍ଡା ପଞ୍ଚାୟତ ସରପଞ୍ଚ ସିଂ ରାୟ ମୁଣ୍ଡା, ମାଳତୀ କିଷାନ, ଉଭୟ ପଞ୍ଚାୟତର ସମିତି ସଭ୍ୟ କୁନି ମୁଣ୍ଡା ଓ ଅଶୋକ ବେହେରା, ରାଜାମୁଣ୍ଡା, ଲହୁଣୀପଡା, କଲେଇପୋଷ, ବଣେଇ, ଟେନସା,ରାଉରକେଲାର ଟ୍ରକ ଓ ଟିପର ମାଲିକ ସଂଘର କର୍ମକର୍ତ୍ତାଙ୍କ ସହିତ ସ୍ଥାନୀୟ ଜନସାଧାରଣ ବିଭିନ୍ନ ଦାବି ନେଇ ଆନ୍ଦୋଳନ କରିଥିଲେ। ଖବର ପାଇ ବଣେଇ ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ ଦେବତା,ଲହୁଣୀପଡା ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ପତି ପୋଲିସ ଫୋର୍ସ ନେଇ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ପରେ ରାଉରକେଲା ଏନଏଚଆଇ ପିଡି ମହେଶ ଗମୀ, କନିଷ୍ଠ ଯନ୍ତ୍ରୀ ଶୁଭାଶିଷ ପରିଡ଼ା, ଟୋଲଗେଟ ମ୍ୟାନେଜର ବିମଳ କୁମାର ସିଂ ପହଞ୍ଚି ଆନ୍ଦୋଳନକାରୀ ଓ ପୋଲିସ ପ୍ରଶାସନ ସହିତ ଆଲୋଚନା କରିଥିଲେ। ନିୟମ ଅନୁଯାୟୀ ସୁନ୍ଦରଗଡ ଜିଲାର ରାଉରକେଲା ଓ ସୁନ୍ଦରଗଡ ଆରଟିଓଙ୍କ ଅଧୀନ ସମସ୍ତ ବ୍ୟବସାୟିକ ଗାଡିଗୁଡିକର କାଗଜପତ୍ର ସାତ ଦିନ ମଧ୍ୟରେ ଦାଖଲ କରିବାକୁ ହେବ ଏବଂ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରି ସାରିଲା ପରେ ସେମାନଙ୍କୁ ଅଧା

**୧୪୩ ନମ୍ବର ଜାତୀୟ ରାଜପଥରେ ଟୋଲ୍ ଆଦାୟକୁ ବିରୋଧ**

ଦାମରେ ଯାତାୟାତ ପାସ ଦିଆଯିବ। ଏହାସହିତ ଗେଟର ୨୦ କିଲୋମିଟର ଏରିଆର ସମସ୍ତ ପ୍ରାଇଭେଟ ଗାଡିଗୁଡିକୁ ମାସିକ ୩୧୫ ଟଙ୍କାର ଏକ ପାସ ପ୍ରଦାନ କରାଯିବ। ବର୍ତ୍ତମାନ ଧାର୍ଯ୍ୟ ମୂଲ୍ୟ ନେଲେ ମଧ ପରବର୍ତ୍ତୀ ସମୟରେ ଅଧା ଫେରସ୍ତ କରିଦେବୁ ବୋଲି ସୂଚନା ଦେଇଥିଲେ।ଏହାସହିତ ଏହି ଟୋଲଗେଟରେ ମହାସୁଲ ଅଦାୟ କରିବା ପାଇଁ ତିନିମାସ ପର୍ଯ୍ୟନ୍ତ ୱେଲକମ ପ୍ରାଇଭେଟ ଲିମିଟେଡ଼ କମ୍ପାନୀକୁ ଅସ୍ଥାୟୀ ଟେଣ୍ଡର ଦିଆଯାଇଛି। ତିନିମାସ ପରେ ପୁନର୍ବାର ଆଉଥରେ ଟେଣ୍ଡର କରାଯିବ। ଗେଟରେ ଆବଶ୍ୟକ ପଡୁଥିବା କର୍ମଚାରୀଙ୍କ ମଧ୍ୟରୁ ଆଞ୍ଚଳିକ ଲୋକଙ୍କୁ ଯୋଗ୍ୟତା ଭିତ୍ତିକ ନିଯୁକ୍ତି ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରାଯିବ ଏବଂ ଅସମ୍ପୂର୍ଣ୍ଣ ରାସ୍ତାକୁ ମାସେ ଭିତରେ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।



ଜୟପୁରରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍, କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ଦଳୀୟ ନେତା ସଚିନ ପାଇଲଟ ଓ ରାଜ୍ୟ ସଭାପତି ଗୋବିନ୍ଦ ସିଂ ଦୋତାସ୍ରା।

# ଗୋଟିଏ ମଞ୍ଚରେ ଗେହଲଟ୍, ପାଇଲଟ

**ନୂଆଦିଲ୍ଲୀ,୨୯।୧୧**

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟଙ୍କୁ ଗଦ୍ଦାର କହିବା ପରେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ତେବେ ମଙ୍ଗଳବାର ଜୟପୁରରେ ଏକ ଖବରଦାତା ସମ୍ମିଳନୀରେ ଉଭୟ ନେତା ଗୋଟିଏ ମଞ୍ଚରେ ଉପସ୍ଥିତ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କଂଗ୍ରେସ ରାଜସ୍ଥାନ ଶାଖାରେ ସବୁ ଠିକ୍ ଚାଲିଛି, ଏହା ଜଣାଇବା ପାଇଁ ଏଭଳି ଏକ ମଞ୍ଚର ଆୟୋଜନ କରାଯାଇଥିବା କୁହାଯାଉଛି। ଆମେ ଏକାଠି ଅଛୁ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି। ଉଭୟ ଗେହଲଟ୍ ଓ ପାଇଲଟ୍ ଦଳର ସମ୍ପତ୍ତି ବୋଲି ସୋମବାର ରାହୁଲ ଗାନ୍ଧୀ କହିଥିଲେ। ଡିସେମ୍ବର ୪ରେ ରାହୁଲଙ୍କ ଭାରତ ଯୋଡ଼ୋ ଯାତ୍ରା ରାଜସ୍ଥାନରେ ପ୍ରବେଶ କରିବ। ଏନେଇ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଗେହଲଟ୍ ଓ ବରିଷ୍ଠ ନେତା ପାଇଲଟ୍ ସୂଚନା ଦେଇଛନ୍ତି। ରାଜ୍ୟରେ ରାହୁଲଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯିବ। ରାଜସ୍ଥାନରେ ଭାରତ ଯୋଡ଼ୋ ଯାତ୍ରା ୧୨ ଦିନ ଚାଲିବ ଓ ଏଥିରେ ସବୁ ବର୍ଗର ଲୋକେ ସାମିଲ ହେବେ ବୋଲି ପାଇଲଟ୍ କହିଛନ୍ତି। ରାହୁଲ ଗାନ୍ଧୀ ଉଭୟଙ୍କୁ ଦଳର ଦମ୍ପତ୍ତି କହିବା ପରେ କ୍ଷମତା କନ୍ଦଳ ସମ୍ପର୍କରେ କିଛି କହିବାର ନାହିଁ ବୋଲି ଗେହଲଟ୍ କହିଥିଲେ।

ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ଗେହଲଟ୍ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପାଇଲଟ୍‌ଙ୍କୁ ଗଦ୍ଦାର କହିଥିଲେ। ୨ ବର୍ଷ ପୂର୍ବେ ନିଜ ଦଳର ସରକାର ଭାଙ୍ଗିବାକୁ ଉଦ୍ୟମ ଚଳାଇଥିବା ପାଇଲଟ୍ କିପରି ମୁଖ୍ୟମନ୍ତ୍ରୀ ହେବେ ବୋଲି ସେ ପ୍ରଶ୍ନ କରିଥିଲେ। ଏହାକୁ ନେଇ ବିବାଦ ଦେଖାଦେବା ପରେ ରାଜସ୍ଥାନରେ ସଂଗଠନକୁ ମଜଭୁତ କରିବା ପାଇଁ ଆବଶ୍ୟକ ପଡ଼ିଲେ କଂଗ୍ରେସ କଠୋର ନିଷ୍ପତ୍ତି ନେବ ବୋଲି ବରିଷ୍ଠ ନେତା ଜୟରାମ ରମେଶ ଦୁଇଦିନ ପୂର୍ବରୁ ଗଣମାଧ୍ୟମକୁ କହିଥିଲେ।

# ମୋଦିଙ୍କୁ ରାବଣ ସହ ତୁଳନା କଲେ ଖାର୍ଗେ

**ଭାଜପାର ସମାଲୋଚନା**

**ଅହମଦାବାଦ,୨୯।୧୧**

ଗୁଜରାଟ ବିଧାନସଭା ନିର୍ବାଚନ ଲାଗି ପ୍ରଚାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅହମଦାବାଦରେ ଏକ ସଭାକୁ ସମ୍ବୋଧିତ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛନ୍ତି। ସେ ପ୍ରଧାନମନ୍ତ୍ରୀଙ୍କୁ ରାବଣ ସହ ତୁଳନା କରିବାକୁ ନେଇ ବିବାଦ ଦେଖାଦେଇଛି। ଗୁଜରାଟ ପୁତ୍ରଙ୍କୁ ଖାର୍ଗେ ବାରମ୍ବାର ଅପମାନିତ କରୁଥିବା ଭାଜପା ଅଭିଯୋଗ କରିଛି।

ନିର୍ବାଚନ ରାଲିରେ ଖାର୍ଗେ କହିଥିଲେ, ମୋଦି ପ୍ରଧାନମନ୍ତ୍ରୀ ଭାବେ ନିଜ କାର୍ଯ୍ୟକୁ ଭୁଲିଯାଇ ନିର୍ବାଚନ ପ୍ରଚାରରେ ଲାଗିଛନ୍ତି। ପଞ୍ଚାୟତ ନିର୍ବାଚନରୁ ଆରମ୍ଭ କରି ବିଧାୟକ ଏବଂ ଏମ୍‌ପି ନିର୍ବାଚନ ପର୍ଯ୍ୟନ୍ତ ସବୁବେଳେ ମୋଦିଙ୍କୁ ଚାହିଁ ଭୋଟ ଦିଅ ବୋଲି କୁହାଯାଉଛି। ଆମେ କେତେଥର ତାଙ୍କ ମୁହଁ ଦେଖିବୁ, ମୋଦିଙ୍କର ରାବଣ ଭଳି ୧୦୦ ମୁଣ୍ଡ ଅଛି କି ବୋଲି ଖାର୍ଗେ ପ୍ରଶ୍ନ କରିବାରୁ ସଭାରେ ହାସ୍ୟରୋଳ ଖେଳିଯାଇଥିଲା। ମୋଦି କ'ଣ ପଞ୍ଚାୟତ, ମ୍ୟୁନିସିପାଲିଟିରେ ଆସି କାର୍ଯ୍ୟ କରିବେ କି? ମୋଦିଙ୍କ ନାଁରେ ଭୋଟ ନ ମାଗି ପ୍ରାର୍ଥୀଙ୍କ ନାମରେ ମାଗିବାକୁ ଖାର୍ଗେ କହିଛନ୍ତି।

ଖାର୍ଗେଙ୍କ ମନ୍ତବ୍ୟକୁ ସମାଲୋଚନା କରିବା ସହ ଗଣତାନ୍ତ୍ରିକ ଉପାୟରେ ପ୍ରତିଶୋଧ ନେବା ଲାଗି ଗୁଜରାଟ ପୁତ୍ର ମୋଦିଙ୍କୁ ୧୦୦ ପ୍ରତିଶତ ଭୋଟ ଦେବା ଲାଗି ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର ଭୋଟରମାନଙ୍କୁ କହିଛନ୍ତି। ଗୁଜରାଟ ନିର୍ବାଚନୀ ତାତିର ସାମ୍ନା କରିବାରେ ବିଫଳ ହୋଇ କଂଗ୍ରେସ ଅଧ୍ୟକ୍ଷ ଭାଷା ଉପରୁ ନିୟନ୍ତ୍ରଣ ହରାଇଥିବା ଭାଜପା ଆଇଟି ବିଭାଗ ମୁଖ୍ୟ ଅମିତ୍ ମାଲବ୍ୟ କହିଛନ୍ତି। ପୂର୍ବରୁ ମୋଦିଙ୍କୁ କଂଗ୍ରେସ 'ମୌତ୍ କା ସୌଦାଗର କହୁଥିଲା, ଏବେ ରାବଣ କହୁଛି। ଗୁଜରାଟ ପୁତ୍ରଙ୍କୁ କଂଗ୍ରେସ ବାରମ୍ବାର ଅପମାନିତ କରିଆସୁଛି ବୋଲି ମାଲବ୍ୟ କହିଛନ୍ତି। ଅନ୍ୟପକ୍ଷରେ ଖାର୍ଗେଙ୍କୁ ଭାଜପାର ସମାଲୋଚନା ଦଳିତ ବିରୋଧୀ କ୍ରୋଧ ବୋଲି କଂଗ୍ରେସ କହିଛି।



ନିର୍ବାଚନୀ ପ୍ରଚାର ସଭାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ

# ଡିଜିପିଙ୍କୁ ଭେଟିଲା ଭାଜପା ପ୍ରତିନିଧି ମଣ୍ଡଳୀ

**■ ବରଗଡ଼ ଏସ୍‌ପିଙ୍କ ବଦଳି ଦାବି**

**କଟକ ଅଫିସ,୨୯।୧୧**

ପଦ୍ମପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଓ ମୁକ୍ତ ତଥା ଅବାଧ ନିର୍ବାଚନ ନିମନ୍ତେ ବରଗଡ଼ ଏସ୍‌ପିଙ୍କ ନିଷ୍କ୍ରିୟତା ଯୋଗୁ ତାଙ୍କୁ ବଦଳି କରିବାକୁ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଡିଜିପିଙ୍କ ନିକଟରେ ଦାବି କରିଛନ୍ତି। କିଛିଦିନ ହେବ ପଦ୍ମପୁରରେ ଆଇନଶୃଙ୍ଖଳା ପରିସ୍ଥିତି ଜଟିଳ ହୋଇପଡ଼ିଛି। ଭାଜପା କର୍ମୀମାନେ ଶାସକ ଦଳର ମନ୍ତ୍ରୀ, ବିଧାୟକଙ୍କ ଆକ୍ରମଣର ଶିକାର ହେଉଛନ୍ତି। ଫଳରେ ସେଠାରେ ଭାଜପା ସମର୍ଥକଙ୍କ ମନରେ ସର୍ବଦା ଭୟ ଲାଗି ରହିଛି। ପଦ୍ମପୁରରେ ଉପନିର୍ବାଚନ ପାଇଁ ହିଂସାକାଣ୍ଡ ଘଟିଛି। ପୋଲିସ ଏହାକୁ ରୋକିବା ପାଇଁ ନିଷ୍କ୍ରିୟ ହୋଇପଡିଛି। ଫଳରେ କେନ୍ଦୁଝର ସଦର ବିଧାୟକ ମୋହନ ମାଝିଙ୍କ ନେତୃତ୍ୱରେ ଏକ ନେତୃମଣ୍ଡଳୀ ଡିଜିପି ସୁନୀଲ ବଂଶଲଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି।

# କଂଗ୍ରେସ ହେଭିୱେଟ୍‌ଙ୍କ ପ୍ରଚାର



ପିସିସି ସଭାପତି ଶରତ ପଟ୍ଟନାୟକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଉଛନ୍ତି। ମଞ୍ଚରେ ଉପସ୍ଥିତ ଅଛନ୍ତି କଂଗ୍ରେସ ପ୍ରାର୍ଥୀ ଓ ଦଳୀୟ ତୁଙ୍ଗ ନେତୃବୃନ୍ଦ।

**ପଦ୍ମପୁର ଉପନିର୍ବାଚନ**

**ପାଇକମାଳ/ଝାରବନ୍ଧ, ୨୯।୧୧(ଡି.ଏନ.ଏ.)**

ପଦ୍ମପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଇକମାଳ ବ୍ଲକ ଅଞ୍ଚଳରେ କଂଗ୍ରେସ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ ପଦ୍ମପୁର ଉପନିର୍ବାଚନର କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁଙ୍କ ସମେତ କଂଗ୍ରେସର ଓଡିଶା ପ୍ରଭାରୀ ଏମ୍‌ପି ଡଃ ଏ ଚେଲ୍ଲାକୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ବରଗଡ଼ ଜିଲା କଂଗ୍ରେସ ସଭାପତି ନିହାର ମହାନନ୍ଦ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ବାଙ୍କନିଧି ବେହେରା ପ୍ରମୁଖ ମଙ୍ଗଳବାର ନୃସିଂହନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କରିଥିଲେ। ସେମାନେ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ନୃସିଂହନାଥରୁ ବାହାରି ପାଇକମାଳ ଦେଇ ଅମଥି, ଝାରବନ୍ଧ, ଡୁଙ୍ଗୁରିପାଲି, ଗଉଡ଼ମାଲ, ଜଗଦଲପୁର ଦେଇ ପଦ୍ମପୁରରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଝାରବନ୍ଧରେ ବ୍ଲକ କଂଗ୍ରେସ ସଭାପତି ମୁଜାଫର ହୁସେନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଜେଡ଼ି ବିଧାୟକ, ଭାଜପା ନେତାଙ୍କ ନାଁରେ ମାମଲା

**■ ଅପହରଣ ଅଭିଯୋଗ ନାଟକୀୟ ମୋଡ ନେଲା**
**■ ଭାଜପା ଟଙ୍କା ବାଣ୍ଟୁଥିବା ବିଜେଡିର ଅଭିଯୋଗ**
**■ ୨ ପୃଥକ୍ ମାମଲା ରୁଜୁ କରି ପୋଲିସର ତଦନ୍ତ**

**ଝାରବନ୍ଧ,୨୯।୧୧(ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନରେ ସବୁ ଦଳ ପ୍ରଚାରରେ ମାତିଛନ୍ତି। ସୋମବାର ସନ୍ଧ୍ୟାରେ ଉକ୍ତ ନିର୍ବାଚନ ମଣ୍ଡଳୀ ଅଧୀନ ଝାରବନ୍ଧ ବ୍ଲକ ଗୋଠୁଗୁଡ଼ା ପଞ୍ଚାୟତର ଭାଜପା ପ୍ରଭାରୀ ତଥା ସୁନ୍ଦରଗଡ଼ ଜିଲା ଜାରଙ୍ଗଲୋଇ ଗ୍ରାମର ଦିଲୀପ କୁମାର ସେନାପତି ଓରଫ୍ ପିଙ୍କୁଙ୍କୁ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ବନ୍ଧୁକ ମୁନରେ ଅପହରଣ କରିନେବା ଅଭିଯୋଗ ହଇଚଇ ସୃଷ୍ଟି କରିଥିଲା। ଭାଜପା ନେତା ସେନାପତି ରାତାରାତି ଉଦ୍ଧାର ହୋଇଛନ୍ତି। ଅନ୍ୟପଟେ ଏହି ଘଟଣା ଏବେ ନାଟକୀୟ ମୋଡ଼ ନେଇଛି। ସେନାପତିଙ୍କୁ ବିଧାୟକ ଦିଶାରୀ ଅପହରଣ କରିଥିବା ନେଇ ଭାଜପାର ଝାରବନ୍ଧ ମଣ୍ଡଳ ସଭାପତି ମିଳନ ପାଣ୍ଡେ ଏତଲା ଦେଇଥିଲେ। ଅପରପକ୍ଷେ ଭାଜପା ନେତା ସେନାପତି ସଲଡ଼ିହି ଗ୍ରାମରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଟଙ୍କା ବାଣ୍ଟୁଥିଲେ ବୋଲି ଗ୍ରାମର ବିଜେଡ଼ି ନେତା ଦେବାର୍ଚ୍ଚନ ବରିହା ଝାରବନ୍ଧ ଥାନାରେ ଏତଲା ଦେଇଛନ୍ତି।

ଉଭୟ ପକ୍ଷଙ୍କ ଏତଲାକୁ ଭିତ୍ତି କରି ଝାରବନ୍ଧ ପୋଲିସ ପୃଥକ୍ ୨ଟି ମାମଲା ରୁଜୁ କରିଛି। ଭାଜପା ନେତା ପାଣ୍ଡେଙ୍କ ଏତଲା ଅନୁଯାୟୀ ଲାଞ୍ଜିଗଡ଼ ବିଧାୟକ ଦିଶାରୀଙ୍କ ବିରୋଧରେ ଦଫା ୩୬୩, ୩୭୯, ୫୦୬, ୩୪ ଆଇପିସି ଏବଂ ୨୫/୨୭ ଆର୍ମସ୍ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି । ଅନ୍ୟପଟେ ବିଜେଡ଼ି ନେତା ବରିହାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଦଫା ୩୪୨, ୩୨୩, ୫୦୬, ୩୪ ଆଇପିସିରେ ଅନ୍ୟ ଏକ ମାମଲା ରୁଜୁ କରିଛି। ଏ ସମ୍ପର୍କରେ ଝାରବନ୍ଧ ଥାନାଧିକାରୀ ଦିଲୀପ କୁମାର ବେହେରାଙ୍କୁ ପଚାରିବାରୁ ଏତଲା ପାଇବାର କିଛି ସମୟ ପରେ ସଲଡ଼ିହି ଗ୍ରାମରୁ ସେନାପତିଙ୍କୁ ଉଦ୍ଧାର କରାଯାଇଥିବା କହିଛନ୍ତି। ସେହିପରି ଉଭୟ ମାମଲାର ଅଧିକ ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ବେହେରା ପ୍ରକାଶ କରିଛନ୍ତି।

ପ୍ରକାଶଥାଉକି, ଭାଜପା ନେତା ସେନାପତିଙ୍କୁ ସୋମବାର ସନ୍ଧ୍ୟାରେ ଲାଞ୍ଜିଗଡ଼ ବିଧାୟକ ଦିଶାରୀ ଏବଂ ତାଙ୍କ ସହଯୋଗୀମାନେ ଏକ ଇନୋଭା କାର୍‌ରେ ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିଲା। ଏହାପରେ ସଲଡ଼ିହି ଗ୍ରାମରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଭାଜପା ନେତା ସେନାପତି ଟଙ୍କା ବାଣ୍ଟୁଥିଲେ ବୋଲି ଗ୍ରାମର ବିଜେଡ଼ି ନେତା ବରିହା ଥାନାରେ ଅନ୍ୟ ଏକ ଏତଲା ଦେଇଥିଲେ ।

## ଜିଏସ୍‌ଟି ଚଢ଼ାଉକୁ ବିରୋଧ: ବିଧାୟିକା କୁସୁମ ଟେଟେଙ୍କ ନାଁରେ ମାମଲା

**ପଦ୍ମପୁର/ବରଗଡ଼ ଅଫିସ,୨୯।୧୧**

ବରଗଡ଼ ଜିଲା ପଦ୍ମପୁର ଏବଂ ପାଇକମାଳରେ ସୋମବାର ଜିଏସ୍‌ଟି ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉକୁ ବିରୋଧ କରି ଉଭୟ ପଦ୍ମପୁର ଓ ପାଇକମାଳରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଜିଏସ୍‌ଟି ଅଧିକାରୀଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ ସହିତ କିଛି କାଗଜପତ୍ର ନେଇଯାଇଥିବା ଅଭିଯୋଗ ହୋଇଥିଲା। ଜିଏସ୍‌ଟି ଅଧିକାରୀମାନେ ଏ ନେଇ ଉଭୟ ପଦ୍ମପୁର ଏବଂ ପାଇକମାଳ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପଦ୍ମପୁର ଏବଂ ପାଇକମାଳ ଥାନାରେ ପୃଥକ୍ ୨ଟି ମାମଲା ରୁଜୁ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ଭାଜପା ବିଧାୟିକା କୁସୁମ ଟେଟେ ଏବଂ ଅନ୍ୟ ଦଳୀୟ ନେତା ଅଭିଯୁକ୍ତ ରହିଛନ୍ତି। ପଦ୍ମପୁର ଥାନାରେ ଜିଏସ୍‌ଟି ଅଧିକାରୀଙ୍କ ଏତଲାକୁ ଭିତ୍ତି କରି ଏକ ମାମଲା (ନଂ.୩୧୬/୨୨) ରୁଜୁ ହୋଇଛି। ଏଥିରେ ପଦ୍ମପୁର ନଗର ଭାଜପା ସଭାପତି ସୁନିଲ ଅଗ୍ରୱାଲ ଏବଂ ଅନ୍ୟମାନଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ସେହିପରି ପାଇକମାଳ ଥାନାରେ ଅନ୍ୟ ଏକ ମାମଲା (ନଂ.୨୭୭/୨୨) ରୁଜୁ ହୋଇଛି । ଏଥିରେ ସୁନ୍ଦରଗଡ଼ ଭାଜପା ବିଧାୟିକା କୁସୁମ ଟେଟେ, ପାଇକମାଳର ଭାଜପା ନେତା ଗୋବର୍ଦ୍ଧନ ଅଗ୍ରୱାଲ ଏବଂ ଅନ୍ୟମାନେ ଅଭିଯୁକ୍ତ ରହିଛନ୍ତି।



କୁସୁମ ଟେଟେ

## ଓଡ଼ିଶାକୁ ଉତ୍ତର ପ୍ରଦେଶ, ବିହାର ଭଳି ପରିଣତ କରିବାକୁ ଚେଷ୍ଟା କରାଯାଉଛି: ବିଜେଡି

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ମାତ୍ର ଭାଜପା ନିର୍ବାଚନୀ ତଥା ରାଜନୈତିକ ହିଂସା ଘଟାଇ ଓଡ଼ିଶାକୁ ଉତ୍ତର ପ୍ରଦେଶ କିମ୍ବା ବିହାରରେ ପରିଣତ କରିବାକୁ ଚେଷ୍ଟା କରୁଛି ବୋଲି ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି । ବିଜେଡି ଯୁବ ଜନତା ଦଳ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସସ୍ମିତ କହିଛନ୍ତି, ଗତ ୨୪ଘଣ୍ଟା ମଧ୍ୟରେ ପଦ୍ମପୁର ଉପନିର୍ବାଚନରେ ଭାଜପାର ଆଇନ ବିରୋଧୀ ଆଚରଣ ରାଜ୍ୟବାସୀଙ୍କ ନିକଟରେ ସେମାନଙ୍କ ଅସଲ ମୁଖା ଖୋଲିଦେଇଛି। ସୋମବାର ସକାଳେ ପଦ୍ମପୁରର ୩ଟି ସ୍ଥାନରେ ଆଇଟି ଚଢ଼ାଉ ବେଳେ ସେହି ସ୍ଥାନରେ କୌଣସି ବିଜେଡି କର୍ମୀ କିମ୍ବା ନେତାଙ୍କୁ ଦେଖିବାକୁ ମିଳି ନ ଥିଲା । କିନ୍ତୁ ଯେତେବେଳେ ପଦ୍ମପୁରର ଏକ କପଡ଼ା ଦୋକାନରେ ଜିଏସ୍‌ଟି ଚଢ଼ାଉ କରାଗଲା ସେତେବେଳେ ଠାକୁର ରଣଜିତ ଦାସ, ପିଙ୍କି ପ୍ରଧାନ ଏବଂ କାଳନ୍ଦୀ ସାମଲ ୩ ଜଣ ଭାଜପା କର୍ମୀ ଜିଏସ୍‌ଟି ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ସେମାନଙ୍କୁ ସରକାରୀ କାର୍ଯ୍ୟ ପାଳନ କରିବାରେ ବାଧା ସୃଷ୍ଟି କଲେ । ଯେତେବେଳେ ଜିଏସ୍‌ଟି ଟିମ୍ ଦୋକାନ ପରିସରରୁ ବାହାରକୁ ଯାଉଥିଲେ ଭାଜପା ନେତାମାନେ ଜଣେ ମହିଳା ଅଧିକାରୀଙ୍କ ପଛରେ ଦୌଡ଼ି ଆସି ଗାଡ଼ି ଭାଙ୍ଗିବା ସହିତ ତାଙ୍କୁ ଆକ୍ରମଣ କରିଛନ୍ତି। ସେହିପରି ଗୋଠୁଗୁଡା ପଞ୍ଚାୟତର ସାଲଡିହି ଗ୍ରାମରେ ଭାଜପା ନେତା ଓ କର୍ମୀମାନେ ଟଙ୍କା ବାଣ୍ଟୁଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲେ । ସେମାନେ ପଳାଇଯାଇଥିଲେ ଏବଂ ସେମାନଙ୍କ ବେଆଇନ କାର୍ଯ୍ୟକଳାପକୁ ଲୁଚାଇବା ଉଦ୍ଦେଶ୍ୟରେ ସେମାନେ ଭାଜପା ନେତା ଦିଲୀପ ସେନାପତିଙ୍କ ମିଥ୍ୟା ଅପହରଣର ମାମଲା ଦାୟର କରିଥିଲେ। ଝାରବନ୍ଧରେ ଜଣେ ବିଜେଡି କର୍ମୀଙ୍କୁ ଏକ ଗାଁରେ ଭାଜପା କର୍ମୀମାନେ ବାନ୍ଧି ରଖିଥିଲେ ଯାହାଙ୍କୁ ପରେ ପୋଲିସ ଉଦ୍ଧାର କରିଥିଲା । ସୋମବାର ରାତି ୨ଟାରେ ଭାଜପା ବିଧାୟିକା କୁସୁମ ଟେଟେଙ୍କ ସହ ୧୦୦ ଜଣ କର୍ମୀ ଜିଏସ୍‌ଟି ଚଢ଼ାଉ ଚାଲିଥିବା ବ୍ୟବସାୟୀ ଗୋବର୍ଦ୍ଧନ ଅଗ୍ରୱାଲଙ୍କ ଘରେ ପଶିଥିଲେ। ପ୍ରଶାସନିକ ତଥା ଆଇନଗତ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥିଲେ ବୋଲି ସସ୍ମିତ କହିଛନ୍ତି।

# 'କାହା ଟଙ୍କା ଧରାପଡ଼ିବା ଭୟରେ ଡରୁଛି ଭାଜପା'





**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

**ସିଇଓଙ୍କୁ ଫେରାଦ ହୋଇ ଅଭିଯୋଗ କଲା ବିଜେଡି**

ସୋମବାର ସନ୍ଧ୍ୟାରେ ପଦ୍ମପୁର ଜଗଦମ୍ବା କ୍ଲଥ୍ ଷ୍ଟୋରରେ ଜିଏସ୍‌ଟି ଚଢ଼ାଉ ସମୟରେ ଭାଜପାର ୩ ଜଣ ନେତା ଠାକୁର ରଣଜିତ ଦାସ, ପିଙ୍କି ପ୍ରଧାନ ଏବଂ କାଳନ୍ଦୀ ସାମଲ ଜାଣିଶୁଣି ଗଣ୍ଡଗୋଳ ଭିଆଇଥିବା ଅଭିଯୋଗ ଆଣିଛି ବିଜେଡି। ଏହି ମର୍ମରେ ବିଜେଡିର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇ ଉକ୍ତ ୩ଭାଜପା ନେତାଙ୍କୁ ପଦ୍ମପୁରରୁ ତଡ଼ିପାର କରିବା ସହ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦାବି କରାଯାଇଛି। ସେହିପରି ପଦ୍ମପୁରରେ ସର୍ଭେଲାନ୍ସ ବଢ଼ାଇବାକୁ ବିଜେଡି ଦାବି କରିଛି। ବିଜେଡି ପକ୍ଷରୁ କୁହାଯାଇଛି, ଜିଏସ୍‌ଟି ଟିମ୍‌ର ଜଣେ ମହିଳା ଅଧିକାରୀଙ୍କୁ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିବା ସହ ଭାଜପା କର୍ମୀମାନେ ଗାଡ଼ି ପୋଡ଼ିଛନ୍ତି। କାହା ଟଙ୍କା ଧରାପଡ଼ିବା ଭୟରେ ଭାଜପା ଏଭଳି କାଣ୍ଡ କରିଛି ବୋଲି ବିଜେଡି ପ୍ରଶ୍ନ କରିଛି। କେଉଁ କେନ୍ଦ୍ରମନ୍ତ୍ରୀଙ୍କ ଟଙ୍କା ଧରାପଡ଼ିବାର ଭୟ ରହିଥିଲା। ଭାଜପା ଏସବୁ ପ୍ରଶ୍ନର ଉତ୍ତରଦେବା ଦରକାର ବୋଲି ବିଜେଡି କହିଛି। ସେହିପରି ଭାଜପା ନେତା ଦିଲୀପ କୁମାର ସେନାପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଶାସକ ଦଳ ଦାବି କରିଛି। ସେ ବିଜେଡି କର୍ମୀଙ୍କୁ ଶାରୀରିକ ନିର୍ଯାତନା ଦେବା ସହିତ ପଦ୍ମପୁରରେ ଭୋଟରଙ୍କୁ ଟଙ୍କା ବାଣ୍ଟୁଥିବାର ବିଜେଡି ଅଭିଯୋଗ ଆଣିଛି।

## ଠିକାଦାରଙ୍କ ଘରେ ଚଢ଼ାଉ

ପଦ୍ମପୁର.୨୯।୧୧(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଏନ୍‌ଏସି ୱାର୍ଡ଼ ନଂ-୪ ନିବାସୀ ଜଣେ ଠିକାଦାର ପ୍ରତାପ ପଟ୍ଟନାୟକଙ୍କ ଘରେ ମଙ୍ଗଳବାର ରାତିରେ ଉପନିର୍ବାଚନ ପାଇଁ ଗଠିତ ପୋଲିସର ଫ୍ଲାଇଂ ସ୍କ୍ୱାଡ୍ ଚଢ଼ାଉ କରିଛି। ତେବେ କାହିଁକି ଚଢ଼ାଉ ହୋଇଛି, ତାହା ଜଣାପଡ଼ିନାହିଁ। ଉପନିର୍ବାଚନ ବେଳେ ଫ୍ଲାଇଂ ସ୍କ୍ୱାଡ୍‌ର ଏହି ଚଢ଼ାଉ ଚର୍ଚ୍ଚାର ବିଷୟ ହୋଇଛି। ଚଢ଼ାଉବେଳେ ସ୍ଥାନୀୟ ଏନ୍‌ଏସି ନିର୍ବାହୀ ଅଧିକାରୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ।

## ଭାଜପା କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

ପଦ୍ମପୁର.୨୯।୧୧(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନକୁ ନେଇ ହିଂସା ଘଟଣା ପଦାକୁ ଆସିବାରେ ଲାଗିଛି। ସୋମବାର ଝାରବନ୍ଧରେ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଅପହରଣ ଅଭିଯୋଗ ହୋଇଥିବାବେଳେ ଭାଜପା କର୍ମୀମାନେ ବିଜେଡ଼ି କାର୍ଯ୍ୟକର୍ତ୍ତାଙ୍କୁ ଆକ୍ରମଣ କରିଥିବା ପାଲଟା ଅଭିଯୋଗ ହୋଇଥିଲା। ଅନ୍ୟପଟେ ମଙ୍ଗଳବାର ପଦ୍ମପୁର ଥାନା ପୁରେନା ଗ୍ରାମରେ ଜଣେ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ବିଜେଡ଼ି କର୍ମୀମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଉପନିର୍ବାଚନ ସମୟରେ ଏଭଳି ଆକ୍ରମଣ, ପ୍ରତି ଆକ୍ରମଣ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ଟଙ୍କା ମୁଣି ଧରି ବୁଲୁଛନ୍ତି ନବ ଦାସ: ଧର୍ମେନ୍ଦ୍ର

**ପାଇକମାଳ, ୨୯।୧୧ (ଡି.ଏନ.ଏ.)**

ପଦ୍ମପୁର ଉପନିର୍ବାଚନ ପାଇଁ ମତଦାନକୁ ଆଉ ସପ୍ତାହେ ବାକି ଥିବାରୁ ସବୁଦଳର ହେଭିୱେଟ୍ ନେତା ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଏହି କ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ପାଇକମାଳ ବ୍ଲକ ମାଣ୍ଡୋସିଲ ଧାନମଣ୍ଡି ସମ୍ମୁଖରେ ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସେ ତାଙ୍କ ଭାଷଣରେ କହିଥିଲେ, ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ କଂଗ୍ରେସରେ ଥିବା ବେଳେ କଂଗ୍ରେସକୁ ବୁଡାଇଲେ। ଏବେ ବିଜେଡିକୁ ଆସି ନବୀନଙ୍କୁ ବୁଡାଇବେ। ସ୍ୱାସ୍ଥ୍ୟ ମନ୍ତ୍ରୀ ପଦ୍ମପୁର ନିର୍ବାଚନରେ ଟଙ୍କା ମୁଣି ଧରି ବୁଲୁଛନ୍ତି ବୋଲି ସେ କହିଥିଲେ। କେନ୍ଦ୍ର ମନ୍ତ୍ରୀ ଆହୁରି କହିଥିଲେ, କେନ୍ଦ୍ର ସରକାର ଧାନର ଏମ୍‌ଏସ୍‌ପି ବୃଦ୍ଧି କରି ଚାଷୀଙ୍କ ସୁଖ ଦୁଃଖରେ ରହିଛି। ହେଲେ ବିଜେଡି ସରକାର ମିଲ୍ ମାଲିକଙ୍କ ସହ ମଧୁଚନ୍ଦ୍ରିକା କରି ଚାଷୀଙ୍କୁ ହଇରାଣ କରୁଛନ୍ତି। ବରଗଡ-ନୂଆପଡା ଭାୟା ପଦ୍ମପୁର ଦେଇ ନୂତନ ରେଳପଥ ପାଇଁ ରାଜ୍ୟ ସରକାର ଆଜି ଜାଗା ଦେଲେ କେନ୍ଦ୍ର ସରକାର କାଲି କାମ ଆରମ୍ଭ କରିବେ ବୋଲି କେନ୍ଦ୍ର ମନ୍ତ୍ରୀ ପ୍ରଧାନ କହିଥିଲେ। ମାଣ୍ଡୋସିଲ ମଣ୍ଡଳ ଭାଜପା ସଭାପତି ଲଳିତ ଜଗତ ସଭା ପରିଚାଳନା କରିଥିଲେ। ଏହି ସଭାରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ପଦ୍ମପୁର ଉପନିର୍ବାଚନ ପ୍ରାର୍ଥୀ ପ୍ରଦୀପ ପୁରୋହିତ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ।



ରୋଡ୍ ଶୋ'ରେ ଭାଜପା ପ୍ରାର୍ଥୀ ଓ ଦଳୀୟ ନେତୃବୃନ୍ଦ।

# ସୋରିଷରେ ପାଉଁଶିଆ ରୋଗ ଦମନ

ସୋରିଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ଲାଗି ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ । କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



# ଗହମ ଚାଷରେ କୋଡ଼ାଖୁସା

ଗହମ ବୁଣିବାର ୨୧ ଦିନ ପରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ଗହମ ଫସଲରେ ମୁକୁଟ ବା ଶିଖା ଚେର ବାହାରିବା ସମୟ ହେଉଛି ଫସଲର ଜଳ ଆବଶ୍ୟକତାର ସଙ୍କଟ କାଳ । ତେଣୁ ମାଟିର ବତରକୁ ଚାହିଁ ଜଳସେଚନ ବ୍ୟବସ୍ଥା କରନ୍ତୁ । ମଞ୍ଜି ଗଜା ହେବାର ୨୧ ଦିନ ପରେ ହେକ୍ଟର ପ୍ରତି ୨୫-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ସଅଳ ବୁଣା ହୋଇଥିବା ଗହମ ୩୫ ଦିନର ହୋଇଥିଲେ ହେକ୍ଟର ପ୍ରତି ୨୫-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।



# ରବି ଚିନାବାଦାମ ଚାଷ

ରବି ଚିନାବାଦାମ ଚାଷ ପାଇଁ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା.ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୪୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ । ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨.୫ ଗ୍ରାମ୍ କ୍ୟାପ୍‌ଟାନ୍ କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ । ଖରାଦିନିଆ ଚିନାବାଦାମ ଚାଷପାଇଁ ଜଳସେଚନର ସୁବିଧା ଥିବା ନିଗିଡ଼ା ବାଲିଆ ଜମି ଚୟନ କରନ୍ତୁ ।



# ଧାନ କାଟିବା ପୂର୍ବରୁ...

## ଡିସେମ୍ବର ମାସ କୃଷି ସୂଚନା



ଧାନ କାଟିବାର ୧ ସପ୍ତାହ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରିଦିଅନ୍ତୁ । ଧାନରେ କେଣ୍ଡାକଟା ପୋକ ଦେଖାଦେଲେ ଅପରାହ୍ନରେ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫% ଏସ୍‌ସି କିମ୍ବା ୧ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଭାଗ ସେଚଗୁଣ୍ଡ ସିଞ୍ଚନ କରନ୍ତୁ ଓ ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ସନ୍ଧ୍ୟାରେ ହୁଡ଼ା ଉପରେ ସିଞ୍ଚନ କରନ୍ତୁ । ଡାଲୁଅଧାନ ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ, ଗଜାକରି ଗାଲି ଫିଟିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩-୪ ଫୁଟ ରଖନ୍ତୁ। ପ୍ରତି ପଟି ପରେ ୧ ଫୁଟ ନାଳୀ ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲି ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବରଖତ, ୧୨ କି.ଗ୍ରା. ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ। ବିହନରୁ କଣ୍ଡା ଓ ଅଗାଡ଼ି ବାହାର କରିବା ପାଇଁ ଲୁଣପାଣି ଉପଚାର କରନ୍ତୁ। ଧାନର ସହଳ କିସମ ମଧ୍ୟରେ ରହିଛି ପାରିଜାତ, ଖଣ୍ଡଗିରି, ଯୋଗେଶ, ସିଦ୍ଧାନ୍ତ, ମନ୍ଦାକିନୀ, ପଥରା, ଜ୍ୟୋତିର୍ମୟୀ, ସହଭାଗୀ ଧାନ। ମଧ୍ୟମ କିସମଗୁଡ଼ିକ ହେଉଛି ଲଳାଟ, ତପସ୍ୱିନୀ, ତେଜସ୍ୱିନୀ, ମନସ୍ୱିନୀ, ନବୀନ, ଏସ୍‌ଟିୟୁ-୧୦୦୧। ଏହି ମାସ ଶେଷଶୁଦ୍ଧା ଡାଲୁଆଧାନ ପାଇଁ ତଳି ପକାଇବା କାମ ଶେଷ କରନ୍ତୁ । ତଳି ପକାଇବା ପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ପାଇଁ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ ।

**ସୂର୍ଯ୍ୟମୁଖୀ :** ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶୁଁବାଲୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷ କରି ଥ୍ରୀପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ଏକ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ। ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା- ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗ କରନ୍ତୁ ନାହିଁ । ନିମଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

**କପା :** ବକରା ଫାଟିବାର ୪୦ ଦିନ ମଧ୍ୟରେ ୪ ରୁ ୫ ଥର ଅମଳ କରନ୍ତୁ । କାକର ପଡୁଥିଲେ ଦିନ ୧୦ଟା ପରେ ଅମଳ କରନ୍ତୁ । ଅମଳ କରି ପ୍ରଥମ ତୋଳା, ପରବର୍ତ୍ତୀ ତୋଳାଗୁଡ଼ିକୁ ଅଲଗା ଅଲଗା ଶୁଖାଇ ବସ୍ତାରେ ରଖନ୍ତୁ ।

**ପିଆଜ :** ତଳିଗୁଡ଼ିକ ୧୨-୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ । ତଳି ରୋଇବାର ଦୁଇଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗ କରି ପଟାଳି ପ୍ରସ୍ତୁତ କରନ୍ତୁ । ଉକୁଣିପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଫଳଚାଷ :** ଆମ୍ବ ବଉଳର ସୁରକ୍ଷା ପାଇଁ ବଉଳ ଆସିବାର ୭ ରୁ ୧୫ ଦିନ ପୂର୍ବରୁ ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ ୧ ଲିଟର ପାଣିରେ ଗୋଳାଇ ପତ୍ର ଓ ଡାଳରେ ଭଲଭାବେ ସିଞ୍ଚନ କରନ୍ତୁ । ବଉଳ ହେବାର ୭ ଦିନ ପରେ ଓ ଆମ୍ବଚଣା କଷି ଅବସ୍ଥାରେ ଏହାକୁ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହିତ ଆଉଥରେ ସିଞ୍ଚନ କରନ୍ତୁ । ଅଷ୍ଟପଦୀରୁ ରକ୍ଷା ପାଇବା ପାଇଁ ୧ ମି.ଲି. ସ୍ପିରୋମେସିଫେନ୍ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ପ୍ରାଣୀପାଳନ :** ଶୀତଦିନେ ଗାଈଙ୍କଠାରେ ଭୂତାଣୁଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ । ତେଣୁ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଟିକା ଦିଅନ୍ତୁ । ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇବେ। ଛେଳି ଥିବା ଘରେ ତଳେ ଭାଡ଼ି ବା ବାଉଁଶ ଟାଙ୍ଗଡ଼ାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ। ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଓ ଅଧିକ ଥଣ୍ଡା ପଡୁଥିବା ଅଞ୍ଚଳରେ ଏହି ମାସ ବରସିମ୍ ଏବଂ ଓଟ୍ ଘାସ ଚାଷ କରନ୍ତୁ ।

**ମତ୍ସ୍ୟଚାଷ :** ୧ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ । ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ପୋଖରୀର ନିମ୍ନସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ, ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର -୩

## ଆଖୁରେ ଶର୍କରା ଅଂଶ ପରୀକ୍ଷା



ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଆବଶ୍ୟକ। ଆଖୁ ଗଛକୁ ଧାରୁଆ କତୁରିରେ ଭୂମି ପତ୍ତନ ସହ ସମାନକରି କାଟିଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ । ମୂଳିଆଖୁ ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗିଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନକରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୭୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍‌ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ଗେଣ୍ଡୁଫୁଲ ପାଇଁ ପଟାଳି



ଖରାଦିନିଆ ଗେଣ୍ଡୁଚାଷ ପାଇଁ ପଟାଳି ପ୍ରସ୍ତୁତ କରି ସିରାକୋଲ୍ ବି.ଏମ୍.-୨ ଏବଂ ବି.ଏମ୍.-୩ କିସମର ଗେଣ୍ଡୁଚାରା ଲଗାନ୍ତୁ । ଡେଙ୍ଗା କିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଏବଂ ବାମନ କିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୨୦-୩୦ ସେ.ମି. ଓ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗୋଲାପ ଗଛ କାଟଛାଣ୍ଟ ପରେ ଉକୁଣିଆ ଓ ଜଉପୋକ ଦମନ ପାଇଁ ୨ ମି.ଲି. ଡାଇମିଥଏଟ୍ ବା ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଗେଣ୍ଡୁ ଫୁଲ ଚାଷରେ ପତ୍ରପୋଡ଼ା, କଢ଼ ଶଢ଼ା, ଫୁଲଶଢ଼ା ରୋଗ ପାଇଁ କାର୍ବେଣ୍ଡାଜିମ୍ ୧ ଗ୍ରାମ୍ / ମାଙ୍କୋଜେବ୍ ୨.୫ ଗ୍ରାମ୍ /୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ନୂଆ ଗେଣ୍ଡୁର କିସମ – ସିରାକୋଲ୍, ଜାଏଣ୍ଟ ଡବଲ୍ ଆଫ୍ରିକାନ୍ ୟେଲୋ, ଜାଏଣ୍ଟ ଡବଲ୍ ଆଫ୍ରିକାନ୍ ଅରେଞ୍ଜ, ବି.ଏମ୍.-୨ ଏବଂ ବି.ଏମ୍.-୩ । ଚାରା ମାସକର ବା ୪୦ ଦିନର ହୋଇଥିଲେ ଅଗ୍ରମୁକୁଳ ଭାଙ୍ଗି ଦିଅନ୍ତୁ। ମୂଳସାର ଦେବାର ୧ ମାସ ପରେ କୋଡ଼ାଖୁସା କରି ହେକ୍ଟର ପ୍ରତି ୧୦୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଗ୍ଲାଡିଓଲସ୍ ଚାଷ କରିଥିଲେ ଦୁଇ ପତ୍ର ଅବସ୍ଥାରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଏବେ ବି ଗ୍ଲାଡିଓଲସ୍ ଲଗାଇପାରିବେ । ଲଗାଇବା ପୂର୍ବରୁ କନ୍ଦାକୁ ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ଲଗାନ୍ତୁ । ଲିଲିୟମ୍‌ର କନ୍ଦା ସଂଗ୍ରହକରି ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ଲଗାନ୍ତୁ ।

# ଆଳୁରେ ହୁଡ଼ା ଟେକୁଥିଲେ...



ଆଳୁ ଫସଲ ୨-୩ ସପ୍ତାହର ହୋଇଯାଇଥିଲେ ପ୍ରଥମ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିରେ ଦୁଇପାଖରେ ୭-୧୦ ସେ.ମି. ଦୂରତାରେ ୨-୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ । ଆଳୁ ଫସଲକୁ ସଅଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗତୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ । ସିଞ୍ଚନ ବେଳେ ଏହାର ପତ୍ରର ଉପର ଓ ତଳପାଖରେ ପଡ଼ିବା ଆବଶ୍ୟକ। ଅନ୍ୟପକ୍ଷରେ ପିଆଜ ଫସଲରେ ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ ବା ୧୫୦୦ ମି.ଲି. ଟ୍ରିବୁଲିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଏହାଦ୍ୱାରା ଅନାବନା ଘାସ ଦାଉରୁ ରକ୍ଷା ମିଳିଥାଏ। କୋବି ଜାତୀୟ ଫସଲରେ ବନ୍ଧାକୋବିର ବିନ୍ଧାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି କୀଟର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜଏଟ୍ ବା ୫୦୦ ଗ୍ରାମ୍ ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଶୀତଦିନରେ ଭଲଭାବରେ ବଢୁଥିବା ପୋଦିନା, ଧନିଆ, ମେଥି, କୋଶଳା, ପାଳଙ୍ଗ ଆଦି ଶାଗ ଚାଷ କରନ୍ତୁ । ମଝିଆଳି କିସମ ଫୁଲକୋବିରେ ଲିଟର ପ୍ରତି ୩ ଗ୍ରାମ୍ ହିସାବରେ ବୋରନ୍ ସିଞ୍ଚନ କରନ୍ତୁ ।

# ଶୀତଦିନେ ଗୃହପାଳିତ ପ୍ରାଣୀଙ୍କ ଯତ୍ନ



ଡା. ନିରାକାର ଜେନା

ଆମ ରାଜ୍ୟରେ ସାଧାରଣତଃ ଡିସେମ୍ବର ଏବଂ ଜାନୁୟାରୀରେ ଜଳବାୟୁର ତାପମାତ୍ରା ବହୁ ତଳକୁ ଖସିଯାଇଥାଏ। ଏପରି କି ଅନେକ ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳେ ଥାଏ। ଅତ୍ୟଧିକ ଥଣ୍ଡା ଯୋଗୁ ଗୃହପାଳିତ ପ୍ରାଣୀମାନେ ଥଣ୍ଡା, ଜ୍ୱର, କାଶ ସହ ଫାଟୁଆ, ସାହାଣା, ବଜବଜିଆ, ପିପିଆର୍, ରେନିଟି ଭଳି ରୋଗରେ ଆକ୍ରାନ୍ତ ହେବା ସଙ୍ଗେ ସଙ୍ଗେ ସେମାନଙ୍କର ଉତ୍ପାଦିକା କ୍ଷମତାରେ ମଧ୍ୟ ବ୍ୟାହତ ଘଟିଥାଏ। ତେଣୁ ଏହି ସମୟରେ ଗୋପାଳକ ତଥା ଗାଈ ଫାର୍ମ କରିଥିବା ବ୍ୟକ୍ତି ବିଶେଷଭାବେ ସତର୍କ ରହିବା ଆବଶ୍ୟକ। ଶୀତଦିନେ ଗୃହପାଳିତ ପ୍ରାଣୀଙ୍କ ଉପଯୁକ୍ତ ଯତ୍ନ ଲାଗି ନିମ୍ନଲିଖିତ ଦିଗ ପ୍ରତି ଧ୍ୟାନଦେବା ଜରୁରୀ।

**ଗୁହାଳ ପରିଚାଳନା ଏବଂ ଆଖପାଖ ପରିବେଶର ପରିବର୍ତ୍ତନ**

➤ ଶୀତଦିନେ ଗୃହପାଳିତ ପ୍ରାଣୀ ରହୁଥିବା ଗୁହାଳ ତଥା ଆଖପାଖ ପରିବେଶରେ ସାମାନ୍ୟ ପରିବର୍ତ୍ତନ ହେବା ଆବଶ୍ୟକ।

➤ ଅତ୍ୟଧିକ ଥଣ୍ଡା ସମୟରେ ଗୃହପାଳିତ ପ୍ରାଣୀଙ୍କୁ ଘରେ ବାନ୍ଧି ରଖିବା ଆବଶ୍ୟକ। ଏହି ସମୟରେ ବାହାରକୁ ଚରିବାକୁ ଛାଡ଼ନ୍ତୁ ନାହିଁ। ସେମାନଙ୍କୁ ସନ୍ଧ୍ୟା ପୂର୍ବରୁ ଗୁହାଳକୁ ନେଇ ଆସନ୍ତୁ।

➤ ଗୁହାଳର ଝରକା, କବାଟ, କାନ୍ଥ, ଛାତକୁ ଶୀତଦିନ ପୂର୍ବରୁ ମରାମତି କରିଦିଅନ୍ତୁ। ଖୋଲା ଗୁହାଳ ପ୍ରଣାଳୀରେ ଗୃହପାଳିତ ପ୍ରାଣୀ ରଖୁଥିଲେ, ଗୁହାଳ ଚାରିପଟେ ଅଖା, ପଲିଥିନ୍ କିମ୍ବା ଶୁଖିଲା ନଡ଼ା ଓ ଘାସରେ ତିଆରି ତାଟି ଦ୍ୱାରା ଆବଦ୍ଧ କରିବା ଆବଶ୍ୟକ।

➤ ଗୁହାଳ ମଧ୍ୟକୁ ସୂର୍ଯ୍ୟକିରଣ ଓ ବାୟୁ ଚଳାଚଳ ଠିକ୍ ଭାବରେ ହେବା ପାଇଁ ଧ୍ୟାନଦେବା ଦରକାର।

➤ ଅତ୍ୟଧିକ ଥଣ୍ଡା ସମୟରେ ଗୃହପାଳିତ ପ୍ରାଣୀଙ୍କୁ ବିଶେଷକରି ଛୋଟ, ବୟସ୍କ ଏବଂ ଗର୍ଭିଣୀ ପ୍ରାଣୀଙ୍କୁ ଅଖା, କମ୍ବଳ ମାଧ୍ୟମରେ ଢଙ୍କାଇବା ଜରୁରୀ।

➤ ଗୁହାଳ କିମ୍ବା ଗୁହାଳର ଚଟାଣ ସନ୍ତସନ୍ତିଆ କି ଓଦା ନ ହେବା ପାଇଁ ଯତ୍ନବାନ ହେବା ଆବଶ୍ୟକ। ସେଥିପାଇଁ ଗୁହାଳଟି ଉଚ୍ଚା ସ୍ଥାନରେ ନିର୍ମିତ ହେବା ସହ ମଳ, ମୂତ୍ର ଆଦି ନିଷ୍କାସନର ସୁବନ୍ଦୋବସ୍ତ କରିବା ଦରକାର। ଗୁହାଳ ସନ୍ତସନ୍ତିଆ ରହିଲେ ପ୍ରାଣୀଙ୍କଠାରେ ଝାଡ଼ା, ଜ୍ୱର, ନିମୋନିଆ, ହାଇପୋଥର୍ମିଆ ଆଦି ରୋଗ ସୃଷ୍ଟି ହୋଇଥାଏ।

➤ ଗୁହାଳ ଚଟାଣ ପକ୍କା ବା କଂକ୍ରିଟ ହୋଇଥିଲେ ପ୍ରାଣୀଙ୍କୁ ଥଣ୍ଡାରୁ ରକ୍ଷା ପାଇଁ ଚଟାଣ ଉପରେ ୪-୬ ଇଞ୍ଚ ବହଳର ଶୁଖିଲା ବାଲି, କାଠଗୁଣ୍ଡ, କୁଟା, ଶୁଖିଲା ଘାସପତ୍ର ଆଦି ପକାଇବା ଦରକାର।

➤ ଗୁହାଳରେ ପ୍ରାଣୀଙ୍କ ଗହଳି କରିବା ଅନୁଚିତ। ଗହଳି ହେବା ଫଳରେ ନିମୋନିଆ ଭଳି ଶ୍ୱାସଜନିତ ରୋଗ ସୃଷ୍ଟି ହେବାର ଆଶଙ୍କା ବଢିଥାଏ।

**ବାୟୁ ଚଳାଚଳର ସୁବନ୍ଦୋବସ୍ତ**

➤ ଗୁହାଳ ମଧ୍ୟରେ ପରିବେଶ ଠିକ୍ ରଖିବା ପାଇଁ ଦୈନିକ ଦୁଇଥର ଗୁହାଳକୁ ସଫା କରିବା ଆବଶ୍ୟକ।

➤ ପ୍ରାଣୀଙ୍କୁ ପ୍ରତ୍ୟେକ ଦିନ ସଫା କପଡ଼ାରେ କିମ୍ବା ବ୍ରସ୍ ଦ୍ୱାରା ସଫା କରନ୍ତୁ।

➤ ପ୍ରାଣୀଙ୍କ ଲୋମକୁ ଶୀତଦିନରେ କାଟିବା ଅନୁଚିତ।

➤ ପ୍ରାଣୀମାନଙ୍କୁ ଥଣ୍ଡା ପାଣିରେ ନ ଗାଧୋଇବା ଭଲ।

**ସୁଷମ ଖାଦ୍ୟ ପରିଚାଳନା :** ଶୀତଦିନେ ସାଧାରଣତଃ ଗୃହପାଳିତ ପ୍ରାଣୀଙ୍କର ଖାଦ୍ୟ ଆବଶ୍ୟକତା ବଢ଼ିଥାଏ। ଏହି ସମୟରେ ସେମାନଙ୍କୁ ଛୁଇଁଜାତୀୟ ବର୍ସିମ ସବୁଜଘାସ ସହ ତନ୍ତୁଜାତୀୟ ନଡ଼ା, କୁଟା ଓ ଗହମ ଭୁଷି ଦେବା ଭଲ। ୧୦ଲିଟର ଦୁଗ୍ଧ ପ୍ରଦାନ କରୁଥିବା ଗୋଟିଏ ବଡ ଗାଈକୁ ଶୀତଦିନେ ୨୫-୩୦ କି.ଗ୍ରା. ଛୁଇଁଜାତୀୟ ସବୁଜ ଗୋଖାଦ୍ୟ ଦେବା ସଙ୍ଗେ ସଙ୍ଗେ ୧୦ କି.ଗ୍ରା. ନଡ଼ା ଓ ୩ କି.ଗ୍ରା. ସନ୍ତୁଳିତ ଦାନା ଦେଲେ ଭଲ ଲାଭ ମିଳିଥାଏ। ଦାନା ମଧ୍ୟରେ ମକା, ଗହମ, ଓଟ୍ ସହିତ ବାଦାମ, ପିଡ଼ିଆ, ସୋରିଷ ପିଡ଼ିଆ ଆଦି ଗୃହପାଳିତ ପ୍ରାଣୀଙ୍କ ଶରୀରକୁ ଉଷ୍ମ ରଖିଥାଏ। ଛୋଟ ଛୋଟ ପ୍ରାଣୀ ଏବଂ ବାଛୁରୀଙ୍କୁ ଦିନକୁ ୩/୪ ଥର ମା' କ୍ଷୀର ପିଇବାକୁ ଦିଅନ୍ତୁ। ପ୍ରାଣୀଙ୍କୁ ଏଦିନେ ଅତ୍ୟଧିକ ଥଣ୍ଡା ପାଣି ପିଇବାକୁ ନ ଦେଇ ନଖ ଉଷୁମ ପାଣି ପିଇବାକୁ ଦିଅନ୍ତୁ।

–ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ତିହିଡି, ଭଦ୍ରକ



# ୩ ଛାତ୍ରଙ୍କୁ ବହିଷ୍କାର, ୪ ଜଣଙ୍କୁ ଜରିମାନା

## ଭିସୁଟ୍‌ରେ ଛାତ୍ରଙ୍କୁ ରାଗିଂ ଘଟଣା

ସମ୍ବଲପୁର,୨୯।୧୧(ବ୍ୟୁରୋ)

ସମ୍ବଲପୁରର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଗତ ୨୩ ତାରିଖରେ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲି କମ୍ୟୁନିକେଶନ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର ଅନୁଭବ କୁମାର ଖମାରୀଙ୍କୁ ରାଗିଂ ହୋଇଥିଲା। ଏହି ଘଟଣାରେ ଭିସୁଟ୍ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ୩ ଜଣ ଶେଷବର୍ଷ ଛାତ୍ରଙ୍କୁ କଲେଜ ଓ ହଷ୍ଟେଲରୁ ୧ବର୍ଷ ପାଇଁ ବହିଷ୍କାର କରାଯାଇଛି। ୧ ଜାନୁୟାରୀ ୨୦୨୩ଠାରୁ ଏହା କାର୍ଯ୍ୟକାରୀ କରାଯାଇଛି। ସେମାନେ ହେଲେ ମାନସ ଟୁଡୁ, ପ୍ରୀତିଶ୍ ଏସ୍ଆର୍ ପଣ୍ଡା ଓ ଶାନ୍ତି ସ୍ୱରାଜ ରାଉତ। ସେହିପରି ଦ୍ୱିତୀୟବର୍ଷ ଛାତ୍ର ପି. ଅରବିନ୍ଦ ସେନାପତି, ଅଙ୍କିତ ମହାକୁଡ଼, ବିଆର୍ ସ୍ୱାଧୀନ, ବିଶ୍ୱଜିତ ପଟେଲଙ୍କୁ ୫ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଡିସେମ୍ବର ୧୫ ସୁଦ୍ଧା ଏହି ଟଙ୍କା ଜମା କରିବାକୁ ସେମାନଙ୍କୁ ତାଗିଦା କରାଯାଇଛି। ଛାତ୍ରମାନଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅଭିଭାବକଙ୍କୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ନଭେମ୍ବର ୨୪ରେ ଦ୍ୱିତୀୟବର୍ଷ ଛାତ୍ର ଅନୁଭବ ରାଗିଂ ନେଇ ବୁର୍ଲା ଥାନା, ଭିସୁଟ୍ କର୍ତ୍ତୃପକ୍ଷ ଓ ଆଣ୍ଟି ରାଗିଂ ସେଲ୍‌ରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ହେଲା ନଭେମ୍ବର ୨୩ତାରିଖ ରାତିରେ ସାଙ୍ଗ ସହିତ ପ୍ରୋଜେକ୍ଟ କାମ କରୁଥିଲେ। ରାତି ପ୍ରାୟ ୧୦ଟା ସମୟରେ ହଷ୍ଟେଲ ନିକଟ କ୍ୟାଣ୍ଟିନକୁ ସେ ଚିପ୍ସ କିଣିବା ପାଇଁ ଯାଇଥିଲେ। ସେଠାରେ ସିନିୟର ଛାତ୍ରମାନେ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ମାରପିଟ କରିଥିଲେ। ଏହାସହ ଆଖି ତଳକୁ କରି କଥା କହିବାକୁ କହିଥିଲେ। ଏ ସମ୍ପର୍କରେ କୌଣସି ସ୍ଥାନରେ ଅଭିଯୋଗ କଲେ କଲେଜରୁ ବଏକଟ କରିଦିଆଯିବ ବୋଲି ଧମକ ଦେଇଥିଲେ। ଅନୁଭବ ଭୟଭୀତ ହୋଇ ପ୍ରଥମେ ୱାର୍ଡେନ ଓ ପରେ ପୋଲିସକୁ ଜଣାଇଥିଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।


ସମ୍ବଲପୁର ବୁର୍ଲାସ୍ଥିତ ଭିସୁଟ୍।

# ରଙ୍ଗବତୀ ଗୀତରେ ଝୁମିଲେ ଦର୍ଶକ



ମଞ୍ଚରେ ଜୀତେନ୍ଦ୍ର ହରିପାଲ ସଂଗୀତ ପରିବେଷଣ କରୁଛନ୍ତି।

## ୩୩ତମ ବାଣିଜ୍ୟ ମେଳାର ଶେଷ ସନ୍ଧ୍ୟା

ଯାଜପୁର ଅଫିସ,୨୯।୧୧

ଯାଜପୁର ରୋଡ୍ ୩୩ତମ ବାଣିଜ୍ୟ ମେଳାର ଶେଷଦିନରେ ମୁଖ୍ୟ ଆକର୍ଷଣ ଥିଲେ ପଦ୍ମଶ୍ରୀ ଜୀତେନ୍ଦ୍ର ହରିପାଲ। ତାଙ୍କ କଣ୍ଠରେ ସୁପ୍ରସିଦ୍ଧ ରଙ୍ଗବତୀ କନକ ଲତା, ହସିପଦେ କହିଦେ କଥା...ସଂଗୀତରେ ଦର୍ଶକ ଝୁମି ଉଠିଥିଲେ। ତାଙ୍କ ସାନବୋହୂ ମିନୁ ହରିପାଲ ଏଥିରେ ସହଯୋଗ କରିଥିଲେ। କାହ୍ନୁ ଡାକି ଦେସି ନିଶା ରାତିରେ ମା... ଚପ କରାଟି ଆଦି ସମ୍ବଲପୁରୀ ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ପୁଷ୍ପକ ସୁନା, ପାରସ ହରିପାଲ, ପ୍ରଭାତ ହରିପାଲ, ମନୁ ହରିପାଲ, କ୍ରିଷ୍ଣା ସିକନ୍ଦର, ବାଦଲ ନାଗ, ଅମିର ମହାନନ୍ଦ, କେଶବ ଦୀପ ପ୍ରମୁଖ ବାଦ୍ୟ ଯନ୍ତ୍ରରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମେଳାର ଅଧ୍ୟକ୍ଷ ଜିତେନ୍ଦ୍ର ପ୍ରତିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ମେଳାର ସଦସ୍ୟ ବଳଦେବ ନନ୍ଦ, ଦେବାଂଶୁ ସିଲ, ମାନସ ରଞ୍ଜନ ସାମଲ, ସଂଗ୍ରାମ ରାଉତ, ଗୋବିନ୍ଦ ଦାଶ ଓ ଶୁଭାଶିଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।













































## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ପ୍ରିୟଙ୍କା


@ ଅବନି


@ ସୁମନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚଳଚ୍ଚିତ୍ର ପ୍ରଯୋଜକ ପ୍ରମୋଦ ସ୍ୱାଇଁଙ୍କୁ ଇଡିର ଜେରା

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ବହୁଚର୍ଚ୍ଚିତ ଲେଡି ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ବେଆଇନ ଆର୍ଥିକ କାରବାରର ଚେର କେଉଁଆଡ଼େ ଲମ୍ବିଛି ତାହାର ଖୋଳତାଡ଼ ଜାରି ରଖିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଅର୍ଚ୍ଚନାଙ୍କ ସହ ଆର୍ଥିକ କାରବାର କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣକ ପରେ ଜଣଙ୍କୁ ଜେରା କରି ତଥ୍ୟ ହାସଲ କରୁଛି ଇଡି। ଏହାରି ଭିତରେ ମଙ୍ଗଳବାର ଅର୍ଚ୍ଚନା ରହୁଥିବା ଘର ମାଲିକ ତଥା ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ପ୍ରମୋଦ ସ୍ୱାଇଁଙ୍କୁ ଇଡି ଜେରା କରିଛି। ୫ ବର୍ଷ ତଳେ ଅର୍ଥାତ୍ ୨୦୧୭ରେ ଅର୍ଚ୍ଚନା ଓ ପ୍ରମୋଦଙ୍କ ମଧ୍ୟରେ ଘଟିଥିବା କିଛି ରୋଚକ ଘଟଣାକୁ ନେଇ ଇଡି ପଚରାଉଚରା କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅର୍ଚ୍ଚନା ଭୁବନେଶ୍ୱର ଆସିବା ପରେ ୨୦୧୬ରୁ ପ୍ରାୟ ୧୧ ମାସ ଧରି ଭୁବନେଶ୍ୱର ବରମୁଣ୍ଡାସ୍ଥିତ ପ୍ରମୋଦଙ୍କ ଘରେ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ସହ ଭଡ଼ାରେ ରହୁଥିଲେ। ଏପରିକି ଉପର ମହଲାରେ ସହଯୋଗୀ ଶ୍ରଦ୍ଧାଞ୍ଜଳି ମଧ୍ୟ ରହୁଥିଲେ। ସେତେବେଳେ ୯ ହଜାର ଟଙ୍କା ମାସିକ ଭଡ଼ା ଥିଲା। ୨ ମାସ ଟଙ୍କା ଦେବା ପରେ ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳି ଭଡ଼ା ଟଙ୍କା ଦେବା ବନ୍ଦ କରିଦେଇଥିଲେ। ଘର ଛାଡ଼ିବାକୁ କହିବାରୁ ଅର୍ଚ୍ଚନା ୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଭଡ଼ା ଟଙ୍କା ନ ଦେବାରୁ ୨୦୧୭ ସେପ୍ଟେମ୍ବରରେ ପ୍ରମୋଦ ଖଣ୍ଡଗିରି ଥାନାରେ ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳିଙ୍କ ନାମରେ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାର ୨ମାସ ପରେ ପ୍ରମୋଦଙ୍କ ନାମରେ


ପ୍ରମୋଦ ସ୍ୱାଇଁ

ଅର୍ଚ୍ଚନା ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଥିଲେ। ଅର୍ଚ୍ଚନା ତାଙ୍କ ଏତଲାରେ ଉଲ୍ଲେଖ କରିଥିଲେ, ହିରୋଇନ କରିବାକୁ ପ୍ରତିଶ୍ରୁତି ଦେଇ ପ୍ରମୋଦ ତାଙ୍କର ଅଶ୍ଳୀଳ ଫଟୋ ଉଠାଇ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏପରିକି ସେ ଗର୍ଭବତୀ ଥିବା ସମୟରେ ଶାରୀରିକ ସମ୍ପର୍କ

### ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ମାମଲା

■ ୫ ବର୍ଷ ତଳର ଘଟଣାକୁ ନେଇ ପଚରାଉଚରା

ରଖିବାକୁ ବାଧ୍ୟ କରୁଥିଲେ। ଅନ୍ୟପକ୍ଷରେ ଏହି ଅଭିଯୋଗ ପରେ ଉଭୟଙ୍କ ମଧ୍ୟରେ ମାମଲାର ରଫାଦଫା ହୋଇଥିଲା ବୋଲି କୁହାଯାଉଛି। ଏହା ପଛରେ ବଡ଼ ଡିଲ୍ ହୋଇଥିବା ଇଡି ସନ୍ଦେହ କରିଛି।

ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ପ୍ରମୋଦ ନୟାପଲ୍ଲୀସ୍ଥିତ ଇଡିର ଆଞ୍ଚଳିକ କାର୍ଯ୍ୟାଳୟରେ ହାଜର ହେବା ସମୟରେ ଗଣମାଧ୍ୟମକୁ କହିଥିଲେ, ଅର୍ଚ୍ଚନା ତାଙ୍କୁ ବ୍ଲାକ୍‌ମେଲ୍ କରିଥିଲେ। ଜେରା ପରେ ବାହାରିବା ପରେ ସବୁ କହିବି ବୋଲି କହିଥିଲେ। ତେବେ ଇଡି ତାଙ୍କୁ ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ କରିଥିବା ସୂଚନା ମିଳିଛି। ଅର୍ଚ୍ଚନା କେତେ ଟଙ୍କା ଭଡ଼ା ଦେଉଥିଲେ, କିଏ କିଏ ତାଙ୍କ ଘରକୁ ଆସୁଥିଲେ, କି ପରିଚୟ ଦେଉଥିଲେ, ୫ ବର୍ଷ ତଳର ମାମଲାକୁ ନେଇ ଟଙ୍କା ଡିଲ୍ ହୋଇଥିଲା କି ଏପରି ବିଭିନ୍ନ ଦିଗକୁ ନେଇ ପ୍ରମୋଦଙ୍କୁ ଇଡି ପଚରାଉଚରା କରି ତଥ୍ୟ ପାଇଛି। ଅନ୍ୟପଟେ ଜେଲରେ ଦିନ କାଟୁଥିବା ଅର୍ଚ୍ଚନା ଓ ସ୍ୱାମୀ ଜଗବନ୍ଧୁ ବୁଧବାର କୋର୍ଟରେ ହାଜର ହେବେ। ଏହାପରେ ଉଭୟଙ୍କୁ ଅଧିକ ପଚରାଉଚରା ଲାଗି ଇଡି ରିମାଣ୍ଡରେ ଆଣିବ। ନାଗ-ଚାନ୍ଦ ଦମ୍ପତିଙ୍କୁ ରିମାଣ୍ଡରେ ଆଣିବା ପରେ ଶ୍ରଦ୍ଧାଞ୍ଜଳିଙ୍କୁ ପୁଣି ଥରେ ଡାକି ମୁହାଁମୁହିଁ ଜେରା କରିବାକୁ ଇଡି ଯୋଜନା କରିଛି। ଏପରିକି ଶ୍ରଦ୍ଧାଞ୍ଜଳି ଓ ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ଡକାଇ ନାଗ-ଚାନ୍ଦ ଦମ୍ପତିଙ୍କ ସହ ଇଡି ଚତୁଃମୁଖୀ ଜେରା କରିପାରେ ବୋଲି କୁହାଯାଉଛି। ତେବେ ଅର୍ଚ୍ଚନା ରିମାଣ୍ଡରେ ଆସିବା ପରେ କିଛି ବଡ଼ବଡ଼ିଆ ଜେରା ହେବାକୁ ଆସିପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

## ମଧ୍ୟାହ୍ନଭୋଜନ ଖାଇ ୧୧୬ ଛାତ୍ରୀଛାତ୍ର ଅସୁସ୍ଥ

**ଖମାର, ୨୯।୧୧ (ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ରଜଡ଼ଙ୍ଗ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ମଧ୍ୟାନଭୋଜନ ଖାଇ ୧୧୬ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଛନ୍ତି। ସେମାନଙ୍କୁ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମଧ୍ୟାନଭୋଜନରେ ଖାଇଥିବା ସୋୟା ବଡି ନିମ୍ନମାନର ଥିବା କାରଣରୁ ଛାତ୍ରୀଛାତ୍ରମାନେ ଅସୁସ୍ଥ ହୋଇଥିବା ଅଭିଭାବକମାନେ ସନ୍ଦେହ କରୁଛନ୍ତି। ସେହିପରି ବିଷାକ୍ତ ଖାଦ୍ୟ ପାଇଁ ଛାତ୍ରୀଛାତ୍ରମାନଙ୍କ ବାନ୍ତି ହେଉଥିବା ମେଡିକାଲ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

ASTHA School of Management
(Approved by AICTE, Govt. of India & Affiliated to BPUT, Govt. of Odisha)
261, Panchamukhi Vihar, Atala, Balianta, Bhubaneswar- 752101,
E-mail: asthaschoolmgm@gmail.com, www.asthaeducation.in
MBA
2 Years Full-Time
Institutional Member
- Best College – Placement & Pedagogy, 2022.
- Best Management Institute – Pedagogy & Placement, 2021.
- Best Educational Institute, 2020.
- Eduquest Odisha Excellence Award for Excellent Campus Recruitment, 2018.
- Top 20 B-School in Eastern India, 2014 & 2016.
- Best B-School (East), 2015.
- Emergent B-School, 2013.
Recruiters:

TPCODL
TP CENTRAL ODISHA DISTRIBUTION LIMITED
(A Tata Power and Odisha Government Joint Venture)
REVOLUTION begins at HOME
Now you can pay your electricity bill through
Mitra App
Phone Pe
Amazon Pay
PayTM
Get 3% additional rebate on Digital Payment.
For any further queries, please contact us at 1912 / 1800 - 345 - 7122

DSPL-308
NATIONAL HEALTH MISSION
# ପୁରୁଷ ବନ୍ଧ୍ୟାକରଣ ପକ୍ଷ
୨୦ ନଭେମ୍ବର ରୁ ୦୪ ଡିସେମ୍ବର, ୨୦୨୨
ସେହି ଦମ୍ପତି ଅଟନ୍ତି ଦାୟିତ୍ୱବାନ୍ ଯିଏ କରନ୍ତି ପରିବାର ପ୍ଲାନ୍
"ଏବେ ପୁରୁଷ ତୁଲାଇବେ ଦାୟିତ୍ୱ ନିଜର, ପରିବାର ନିୟୋଜନ ଆପଣାଇ ହେବେ ଭାଗିଦାର"
ଏହି ସେବା ଗ୍ରହଣକାରୀଙ୍କ ପାଇଁ ଟ.୨୦୦୦ଙ୍କା ପ୍ରୋତ୍ସାହନ ରାଶିର ସୁବିଧା



- ପୁରୁଷମାନଙ୍କ ପାଇଁ ଏନ୍.ଏସ୍.ଭି. ଏକ ସହଜ, ଫଳପ୍ରଦ ଓ ସୁରକ୍ଷିତ ଜନ୍ମନିରୋଧ ଉପାୟ।
- ଏଥିପାଇଁ ବେଶି କଟାକଟି ବା ସିଲେଇର ଆବଶ୍ୟକତା ନାହିଁ।
- ଏହାର କୌଣସି ଜଟିଳ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ।
- ଏହାଦ୍ୱାରା ପୁରୁଷତ୍ୱ ଓ ଯୌନସୁଖ ହ୍ରାସ ହୁଏ ନାହିଁ।

ଏହି ପଦ୍ଧତି ଗ୍ରହଣ ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ / ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଗାଯୋଗ କରନ୍ତୁ।
ପରିବାର ନିୟୋଜନର ନୂଆ ଏବଂ ସହଜ ଉପାୟ ଗୁଡିକର ସମ୍ପୂର୍ଣ୍ଣ ସୂଚନା ପାଇଁ ଫ୍ରି କଲ୍: ୧୮୦୦ ୧୧୬ ୫୫୫ କିମ୍ବା ୱେବ ସାଇଟ୍: humdo.nhp.gov.in ପରିଦର୍ଶନ କରନ୍ତୁ।
ଇଞ୍ଜେକସନ୍ ଏମ.ପି.ଏ. (ଅନ୍ତରା) | ଜରୁରୀକାଳୀନ ଗର୍ଭନିରୋଧକ ବଟିକା | ଗର୍ଭନିରୋଧକ ବଟିକା (ମାଲା-ଏନ୍ / ଛାୟା) | କପର (ଆଇ.ୟୁ.ସି.ଡି 375 ଆଇ.ୟୁ.ସି.ଡି 380 A) | କଣ୍ଡୋମ | ପୁରୁଷ ବନ୍ଧ୍ୟାକରଣ | ମହିଳା ବନ୍ଧ୍ୟାକରଣ
facebook.com/HFWOdisha
http://www.health.odisha.gov.in/
@HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
OIPR-10003/13/0118/2223

DSPL - 309
FICCI
ODISHA NEW OPPORTUNITIES
Odisha's 3rd flagship Investors' Summit



MAKE IN ODISHA CONCLAVE'22
BHUBANESWAR | 30 NOV, 04 DEC | 2022
Come, Join the Juggernaut
Invest in Odisha, Invest in the Future
Shri Naveen Patnaik
Hon'ble Chief Minister, Odisha
E&IT Department Presents
Business Leadership Talk
1st December,2022, Hall-4,(4:30 PM-5:30 PM)
Nivruti Rai, Country Head Intel India
Ajai Chowdhry, Co-Founder, HCL
Prativa Mohapatra, Country Head Adobe India
Atul Dhawan, Chairperson Deloitte
Tusharkanti Behera, Hon'ble Minister, E&IT Department
Manoj Kumar Mishra, Secretary, E&IT Department
Sectoral Session
2nd December,2022, Hall -3,(2:30 PM-4:30 PM)
Karan Adani, CEO Adani Ports & SEZ
Shivraj Dharne, Director Global Foundries
Rajat Ojha, CEO Gamitronics
Shailender Kumar, Managing Director Oracle
Amit Sharma, Managing Partner IBM
Satya Gupta, CEO EPIC Foundation
Odisha Electronics and IT Advantage
✓ 4 Newly Notified Policies Offering Wide Range of Incentives
✓ IT Policy , Electronics Policy, BPO Policy, Data Center Policy
✓ Best-in-Class IT SEZs and Towers
✓ EMC park providing all testing and prototyping facilities
Topics to be covered
✓ Web 3.0
✓ Digital Governance
✓ Data Center
✓ Cloud Technology
✓ AVGC
✓ Semi Conductor Manufacturing
✓ Skill Building in Emerging Technologies
The leading destination of choice for Investors in Electronics & IT
• Make in Odisha IT excellence awards to be presented
• MoUs to be unveiled
Register at https://mio.investodisha.gov.in Download MIO Conclave'22 APP
COME, JOIN THE JUGGERNAUT
Electronics and Information Technology Department, Government of Odisha
E& IT Department, Goverment of Odisha
ocac Odisha Computer Application Centre
Odisha Computer Application Centre, OCAC Building, Plot No. N-1/7D, Acharya Vihar, RRL Post Office, Bhubaneswar-751013, Odisha, India Email: mio.eit@odisha.gov.in
OIPR-16003/13/0072/2223

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ନଭେମ୍ବର ୩୦/୨୦୨୨ Sambalpur, Wednesday, November 30/ 2022


କୋଡି ଗାକ୍‌ପୋ

## ବିରଳ କ୍ଲବରେ ଗାକ୍‌ପୋ

**ଦୋହା, ୨୯।୧୧:** ଚଳିତ ଫିଫା ବିଶ୍ୱକପରେ ଏକ ବିରଳ କୃତିତ୍ୱର ଅଧିକାରୀ ହୋଇଛନ୍ତି ନେଦରଲାଣ୍ଡର କୋଡି ଗାକ୍‌ପୋ। ସେ ନେଦରଲାଣ୍ଡର ୪ର୍ଥ ଖେଳାଳିଭାବେ କ୍ରମାଗତ ୩ଟି ବିଶ୍ୱକପ ମ୍ୟାଚରେ ଗୋଲ ସ୍କୋର କରିଛନ୍ତି। ଗାକ୍‌ପୋଙ୍କ ପୂର୍ବରୁ ନେଦରଲାଣ୍ଡର ଜୋହାନ ନିସକେନ୍ସ, ଡେନିସ ବର୍ଗକାମ୍ପ ଓ ୱେସଲି ସ୍ନିଡର ଏହି କ୍ଲବର ସଦସ୍ୟ ଅଛନ୍ତି। ଚଳିତ ବିଶ୍ୱକପରେ ଗାକ୍‌ପୋ ମଙ୍ଗଳବାର ଆୟୋଜକ କାତାର ବିପକ୍ଷରେ ନେଦରଲାଣ୍ଡ ପକ୍ଷରୁ ପ୍ରଥମ ଗୋଲଟି ସ୍କୋର କରିଥିଲେ। ପୂର୍ବରୁ ସେ ସେନେଗାଲ ଓ ଇକ୍ୱେଡର ବିପକ୍ଷରେ ମଧ୍ୟ ଗୋଲ ଦେଇଥିଲେ। ଅର୍ଥାତ୍ ନେଦରଲାଣ୍ଡକୁ ନକ୍‌ଆଉଟକୁ ନେବାରେ ଗାକ୍‌ପୋଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

# ନକ୍ ଆଉଟ ଆଶାରେ ଅଷ୍ଟ୍ରେଲିଆ

**ଦୋହା, ୨୯।୧୧**

ଫିଫା ବିଶ୍ୱକପ୍‌ର ଗ୍ରୁପ୍ 'ଡି'ରେ ବୁଧବାର ଅଷ୍ଟ୍ରେଲିଆ ଓ ଡେନ୍‌ମାର୍କ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଏହି ଗ୍ରୁପରେ ଫ୍ରାନ୍ସ ୨ ମ୍ୟାଚ ଜିତି ରାଉଣ୍ଡ ଅଫ୍-୧୬ରେ ପ୍ରବେଶ କରିସାରିଛି। ଅଷ୍ଟ୍ରେଲିଆ ୨ଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟ ଦୁଇ ଦଳ ଡେନମାର୍କ ଓ ଟ୍ୟୁନିସିଆ ଗୋଟିଏ ଲେଖାଏ ପଏଣ୍ଟ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ତେଣୁ ଆଗାମୀ ମ୍ୟାଚରେ ଡେନମାର୍କକୁ ହରାଇ ଅଷ୍ଟ୍ରେଲିଆ ଗ୍ରୁପର ଦ୍ୱିତୀୟ ଦଳଭାବେ ନକ୍‌ଆଉଟରେ ପ୍ରବେଶ ଆଶା ରଖିଛି।

ଅଷ୍ଟ୍ରେଲିଆ ଏହାର ପ୍ରଥମ ମ୍ୟାଚରେ ଗତଥରର ଚାମ୍ପିୟନ ଫ୍ରାନ୍ସଠାରୁ ୧-୪ ଗୋଲରେ ହାରି ଯାଇଥିଲା। ଦ୍ୱିତୀୟ ମ୍ୟାଚରେ ଟ୍ୟୁନିସିଆକୁ ୧-୦ ଗୋଲରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୧୮ ବିଶ୍ୱକପ ଖେଳିବା ମଧ୍ୟରେ ଅଷ୍ଟ୍ରେଲିଆର ଏହାଥିଲା ମାତ୍ର ୩ୟ ବିଜୟ। ପୂର୍ବରୁ କେବଳ ଥରେ ୨୦୦୬ରେ ଅଷ୍ଟ୍ରେଲିଆ ରାଉଣ୍ଡ ଅଫ୍-୧୬ରେ ପ୍ରବେଶ କରିଥିଲା। ଏବେ ତାହାର ପୁନରାବୃତ୍ତି ଘଟାଇବା ସୁଯୋଗ ଆସିଛି। ତେବେ ଆଗାମୀ ମ୍ୟାଚରେ ଏହାର ପ୍ରତିଦ୍ୱନ୍ଦ୍ୱୀ ଡେନମାର୍କ ହେଉଛି ୟୁରୋପିଆନ ଚାମ୍ପିୟନଶିପ୍ ସେମିଫାଇନାଲିଷ୍ଟ। ତେଣୁ ଆଗକୁ ବଢ଼ିବାକୁ ହେଲେ ଅଷ୍ଟ୍ରେଲିଆକୁ କଡ଼ା ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ଟ୍ୟୁନିସିଆ ବିପକ୍ଷରେ ଗୋଲ ସ୍କୋର କରି ଅଷ୍ଟ୍ରେଲିଆ ଆଶାକୁ ଉଜ୍ଜୀବିତ ରଖିଛନ୍ତି ଷ୍ଟ୍ରାଇକର ମିଚେଲ ଡ୍ୟୁକ୍। ବିଶ୍ୱକପରେ ଅଷ୍ଟ୍ରେଲିଆ ଏହାର ତୃତୀୟ ମ୍ୟାଚ ବିଜୟ ହାସଲ କରିବା ଭଲ କଥା, ମାତ୍ର ଏଥିରେ ଆମେ ଅତ୍ୟଧିକ ଉଲ୍ଲସିତ ନୋହୁଁ ବୋଲି ଡ୍ୟୁକ୍ ପ୍ରକାଶ କରିଛନ୍ତି। ଡେନ୍‌ମାର୍କ ବିପକ୍ଷରେ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିବା ଦଳର ପ୍ରଥମ ଲକ୍ଷ୍ୟ ବୋଲି ସେ କହିଛନ୍ତି।

ଅଷ୍ଟ୍ରେଲିଆ ବିଜୟୀ ହେଲେ ସିଧାସଳଖ ନକ୍‌ଆଉଟକୁ ଯୋଗ୍ୟତା ଅର୍ଜନ କରିବ। ଡ୍ର ରଖିଲେ ମଧ୍ୟ ଦଳର ଆଶା ରହିବ। ମାତ୍ର ଯଦି ଟ୍ୟୁନିସିଆ ଏହାର ଶେଷ ମ୍ୟାଚରେ ଶକ୍ତିଶାଳୀ ଫ୍ରାନ୍ସକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରେ ତେବେ ହୁଏତ ଅଙ୍କଗଣନା ଓଲଟପାଲଟ ହୋଇପାରେ। ମାତ୍ର ଏହି ସମ୍ଭାବନା କ୍ଷୀଣ। ''ଫ୍ରାନ୍ସ ଖେଳାଳିମାନେ ଏବେ ବ୍ୟକ୍ତିଗତ ପୁରସ୍କାର ପାଇଁ ଭୋକିଲା ଅଛନ୍ତି। ଫରୱାର୍ଡ କିଲିଆନ ଏମ୍‌ବାପେ ଗୋଲ ସ୍କୋରିଂ ଧାରା ବଜାୟ ରଖି ଗୋଲ୍ଡେନ ବୁଟ୍ ପାଇବାକୁ ଚାହିଁବେ। ଦଳର ଅନ୍ୟ ଖେଳାଳିମାନେ ମଧ୍ୟ ଏପରି ମନୋଭାବ ପୋଷଣ କରିଥିବେ'' ବୋଲି ଡ୍ୟୁକ୍ କହିଛନ୍ତି। ପୂର୍ବରୁ ୨୦୧୮ରେ ଅଷ୍ଟ୍ରେଲିଆ ଓ ଡେନ୍‌ମାର୍କ ମଧ୍ୟରେ ମୁକାବିଲା ହୋଇଥିଲା। ଏହି ମ୍ୟାଚଟି ୧-୧ ଗୋଲରେ ଡ୍ର ରହିଥିଲା। ଚଳିତ ବିଶ୍ୱକପରେ ଡେନମାର୍କରେ ପ୍ରଦର୍ଶନ ଆଶାନୁରୂପ ହୋଇନାହିଁ। ଅପେକ୍ଷାକୃତ ଦୁର୍ବଳ ଟ୍ୟୁନିସିଆ ବିପକ୍ଷ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିବାବେଳେ ଫ୍ରାନ୍ସଠାରୁ ୧-୨ ଗୋଲରେ ହରି ଯାଇଥିଲା। ତେଣୁ ଆଗାମୀ ମ୍ୟାଚରେ ଡେନମାର୍କ କେବଳ ବିଜୟ ଲକ୍ଷ୍ୟ ନେଇ ଖେଳିବ ବୋଲି ଏହାର କୋଚ୍ କାସ୍ପର ହିଜୁଲମଣ୍ଡ ସ୍ପଷ୍ଟ କରିଛନ୍ତି।

### ଫିଫା ବିଶ୍ୱକପ

**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ଡେନ୍‌ମାର୍କ**
ସ୍ଥାନ: ଅଲ ଜନୌବ ଷ୍ଟାଡିୟମ ଷ୍ଟାଡିୟମ, ସମୟ: ରାତି ୮.୩୦

**ଟ୍ୟୁନିସିଆ ବନାମ ଫ୍ରାନ୍ସ**
ସ୍ଥାନ: ଏଜୁକେଶନ୍ ସିଟି ଷ୍ଟାଡିୟମ, ସମୟ: ରାତି ୮.୩୦

**ସାଉଦି ଆରବ ବନାମ ମେକ୍ସିକୋ**
ସ୍ଥାନ: ଲୁସେଲ ଷ୍ଟାଡିୟମ, ସମୟ: ରାତି ୧୨.୩୦

**ପୋଲାଣ୍ଡ ବନାମ ଆର୍ଜେଣ୍ଟିନା**
ସ୍ଥାନ: ରସ ଆବୁ ଅବୌଦ ଷ୍ଟାଡିୟମ, ସମୟ: ରାତି ୧୨.୩୦

## ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ବିଜୟ | ଡ୍ର | ପରାଜୟ | ସ.ଗୋଲ | ବି.ଗୋଲ | ପଏଣ୍ଟ |
|---|---|---|---|---|---|---|---|
| **ଗ୍ରୁପ୍ 'ଏ'** | | | | | | | |
| ନେଦରଲାଣ୍ଡ | ୨ | ୧ | ୧ | ୦ | ୩ | ୧ | ୪ |
| ଇକ୍ୱେଡର | ୨ | ୧ | ୧ | ୦ | ୩ | ୧ | ୪ |
| ସେନେଗାଲ | ୨ | ୧ | ୦ | ୧ | ୩ | ୩ | ୩ |
| କାତାର | ୨ | ୦ | ୦ | ୨ | ୧ | ୫ | ୦ |
| **ଗ୍ରୁପ୍ 'ବି'** | | | | | | | |
| ଇଂଲଣ୍ଡ | ୨ | ୧ | ୧ | ୦ | ୬ | ୨ | ୪ |
| ଇରାନ | ୨ | ୧ | ୦ | ୧ | ୪ | ୬ | ୩ |
| ଆମେରିକା | ୨ | ୦ | ୨ | ୦ | ୧ | ୧ | ୨ |
| ୱେଲ୍ସ | ୨ | ୦ | ୧ | ୧ | ୧ | ୩ | ୧ |
| **ଗ୍ରୁପ୍ 'ସି'** | | | | | | | |
| ପୋଲାଣ୍ଡ | ୨ | ୧ | ୧ | ୦ | ୨ | ୦ | ୪ |
| ଆର୍ଜେଣ୍ଟିନା | ୨ | ୧ | ୦ | ୧ | ୩ | ୨ | ୩ |
| ସାଉଦି ଆରବ | ୨ | ୧ | ୦ | ୧ | ୨ | ୩ | ୩ |
| ମେକ୍ସିକୋ | ୨ | ୦ | ୧ | ୧ | ୦ | ୨ | ୧ |
| **ଗ୍ରୁପ୍ 'ଡି'** | | | | | | | |
| ଫ୍ରାନ୍ସ | ୨ | ୨ | ୦ | ୦ | ୬ | ୨ | ୬ |
| ଅଷ୍ଟ୍ରେଲିଆ | ୨ | ୧ | ୦ | ୧ | ୨ | ୪ | ୩ |
| ଡେନମାର୍କ | ୨ | ୦ | ୧ | ୧ | ୧ | ୨ | ୧ |
| ଟ୍ୟୁନିସିଆ | ୨ | ୦ | ୧ | ୧ | ୦ | ୧ | ୧ |
| **ଗ୍ରୁପ୍ 'ଇ'** | | | | | | | |
| ସ୍ପେନ | ୨ | ୧ | ୧ | ୦ | ୮ | ୧ | ୪ |
| ଜାପାନ | ୨ | ୧ | ୦ | ୧ | ୨ | ୨ | ୩ |
| କୋଷ୍ଟାରିକା | ୨ | ୧ | ୦ | ୧ | ୧ | ୭ | ୩ |
| ଜର୍ମାନୀ | ୨ | ୦ | ୧ | ୧ | ୨ | ୩ | ୧ |
| **ଗ୍ରୁପ୍ 'ଏଫ'** | | | | | | | |
| କ୍ରୋଏସିଆ | ୨ | ୧ | ୧ | ୦ | ୪ | ୧ | ୪ |
| ମରକ୍କୋ | ୨ | ୧ | ୧ | ୦ | ୨ | ୦ | ୪ |
| ବେଲଜିୟମ | ୨ | ୧ | ୦ | ୧ | ୧ | ୨ | ୩ |
| କାନାଡ଼ା | ୨ | ୦ | ୦ | ୨ | ୧ | ୫ | ୦ |
| **ଗ୍ରୁପ୍ 'ଜି'** | | | | | | | |
| ବ୍ରାଜିଲ | ୨ | ୨ | ୦ | ୦ | ୩ | ୦ | ୬ |
| ସୁଇଜରଲାଣ୍ଡ | ୨ | ୧ | ୦ | ୧ | ୧ | ୧ | ୩ |
| କାମେରୁନ | ୨ | ୦ | ୧ | ୧ | ୩ | ୪ | ୧ |
| ସର୍ବିୟା | ୨ | ୦ | ୧ | ୧ | ୩ | ୫ | ୧ |
| **ଗ୍ରୁପ୍ 'ଏଚ୍'** | | | | | | | |
| ପର୍ତ୍ତୁଗାଲ | ୨ | ୨ | ୦ | ୦ | ୫ | ୨ | ୬ |
| ଘାନା | ୨ | ୧ | ୦ | ୧ | ୫ | ୫ | ୩ |
| ଦକ୍ଷିଣ କୋରିଆ | ୨ | ୦ | ୧ | ୧ | ୨ | ୩ | ୧ |
| ଉରୁଗୁଏ | ୨ | ୦ | ୧ | ୧ | ୦ | ୨ | ୧ |

# ଆର୍ଜେଣ୍ଟିନା ଓ ମେସିଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ

**ପୋଲାଣ୍ଡ ବିପକ୍ଷ ମ୍ୟାଚ ଆଜି**

**ଦୋହା, ୨୯।୧୧**

ଚଳିତ ଫିଫା ବିଶ୍ୱକପ୍‌ର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଉପନୀତ। ଗ୍ରୁପ୍ ପର୍ଯ୍ୟାୟର ତୃତୀୟ ତଥା ଶେଷ ରାଉଣ୍ଡ ଖେଳ ଆରମ୍ଭ ହୋଇଯାଇଛି। କେଉଁ ଦଳ ନକ୍‌ଆଉଟକୁ ଯିବ କିମ୍ବା କେଉଁ ଦଳ ବିଦାୟ ନେବ ତାହା ଏହି ରାଉଣ୍ଡରୁ ସ୍ପଷ୍ଟ ହୋଇଯାଉଛି। କାତାରରେ ବିଶ୍ୱକପ ଆରମ୍ଭ ପୂର୍ବରୁ ଅନ୍ୟତମ ଟାଇଟଲ ଫେଭରାଇଟର ଆଖ୍ୟା ପାଇଥିବା ଆର୍ଜେଣ୍ଟିନା ଏହାର ପ୍ରଥମ ମ୍ୟାଚରେ ସୌଦି ଆରବ ନିକଟରୁ ହାରିଯାଇଥିବାରୁ କଠିନ ପରିସ୍ଥିତି ଦେଇ ଗତି କରୁଛି। ଦ୍ୱିତୀୟ ମ୍ୟାଚରେ ଯଦିଓ ଏହି ଦଳ ମେକ୍ସିକୋକୁ ହରାଇବାରେ ସକ୍ଷମ ହୋଇଛି ତେବେ ନକ୍‌ଆଉଟ ପ୍ରବେଶ ଏବେ ମଧ୍ୟ କଷ୍ଟସାଧ୍ୟ ରହିଛି। ଗ୍ରୁପ୍ 'ସି'ରେ ଏହି ଦଳ ବୁଧବାର ପୋଲାଣ୍ଡକୁ ଭେଟିବାକୁ ଯାଉଛି। ପୋଲାଣ୍ଡ ଏବେ ଗ୍ରୁପରେ ଟେବୁଲ ଟପ୍ପର ରହିଛି। ଏହି ଦଳ ମେକ୍ସିକୋ ବିପକ୍ଷ ମ୍ୟାଚକୁ ଡ୍ର ରଖିବାପରେ ସୌଦିଆରବକୁ ହରାଇ ନକ୍‌ଆଉଟ ପ୍ରବେଶ ଆଶା ଉଜ୍ଜୀବିତ ରଖିଛି। ତେବେ ରାଉଣ୍ଡ ଅଫ୍-୧୬କୁ ଯିବାକୁ ହେଲେ ଆର୍ଜେଣ୍ଟିନାକୁ କୌଣସିମତେ ଆଗାମୀ ମ୍ୟାଚରେ ପୋଲାଣ୍ଡକୁ ହରାଇବାକୁ ପଡ଼ିବ। ମାତ୍ର ଏହା ସହଜ ହେବନାହିଁ ନିଶ୍ଚିତ। ଦଳର ତାରକା ଖେଳାଳି ଲିଓନେଲ ମେସିଙ୍କର ଏହା ଶେଷ ବିଶ୍ୱକପ। ବିଶ୍ୱକପ ବିଜୟୀ ହେବା ମେସିଙ୍କର ସ୍ୱପ୍ନ ରହିଛି। ଏହାକୁ ସାକାର କରିବାକୁ ହେଲେ ଆର୍ଜେଣ୍ଟିନାକୁ ପ୍ରଥମେ ପୋଲାଣ୍ଡ ହର୍ଡଲ୍ସ ଅତିକ୍ରମ କରିବାକୁ ପଡ଼ିବ। ନ ହେଲେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟନେବା ପରିସ୍ଥିତି ସୃଷ୍ଟି ହେବ। ପୋଲାଣ୍ଡର ତାରକା ଷ୍ଟ୍ରାଇକର ରବର୍ଟ ଲିୱାଣ୍ଡସ୍କିଙ୍କର ମଧ୍ୟ ଏହା ଶେଷ ବିଶ୍ୱକପ ବୋଲି ବିବେଚନା କରାଯାଉଛି। ତେଣୁ ସେ ମଧ୍ୟ ସମ୍ମାନର ସହ ଅଭିଯାନ ଶେଷ କରିବାକୁ ଆଶା ରଖିଛନ୍ତି।


ଲିଓନେଲ ମେସି

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫୁଟବଲ ଖେଳାଳି ମେସି ପୂର୍ବରୁ ଅନେକଥର ଘଡ଼ିସନ୍ଧି ମୁହୂର୍ତ୍ତରେ ଆର୍ଜେଣ୍ଟିନାକୁ ଉଦ୍ଧାର କରିଛନ୍ତି। ତେଣୁ ଆଗାମୀ ମ୍ୟାଚରେ ଦଳ ତାଙ୍କଠାରୁ ସେପରି ପ୍ରଦର୍ଶନ ଆଶା କରିବ। ପୋଲାଣ୍ଡ ବିପକ୍ଷରେ ବିଜୟୀ ହେଲେ ଆର୍ଜେଣ୍ଟିନା ସିଧାସଳଖ ନକ୍‌ଆଉଟରେ ପ୍ରବେଶ କରିବ। ମ୍ୟାଚ ଡ୍ର ରଖିଲେ ମଧ୍ୟ ଦଳର ଆଶା ରହିବ। ତେବେ ସୌଦିଆରବ ଏବଂ ମେକ୍ସିକୋ ମ୍ୟାଚର ଫଳାଫଳ ଉପରେ ନିର୍ଭର କରିବ। ପରାଜିତ ହେଲେ ବିଦାୟ ନେବା ସାରହେବ। ତେଣୁ ଆଗାମୀ ମ୍ୟାଚ ଆର୍ଜେଣ୍ଟିନା ସମର୍ଥକଙ୍କ ପାଇଁ ବେଶ୍ ଭାବବିହ୍ୱଳ ରହିବ। ଆର୍ଜେଣ୍ଟିନା ଶେଷଥର ପାଇଁ ୨୦୦୨ରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଚଳିତ ବିଶ୍ୱକପ୍‌ର ପୂର୍ବ ୨ଟି ମ୍ୟାଚରେ ମେସି ଗୋଲ ସ୍କୋର କରି ସାରିଛନ୍ତି। ତେଣୁ ସେ କ୍ରମାଗତ ତୃତୀୟ ମ୍ୟାଚରେ ମଧ୍ୟ ଗୋଲ କରିବାନେଇ ଆଶା ରହିବ। ୨୦୨୨ରେ ମେସି ଆର୍ଜେଣ୍ଟିନା ପାଇଁ ୧୩ ଗୋଲ ଦେଇ ସାରିଛନ୍ତି। ଏକ କ୍ୟାଲେଣ୍ଡର ବର୍ଷରେ ଏହା ତାଙ୍କର କ୍ୟାରିୟର ଶ୍ରେଷ୍ଠ।

ମେସିଙ୍କ ସ୍ୱାସ୍ଥ୍ୟକୁ ନେଇ ସାମାନ୍ୟ ଚିନ୍ତା ରହିଛି। ସେ ସୌଦିଆରବ ବିପକ୍ଷରେ ପୂରା ୯୦ ମିନିଟ ଖେଳିଥିଲେ। ମେକ୍ସିକୋ ବିପକ୍ଷ ମ୍ୟାଚର ଶେଷ ଭାଗରେ କିନ୍ତୁ ସେ ଅସହଜ ମନେ ହୋଇଥିଲେ। ବଲ୍ ସହ ବୁଲିପଡ଼ିବା ବେଳକୁ ପାଦରେ ଯନ୍ତ୍ରଣା ଅନୁଭବ କରୁଥିବା ଜଣା ପଡୁଥିଲା। ତେବେ ଏଥିପାଇଁ କିଛି ଚିନ୍ତା କରିବାର ନାହିଁ ବୋଲି ୩୫ ବର୍ଷୀୟ ମେସି ପ୍ରକାଶ କରିଥିଲେ। ଆର୍ଜେଣ୍ଟିନା କୋଚ୍ ଲିଓନେଲ ସ୍କାଲୋନି ଫରୱାର୍ଡ ଲୌଟାରୋ ମାର୍ଟିନେଜଙ୍କୁ ନେଇ ପଡ଼ିଆକୁ ଓହ୍ଲାଉଛନ୍ତି ନା ଅନ୍ୟତମ ଷ୍ଟ୍ରାଇକର ଜୁଲିଆନ ଆଲଭାରେଜଙ୍କୁ ଖେଳାଉଛନ୍ତି ତା' ଉପରେ ନଜର ରହିବ। ଯୁବ ମିଡ୍‌ଫିଲ୍ଡର ଏନ୍‌ଜୋ ଫର୍ନାଣ୍ଡେଜ ମେକ୍ସିକୋ ବିପକ୍ଷ ଗେମ୍‌ରେ ବଦଳ ଖେଳାଳିଭାବେ ଆସି ପ୍ରଭାବୀ ରହିଥିଲେ। ତେଣୁ ସେ ଖେଳିବା ସମ୍ଭାବନା ଅଧିକ। ପୋଲାଣ୍ଡ ଅଧିକ ମାତ୍ରାରେ ୩୪ ବର୍ଷୀୟ ଲିୱାଣ୍ଡସ୍କିଙ୍କ ଉପରେ ନିର୍ଭର କରିବ।

## ସପ୍ତରଙ୍ଗୀ ପତାକା ସହ ପଡ଼ିଆରେ ବିକ୍ଷୋଭକାରୀ

**ଲୁସେଲ୍, ୨୯।୧୧ (ଏପି):** ଚଳିତ ଫୁଟ୍‌ବଲ ବିଶ୍ୱକପ୍‌ରେ ସୋମବାର ପର୍ତ୍ତୁଗାଲ ଓ ଉରୁଗୁଏ ମଧ୍ୟରେ ଏକ ମ୍ୟାଚ ଖେଳାଯାଉଥିବା ବେଳେ ଜଣେ ବିକ୍ଷୋଭକାରୀ ପଡ଼ିଆ ଭିତରକୁ ପଶିଆସିଥିଲେ। ସେ ନୀଳରଙ୍ଗର ଏକ ସୁପରମ୍ୟାନ ଟି-ଶାର୍ଟ ପରିଧାନ କରିଥିଲେ। ଟି-ଶାର୍ଟ ସମ୍ମୁଖ ଭାଗରେ 'ୟୁକ୍ରେନ୍‌କୁ ବଞ୍ଚାଅ' ଏବଂ ପଛପଟେ 'ଇରାନ ମହିଳାଙ୍କୁ ସମ୍ମାନ' ଲେଖା ରହିଥିଲା। ତାଙ୍କ ହାତରେ ଏକ ସପ୍ତରଙ୍ଗୀ ପତାକା ରହିଥିଲା। ସୁରକ୍ଷାକର୍ମୀମାନେ ବିକ୍ଷୋଭକାରୀଙ୍କୁ ଗୋଡାଇ ଗୋଡାଇ ଧରିଥିଲେ। ତାଙ୍କ ହାତରୁ ପତାକାଟିକୁ ଛଡ଼ାଇ ନିଆଯିବା ପରେ ପଡ଼ିଆରେ ପକାଇ ଦିଆଯାଇଥିଲା। ରେଫରି ପତାକାଟିକୁ ନେଇ ସାଇଡ୍ ଲାଇନରେ ପକାଇ ଦେଇଥିଲେ। ଜଣେ କର୍ମୀ ଏହାକୁ ଉଠାଇ ନେଇଥିଲେ। ଏହି କାରଣରୁ ଖେଳକୁ କିଛି ସମୟ ରୋକିବାକୁ ପଡ଼ିଥିଲା। ବିକ୍ଷୋଭକାରୀଙ୍କୁ ଏକ ଟନେଲ ବାଟ ଦେଇ ବାହାରକୁ ନିଆଯାଇଥିଲା। ସୋସିଆଲ ମିଡିଆ ଜରିଆରେ ବିକ୍ଷୋଭକାରୀଙ୍କୁ ଚିହ୍ନଟ କରାଯାଇଛି। ସେ ହେଉଛନ୍ତି ଇଟାଲୀର ମାରିଓ ଫେରି। ପୂର୍ବରୁ ସେ ଅନେକଥର ଏହିଭଳି କାର୍ଯ୍ୟ କରିଛନ୍ତି। ଆୟୋଜକ କମିଟି ଏହି ବ୍ୟକ୍ତିଙ୍କୁ କାତାରରେ ଅବଶିଷ୍ଟ ବିଶ୍ୱକପ୍ ମ୍ୟାଚଗୁଡ଼ିକରୁ ବାସନ୍ଦ କରିଛି।

# ଦୃଢ଼ ମନୋବଳ ହିଁ ସଫଳତାର ଚାବିକାଠି

**ଖଣ୍ଡପଡା,୨୯।୧୧(ସ୍ୱ.ପ୍ର)**

### ୧୬ ବର୍ଷରୁ କମ୍ ଓଡିଶା କ୍ରିକେଟ ଦଳରେ କୁମାର ଆରିୟନ



ଆଗ୍ରହ ଓ ଦୃଢ଼ ଇଚ୍ଛାଶକ୍ତି ହିଁ ସଫଳତାର ଚାବିକାଠି। ଏ କଥାକୁ ପ୍ରମାଣକରି ଦେଖାଇଛନ୍ତି ନୟାଗଡ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ନୀଳମାଧବ କ୍ଷେତ୍ର କଣ୍ଟିଲୋ ଗାଁର ବିଶିଷ୍ଟ ସାମାଜିକ କର୍ମୀ ସ୍ୱର୍ଗତ ଧ୍ରୁବ ମହାରଣାଙ୍କ ପଣନାତି କୁମାର ଆରିୟନ। ବାପା,ମାଆଙ୍କ ପ୍ରେରଣା ତଥା ନିଜର ପ୍ରଚେଷ୍ଟା ବଳରେ ସେ ଆଜି ୧୬ ବର୍ଷରୁ କମ୍ ଓଡ଼ିଶା ଦଳରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିପାରିଛନ୍ତି। ପିଲାଦିନରୁ କ୍ରିକେଟ ଖେଳ ପ୍ରତି ରୁଚି ରଖିଥିବା ଆରିୟନ ଭୁବନେଶ୍ୱର ସାଇ ଇଣ୍ଟର ନ୍ୟାଶନାଲ ସ୍କୁଲରେ ୯ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ମାତା ଅଧ୍ୟାପିକା ବର୍ଣ୍ଣାଳୀ ସାହୁ ଓ ବାପା ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ପ୍ରବନ୍ଧକ ଜୟ ପ୍ରକାଶ ସାହୁଙ୍କ ବିଶେଷତଃ ଜେଜେମା' ଶ୍ରୀମତୀ ଜୟନ୍ତୀ ସାହୁ ଓ ଜେଜେବାପା ଇଂ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପ୍ରେରଣା କ୍ରମେ ଭୁବନେଶ୍ୱର ପାରା ମାଉଣ୍ଟ ସ୍ପୋର୍ଟଂରେ-ଖେଳ ଅଭ୍ୟାସ ପାଇଁ ଯୋଗ ଦେଇଥିଲେ। ବିଭିନ୍ନ ଅଭ୍ୟାସ ମ୍ୟାଚରେ ଓପନିଂ ବ୍ୟାଟ୍ସମ୍ୟାନ ଭାବେ ତାଙ୍କ ଖେଳ ଓଡ଼ିଶା ଦଳର ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଥିଲା। ଯେଉଁଥି ପାଇଁ ତାଙ୍କୁ ଏହି ଦଳରେ ସୁଯୋଗ ମିଳିପାରିଲା। ଚଳିତ ବର୍ଷ ଓଡ଼ଶା ଦଳରେ ସ୍ଥାନ ପାଇଥିବା ୧୫ ଜଣଙ୍କ ଭିତରେ ଆରିୟନ ହେଉଛନ୍ତି ଅନ୍ୟତମ। ସେ ଏହି ଦଳରେ ସୁଯୋଗ ପାଇଥିବାରୁ ବେଶ୍ ଖୁସି ଥିବା ଆରିୟନ ଆଗକୁ ଦେଶପାଇଁ ପ୍ରତିନିଧିତ୍ୱ କରିବାକୁ ଆଶା ରଖିଥିବା କହିଥିବା ବେଳେ ଦୃଢ଼ ମନୋବଳ ହିଁ ସଫଳତାର ଚାବିକାଠି ବୋଲି ବିଶ୍ୱାସ ରଖିଛନ୍ତି । ସୂଚନା ଯୋଗ୍ୟ ଯେ, ଡିସେମ୍ବର ୧ରୁ ୨୩ ପର୍ଯ୍ୟନ୍ତ ସୁରଟରେ ଖେଳାଯିବ ୧୬ ବର୍ଷରୁ କମ୍ ବାଳକ 'ବିଜୟ ମର୍ଚ୍ଚାଣ୍ଟ' କ୍ରିକେଟ ଟୁର୍ନାମେଣ୍ଟ। ଏହି ଟୁର୍ନାମେଣ୍ଟ ଖେଳିବା ପାଇଁ ଓଡ଼ିଶାଦଳ ସୁରଟ ଯାତ୍ରା କରିଛନ୍ତି। ଆସନ୍ତା ଡିସେମ୍ବର ୧ରୁ ୨୩ ତାରିଖ ପର୍ଯ୍ୟନ୍ତ ସେଠାରେ କ୍ରିକେଟ ଟ୍ରଫି ଟୁର୍ନାମେଣ୍ଟରେ ଓଡ଼ିଶା ଦଳ ଭାଗ ନେବେ। କୁମାର ଆରିୟନ ଓଡ଼ିଶା ଦଳରେ ସ୍ଥାନ ପାଇଥିବାରୁ କଣ୍ଟିଲୋ ଅଞ୍ଚଳ ପାଇଁ ଗୌରବ ବୋଲି ସାଧାରଣରେ ଆଲୋଚନା ହେଉଛି। ବିଶେଷତଃ ୧୬ ବର୍ଷରୁ କମ୍ ବୟସ୍କ ପିଲାଙ୍କ ଭବିଷ୍ୟତକୁ ଲକ୍ଷ୍ୟ ରଖି ଓଡ଼ିଶା ଦଳ ଡିସେମ୍ବର ୧ତାରିଖଠାରୁ ମଧ୍ୟପ୍ରଦେଶ, ୬ ତାରିଖଠାରୁ ସିକିମ, ୧୧ରୁ ମହାରାଷ୍ଟ୍ର, ଆସାମ ଓ ୨୧ରୁ ତ୍ରିପୁରା ବିପକ୍ଷରେ ଖେଳିବ।

# ଓଡ଼ିଶା ପରାସ୍ତ, ହରିୟାଣାକୁ ୭ ପଏଣ୍ଟ

**ସମ୍ବଲପୁର, ୨୯।୧୧ (ବ୍ୟୁରୋ)**

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଓ ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଆୟୋଜିତ କୁଚ ବିହାର ଟ୍ରଫି ମଙ୍ଗଳବାର ଚତୁର୍ଥ ଦିନରେ ଶେଷ ହୋଇଛି। ସକାଳେ ପ୍ରାୟ ୨ଘଣ୍ଟା ଧରି ଖେଳ ହୋଇଥିଲା। ଏଥିରେ ଓଡ଼ିଶା ଦଳର ଖେଳାଳି ୬ଉଇକେଟ ହରାଇ ମାତ୍ର ୫୭ରନ କରିପାରିଥିଲେ। ଓଡ଼ିଶା ଦଳ ପ୍ରଥମ ଇନିଂସରେ ୧୯୪ ଓ ଦ୍ୱିତୀୟ ଇନିଂସରେ ୨୯୯ ମୋଟ ୪୯୩ରନ ସଂଗ୍ରହ କରିଥିଲା। ହରିୟାଣା ଦଳ ପ୍ରଥମ ଇନିଂସରେ କରିଥିବା ୫୧୧ରନ ପୂରଣ କରି ନ ପାରି ୧୮ ରନ ପଛରେ ରହିଥିଲା। ଫଳରେ ଓଡ଼ିଶା ଦଳ ଶୋଚନୀୟ ଭାବେ ପରାଜିତ ହୋଇଥିଲା। ହରିୟାଣା ଦଳର ଅଲରାଉଣ୍ଡର ମୟଙ୍କ ସାଣ୍ଡିଲ୍ୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ସେ ୧୯୪ ବଲରେ ୧୨୯ ରନ କରିଥିଲେ। ଏଥିରେ ୧୬ ଚୌକା ଓ ୪ ଛକ୍କା ରହିଛି। ଏଥିସହ ଚମତ୍କାର ବୋଲିଂ କରି ୨୦ ଓଭରରେ ୩ଟି ମେଡେନ ଓଭର ଓ ୭୯ରନ ଦେଇ ୩ଟି ମୂଲ୍ୟବାନ ଉଇକେଟ ଅକ୍ତିଆର କରିଥିଲେ।



ମୟଙ୍କ ସାଣ୍ଡିଲ୍ୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଉଛି ।

ଗତ ୨୬ତାରିଖଠାରୁ ଏହି ମ୍ୟାଚ ଆରମ୍ଭ ହୋଇଥିଲା। ପ୍ରଥମ ଦିନ ଖେଳରେ ଓଡ଼ିଶା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ସମସ୍ତ ଉଇକେଟ ହରାଇ ଦଳ ୧୯୪ ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ଦିନରେ ହରିୟାଣା ଦଳ ବ୍ୟାଟିଂ ଆରମ୍ଭ କରି ଖେଳ ଶେଷ ପର୍ଯ୍ୟନ୍ତ ୫ ଉଇକେଟ ହରାଇ ୪୬୬ରନ ସଂଗ୍ରହ କରିଥିଲା। ତୃତୀୟ ଦିନରେ ଲଞ୍ଚବ୍ରେକ ପର୍ଯ୍ୟନ୍ତ ଅବଶିଷ୍ଟ

### କୁଚ୍ ବିହାର ଟ୍ରଫି

୫ଉଇକେଟ ହରାଇ ଦଳ ୧୪୫ରନ କରି ସମୁଦାୟ ୫୧୧ ରନରେ ଏବ ବଡ ସ୍କୋର ଛିଡା କରିଥିଲା। ଓଡ଼ିଶା ଦଳ ଅପରାହ୍ନ ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା। ଖେଳ ଶେଷ ହେବା ପର୍ଯ୍ୟନ୍ତ ୪ଉଇକେଟ ହରାଇ ୨୪୨ରନ ସଂଗ୍ରହ କରିଥିଲା। ଚତୁର୍ଥ ଦିନ ଖେଳ ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ସମସ୍ତ ୬ ଖେଳାଳି ପ୍ୟାଭିଲିଅନକୁ ଫେରି ଯାଇଥିଲେ। ୫୭ରନ ସଂଗ୍ରହ କରି ଖେଳ ସମାପ୍ତି ହୋଇଥିଲା। ହରିୟାଣା ଦଳର ସହଜ ବିଜୟ ହୋଇଥିଲା। ହରିୟାଣାକୁ ବୋନସ ସହ ମୋଟ ୭ ପଏଣ୍ଟ ମିଳିଛି।

ପୁରସ୍କାର ବିତରଣୀ ସଭାରେ ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, ଆଥ୍‌ଲେଟିକ ସମ୍ପାଦକ ବିକାଶ ମିଶ୍ର, ଖେଳ ସମ୍ପାଦକ ରାଜେଶ ସେଠଙ୍କ ସମେତ କ୍ରୀଡା ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ରହିତାଦେଶ ପାଇଁ ମନା କଲେ ହାଇକୋର୍ଟ

**ନୂଆଦିଲ୍ଲୀ, ୨୯।୧୧ (ପି.ଟି.):** ରାଷ୍ଟ୍ରପତି ଭବନରେ ବୁଧବାର ଆୟୋଜିତ ଜାତୀୟ କ୍ରୀଡ଼ା ପୁରସ୍କାର ଉତ୍ସବରେ ଅର୍ଜୁନ ପୁରସ୍କାର ପ୍ରଦାନ ଉପରେ ରହିତାଦେଶ ଜାରି କରିବା ଲାଗି ମନା କରିଛନ୍ତି ଦିଲ୍ଲୀ ହାଇକୋର୍ଟ। ୨୦୧୮ ଏସିଆନ ଗେମ୍ସ ୮୦୦ ମିଟର ଦୌଡ଼ ସ୍ୱର୍ଣ୍ଣ ବିଜେତା ଚାମ୍ପିୟନ ସ୍ପ୍ରିଣ୍ଟର ମନଜିତ ସିଂଙ୍କ ନାମ ପୁରସ୍କାର ବିଜେତାଙ୍କ ତାଲିକାରେ ସ୍ଥାନ ପାଇ ନ ଥିବାରୁ ସେ ଏକ ପିଟିଶନ ଦାଖଲ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ରୋକାଯାଇ ପାରିବ ନାହିଁ ବୋଲି ମାମଲାର ଶୁଣାଣି କରି ଜଷ୍ଟିସ ପ୍ରତିଭା ଏମ୍. ସିଂ କହିଛନ୍ତି। ଜାକର୍ତ୍ତାଠାରେ ଅନୁଷ୍ଠିତ ୧୮ତମ ଏସିଆନ ଗେମ୍ସରେ ଏକ ସ୍ୱର୍ଣ୍ଣ ଜିତିଥିବାରୁ ତାଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ବିଚାରକୁ ନେବା ଲାଗି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ଲାଗି ମନଜିତ୍ ତାଙ୍କ ପିଟିଶନରେ ନିବେଦନ କରିଥିଲେ। ହାଇକୋର୍ଟ କିନ୍ତୁ ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ସାଇ ଏବଂ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ବିରୁଦ୍ଧରେ ନୋଟିସ୍ ଜାରି କରିବା ସହ ଜବାବ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ବୁଧବାର, ୩୦ ନଭେମ୍ବର, ୨୦୨୨

**ଆଜିର ମନ୍ତବ୍ୟ**

"ଧର୍ମୀୟ ରାଜନୀତି ଦେଶ ପାଇଁ କ୍ଷତିକାରକ। ଭୋଟରମାନେ ପ୍ରତ୍ୟେକ ପ୍ରାର୍ଥୀ ଓ ସେମାନଙ୍କ ଦଳ ବିଷୟରେ ଅବଗତ ହେବା ଜରୁରୀ।

– ଗୁଲାମ ନବୀ ଆଜାଦ, ଡେମୋକ୍ରାଟିକ୍ ଆଜାଦ୍ ପାର୍ଟି ଅଧ୍ୟକ୍ଷ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବିଡାନାଶୀ ନଈକୂଳ**
**ତୋ'ସଙ୍ଗେ ବସିଲି ପେଣ୍ଡି ବଉଳ**
**ହରାଇଲି ଜାତିକୁଳ।**

ପ୍ରେମ ହେଉଛି ତ୍ୟାଗ, ଭଲ ପାଇବାର ପ୍ରତୀକ। ପ୍ରେମ ମାନେନା ବୟସର ମାପକାଠି କି ଧନୀ ଗରିବର ପ୍ରଭେଦ। ଏହା ହେଉଛି ପବିତ୍ର, ଶାଶ୍ୱତ, ସତ୍ୟ ଆଉ ସନାତନ। ଭଲପାଇବା ଭଳି ପବିତ୍ର ବନ୍ଧନ ଆଗରେ ଜାତି, ସମାଜ, ଧନ, ସମ୍ପତ୍ତି, ପ୍ରତିପତ୍ତି ଏସବୁ ଦେଖାଯାଏନି। ପ୍ରେମ ପାଇଁ ଜାତି, କୁଳ ହରାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଣ ଦେବତାଙ୍କୁ ପତର ପୂଜା**
**ବାଲିଗିରିଡାକୁ ଚାଉଳ ଭୁଜା।**

ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ଓ ଯୋଗ୍ୟତା ହୋଇଥାଏ। ଯେଉଁମାନେ ଅନ୍ୟ ପ୍ରତି ଭଦ୍ରୋଚିତ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ୍ୟ ସେଭଳି ବ୍ୟବହାର ଦେଖାଇଥାନ୍ତି। ଯାହାକୁ ଯେମିତି, ଯେଉଁଠି ଯେମିତି ତାହାହିଁ କରିବା ଠିକ୍। ଅବସ୍ଥା ଦେଖି ବ୍ୟବସ୍ଥା। ଯିଏ ଯେମିତି ବ୍ୟବହାର ପାଇବା ଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୨ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ

## ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା ମାମଲା

**ଜଗତ୍‌ସିଂହପୁର ଅଫିସ, ୨୯।୧୧**

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳରେ ୨୦୧୪ରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିଲା। ଏହି ମାମଲାରେ ମଙ୍ଗଳବାର ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଫାଶୀ ଦଣ୍ଡାଦେଶ ଦିଆଯାଇଥିବାବେଳେ ଅନ୍ୟ ୨ ଅଭିଯୁକ୍ତଙ୍କୁ ଖଲାସ କରାଯାଇଛି। ଫାଶୀଦଣ୍ଡରେ ଦଣ୍ଡିତ ଅଭିଯୁକ୍ତ ହେଲେ ଉକ୍ତ ଅଞ୍ଚଳର ସେକ୍ ଆସିଫ ଓ ସେକ୍ ଅକିଲ। ଖଲାସ ଅଭିଯୁକ୍ତ ହେଲେ ସେକ୍ କରିମ ଓ ସେକ୍ ଆବିଦ। ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ କୋର୍ଟ (ପୋକ୍ସୋ) ବିଚାରପତି ଅଜୟ କୁମାର ମହାନ୍ତି ଏହି ମାମଲାର ବିଚାର କରିଥିଲେ। ଏ ସମ୍ପର୍କରେ ସରକାରଙ୍କ ତରଫରୁ ମାମଲା ପରିଚାଳନା କରିଥିବା ଏପିପି ଦୋଳଗୋବିନ୍ଦ ଦାସ କହିଛନ୍ତି, ୨୧।୮।୧୪ ଅପରାହ୍ନ ସମୟରେ ଏହି ଲୋମ ଟାଙ୍କୁରା ଘଟଣା ଘଟିଥିଲା। ସମ୍ପୃକ୍ତା ନାବାଳିକା(୮) ତାଙ୍କ ଦାଦା ପୁଅ ଭାଇ ସହ ଗାଁର ଏକ ଦୋକାନକୁ ଚକୋଲେଟ୍ କିଣିବାକୁ ଯାଇଥିଲେ। ଘରକୁ ଫେରୁଥିବାବେଳେ ଅଭିଯୁକ୍ତମାନେ ନାବାଳିକାଙ୍କୁ ଉଠାଇ ନେଇଥିଲେ। ପ୍ରଥମେ ସେକ୍ ଅକିଲ ନାବାଳିକାଙ୍କ ପାଟି ବନ୍ଦ କଲା ପରେ ସେକ୍ ଆସିଫ ଉଠାଇ ନେଇଥିଲେ। ତା'ପରେ ଗଣବଳାତ୍କାର କରାଯିବା ପରେ କଲବଲ କରି ମାରି ଦେଇଥିଲେ। ହତ୍ୟା ପରେ ଏକ ଅସମ୍ପୂର୍ଣ୍ଣ ଘରର ଛାତ ଉପରେ ମୃତଦେହ ଫିଙ୍ଗିଦେଇଥିଲେ। ପରିବାର ଲୋକଙ୍କଠାରୁ ଖବରପାଇ ପୋଲିସ ଓ ସ୍ଥାନୀୟ ଲୋକେ ବହୁ ସମୟ ଧରି ଖୋଜାଖୋଜି କରିବା ପରେ ମୃତଦେହ ପାଇଥିଲେ। ମୃତକଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ଆଧାରରେ ତିର୍ତ୍ତୋଲ ପୋଲିସ ଦଫା ନଂ. ୩୦୨/୩୭୬/୩୭୬(ଡି)ରେ ମାମଲା (ନଂ. ୧୮୩/୧୪) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ଉପରୋକ୍ତ ୪ ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ୮ ବର୍ଷ ପରେ ୨୭ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

# ପ୍ଲାଟଫର୍ମରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ରାଉରକେଲା ଅଫିସ,୨୯।୧୧**

ରାଉରକେଲା ରେଳ ଷ୍ଟେଶନ ପ୍ଲାଟଫର୍ମ ନଂ-୩ରୁ ଜଣେ ଯୁବକଙ୍କ ମୃତଦେହକୁ ରାଉରକେଲା ଜିଆରପି ପୋଲିସ ମଙ୍ଗଳବାର ଉଦ୍ଧାର କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୮୨।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ରାଉରକେଲା ରେଳ ଷ୍ଟେଶନ ପ୍ଲାଟଫର୍ମ ନଂ-୩ ଫୁଟ୍ ଓଭରବ୍ରିଜ ତଳେ ଜଣେ ଯୁବକ ସୋମବାର ରାତିରେ ଶୋଇଥିଲେ। ସକାଳ ହେବାରୁ କୌଣସି କାରଣରୁ ତାଙ୍କର ଅକସ୍ମାତ୍ ମୃତ୍ୟୁ ହୋଇଥିବା ପ୍ଲାଟଫର୍ମ ସଫେଇ କର୍ମଚାରୀ ଦେଖି ଜିଆରପି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖି ଘଟଣାର ତଦନ୍ତ ଚଳାଇଛି। ରିପୋର୍ଟ ଲେଖିବା ପର୍ଯ୍ୟନ୍ତ ମୃତ ଯୁବକଙ୍କ କୌଣସି ପରିଚୟ ମିଳିନାହିଁ। ମୃତକଙ୍କ ବୟସ ପାଖାପାଖି ୪୧ ବର୍ଷ ବୋଲି ଅନୁମାନ କରାଯାଉଛି।

# ୧୮ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

## ପୁଞ୍ଜିନିବେଶକାରୀଙ୍କ ଉପରେ ଫୋକସ

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ନରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୁଧବାର ମେକ୍ ଇନ୍ ଓଡ଼ିଶାର ତୃତୀୟ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ରାଜ୍ୟ ସରକାର ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ଲାଗି କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଥିବା ସୂଚନା ମିଳିଛି। ତେବେ ବିଧାନସଭା ଚାଲିଥିବାରୁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଇ ନାହିଁ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କ୍ୟାବିନେଟ୍‌ରେ ମୋଟ ୧୮ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏ ସମସ୍ତ ପ୍ରସ୍ତାବ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭକୁ ଦୃଷ୍ଟିରେ ରଖି କରାଯାଇଛି। ଶିଳ୍ପ, ସ୍ୱାସ୍ଥ୍ୟ, ଏମ୍ଏସ୍ଏମ୍ଇ, କୃଷି, ନଗର ଉନ୍ନୟନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ପଞ୍ଚାୟତିରାଜ ବିଭାଗ, ଶକ୍ତି ବିଭାଗ, ସୂଚନା ଓ ପ୍ରଯୁକ୍ତି ବିଭାଗର ବିଭିନ୍ନ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ସୌରଶକ୍ତି ନୀତି, ଶିଳ୍ପ ନୀତି, ଖାଦ୍ୟ ପ୍ରକ୍ରିୟାକରଣ ଆଦି କ୍ଷେତ୍ରରେ ପ୍ରୋତ୍ସାହନ ବ୍ୟବସ୍ଥାକୁ ସରଳୀକରଣ କରାଯାଇଥିବା ସୂଚନା ମିଳିଛି।



ସର୍ବନିମ୍ନ ୧୮ ହଜାର ଟଙ୍କା ମାସିକ ବେତନ ପ୍ରଦାନ ଏବଂ ଅନ୍ୟାନ୍ୟ ଦାବିରେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ବିଶାଳ ସମାବେଶ ଓ ଧାରଣା।

# ଶୌଚାଳୟରୁ ୫ ଫୁଟ୍ ଅଜଗର ଉଦ୍ଧାର

**ରାଉରକେଲା ଅଫିସ,୨୯।୧୧**

ରାଉରକେଲା ମଧୁସୂଦନପାଲି ଦୁର୍ଗାପୁର ପାହାଡ ଉପରେ ବାସ କରୁଥିବା ଜଣଙ୍କ ଶୌଚାଳୟରୁ ୫ ଫୁଟ୍‌ର ଏକ ଅଜଗର ସାପକୁ ମଙ୍ଗଳବାର ସ୍ନେକ ହେଲ୍ପଲାଇନର କର୍ମକର୍ତ୍ତା ଉଦ୍ଧାର କରିଛନ୍ତି। ସୂଚନା ଅନୁସାରେ, ମଧୁସୂଦନପାଲି ଦୁର୍ଗାପୁର ପାହାଡ ଉପରେ ଶଶିକାନ୍ତ ରାୟଙ୍କ ପରିବାର ସହ ବାସ କରନ୍ତି। ସନ୍ଧ୍ୟା ସାଢେ ୪ଟାରେ ଏକ ଅଜଗର ସାପ ତାଙ୍କ ଶୌଚାଳୟ ପାଣିଟାଙ୍କି ପାଖରେ ଗୁଡାଇ ହୋଇଥିବା ଦେଖି ସେ ସ୍ଥାନୀୟ ଲୋକଙ୍କୁ କହିଥିଲେ। ଶଶିକାନ୍ତଙ୍କ ପଡୋଶୀ ମାଧବ ମହାନ୍ତି ଉକ୍ତ ସାପକୁ ଧରି ଉଦ୍ଧାର କରୁଥିବାବେଳେ ତାଙ୍କ ଡାହାଣ ଗୋଡକୁ ସାପ କାମୁଡି ଦେଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ ସ୍ନେକ୍ ହେଲ୍ପ ଲାଇନ୍ ସଦସ୍ୟ ସେଠାକୁ ଆସି ଉକ୍ତ ସାପକୁ ଉଦ୍ଧାର କରିଥିଲେ।

# ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ଚାଲିବ



ବୈଠକରେ ଯୋଗଦେଇଥିବା ଜିଲା ଓକିଲସଂଘ କର୍ମକର୍ତ୍ତା।

**ସମ୍ବଲପୁର,୨୯।୧୧(ବ୍ୟୁରୋ)**

ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ପଶ୍ଚିମ ଓଡ଼ିଶାବାସୀଙ୍କ ମାନସମ୍ମାନ, ମର୍ଯ୍ୟାଦା, ଭାବାବେଗ ସହିତ ଯୋଡ଼ି ହୋଇ ରହିଛି। ପଶ୍ଚିମ ଓଡ଼ିଶାବାସୀ ଦୀର୍ଘବର୍ଷ ଧରି ଏହି ଆନ୍ଦୋଳନ କରିଆସୁଛନ୍ତି। ବିଭିନ୍ନ ଜିଲାରେ ସାମାଜିକ ସଂଗଠନଗୁଡ଼ିକ ଏହାର

**ମାନସମ୍ମାନ, ଭାବାବେଗର ଜନଆନ୍ଦୋଳନ**

ନେତୃତ୍ୱ ନେଉଛନ୍ତି। ପୂର୍ବ ନିର୍ଦ୍ଧାରିତ ଏହି ଆନ୍ଦୋଳନ ଚାଲୁଛି ଓ ଆଗକୁ ଚାଲିବ। ଏଥିରେ କୌଣସି ଦ୍ୱିମତ ନାହିଁ ବୋଲି ସମ୍ବଲପୁର ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର କହିଛନ୍ତି। ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସାଧାରଣ ପରିଷଦ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ସେ ଆହୁରି କହିଥିଲେ, ସୁପ୍ରିମକୋର୍ଟ ଦେଶର ସର୍ବୋଚ୍ଚ ଅଦାଲତ, ସର୍ବମାନ୍ୟ। ତାଙ୍କ ନିର୍ଦ୍ଦେଶକୁ ଜିଲା ଓକିଲ ସଂଘ ସମ୍ମାନ ଦେଉଛି। ହେଲେ ଏହି ଆନ୍ଦୋଳନ କେବଳ ଓକିଲମାନଙ୍କର ରହିନାହିଁ। ଜନସାଧାରଣଙ୍କ ଆନ୍ଦୋଳନରେ ପରିଣତ ହୋଇଛି। ହେଲେ କେତେଜଣ ଖଳପ୍ରକୃତିର ଲୋକ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଚକ୍ରାନ୍ତ କରୁଛନ୍ତି। ପଶ୍ଚିମ ଓଡ଼ିଶାବାସୀଙ୍କୁ ଅପମାନିତ କରୁଛନ୍ତି। ଲୋକେ ଠିକଣା ସମୟରେ ଏହାର ଜବାବ ଦେବେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଓକିଲ ସଂଘ ପାଖରେ ପହଞ୍ଚିନାହିଁ। ତେଣୁ ପୂର୍ବଭଳି ଆନ୍ଦୋଳନ ଜାରି ରହିବ। ଯେଭଳି ବୁଧବାର ପିକେଟିଂ କରାଯାଉଥିଲା, ସେଭଳି କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ସୋମବାର ସୁପ୍ରିମକୋର୍ଟ ଆନ୍ଦୋଳନକାରୀଙ୍କ ଲାଇସେନ୍ସ ରଦ୍ଦ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମ୍ବଲପୁର ଜିଲା ଓକିଲ ସଂଘ ସଦସ୍ୟ ମଧ୍ୟ ନିଜ ପକ୍ଷ ରଖି ମଙ୍ଗଳବାର ଫେରିଛନ୍ତି। ଫେରିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

# ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟିତ

**ରାଉରକେଲା ଅଫିସ,୨୯।୧୧**

ରାଉରକେଲା ସେକ୍ଟର-୨୦ ସ୍ଥିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ୧୮ତମ ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀ ମେଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହି ମେଳାକୁ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆରଏସ୍‌ପିର କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ, ସିଏସ୍‌ଆର ବିଭାଗର ମୁଖ୍ୟ ଏ. କେ. ନାୟକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବିଜ୍ଞାନ ମେଳାରେ ରାଉରକେଲାର ୨୪ଟି ବିଦ୍ୟାଳୟରୁ ୩ ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ନିରନ୍ତର ଜୀବନ ପାଇଁ ବିଜ୍ଞାନର ଆବଶ୍ୟକତା ବିଷୟବସ୍ତୁ ଥିମ୍‌କୁ ନେଇ ଏହି ମେଳା ଆୟୋଜିତ ହୋଇଥିଲା।

# ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଦେବଗଡ ଗସ୍ତ

**ଦେବଗଡ଼,୨୯।୧୧(ଡି.ଏନ.ଏ.)**

ଦେବଗଡ ଜିଲାରେ ରାଜ୍ୟ ନିର୍ବାଚନ କମିଶନରଙ୍କ ଦ୍ୱାରା ନିଯୁକ୍ତ ପର୍ଯ୍ୟବେକ୍ଷକ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ ମଙ୍ଗଳବାର ଦେବଗଡ଼ ଜିଲା ଗସ୍ତ କରିଥିଲେ। ସେ ପ୍ରଥମେ ରିଆମାଳ ବ୍ଲକର ବିଭିନ୍ନ ସ୍କୁଲର ବୁଥ ନମ୍ବର ୧୬୮, ୧୭୦ କୁଣ୍ଢେଇଗଲା ଉଚ୍ଚବିଦ୍ୟାଳୟ, ନାଉଳିପଡା ଓ ତେଲିମୁଣ୍ଡା ସ୍କୁଲ ପରିଦର୍ଶନ କରିଥିଲେ। ଏହି ସମୟରେ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ରିଆମାଳ ବିଡିଓ ଦିବ୍ୟଶଙ୍କର ଜୟପୁରୀଆ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ରାଜନୈତିକ ଦଳର ସଭାପତିଙ୍କ ସହ କମିଶନର ଆଲୋଚନା କରିଥିଲେ। ଏହାପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାରେ କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋଚନା କରିବା ସହ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଦଳାଇ ସରକାରଙ୍କ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ବୈଠକରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଅପରାହ୍ନରେ ସେ ତିଲେଇବଣି ବ୍ଲକର କଲ୍ୟାଣ ମଣ୍ଡପ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ପ୍ରକଳ୍ପ ପରିଦର୍ଶନ କରିଥିଲେ।

# ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ, ୫୦ ହଜାର ଜରିମାନା

## ନାବାଳିକାଙ୍କୁ ଅସଦାଚରଣ ମାମଲା

■ ନିଜ ଝିଅର ସହପାଠୀଙ୍କୁ କରିଥିଲେ ଅସଦାଚରଣ

**ବଲାଙ୍ଗୀର ଅଫିସ, ୨୯।୧୧**

ବଲାଙ୍ଗୀର ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଏକ ନାବାଳିକା ଅସଦାଚରଣ ମାମଲାର ରାୟ ପ୍ରକାଶ ପାଇଛି। ପୋକ୍‌ସୋ କୋର୍ଟ ଜଜ୍ ବିରିଞ୍ଚି ନାରାୟଣ ମିଶ୍ର ଉକ୍ତ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୦ ମସିହାରେ ଦେଓଗାଁ ଥାନା ଅନ୍ତର୍ଗତ କରୁଆଁଝର ଗ୍ରାମରେ ଜଣେ ୧୧ ବର୍ଷୀୟା ନାବାଳିକାଙ୍କୁ ସେହି ଗାଁର ଟିକେଲାଲ ସାହୁ (୫୦) ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କ ବିରୁଦ୍ଧରେ ୩୭୬ ଏବି, ୩୭୬-୨ଏନ୍, ୫୦୬ ଆଇପିସି ଏବଂ ସେକ୍‌ସନ ୬ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ସାହୁଙ୍କୁ ଦେଓଗାଁ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାଟି ପୋକ୍‌ସୋ ଫାଷ୍ଟଟ୍ରାକ୍ କୋର୍ଟରେ ଶୁଣାଣି ହୋଇଥିଲା। ଅଭିଯୁକ୍ତ ସାହୁ ତାଙ୍କ ଝିଅ ସହ ପଢୁଥିବା ଜଣେ ନାବାଳିକାଙ୍କୁ ଅସଦାଚରଣ କରି ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ଏହି ମାମଲାର ଶୁଣାଣି ପ୍ରକ୍ରିୟାରେ ୧୯ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ସରକାରୀ ଓକିଲ ଜୟରାମ ମିଶ୍ର ଏହି ମାମଲା ପରିଚାଳନା କରିଥିଲେ। ଦେଓଗାଁ ଥାନାଧିକାରୀ ରଞ୍ଜନ କୁମାର ବରିହା ଏହି ମାମଲାର ତଦନ୍ତ କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ପାରିବାରିକ କ୍ଷେତ୍ରରେ ଯୁକ୍ତିତର୍କ ମାନସିକ ଅଶାନ୍ତିକୁ ନିମନ୍ତ୍ରଣ କରିପାରେ। ସରକାରୀ ସ୍ତରରୁ ପ୍ରତୀକ୍ଷିତ ଖବରଟି ଜଣେ ସହକର୍ମୀଙ୍କ ଜରିଆରେ ପାଇପାରନ୍ତି। ସାଂସ୍କୃତିକ କିମ୍ବା କ୍ରୀଡ଼ା, ଚଳଚ୍ଚିତ୍ରରେ ସହୃଦୟ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଯୋଜନା ମୁତାବକ କାମ କଲେ କୌଣସି ଅସୁବିଧା ହେବ ନାହିଁ।

**ବୃଷ** – ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ହଠାତ୍ ଆପଣଙ୍କୁ ଆକସ୍ମିକ ଯାତ୍ରା କରିବାକୁ ପଡ଼ିପାରେ। ଦିନଭରି ବିଶେଷ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମିଥୁନ** – ସବୁ ସାହାଯ୍ୟ ଦେବା ସକାଶେ ବନ୍ଧୁ ପ୍ରତିଶ୍ରୁତି ଦେଇ ଶେଷ ସମୟରେ ନାସ୍ତିବାଣୀ ଶୁଣାଇ ପାରନ୍ତି। ବାଟରେ ଯିବା ଆସିବା ସମୟରେ କୌଣସି ଅଜଣା ବ୍ୟକ୍ତିଙ୍କ କଟୁକ୍ତି ଅସହ୍ୟ ହେବ। ଅତୀତରେ ହଜିଯାଇଥିବା କିମ୍ବା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ବହୁତ ଦିନରୁ ଅଟକି ରହିଥିବା କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ।

**କର୍କଟ** – ପାରିବାରିକ ସମସ୍ୟା ସମାଧାନ ନେଇ ଆଶାୟୀ ହୋଇପାରନ୍ତି। ରାଜନୀତି, ସଂଗଠନ, ସଭାସମିତି, ସାଂସ୍କୃତିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ଆତ୍ମୀୟଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବାର ସୁଯୋଗ ଲାଭ କରିବେ।

**ସିଂହ** – ଭଲ ସମ୍ପର୍କ ନ ଥିବା ପଡ଼ୋଶୀଙ୍କ ଟାହି, ଟାପରା ମନକୁ ବିଷାଦିତ କରିବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ମଧ୍ୟ ବ୍ୟସ୍ତତା ଦ୍ୱିଗୁଣିତ ହୋଇପାରେ। କଳା, ସାହିତ୍ୟ, ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

**କନ୍ୟା** – କର୍ମକ୍ଷେତ୍ରରେ ଯୁକ୍ତିତର୍କ ପୂର୍ବକ ସହକର୍ମୀଙ୍କ ସହ ବାଦବିବାଦ ଜଟିଳ ହୋଇପାରେ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଅବଶ୍ୟ ଲାଭବାନ୍ ହେବେ। ପାରିବାରିକ ଅସ୍ଥିରତା କ୍ରମଶଃ ବୃଦ୍ଧି ପାଉଥିବାରୁ ଦୁଶ୍ଚିନ୍ତା ବହୁଗୁଣିତ ହେବାର ଆଶଙ୍କା ରହିଛି। ଅସ୍ଥିରତା ମଧ୍ୟରେ ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାକୁ ବାଧ୍ୟହେବେ।

**ତୁଳା** – ଆଜି ପରିସ୍ଥିତି ଯେତେ ଜଟିଳ ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ବିନୟ ପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ପରିବାର ମଧ୍ୟରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ।

**ବିଛା** – କୌଣସି କାମ ତରବରିଆ ଭାବେ ନ କରି ସବୁ ଆଡ଼କୁ ନଜର ଦେଇ କଲେ ଭଲ ହେବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ବନ୍ଧୁଙ୍କ ସାହାଯ୍ୟ ନେଇ ପାରିବାରିକ ତିକ୍ତତାର ସମାପ୍ତି ପାଇଁ କର୍ମପନ୍ଥା ଅବଲମ୍ବନ କରିବେ। ସତ୍‌ସଙ୍ଗ ଲାଭ କରିବା ସାଙ୍ଗକୁ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲଭିବେ।

**ଧନୁ** – ପ୍ରତ୍ୟେକ କ୍ଷେତ୍ରରେ ନିଜର ଦୃଢ଼ତା ହେତୁ ମାନସିକ ସ୍ଥିତି ସୁଦୃଢ଼ ରହିବ। ପାରିବାରିକ, ପରିବହନ, ପ୍ରଶାସନିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ସାହିତ୍ୟ, ସାମ୍ବାଦିକତା, ଅଧ୍ୟୟନ, ଅଧ୍ୟାପନା କ୍ଷେତ୍ରରେ ସମ୍ମାନିତ ହେବେ। ସବୁଭଲ ଥିଲେ ମଧ୍ୟ କୌଣସି ବିଫଳତାକୁ ନେଇ ମାନସିକ ସ୍ତରରେ ଅଶାନ୍ତି ଅନୁଭବ କରିପାରନ୍ତି।

**ମକର** – ଭାବପ୍ରବଣତା ବୃଦ୍ଧି ମାନସିକ ଅସ୍ଥିରତା ସହିତ ଧୈର୍ଯ୍ୟଚ୍ୟୁତି ଘଟାଇପାରେ। ପଡ଼ୋଶୀ, ସହକର୍ମୀ କିମ୍ବା ଆତ୍ମୀୟମାନଙ୍କ ସହୃଦୟତା ମନୋବଳ ବଢ଼ାଇବାରେ ସାହାଯ୍ୟ କରିବ। ଆଜି ସକାଳୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଯୋଗାଯୋଗ, ସଭାସମିତି କ୍ଷେତ୍ରରୁ ଉଚ୍ଚ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** – ଆଜି କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟ କ୍ରମେ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଜମିଜମା ସମ୍ପର୍କିତ ବିବାଦ ଦେଖାଦେବାର ବହୁତ ସମ୍ଭାବନା ରହିଛି। ଋଣ ପରିଶୋଧ କରିବା ପାଇଁ ବିଭିନ୍ନ ପ୍ରକାରର ଯୋଜନା କରିପାରନ୍ତି।

**ମୀନ** – ପାରିବାରିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ନିଜର ବ୍ୟବହାରିକ ଜ୍ଞାନ କୌଶଳ ପ୍ରୟୋଗ କରିପାରିଲେ ବ୍ୟବସାୟିକ ସ୍ଥିତିକୁ ସୁଦୃଢ଼ କରିପାରିବେ। କଳା, ସାହିତ୍ୟ ଓ ଚଳଚ୍ଚିତ୍ର, ସଙ୍ଗୀତାଦି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ତଥାପି ସାମୟିକ ଭାବରେ ପାରିବାରିକ ସମସ୍ୟା ବିଷୟରେ ଚିନ୍ତା କରି ବ୍ୟସ୍ତ ରହିବେ।

ଆଜି ନଭେମ୍ବର ୩୦ ତାରିଖ, ମାର୍ଗଶିର ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ବୁଧବାର, ସାର୍ ଜଗଦୀଶ ଚନ୍ଦ୍ର ବୋଷଙ୍କ ଜୟନ୍ତୀ। ରାଶିନକ୍ଷତ୍ର-ସକାଳ ଘ.୦୭.୧୧ମି.ଗତେ ଶତଭିଷା/କୁମ୍ଭ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୬.୦୭ମି. ଗତେ ଘ.୦୮.୧୮ମି. ମଧ୍ୟେ, ଘ. ୧୦.୨୯ମି. ଗତେ ଘ.୧୧.୩୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୫ମି. ଗତେ ଘ.୧୨.୫୬ମି. ମଧ୍ୟେ ରାହୁକାଳ।